DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୮/୨୦୧୯ (୧୬ ପୃଷ୍ଠା) | Bhubaneswar, Thursday, August 8/2019 | ★★★★
୪୫ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



## ସର୍ବାଧିକ ଆୟକାରୀ ମହିଳା ଆଥଲେଟ୍

ଫୋର୍ବସ ପକ୍ଷରୁ ପ୍ରକାଶିତ ବିଶ୍ୱର ସର୍ବାଧିକ ଆୟକାରୀ ମହିଳା ଆଥ୍ଲେଟ୍ ତାଲିକାରେ ବ୍ୟାଡ୍ମିଣ୍ଟନ ତାରକା ପି.ଭି. ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି।

୧୫

୧୨

## ଅମିତାଭ ଶ୍ରଦ୍ଧା କପୁରଙ୍କ ପ୍ରିୟ ଅଭିନେତା

ଶ୍ରଦ୍ଧା କପୁରଙ୍କ ପ୍ରିୟ ଅଭିନେତା ଅମିତାଭ ବଚ୍ଚନ। ହେଲେ ବାପା ଶକ୍ତି କପୁରଙ୍କ ଫିଲ୍ମଗୁଡ଼ିକୁ ସେ ବାରମ୍ବାର ଦେଖିବାକୁ ଭଲପାଆନ୍ତି।



## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ପ୍ରକାଶିତ

କଟକ ଅଫିସ,୭।୮- ବୁଧବାର ପ୍ରକାଶ ପାଇଛି ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ନିଜସ୍ୱ ୱେବ୍ସାଇଟ www.bseodisha.ac.inରେ ପରୀକ୍ଷାର୍ଥୀ ନିଜ ପରୀକ୍ଷାଫଳ ଜାଣିପାରିବେ। ଚଳିତବର୍ଷର ପାସ୍ ହାର ୪୩.୬୨ ପ୍ରତିଶତ ରହିଛି।

**(ସବିଶେଷ ରିପୋର୍ଟ: ପୃଷ୍ଠା-୩)**

## ରାଜ୍ୟ ପ୍ରଶାସନରେ ବଡ଼ଧରଣର ଅଦଳବଦଳ

ଭୁବନେଶ୍ୱର,୭।୮(ବ୍ୟୁରୋ)- ରାଜ୍ୟରେ ବୁଧବାର ଆଇଏଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ସେଥିମଧ୍ୟରୁ ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀଙ୍କୁ କେବିକେ ପ୍ରଶାସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କିତ ଏକ ବିଜ୍ଞପ୍ତି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶ ପାଇଛି।

**(ସବିଶେଷ ରିପୋର୍ଟ: ପୃଷ୍ଠା-୩)**

■ ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ

## ହାଇକୋର୍ଟ ରହିତାଦେଶ ଦେଲେନି

କଟକ ଅଫିସ,୭।୮- ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍) ଉଚ୍ଛେଦ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ବିଜ୍ଞପ୍ତି ଉପରେ ରହିତାଦେଶ ଦେବାକୁ ବୁଧବାର ହାଇକୋର୍ଟ ମନା କରିଦେଇଛନ୍ତି। ଏହି ମାମଲାରେ ଆସନ୍ତା ସେପ୍ଟେମ୍ବର ୫ ସୁଦ୍ଧା ଜବାବ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୋର୍ଟ ନୋଟିସ କରିଛନ୍ତି।

**(ସବିଶେଷ ରିପୋର୍ଟ: ପୃଷ୍ଠା-୪)**

### ଆଜିର ସମ୍ପାଦକୀୟ

କିଏ ପ୍ରାଣୀ କିଏ ଉଦ୍ଭିଦ

### ଆଜିର ମନ୍ତବ୍ୟ

"ଭାରତର ଏକତା ଲାଗି ଆଞ୍ଚଳିକ ଭାଷାକୁ କେନ୍ଦ୍ର ଗୁରୁତ୍ୱ ଦେବା ଜରୁରୀ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

NATIONAL EGG CO-ORDINATION COMMITTEE 07.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 55 | 100 | 110 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 56 | 101 | 111 |
| BHM | 54 | 98 | 108 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers



## ପଞ୍ଚଭୂତରେ ଲୀନ ସୁଷମା

- ଝିଅ ବାଂଶୁରୀ ଦେଲେ ମୁଖାଗ୍ନି
- ଦିଆଗଲା ରାଷ୍ଟ୍ରୀୟ ମର୍ଯ୍ୟାଦା
- ଦିଲ୍ଲୀ ଓ ହରିୟାଣାରେ ଦୁଇଦିନିଆ ଶୋକ

ନୂଆଦିଲ୍ଲୀ, ୭।୮(ପି.ଟି.)

ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଦିଲ୍ଲୀର ଲୋଧିରୋଡ୍ସ୍ଥିତ ଶ୍ମଶାନ ଘାଟରେ ବୁଧବାର ଅପରାହ୍ନରେ ସମ୍ପନ୍ନ କରାଯାଇଛି। ସ୍ୱାମୀ ସ୍ୱରାଜ କୌଶଲଙ୍କ ଉପସ୍ଥିତିରେ ଝିଅ ବାଂଶୁରୀ ମୁଖାଗ୍ନି ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ, ଦଳର ବରିଷ୍ଠ ନେତା ଏଲ୍.କେ. ଆଡଭାନୀ, ଉପରାଷ୍ଟ୍ରପତି ଏମ. ଭେଙ୍କାୟା ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କ ସମେତ ଏନ୍ଡିଏର ଅନେକ ନେତା, ଭୁଟାନ୍ର ପୂର୍ବତନ ପ୍ରଧାନମନ୍ତ୍ରୀ ସେରିଙ୍ଗ୍ ତୋବ୍ଗେଙ୍କ ସୁଷମାଙ୍କୁ ଶେଷସମ୍ମାନ ଜଣାଇଥିଲେ। ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ସୁଷମାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ। ଅନ୍ୟ ନେତାଙ୍କ ମଧ୍ୟରେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ, କଂଗ୍ରେସ ନେତା ଆନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବାହ୍ନରେ ମଥାରେ ବଡ଼ ବିନ୍ଦି, ଲାଲ୍ ଓଢଣୀ ସହ ବଧୂବେଶରେ ସଜ୍ଜିତ ସୁଷମାଙ୍କ ପାର୍ଥିବ ଶରୀରକୁ ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟକୁ ଜନସାଧାରଣଙ୍କ ଦର୍ଶନ ଲାଗି ଅଣାଯାଇଥିଲା। ଏହାପରେ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଯାନରେ ଲୋଧିରୋଡ୍ସ୍ଥିତ ଶ୍ମଶାନ ଘାଟକୁ ଅଣାଯାଇଥିଲା। ପ୍ରକାଶଥାଉ କି, ହରିୟାଣାର ଅମ୍ବାଲାରେ ଜନ୍ମିତ ଏହି ମହାନ୍ ନେତ୍ରୀ ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଅଧିକାରିଣୀ ଥିଲେ। ତାଙ୍କ ଦେହାନ୍ତ ପରେ ବୁଧବାର ହରିୟାଣା ସରକାରଙ୍କ ପକ୍ଷରୁ ତାଙ୍କ ସମ୍ମାନାର୍ଥେ ଦୁଇଦିନିଆ ଶୋକ ପାଳନ ଲାଗି ଘୋଷଣା କରାଯାଇଛି। ଦିଲ୍ଲୀରେ ମଧ୍ୟ ଅନୁରୂପ ଭାବେ ଦୁଇଦିନିଆ ଶୋକ ପାଳନ କରାଯିବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆ ଏନେଇ ଟୁଇଟ୍ କରିଛନ୍ତି। ବହୁ ବଡ ପ୍ରତିଷ୍ଠାନରେ ଉଡୁଥିବା ଜାତୀୟ ପତାକାକୁ ବୁଧବାର ଓ ଗୁରୁବାର ଏଥିଲାଗି ଅର୍ଦ୍ଧନମିତ ରଖାଯିବ। ଉଲ୍ଲେଖଯୋଗ୍ୟ, ଦିଲ୍ଲୀର ଏମ୍ସରେ ମଙ୍ଗଳବାର ରାତିରେ ମାତ୍ର ୬୭ ବର୍ଷ ବୟସରେ ସୁଷମା ହୃଦଘାତରେ ପ୍ରାଣ ହରାଇଥିଲେ।

■ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ପାକିସ୍ତାନର ଦୃଢ଼ ବିରୋଧ

# କୂଟନୈତିକ ସମ୍ପର୍କ ଛିନ୍ନ କଲା

ଇସ୍ଲାମାବାଦ,୭।୮

ଭାରତ ସହ ସମସ୍ତ ପ୍ରକାର କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିବାକୁ ପାକିସ୍ତାନ ନିଷ୍ପତ୍ତି ନେଇଛି। ଏଥିସହ ଇସ୍ଲାମାବାଦରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ବହିଷ୍କାର କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ଙ୍କ ଇସ୍ଲାମାବାଦସ୍ଥିତ ଅଫିସ୍ରେ ବୁଧବାର ଅନୁଷ୍ଠିତ ଜାତୀୟ ସୁରକ୍ଷା କମିଟି (ଏନ୍ଏସ୍ସି) ବୈଠକ ପରେ ଏହି ପଦକ୍ଷେପ ନିଆଯାଇଛି। ଭାରତ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପ୍ରତିବାଦରେ ପାକିସ୍ତାନ ଏପରି କରିଥିବା ଏକ ବିବୃତିରେ କୁହାଯାଇଛି।

ଜମ୍ମୁ-କଶ୍ମୀରକୁ ନେଇ ଭାରତର ସଦ୍ୟ ପଦକ୍ଷେପ ପରେ ପାକିସ୍ତାନ ଛାନିଆ ହୋଇଯାଇଛି। ଏଥିଯୋଗୁ ଭାରତରେ ପୁଣି ପୁଲଓ୍ୱାମା ଭଳି ଆକ୍ରମଣ ହେବ ବୋଲି ପ୍ରଧାନମନ୍ତ୍ରୀ ଇମ୍ରାନ୍ ମଙ୍ଗଳବାର ଧମକ ଦେଇ ଯୁଦ୍ଧଭୟ ଦେଖାଇଥିଲେ। ଏହାର ଦିନକ ପରେ ଏନ୍ଏସ୍ସି ବୈଠକରେ ସେ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ, କଶ୍ମୀର ବ୍ୟାପାରର ପରାମର୍ଶଦାତା, ତିନି ସେନା ମୁଖ୍ୟ, ଆଇଏସ୍ଆଇ ମୁଖ୍ୟଙ୍କ ସମେତ ଅନେକ ପ୍ରଶାସନିକ ଓ ସାମରିକ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ କଶ୍ମୀର ସମ୍ପର୍କରେ ଭାରତର ନିଷ୍ପତ୍ତିକୁ ଏକତରଫା ଓ ବେଆଇନ ବୋଲି ସେମାନେ ଅଭିହିତ କରିଥିଲେ। କଶ୍ମୀରୀଙ୍କ ସମର୍ଥନରେ ପାକିସ୍ତାନ ଅଗଷ୍ଟ ୧୪ରେ ସ୍ୱାଧୀନତା ଦିବସ ପାଳନ କରିବ। ସେହିପରି ଭାରତର ସ୍ୱାଧୀନତା ଦିବସ ଅଗଷ୍ଟ ୧୫କୁ କଳାଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ନୂଆଦିଲ୍ଲୀ ସହ ଦ୍ୱିପାକ୍ଷିକ ସମ୍ପର୍କ ସମୀକ୍ଷା କରିବା ଏବଂ ଭାରତର ପଦକ୍ଷେପ ନେଇ ଜାତିସଂଘ ସୁରକ୍ଷା ପରିଷଦରେ ଆପତ୍ତି ଉଠାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିବା କୁହାଯାଉଛି। ସୀମାରେ ସେନାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଏନ୍ଏସ୍ସି ବୈଠକରେ ନିଷ୍ପତ୍ତି



- ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବହିଷ୍କାର କଲା
- ପାକ୍ ଉଚ୍ଚାୟୁକ୍ତ ପ୍ରତ୍ୟାହୃତ
- ଅଗଷ୍ଟ ୧୫କୁ କଳାଦିବସ ପାଳନ କରିବ
- ସମସ୍ତ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା ହେବ

ଏହା ପୂର୍ବରୁ ପାକିସ୍ତାନ ପାର୍ଲାମେଣ୍ଟର ଜରୁରିକାଳୀନ ମିଳିତ ଅଧିବେଶନରେ ଇମ୍ରାନ୍ଙ୍କ ଘନିଷ୍ଠ ସହଯୋଗୀ ତଥା ମନ୍ତ୍ରୀ ଫଓ୍ୱାଦ୍ ଚୌଧ୍ରୀ କହିଥିଲେ, ଭାରତୀୟ ରାଷ୍ଟ୍ରଦୂତ ଏଠାରେ କାହିଁକି ଅଛନ୍ତି ଏବଂ ଆମ ରାଷ୍ଟ୍ରଦୂତ ସେଠାରେ କ'ଣ କରୁଛନ୍ତି। ଆମେ କାହିଁକି ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଛିନ୍ନ ନ କରିବା। ଯଦି କୌଣସି କୂଟନୀତି ନାହିଁ ତେବେ କୂଟନୀତିଜ୍ଞଙ୍କ ଉପରେ କାହିଁକି ଅର୍ଥ ବ୍ୟୟ କରିବା ବୋଲି ପ୍ରଶ୍ନ କରିଥିଲେ। ସେ ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ଜଣେ ଭଲବ୍ୟକ୍ତି ଭାବେ ପ୍ରଶଂସା କରିଥିବାବେଳେ ଭାରତ ସରକାରଙ୍କ ପଦକ୍ଷେପକୁ ସମାଲୋଚନା କରିଥିଲେ। ଏହାର କିଛି ସମୟ ପରେ ପାକିସ୍ତାନ ଉଚ୍ଚାୟୁକ୍ତ ଅଜୟଙ୍କୁ ବହିଷ୍କାର କରିଥିବା ନେଇ ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଘୋଷଣା କରିଛନ୍ତି। ଭାରତରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତ ମୋଇନ୍-ଉଲ୍-ହକ୍ଙ୍କୁ ନୂଆଦିଲ୍ଲୀରୁ ପ୍ରତ୍ୟାହାର କରିନେଇଛି ଇସ୍ଲାମାବାଦ।

## ୩୭୦ ଉଚ୍ଛେଦକୁ ରାଷ୍ଟ୍ରପତିଙ୍କ ମୋହର

ନୂଆଦିଲ୍ଲୀ,୭।୮(ପି.ଟି./ଆଇଏଏନ୍ଏସ୍)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନେଇ ପାର୍ଲାମେଣ୍ଟରେ ସଂକଳ୍ପନାମା ଗୃହୀତ ହେବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହା ଉପରେ ମୋହର ମାରିଛନ୍ତି। ଏଥିସହ ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ହରାଇବା ସହ ଭାରତୀୟ ସମ୍ବିଧାନ ଅଧୀନକୁ ଚାଲିଆସିଛି। ଏଣିକି ଏହି କେନ୍ଦ୍ରଶାସିତ ଅଞ୍ଚଳରେ ସମ୍ବିଧାନର ସମସ୍ତ ନିୟମ ଲାଗୁ ହେବ।



ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇବା ଏବଂ ଜମ୍ମୁ-କଶ୍ମୀରକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ ବିଲ୍ରେ ମଙ୍ଗଳବାର ବିଳମ୍ବିତ ରାତିରେ ରାଷ୍ଟ୍ରପତି ସ୍ୱାକ୍ଷର କରିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପାର୍ଲାମେଣ୍ଟର ସୁପାରିସ କ୍ରମେ ସମ୍ବିଧାନ ଅନୁଚ୍ଛେଦ ୩୭୦ ଧାରା (୩)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ରାଷ୍ଟ୍ରପତି ୨୦୧୯ ଅଗଷ୍ଟ ୬ରେ ଅନୁଚ୍ଛେଦ ୩୭୦ରେ ଥିବା ସମସ୍ତ ନିୟମକୁ ହଟାଇଦେଇଛନ୍ତି। ପ୍ରକାଶ ଯେ, ଏ ସମ୍ପର୍କିତ ସଂକଳ୍ପନାମା ଓ ବିଲ୍ ସୋମବାର ରାଜ୍ୟ ସଭାରେ ଗୃହୀତ ହୋଇଥିବାବେଳେ ମଙ୍ଗଳବାର ଲୋକ ସଭାରେ ଏହାକୁ ମଞ୍ଜୁରୀ ମିଳିଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏବେ ଏହା ଆଇନରେ ପରିଣତ ହୋଇଛି।

## ରେପୋ ରେଟ୍ ୦.୩୫% ହ୍ରାସ

ମୁମ୍ବାଇ,୭।୮

ଅର୍ଥନୀତିକୁ ପ୍ରୋତ୍ସାହିତ କରିବାକୁ ଯାଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ବୁଧବାର ରେପୋ ରେଟ୍ ୦.୩୫% ହ୍ରାସ କରିଛି। ମୁଦ୍ରାନୀତି କମିଟି(ଏମ୍ପିସି)ର ତିନିଦିନିଆ ବୈଠକ ଶେଷରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ଫଳରେ ରେପୋ ରେଟ ୫.୭୫ରୁ ୫.୪୦ ପ୍ରତିଶତକୁ ଖସି ଆସିଛି, ଯାହା କି ୯ ବର୍ଷ ପରେ ସର୍ବନିମ୍ନ ସ୍ତର କୁହାଯାଉଛି। ଏଥିପୂର୍ବରୁ ୨୦୧୦ ଏପ୍ରିଲରେ ରେପୋ ରେଟ ୫.୨୫%ର ସର୍ବନିମ୍ନ ସ୍ତର ଛୁଇଁଥିଲା। ଏମ୍ପିସିର ୬ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ରବୀନ୍ଦ୍ର ଢୋଲକିଆ, ଦେବବ୍ରତ ପାତ୍ର, ବିଭୁ ପ୍ରସାଦ ଏବଂ ଗଭର୍ନର ଶକ୍ତିକାନ୍ତ ଦାସ ୦.୩୫% ରେପୋ ରେଟ ହ୍ରାସକୁ ସମର୍ଥନ କରିଥିବା ବେଳେ ଅନ୍ୟ ଦୁଇଜଣ ଚେତନ ଘଟେ ଏବଂ ପାମୀ ଦୁଆ ୦.୨୫% କମାଇବାକୁ ଯୁକ୍ତି ଦର୍ଶାଇଥିଲେ। ଆର୍ବିଆଇ ପକ୍ଷରୁ ରିଭର୍ସ ରେପୋ ରେଟକୁ ୫.୧୫%କୁ ହ୍ରାସ କରାଯାଇଛି। ପୂର୍ବରୁ ଏହା ୫.୫୦ ପ୍ରତିଶତ ରହିଥିଲା। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଫେବୃୟାରୀ ୭, ଏପ୍ରିଲ ୪, ଜୁନ୍ ୬ରେ ତିନି ଥରରେ ୦.୨୫% ଲେଖାଏ ମୋଟ ୦.୭୫% ରେପୋ ରେଟ ହ୍ରାସ କରିସାରିଛି। କ୍ରମାଗତ ଚତୁର୍ଥଥର ଆର୍ବିଆଇ ରେପୋ ରେଟ୍ ହ୍ରାସ କରି ଇତିହାସ ରଚିଛି।

## ପୋଲିସ ଡିଜି ହେଲେ ବି.କେ. ଶର୍ମା

### ଆଜି ନେବେ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୭।୮(ବ୍ୟୁରୋ)

ବିଜୟ କୁମାର ଶର୍ମା ହେଲେ ନୂଆ ପୋଲିସ ମହାନିର୍ଦ୍ଦେଶକ (ଡିଜି)। ଗୃହ ବିଭାଗ ପକ୍ଷରୁ ଶର୍ମାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ନେଇ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଅଗ୍ନିଶମ ଡିଜି ସହ ଏହି ଦାୟିତ୍ୱ ସମ୍ଭାଳିବେ। ଗୁରୁବାରରାଜ୍ୟପୋଲିସମୁଖ୍ୟାଳୟରେଶର୍ମାଦାୟିତ୍ୱଗ୍ରହଣକରିବେବୋଲିସୂଚନାମିଳିଛି।

ପୋଲିସ ଡିଜି ଥିବା ଡା. ଆର୍.ପି. ଶର୍ମା ଲୋକାୟୁକ୍ତ ସଦସ୍ୟ ଭାବେ ମନୋନୀତ ହେବାପରେ ଏହି ପଦକୁ ନେଇ ଏକାଧିକ ନାମ ଚର୍ଚ୍ଚାକୁ ଆସିଥିଲା। ଶେଷରେ ୧୯୮୬ ବ୍ୟାଚ୍ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ରାଜ୍ୟ ଅଗ୍ନିଶମ ଡିଜି ଶର୍ମାଙ୍କୁ ଏହି ନୂଆ ଅତିରିକ୍ତ ଦାୟିତ୍ୱ ମିଳିଛି। ଗତ ସାଧାରଣ ନିର୍ବାଚନ ସମୟରେ ପୋଲିସ ଡିଜି ଡା. ଆର୍.ପି. ଶର୍ମା କିଛିଦିନ ଛୁଟିରେ ଥିବାବେଳେ ଶର୍ମା ଇନ୍ଚାର୍ଜ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କର ଅପରାଧ ନିୟନ୍ତ୍ରଣ ଦକ୍ଷତା ଓ ଅଭିଜ୍ଞତାକୁ ଆଧାର କରି ରାଜ୍ୟ ସରକାର ରାଜ୍ୟ ପୋଲିସ ଭାର ପ୍ରଦାନ କରିଥିବା କୁହାଯାଉଛି।



ଶର୍ମା ଦୀର୍ଘ ୩୩ ବର୍ଷ ଧରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଆସିଛନ୍ତି। ସେ ସୁନ୍ଦରଗଡ, ଫୁଲବାଣୀ ପୋଲିସ ଜିଲା, ସମ୍ବଲପୁର, ଖୋର୍ଦ୍ଧା ଏବଂ ଭୁବନେଶ୍ୱର ପୋଲିସ ଜିଲାର ଏସ୍ପି ଭାବେ କାର୍ଯ୍ୟ କରିଛନ୍ତି। ୧୯୯୯ ରୁ ୨୦୦୬ ପର୍ଯ୍ୟନ୍ତ କେନ୍ଦ୍ରୀୟ ଡେପୁଟେଶନରେ ଯାଇ ସିବିଆଇ (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ)ର ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ଥନୈତିକ ଅପରାଧ ଶାଖା, ସ୍ୱତନ୍ତ୍ର ଅପରାଧ ଶାଖା ଓ ଭ୍ରଷ୍ଟାଚାର ନିରୋଧ ଶାଖାର ଦାୟିତ୍ୱ ତୁଲାଇଛନ୍ତି। ଓଡ଼ିଶା ଫେରିବା ପୂର୍ବରୁ ସିବିଆଇର ପ୍ରଶାସନିକ ବିଭାଗର ଡେପୁଟି ଡାଇରେକ୍ଟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଓଡ଼ିଶାରେ କମିଶନରେଟ ପୋଲିସ ଗଠନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ କଟକ-ଭୁବନେଶ୍ୱର ପୋଲିସ କମିଶନର ଦାୟିତ୍ୱ ସମ୍ଭାଳିଛନ୍ତି। ବିଶେଷକରି କଟକ ଓ ଭୁବନେଶ୍ୱରରେ ଅପରାଧ ଦମନ କ୍ଷେତ୍ରରେ ସେ ବହୁ ସଫଳ ପଦକ୍ଷେପ ନେଇଛନ୍ତି। ଏଥିସହ ରାଜ୍ୟ କ୍ରାଇମବ୍ରାଞ୍ଚ ଆଇଜି ଭାବେ ସେ ୭ବର୍ଷ ଧରି କାର୍ଯ୍ୟ କରିଛନ୍ତି। ଅଗ୍ନିଶମ ଡିଜି ସହ ପୂର୍ବରୁ ଜେଲ୍ ବିଭାଗ, ଗୃହରକ୍ଷୀ ବିଭାଗ ଓ ସିଭିଲ୍ ଡିଫେନ୍ସ ଅର୍ଗାନାଇଜେଶନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପଦ ସମ୍ଭାଳିଛନ୍ତି। ଶର୍ମାଙ୍କ ଅଧୀନରେ ଥିବା ଅଗ୍ନିଶମ ବିଭାଗ ବାତ୍ୟା ଫନୀ ଓ ଏହାପରବର୍ତ୍ତୀ ଉଦ୍ଧାର ତଥା ପୁନରୁଦ୍ଧାର କାର୍ଯ୍ୟକୁ ସଫଳତାର ସହ ମୁକାବିଲା କରିଛି।

ମୟୂରଭଞ୍ଜ ଜିଲା ବାରିପଦାରେ ଜନ୍ମ ଗ୍ରହଣ କରିଥିବା ବି.କେ. ଶର୍ମା ଜଣେ ମେଧାବୀ ଛାତ୍ର ଥିଲେ। ସେ ବାରିପଦାଠାରେ ସ୍କୁଲ୍ ଓ କଲେଜ ପାଠ ଶେଷ କରିବା ସହ ଆମେରିକାସ୍ଥିତ ଜନ୍ ହକ୍ପିନ୍ସ ବିଶ୍ୱ ବିଦ୍ୟାଳୟରେ ମଧ୍ୟ ପଢ଼ିଥିଲେ। ରାଜ୍ୟ ପୋଲିସରେ କାର୍ଯ୍ୟ କରିବାବେଳେ ୧୯୯୯ରେ ଶ୍ରେଷ୍ଠ ଏସ୍ପି ଭାବେ ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଥିଲେ। ତାଙ୍କର ସେବାମୂଳକ କାର୍ଯ୍ୟଦକ୍ଷତା ଲାଗି ଶର୍ମା ଇଣ୍ଡିଆନ ପୋଲିସ ମେଡାଲ ଏବଂ ପ୍ରେସିଡେଣ୍ଟ ପୋଲିସ ମେଡାଲର ଅଧିକାରୀ ହୋଇଛନ୍ତି।

## ସାରା ରାଜ୍ୟରେ ଲଗାଣ ବର୍ଷା

ଭୁବନେଶ୍ୱର, ୭।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତରେ ପରିଣତ ହୋଇଛି। ବାଲେଶ୍ୱର ଉପକୂଳଠାରୁ ୭୦ କିଲୋମିଟର ଦୂର ଦକ୍ଷିଣ-ପୂର୍ବ ଦିଗରେ ଏହା କେନ୍ଦ୍ରୀଭୂତ ହୋଇଛି। ଏହା କ୍ରମଶଃ ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗ ଆଡ଼କୁ ଗତି କରୁଛି। ଧୀରେ ଧୀରେ ଏହା ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହା ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ଲଗାଣ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ଥିବା ନଦୀରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ କନ୍ଧମାଳ ଆଦି ୫ ଜିଲାରେ ବନ୍ୟା ଯୋଗୁ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ବଂଶଧାରା ନଦୀ ବନ୍ୟାଜଳରେ ରାୟଗଡ଼ା ଜିଲାର ଗୁଡ଼ାରୀ, ବିଷମକଟକ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ବ୍ରିଜ୍ ଓ ରାସ୍ତା ବୁଡ଼ିଯାଇଥିବା ସ୍ୱତନ୍ତ୍ର

# ୫ ଜିଲାରେ ବନ୍ୟା ପରିସ୍ଥିତି

- ବିପଦ ସଙ୍କେତ ଉପରେ ବଂଶଧାରା
- ଆନ୍ଧ୍ର, ଛତିଶଗଡ଼କୁ ଯୋଗାଯୋଗ ବିଚ୍ଛିନ୍ନ
- ଲାଞ୍ଜିଗଡ଼ରେ ସର୍ବାଧିକ ୩୮୨.୬ ମିମି ବର୍ଷା

ରିଲିଫ କମିଶନର (ଏସ୍ଆର୍ସି) ବିଷ୍ଣୁପଦ ସେଠୀ ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ରାୟଗଡ଼ାର କାଶୀପୁର ଓ ଗୁଣପୁରରେ ବଂଶଧାରା ଜଳସ୍ତର ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। କାଶୀପୁରଠାରେ ୫୪.୬ ମିଟର ବିପଦ ସଙ୍କେତ ଥିବାବେଳେ ସନ୍ଧ୍ୟା ସୁଦ୍ଧା ୫୫.୭୫ ମିଟର ଉପରେ ବନ୍ୟାଜଳ ରହିଥିଲା। ସେହିପରି ଗୁଣପୁରରେ ୮୪ ମିଟର ବିପଦ ସଙ୍କେତ ଥିବାବେଳେ ୮୫.୧୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ବଂଶଧାରା ଫୁଲୁଥିବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗ ସାମିଲ ହୋଇଛି। ମାଲକାନଗିରି ଜିଲାରେ ପ୍ରାୟ ସମସ୍ତ ବ୍ରିଜ୍ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ମାଲକାନଗିରିରୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଜୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାପାଳଙ୍କ ସହ ଯୋଗାଯୋଗ କରାଯାଇଥିବା ନେଇ ଏସ୍ଆର୍ସି ସେଠୀ ସୂଚନା ଦେଇଛନ୍ତି।

☞ ପୃଷ୍ଠା-୪



ରାୟଗଡ଼ା ଜିଲା ଅମ୍ବାଦଳା ରେଳଷ୍ଟେଶନ ନିକଟରେ ବୁଧବାର ପାଣିକୁ ଖସିପଡ଼ିଥିବା ମାଲବାହୀ ଟ୍ରେନ୍ ବଗି

**ଧୋଇଗଲା ଟ୍ରାକ୍, ପାଣିକୁ ଖସିଲା ମାଲବାହୀ ଟ୍ରେନ୍ ବଗି** ପୃଷ୍ଠା-୪

**ଉନ୍ନାଓ ପୀଡ଼ିତା ଗୁରୁତର**

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଏମ୍ସ ଟ୍ରମା ସେଣ୍ଟରରେ ଭର୍ତ୍ତି ହୋଇଥିବା ଉନ୍ନାଓ ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସେ ଓ ତାଙ୍କ ଓକିଲ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ ସିଷ୍ଟମରେ ରହିଥିବା ବୁଧବାର ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଜୁଲାଇ ୨୮ରେ ରାଏବରେଲିରେ ଏକ ଟ୍ରକ୍ ଧକ୍କାରେ ପୀଡିତାଙ୍କ ପରିବାରର ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ପୀଡିତା ଓ ତାଙ୍କ ଓକିଲ ଗୁରୁତର ଆହତ ହୋଇଥିଲେ।

# କଶ୍ମୀରରେ ନୀରବତାର ରାଜୁତି

ଶ୍ରୀନଗର,୭।୮ (ପି.ଟି.)

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରୀ ରାସ୍ତାଘାଟ ଶୂନଶାନ। ସବୁଠି ଅଖଣ୍ଡ ନୀରବତା ରାଜୁତି କରୁଛି। ଶ୍ରୀନଗର ସମେତ ବିଭିନ୍ନ ସହରରେ ପୋଲିସ ଓ ସଶସ୍ତ୍ର ବଳର କଡ଼ା ପ୍ରହରା। ଏଥିସହ ସହ ଟିକିନିଖି ଯାଞ୍ଚ ଚାଲିଥିବାରୁ ଅଧିକାଂଶ ଲୋକ ଘରୁ ବାହାରୁନାହାନ୍ତି। କୌଣସି ପ୍ରକାର ଗୁଜବଜନିତ ବିଭ୍ରାଟକୁ ଏଡାଇବା ଲାଗି ମୋବାଇଲ୍ ଇଣ୍ଟରନେଟ ସେବାକୁ ବନ୍ଦ କରାଯାଇଥିବାରୁ କଶ୍ମୀରବାସୀ ନିଜ ନିଜ ମଧ୍ୟରେ ଯୋଗସୂତ୍ର ରକ୍ଷାକରି ପାରୁନାହାନ୍ତି। କେବଳ ଜରୁରୀ କାର୍ଯ୍ୟରେ ବାହାରକୁ ଯିବା ପାଇଁ ଲୋକଙ୍କୁ ଅନୁମତି ଦିଆଯାଉଛି। ସେହିପରି ନିୟନ୍ତ୍ରଣରେଖା (ଏଲ୍ଓସି)ରେ ମଧ୍ୟ ଗୁଳିଗୋଳାର ଶବ୍ଦ ଆଉ ଶୁଣିବାକୁ ମିଳୁନାହିଁ।

ଜମ୍ମୁ-କଶ୍ମୀରରେ ଅଘୋଷିତ କର୍ଫ୍ୟୁକୁ ନେଇ ବହୁ ଲୋକ ଆଶଙ୍କା ଓ ଆତଙ୍କ ମଧ୍ୟରେ ରହିଛନ୍ତି। ପୁଞ୍ଚ ଜିଲାରେ ମଙ୍ଗଳବାର ହିଂସା ଦେଖିବାକୁ ମିଳିଥିଲା। ୩୭୦ ଉଚ୍ଛେଦ ପ୍ରତିବାଦରେ ସୁରାନକୋଟ ଓ ବୁଫାଲିଆଜ୍ ଅଞ୍ଚଳରେ ଲୋକେ ରାସ୍ତାକୁ ଓହ୍ଲାଇ ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ। ଲୋକଙ୍କ ଆକ୍ରମଣରେ ଜଣେ ଡିଏସ୍ପିଙ୍କ ସମେତ ୩ ପୋଲିସ ଅଧିକାରୀ ଆହତ ହୋଇଥିଲେ। ଏହାକୁ ନେଇ ରାଜ୍ୟପାଳ ସତ୍ୟପାଳ ମଲିକ ବୁଧବାର ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି। କାଁ ଭାଁ କେଉଁଠି ହିଂସାକୁ ଛାଡ଼ିଦେଲେ ଉପତ୍ୟକା ପ୍ରାୟ ଶାନ୍ତିପୂର୍ଣ୍ଣ ରହିଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଓ ଜଳଯୋଗାଣ ଭଳି ଜରୁରିକାଳୀନ ସେବା ସ୍ୱାଭାବିକ ରହିଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ଏହାସହ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ସେମାନଙ୍କୁ ସୁବିଧା ଯୋଗାଇଦେବାକୁ ରାଜ୍ୟପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଜମ୍ମୁର ଶୂନଶାନ୍ ରାଜରାସ୍ତା।

ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ବୁଧବାର ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ସେ ଶୋପିଆନ୍ ଜିଲାର କେତେଜଣ ଲୋକଙ୍କ ସହ ମିଶି ମଧ୍ୟାହ୍ନଭୋଜନ କରୁଥିବା ଭିଡିଓ ଭାଇରାଲ ହୋଇଛି।

## ଶତାଧିକ ନେତା, କର୍ମୀ ଗିରଫ

ଜମ୍ମୁ,୭।୮ (ପି.ଟି.): ଜମ୍ମୁ-କଶ୍ମୀରରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ସୁରକ୍ଷା ସଂସ୍ଥାଗୁଡ଼ିକ ୧୦୦ରୁ ଅଧିକ ରାଜନୈତିକ ନେତା ଓ କର୍ମୀଙ୍କୁ ଗିରଫ କରିଛନ୍ତି। ଉପତ୍ୟକାରେ ଶାନ୍ତିଭଙ୍ଗ କରିବା ଆଶଙ୍କା ଥିବାରୁ ସେମାନଙ୍କୁ ଗିରଫ କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ଗିରଫ ନେତାଙ୍କ ମଧ୍ୟରେ ରହିଛନ୍ତି ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ଓ ମେହବୁବା ମୁଫ୍ତି। ଉଭୟଙ୍କୁ ରବିବାର ରାତିରେ ଗୃହବନ୍ଦୀ କରାଯାଇଥିବାବେଳେ ପରେ ଗିରଫ କରାଯାଇଥିଲା। ସେହିପରି ପିପୁଲ୍ସ କନ୍ଫରେନ୍ସ ନେତା ସଜାଦ୍ ଲୋନ୍ ଏବଂ ଇମ୍ରାନ୍ ଅନ୍ସାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କୁ ହରି ନିବାସରେ ରଖାଯାଇଛି।


ଶୋପିଆନ୍‌ରେ ସ୍ଥାନୀୟ ଲୋକଙ୍କ ସହ ଭାବବିନିମୟ କରୁଛନ୍ତି ଏନ୍ଏସ୍ଏ ଅଜିତ୍ ଡୋଭାଲ।

## ଚାଇନାକୁ ଗୁହାରି କରିବ ପାକିସ୍ତାନ

ଇସ୍‌ଲାମାବାଦ,୭।୮: ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ବୁଧବାର ରାତିରେ ଚାଇନା ଗସ୍ତ କରିଛନ୍ତି। ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତି ନେଇ ସେ ସେଠାରେ ଆଲୋଚନା କରିବେ। ପାକିସ୍ତାନ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ସେ ଏନେଇ ସୂଚନା ଦେଇଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ନିଷ୍ପତ୍ତିକୁ ଖୋଦ୍ ଭାରତୀୟମାନେ ନିନ୍ଦା କରୁଥିବା କୁରେଶୀ କହିଛନ୍ତି।

■ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା

## ହାଫିଜ୍ ସୟିଦ ଦୋଷୀ

ଲାହୋର,୭।୮ (ପି.ଟି.)



**ଆମେରିକାର ତାଗିଦ ପରେ ଚାର୍ଜଶିଟ୍ ଦାଖଲ**

୨୦୦୮ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜମାତ୍-ଉଦ୍ ଦାୱା ସଂଗଠନର ମୁଖ୍ୟ ହାଫିଜ୍ ସୟିଦଙ୍କୁ ବୁଧବାର ପାକିସ୍ତାନର ଏକ ଅଦାଲତରେ ଆତଙ୍କବାଦ ନିରୋଧୀ ବିଭାଗ(ସିଟିଡି) ଦୋଷୀ ଘୋଷଣା କରିଛି। ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ହାଫିଜ୍‌ଙ୍କୁ ବୁଧବାର କଡ଼ା ସୁରକ୍ଷା ମଧ୍ୟରେ ଗୁଜରାନ୍‌ୱାଲାସ୍ଥିତ ଆତଙ୍କବାଦ ନିରୋଧୀ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ବିରୋଧରେ ପଞ୍ଜାବ ପୋଲିସ୍‌ର ସିଟିଡି ପକ୍ଷରୁ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ମାମଲା ପଞ୍ଜାବର ମଣ୍ଡି ଭାଉଦ୍ଦିନ ଜିଲାର ହୋଇଥିବାରୁ ଏହାକୁ ଗୁଜରାଟ୍ ଜିଲା ଏଟିସି କୋର୍ଟକୁ ସ୍ଥାନାନ୍ତର କରିବାକୁ ସରକାରୀ ଓକିଲ ଦାବି କରିଥିଲେ। ତାଙ୍କ ଅନୁରୋଧକ୍ରମେ ମାମଲାକୁ ଗୁଜରାନ୍‌ୱାଲାସ୍ଥିତ ଏଟିସି କୋର୍ଟରୁ ଗୁଜରାଟ୍ ଏଟିସିକୁ ସ୍ଥାନାନ୍ତର ହୋଇଛି। ତେଣୁ ପରବର୍ତ୍ତୀ ଶୁଣାଣି ଉକ୍ତ କୋର୍ଟରେ ହେବ।

ନିଷିଦ୍ଧ ଆତଙ୍କବାଦୀ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନରେ କେତେ ଆଖିଦୃଶିଆ ଅଗ୍ରଗତି ହୋଇଛି ଦେଖାଇବା ପାଇଁ ଆମେରିକା ପାକିସ୍ତାନକୁ କହିବା ପରେ ହାଫିଜ୍‌ଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଥିବା କୁହାଯାଉଛି। ଇସ୍‌ଲାମାବାଦକୁ ଆର୍ଥିକ କାର୍ଯ୍ୟାନୁଷ୍ଠାନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ଧୂସର ତାଲିକାରୁ ବାଦ୍ ପଡିବାକୁ ହେଲେ ଆତଙ୍କବାଦୀ ସଂଗଠନଗୁଡିକ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ ବୋଲି ଆମେରିକା ସ୍ପଷ୍ଟ କରିଦେଇଥିଲା। ଗତ ଜୁନ୍ ମାସରେ ଆମେରିକା ପ୍ରତିନିଧି ଦଳ ଇସ୍‌ଲାମାବାଦ ଆସି ସରକାରଙ୍କ ଆତଙ୍କବାଦୀ ନିରୋଧୀ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିଥିଲେ।

## ଜେଇଏମ୍ ଟାର୍ଗେଟରେ ମୁମ୍ବାଇ

ନୂଆଦିଲ୍ଲୀ,୭।୮

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁମ୍ବାଇକୁ ଟାର୍ଗେଟ କରିପାରେ ବୋଲି ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ସରକାରଙ୍କୁ ଜଣାଇଛନ୍ତି। ଏହା ବ୍ୟତୀତ ଜମ୍ମୁ-କଶ୍ମୀରର ସୁରକ୍ଷା ବଳ ଉପରେ ଆକ୍ରମଣ ବଢ଼ାଇବା ପାଇଁ ଜେଇଏମ୍ ଯୋଜନା କରିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପୁଲୱାମା ଭଳି ସ୍ଥିତି ସୃଷ୍ଟି ହୋଇପାରେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କହିବା ସହ ଏହା ଦୁଇ ଦେଶ ମଧ୍ୟରେ ପାରମ୍ପରିକ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ମଙ୍ଗଳବାର କହିଥିଲେ। ତାଙ୍କ ଏଭଳି ବିବୃତିରୁ ଇସ୍‌ଲାମାବାଦ ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମର୍ଥନ ବଢ଼ାଇବା ପାଇଁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି। ଇମ୍ରାନଙ୍କ ମନ୍ତବ୍ୟ ପରେ ଜେଇଏମ୍ ନେତା ମୌଲାନା ମାସୁଦ୍ ଆଝାରଙ୍କ ସାନଭାଇ ରୌଫ୍ ଅସଗର ପାକ୍ ଅଧିକୃତ କଶ୍ମୀର (ପିଓକେ) ଆସିଥିବା ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପଞ୍ଜାବରେ ଥିବା ଜେଇଏମ୍ ଆତଙ୍କବାଦୀମାନେ ସେମାନଙ୍କ ଶିବିର ସୀମାନ୍ତକୁ ଉଠାଇ ଆଣିଥିବା ଜଣାପଡ଼ିଛି। ସେମାନେ ଭାରତର କେତେକ ଭିତ୍ତିଭୂମି ଏବଂ ଆର୍ଥିକ ରାଜଧାନୀକୁ ଟାର୍ଗେଟ କରିପାରନ୍ତି ବୋଲି ଗୋଇନ୍ଦା ବିଭାଗ ସୂଚନା ପାଇଛନ୍ତି। ମୁମ୍ବାଇରେ ଆକ୍ରମଣ ପାଇଁ ଜେଇଏମ୍‌ର ଏକ ୩ ଜଣିଆ ଟିମ୍‌କୁ ଦାୟିତ୍ୱ ଦିଆଯାଇଛି।

**ଇତିହାସର ଆଇନାରେ**

**ଅଗଷ୍ଟ ୮ର ପ୍ରମୁଖ ଘଟଣା**

୧୯୪୨ ଅଗଷ୍ଟ ୮ରେ ମହାତ୍ମା ଗାନ୍ଧୀ ବମ୍ବେଠାରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ। ଏହାକୁ ଅଗଷ୍ଟ ଆନ୍ଦୋଳନ ମଧ୍ୟ କୁହାଯାଏ। ବ୍ରିଟିଶ୍ ଶାସନରୁ ଭାରତର ସ୍ୱାଧୀନତା ପାଇଁ ଏହା ଥିଲା ଖୁବ୍ ଗୁରୁତ୍ୱପୂର୍ଣ୍ଣ।

୨୦୧୬ ଅଗଷ୍ଟ ୮ରେ ଦକ୍ଷିଣ-ପଶ୍ଚିମ ପାକିସ୍ତାନର କ୍ୱେଟାସ୍ଥିତ ହସ୍ପିଟାଲରେ ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ୭୦ ଜଣ ପ୍ରାଣ ହରାଇଥିଲେ।

# ରାଜ୍ୟ ସଭା ସାଇନ-ଏ-ଡାଏ

ନୂଆଦିଲ୍ଲୀ,୭।୮ (ପି.ଟି.)

■ ୩୫ ଦିନରେ ୩୨ ବିଲ୍ ପାସ୍

■ ୧୭ ବର୍ଷରେ ସର୍ବଶ୍ରେଷ୍ଠ ଅଧିବେଶନ

ରାଜ୍ୟ ସଭାକୁ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଜୁନ୍ ୨୦ରେ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟ ଅଧିବେଶନ ଜୁଲାଇ ୨୬ରେ ଶେଷ ହେବାର ଥିଲା। ତେବେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହେବାକୁ ଥିବାରୁ ସରକାର ଏହାର କାର୍ଯ୍ୟକାଳକୁ ଅଗଷ୍ଟ ୭ ପର୍ଯ୍ୟନ୍ତ ବଢ଼ାଇଥିଲେ। ରାଜ୍ୟ ସଭାର ଏହି ୨୪୯ତମ ଅଧିବେଶନ ୧୭ ବର୍ଷ ମଧ୍ୟରେ ସବୁଠୁ ଫଳପ୍ରଦ ଥିଲା ବୋଲି ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ଅଧିବେଶନର ୩୫ କାର୍ଯ୍ୟଦିବସରେ ୩୨ଟି ବିଲ୍ ଗୃହୀତ ହୋଇଛି। ଉପରାଷ୍ଟ୍ରପତି ଯାହା ଆଶା କରିଥିଲେ ତାହା ପୂରଣ ହୋଇଥିବାରୁ ସେ ଅତ୍ୟନ୍ତ ଖୁସି। ଗତ ୧୭ ବର୍ଷର ୫୨ଟି ଅଧିବେଶନ ମଧ୍ୟରେ ଏହା ସର୍ବଶ୍ରେଷ୍ଠ ବୋଲି ରାଜ୍ୟ ସଭା ଅଧ୍ୟକ୍ଷ କହିଥିଲେ।

ଏହି ଅଧିବେଶନରେ ତିନି ତଲାକ୍ ବିଲ୍, ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଗୃହୀତ ହୋଇଛି। ତଥ୍ୟ ଅନୁଯାୟୀ ୧୯୮୪ର ୧୩୧ତମ ଅଧିବେଶନ ସବୁଠୁ ଫଳପ୍ରଦ ଥିଲା, ଯେଉଁଥିରେ ୩୭ଟି ବିଲ୍ ଗୃହୀତ ହୋଇଥିଲା। ୨୦୦୨ରେ ୧୯୭ତମ ଅଧିବେଶନରେ ୩୫ ବିଲ୍ ଅନୁମୋଦିତ ହୋଇଥିଲା। ତେଣୁ ଗତ ୪୧ ବର୍ଷ ମଧ୍ୟରେ ଏହା ୫ମ ସର୍ବାଧିକ ଫଳପ୍ରଦ ଅଧିବେଶନ। ଏଥର ରାଜ୍ୟ ସଭାର ଫଳପ୍ରଦ ହାର ଥିଲା ୧୦୪.୯୨ ପ୍ରତିଶତ। ଗତ ୫ଟି ଅଧିବେଶନରେ ଗୃହର ଫଳପ୍ରଦତା ୭.୪୪ରୁ ୬୫.୬୦ ପ୍ରତିଶତ ରହିଥିଲା। ତେବେ ଏଥର ଗୃହ କାର୍ଯ୍ୟ ମୋଟ ୧୯ ଘଣ୍ଟା ୧୨ ମିନିଟ ବାଧାପ୍ରାପ୍ତ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟଠାରୁ ଅଧିକ ଦିନ ଅଧିବେଶନ ଚାଲିବାରୁ ଗୃହକୁ ଅଧିକ ୨୮ ଘଣ୍ଟା ମିଳିଥିଲା।

# ସୁଷମାଙ୍କୁ ଅଶ୍ରୁଳ ବିଦାୟ

ଭାରତର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ, ଦିଲ୍ଲୀର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିବା ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବୁଧବାର ନୂଆଦିଲ୍ଲୀର ଲୋଧିରୋଡ଼ସ୍ଥିତ ଶ୍ମଶାନ ଘାଟରେ ସମ୍ପନ୍ନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସହ ବହୁ ବରିଷ୍ଠ ନେତା ଏହି ଅବସରରେ ଯୋଗ ଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଜଣେ ସଚ୍ଚୋଟ, ନିର୍ଭୀକ ଜନସେବକଭାବେ ସେ ଚିରକାଳ ସ୍ମରଣୀୟ ହୋଇ ରହିବେ। ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଆଲେଖ୍ୟ।



## ଶେଷକୃତ୍ୟ ପୂର୍ବରୁ ବଧୂ ବେଶ

ଅନ୍ତିମ ଯାତ୍ରାରେ ବାହାରିବା ପୂର୍ବରୁ ବଧୂ ବେଶରେ ସଜେଇ ହୋଇଛନ୍ତି ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ୍। ମଥାରେ ବଡ ବିନ୍ଦି, ଲାଲ ଓଢଣୀରେ ତାଙ୍କୁ ସଜେଇ ଦେଇଛନ୍ତି ଏକମାତ୍ର ଝିଅ ବାଂଶୁରୀ। ସୁଷମା ସବୁବେଳେ ଭାରତୀୟ ନାରୀର ଭୂଷଣ ଶାଢି ଏବଂ ବଡ ବିନ୍ଦି ଲଗାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏପରିକି ସେ ବହିର୍ବ୍ୟାପାର ମନ୍ତ୍ରୀ ଥିବାବେଳେ ବିଦେଶ ଗସ୍ତରେ ମଧ୍ୟ ସେ ନିଜ ପରିଚୟ ଭୁଲି ନ ଥିଲେ। ସବୁଠି ଶାଢି ଏବଂ ବିନ୍ଦି ଲଗାଇ ବିଶ୍ୱର ବଡ ବଡ ନେତାଙ୍କୁ ଭେଟୁଥିଲେ। ମୃତ୍ୟୁ ପରେ ବି ତାଙ୍କୁ ବଡ ବିନ୍ଦିରେ ସଜେଇ ବିଦାୟ ଦିଆଯାଇଛି।


ସୁଷମାଙ୍କ ଶେଷକୃତ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ଲାଲ୍‌କୃଷ୍ଣ ଆଡଭାନୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ।

## କାନ୍ଧ ଦେଲେ ରାଜନାଥ-ନଡ୍ଡା

ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଚାରିଆଡେ ଶୋକର ଛାୟା ଖେଳିଯାଇଛି। ଭାଜପା କାର୍ଯ୍ୟାଳୟରୁ ତାଙ୍କ ମୃତ୍ୟୁ ଶରୀରକୁ ଅନ୍ତିମ ଯାତ୍ରାରେ ନିଆଯାଇଛି। ତାଙ୍କ ମୃତଦେହକୁ କାନ୍ଧ ଦେଇଛନ୍ତି ଭାଜପା ନେତା ରାଜନାଥ ସିଂ ଏବଂ ଜେପି ନଡ୍ଡା। ଲକ୍ଷାଧିକ ଲୋକ ତାଙ୍କ ଅନ୍ତିମ ଯାତ୍ରାରେ ସାମିଲ ହୋଇଛନ୍ତି। ଲୋଧି ରୋଡରେ ଥିବା ଶବଦାହ ଗୃହରେ ତାଙ୍କ ଶେଷକୃତ ସମ୍ପନ୍ନ ହେବ। ସୂଚନାଯୋଗ୍ୟ,ମଙ୍ଗଳବାର ରାତିରେ ସୁଷମା ସ୍ୱରାଜଙ୍କ ୬୭ବର୍ଷରେ ଦିଲ୍ଲୀ ଏମ୍ସଠାରେ ପରଲୋକ ଘଟିଥିଲା। ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ନିଆଯାଇଥିଲା। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ତାଙ୍କ ମରଶରୀର ଭାଜପା କାର୍ଯ୍ୟାଳୟକୁ ଅଣାଯାଇଥିଲା।

## ଭାବୁକ ହେଲେ ପ୍ରଧାନମନ୍ତ୍ରୀ

ପୂର୍ବତନ ବର୍ହିବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ପାର୍ଥିବ ଶରୀର ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାବୁକ ହୋଇପଡିଛନ୍ତି। ତାଙ୍କ ଆଖି ଲୁହରେ ଜକେଇ ଆସିଥିବାବେଳେ ନିଜକୁ ସେ ନିୟନ୍ତ୍ରଣ କରିଥିଲେ। ଭାଜପାର ବରିଷ୍ଠ ନେତାମାନେ ସୁଷମାଙ୍କ ବାସଭବନରେ ଶେଷ ଦର୍ଶନ କରିଛନ୍ତି। ଭାଜପାର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ଅମିତ ଶାହ ପ୍ରମୁଖ ବୁଧବାର ସକାଳୁ ସେଠାରେ ପହଞ୍ଚିଛନ୍ତି।

### କାନ୍ଦିଲେ ୯୬ ବର୍ଷୀୟ ଧର୍ମପାଳ

ସୁଷମା ସ୍ୱରାଜଙ୍କ ପାର୍ଥିବ ଶରୀର ଦେଖି କାନ୍ଦି ପକାଇଛନ୍ତି ଏମଡିଏଚ୍ କମ୍ପାନୀର ମାଲିକ ଧର୍ମପାଲ ଗୁଲାଟୀ। ୯୬ବର୍ଷୀୟ ଗୁଲଟୀ ସୁଷମାଙ୍କ ଶେଷ ଦର୍ଶନ ପାଇଁ ଭାଜପା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କୁ ଦେଖିବା ପରେ ତଳେ ବସି କାନ୍ଦିବାକୁ ଲାଗିଥିଲେ। ଉପସ୍ଥିତ କିଛି ଲୋକ ତାଙ୍କୁ ସମ୍ଭାଳିଥିଲେ। ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



## ଭାଜପା ଅଫିସ୍‌କୁ ଅଣାଯାଇଥିଲା ମରଶରୀର

ଦିଲ୍ଲୀ ଏମ୍ସଠାରେ ପରଲୋକ ହେବା ପରେ ସୁଷମାଙ୍କ ମରଶରୀର ପ୍ରଥମେ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ଦେଶର ବିଭିନ୍ନ ନେତା ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୧୧ଟା ପରେ ସୁଷମାଙ୍କ ମରଶରୀର ଭାଜପା ମୁଖ୍ୟାଳୟକୁ ଅଣାଯାଇଛି। ସେଠାରେ ଦଳର ନେତା ଏବଂ କର୍ମୀମାନେ ସୁଷମାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଏହାପରେ ଅପରାହ୍ଣ ୩ଟାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।

## ଗୀତାଙ୍କ ଆଖିରେ ଲୁହ

ଭୁଲରେ ପାକିସ୍ତାନ ପଳାଇଥିବା ମୂକ ଓ ବଧିର ଝିଅ ଗୀତା ପାଇଁ ସୁଷମା ସାଜିଥିଲେ ମା'। ଗୀତା ଦୀର୍ଘ ୧୪ ବର୍ଷ ପାକିସ୍ତାନରେ ରହିବା ପରେ ୨୦୧୫ରେ ଭାରତକୁ ଫେରିବାରେ ଥିଲା ସୁଷମାଙ୍କ ବଡ ହାତ। ଏବେ ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି ଗୀତା। ସେ ଖାଲି କାନ୍ଦୁଛନ୍ତି। ମୁଁ ମୋ ଅଭିଭାବକଙ୍କୁ ହରାଇଦେଲି ବୋଲି ସେ କହିଛନ୍ତି। ସେ ସବୁବେଳେ ମୋତେ ଝିଅ ପରି ଦେଖୁଥିଲେ। ମା' ପରି ସେ ମୋର ଯତ୍ନ ନେଉଥିଲେ ବୋଲି ଗୀତା କହିଛନ୍ତି। ସୂଚନାଯୋଗ୍ୟ,ଗୀତା ପିଲାବେଳୁ ଭାରତରୁ କୌଣସି ଟ୍ରେନରେ ଗୀତା ପାକିସ୍ତାନର ଲାହୋର ପହଞ୍ଚିଥିଲେ। ଅଜଣା ଝିଅ ଗୀତା ସାଙ୍ଗରେ କେହି ନ ଥିବାରୁ ପୋଲିସ ତାଙ୍କୁ ପାଇ ରାଷ୍ଟ୍ରାୟତ ଆଶ୍ରୟସ୍ଥଳକୁ ପଠାଇଥିଲା। କିନ୍ତୁ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିବା ଏବଂ କର୍ମଚାରୀମାନଙ୍କ ସହ କଳହ କରିବାରୁ ତାଙ୍କୁ ଭିନ୍ନ ଭିନ୍ନ ଆଶ୍ରୟସ୍ଥଳରେ ନେଇ ରଖାଯାଉଥିଲା। ଶେଷରେ କରାଚିସ୍ଥିତ ଏଧି ସ୍ୱେଚ୍ଛାସେବୀ ଫାଉଣ୍ଡେଶନରେ ଗୀତା ବହୁଦିନ ହେବ ରହୁଥିଲା। ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ସେତେବେଳର ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସରାଜ। ଫଳରେ ୨୦୧୫ରେ ଗୀତା ଭାରତ ଫେରିଥିଲେ।



## ମୋଦିଙ୍କୁ ଧନ୍ୟବାଦ୍ ଦେଇ ନୀରବି ଗଲେ

ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ ମୃତ୍ୟୁର ୩ ଘଣ୍ଟା ପୂର୍ବରୁ ଏକ ଟୁଇଟ୍ କରି ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଥିଲେ। ସୁଷମା ଟୁଇଟ୍‌ରେ ହିନ୍ଦୀରେ ଲେଖିଥିଲେ, ପ୍ରଧାନମନ୍ତ୍ରୀ ଜୀ, ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ମୁଁ ମୋ ଜୀବନରେ ଏହି ଦିନଟିକୁ ଦେଖିବାକୁ ପ୍ରତୀକ୍ଷା କରିଥିଲି। ସୂଚନାଯୋଗ୍ୟ, ସୁଷମା ରାତି ୧୦ଟାରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

### ଭାଙ୍ଗିପଡିଛନ୍ତି ସ୍ୱାମୀ କୌଶଳ, ଝିଅ ବାଂଶୁରୀ

ସବୁଦିନ ପାଇଁ ଆଖି ବୁଜିଛନ୍ତି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ। ଏ ଘଟଣା ଅନେକଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି। ଦଳମତ ନିର୍ବିଶେଷରେ ସମସ୍ତ ନେତା ତାଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ସବୁଠୁ ଅଧିକ ଭାଙ୍ଗି ପଡିଛନ୍ତି ସୁଷମାଙ୍କ ସ୍ୱାମୀ ସ୍ୱରାଜ କୌଶଳ ଏବଂ ଏକମାତ୍ର ଝିଅ ବାଂଶୁରୀ। ସ୍ତ୍ରୀଙ୍କ ମୃତ ଶରୀର ପାଖରେ ସକାଳୁ ସ୍ୱରାଜଙ୍କୁ କାନ୍ଦୁଥିବାର ଲକ୍ଷ୍ୟ କରାଯାଇଛି। ମୋଦିଙ୍କୁ ଧରି ସେ ଭୋ ଭୋ ହୋଇ କାନ୍ଦି ପକାଇଥିଲେ। ଅନ୍ତିମ ଯାତ୍ରା ମଧ୍ୟ ବାପ ଝିଅଙ୍କୁ କାନ୍ଦୁଥିବାର ଦେଖାଯାଇଛି। ଝିଅ ଲୁହ ଛଳଛଳ ଆଖିରେ ମା'ଙ୍କ ଶେଷ ବିଦାୟ ପାଇଁ ପ୍ରସ୍ତୁତି ଚଳାଇଛନ୍ତି।




# ରାଜ୍ୟ ପ୍ରଶାସନରେ ବଡ଼ଧରଣର ଅଦଳବଦଳ

- ଅସିତଙ୍କୁ କେବିକେ ପ୍ରଶାସନ ଅତିରିକ୍ତ ଦାୟିତ୍ୱ
- ଭେନୁ ଗୋପାଳ ରାଜସ୍ୱ ପର୍ଷଦ ସଦସ୍ୟ

ଭୁବନେଶ୍ୱର,୭।୮(ବ୍ୟୁରୋ)

ରାଜ୍ୟ ସରକାର ବୁଧବାର ରାଜ୍ୟ ପ୍ରଶାସନ ସ୍ତରରେ ବ୍ୟାପକ ଅଦଳବଦଳ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ଅନୁମୋଦନ କ୍ରମେ ସାଧାରଣ ପ୍ରଶାସନ (ଜିଏ) ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ପାହ୍ୟା ଅଫିସର ଅସିତ କୁମାର ତ୍ରିପାଠୀଙ୍କୁ କୋରାପୁଟସ୍ଥିତ କେବିକେ ପ୍ରଶାସନର ମୁଖ୍ୟଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅସିତ ପୂର୍ବଭଳି ଗୁରୁତ୍ୱପୂର୍ଣ୍ଣ ଗୃହ ଏବଂ ଯୋଜନା ଓ ସଂଯୋଜନା ବିଭାଗ ଏସିଏସ୍ ଭାବେ କାର୍ଯ୍ୟ କରିବେ। ସେହିପରି କେବିକେ ମୁଖ୍ୟ ପ୍ରଶାସକ ଥିବା ସୁଦର୍ଶନ ପାଲଠାକୁରଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶିକାଥିବା ରଞ୍ଜନା ଚୋପ୍ରାଙ୍କୁ ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁ ବିକାଶ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ବୈଷୟିକ ଶିକ୍ଷା ବିଭାଗର ଏଏସିଏସ୍ ଥିବା ସି.ଜେ. ଭେନୁଗୋପାଳଙ୍କୁ କଟକସ୍ଥିତ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ମନୋନୀତ କରାଯାଇଛି।

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ନୀତେନ ଚନ୍ଦ୍ରାଙ୍କୁ ସାଧାରଣ ପ୍ରଶାସନ ଓ ପେନସନ୍, ଅଭିଯୋଗ ବିଭାଗର ସ୍ୱତନ୍ତ୍ର ଦାୟିତ୍ୱ (ଓଏସ୍‌ଡି) ପ୍ରଦାନ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ଶାସନ ସଚିବ ଥିବା ଡି.କେ. ସିଂଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅବକାରୀ କମିଶନର ତଥା ସଚିବ ସୁଶୀଲ କୁମାର ଲୋହାନୀଙ୍କୁ କଟକସ୍ଥିତି ବାଣିଜ୍ୟିକ କର କାର୍ଯ୍ୟାଳୟର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଲୋହାନୀ ପୂର୍ବରୁ ରାଜ୍ୟ ପାନୀୟ ନିଗମ ଲିଃର ପ୍ରଶାସନିକ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ବୀର ବିକ୍ରମ ଯାଦବଙ୍କୁ ସମବାୟ ବିଭାଗ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଆଇଜି ପୋଲିସ ଅରୁଣ ବ୍ରୋଥାଙ୍କୁ ସେସୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଦାୟିତ୍ୱ ଦିଆଯାଇଛି। ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ ବିକାଶ ଭାରପ୍ରାପ୍ତ ସଚିବ ଆର୍. ରଘୁ ପ୍ରସାଦଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସଚିବ ସହ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ସଚିବ ସହ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ବିଶାଳ ଗଗନଙ୍କୁ ପୂର୍ଣ୍ଣଭାବେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବଭାବେ ନିଯୁକ୍ତି ଦିଆଯାଇଛି। ସେ ପୂର୍ବରୁ ଅତିରିକ୍ତଭାବେ ଏହି ଦାୟିତ୍ୱ ତୁଲାଉଥିଲେ।

ବିଜ୍ଞାନ ଓ ବୈଷୟିକ ବିଦ୍ୟା କମିଶନର ତଥା ସଚିବଥିବା ଭାସ୍କର ଜ୍ୟୋତି ଶର୍ମାଙ୍କୁ ସମାନ ପାହ୍ୟାରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ବଦଳି କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସମବାୟ ବିଭାଗ ସହ ପୂର୍ତ୍ତ ବିଭାଗ ସଚିବ ଦାୟିତ୍ୱ ତୁଲାଉଥିବା କ୍ରିଷ୍ଣନ କୁମାରଙ୍କୁ କେବଳ ପୂର୍ତ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ସାଧାରଣତଃ ଅଭିଜ୍ଞ ଯନ୍ତ୍ରୀଙ୍କୁ ପୂର୍ତ୍ତ ବିଭାଗ ସଚିବ ଦାୟିତ୍ୱ ଦିଆଯାଇଥାଏ। ହେଲେ ରାଜ୍ୟ ସରକାର ଜଣେ ଆଇଏଏସ୍‌ଙ୍କୁ ଏହି ପଦରେ ଜାରି ରଖିବାକୁ ସମ୍ଭବତଃ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ଉଠା ଜଳସେଚନ ନିଗମ ଲିଃ ପରିଚାଳନା ନିର୍ଦ୍ଦେଶକ ଥିବା ଅର୍ଚ୍ଚନା ପଟ୍ଟନାୟକଙ୍କୁ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି କରାଯାଇଛି। ଏଥିସହିତ ସେ ଅତିରିକ୍ତ ଦାୟିତ୍ୱ ଭାବେ ଉଠା ଜଳସେଚନ ବିଭାଗର ଏମ୍‌ଡି ଭାବେ କାର୍ଯ୍ୟ କରିବେ। ରାଜ୍ୟର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ସଚିନ ରାମଚନ୍ଦ୍ର ଯାଦବଙ୍କୁ ଆଦିବାସୀ ଉନ୍ନୟନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ସେହିପରି ସେସୁ ସିଇଓ ଥିବା ସିଦ୍ଦିକ୍ ଆଲାମଙ୍କୁ ଭୁବନେଶ୍ୱରସ୍ଥିତ ସିଏମ୍‌ଜିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ରାଜସ୍ୱ ପର୍ଷଦ ସଦସ୍ୟଥିବା ସୁରେନ୍ଦ୍ର କୁମାର ମୀନାଙ୍କୁ ପୂର୍ତ୍ତ ବିଭାଗର ଉପସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

# ଦେଶର ୧୦ ଶ୍ରେଷ୍ଠ ଥାନା ତାଲିକାରେ ଓଡ଼ିଶାର ତରଭା

## ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ମିଳିଲା ପ୍ରମାଣପତ୍ର

ସୋନପୁର/ତରଭା,୭।୮(ନି.ପ୍ର./ଡି.ଏନ୍.ଏ.)

୨୦୧୮ ସର୍ଭେ ଅନୁଯାୟୀ ଭାରତର ୧୦ ଶ୍ରେଷ୍ଠ ଥାନା ତାଲିକାରେ ସୁବର୍ଣ୍ଣପୁର ଜିଲାର ତରଭା ଥାନା ସ୍ଥାନ ପାଇଛି। ଏଥିପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଓ କେନ୍ଦ୍ର ଗୃହ ସଚିବଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରମାଣପତ୍ର ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ ଓ ତରଭା ଆଇଆଇସି ଡୋଲାମଣି ଭୋଇଙ୍କୁ ପ୍ରଦାନ କରାଯାଇଛି। ପୋଲିସ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ବୁଧବାର ଏକ ସ୍ୱତନ୍ତ୍ର ଉତ୍ସବରେ ମୋମେଣ୍ଟୋ ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ସଫଳତା ପାଇଁ ଡିଜିପି ଶର୍ମା ସୁବର୍ଣ୍ଣପୁର ଏସ୍‌ପି, ତରଭା ଆଇଆଇସି ଓ ତରଭା ଥାନାର କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉତ୍ସବରେ ବରିଷ୍ଠ ପୋଲିସ ଅଧିକାରୀ ସନ୍ତୋଷ ଉପାଧ୍ୟାୟ, ବିନୟତୋଷ ମିଶ୍ର, ସଞ୍ଜୀବ୍ ପଣ୍ଡା, ପି.ଏସ୍. ରଣପିସେ, ଅସିତ ପାଣିଗ୍ରାହୀ, ସିଫେନ ଅହମ୍ମଦ, ସନ୍ଦୀପ ମଦକାର ଓ ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସ୍ମାର୍ଟ ପୋଲିସିଂ, ଅପରାଧ ନିୟନ୍ତ୍ରଣ, ସାମାଜିକ କାର୍ଯ୍ୟ, ଆମ ପୋଲିସ ସମିତ କାର୍ଯ୍ୟ, ପୋଲିସର ଜନସାଧାରଣଙ୍କ ପ୍ରତି ବ୍ୟବହାର, ଅଭିଯୋଗର ସମାଧାନ ଏବଂ କ୍ରାଇମ୍‌କ୍ରିମିନାଲ ଟ୍ରାକିଂ ନେଟୱାର୍କିଂ ସିଷ୍ଟମ ଭଳି ମାପଦଣ୍ଡକୁ ନେଇ ପୂର୍ବରୁ ସର୍ଭେ ହୋଇଥିଲା। କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ(କ୍ୟୁସିଆଇ) ପକ୍ଷରୁ ଦେଶର ସବୁ ଥାନାରେ ଏଭଳି ସର୍ଭେ କରାଯାଇଥିଲା। ପୋଲିସର କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକ, ମହିଳା, ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ମତ ନିଆ ଯାଇଥିଲା। ଏହି ସମୟରେ ସୁରୁବାବୁ ଛତ୍ରିଆ ତରଭା ଥାନାର ଅଧିକାରୀ ଥିଲେ।


ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସୁବର୍ଣ୍ଣପୁର ଏସ୍‌ପି ଓ ତରଭା ଆଇଆଇସିଙ୍କୁ ମୋମେଣ୍ଟୋ ଓ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

# ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ପ୍ରକାଶିତ

## ପାସ୍ ହାର ୪୩.୬୨ ପ୍ରତିଶତ

କଟକ ଅଫିସ,୭।୮

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷର ପାସ୍ ହାର ୪୩.୬୨ ପ୍ରତିଶତ ରହିଛି। ଏହାଛଡ଼ା ଏକ ସଙ୍ଗରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ଫଳ ମଧ୍ୟ ଘୋଷଣା ହୋଇଥିଲା। ଏହି ପରୀକ୍ଷାରେ ପାସ ହାର ୬୩.୪୪ ପ୍ରତିଶତ ରହିଛି। ବୋର୍ଡର ନିଜସ୍ୱ ୱେବ୍‌ସାଇଟ www.bseodisha.ac.inରେ ପରୀକ୍ଷାର୍ଥୀ ନିଜ ପରୀକ୍ଷାଫଳ ଜାଣିପାରିବେ। ଗୁରୁବାରଠାରୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ପୁନଃ ମୂଲ୍ୟାୟନ ନିମନ୍ତେ ଦିନଧାର୍ଯ୍ୟ ହୋଇଛି। ଯେଉଁ ବିଦ୍ୟାର୍ଥୀ ପୁନଃ ମୂଲ୍ୟାୟନ କରିବାକୁ ଚାହିଁବେ ସେମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ଜୋନାଲ କାର୍ଯ୍ୟାଳୟରେ ନିବେଦନ କରିପାରିବେ। ଏ ନେଇ ବୋର୍ଡ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଡ. ଜହାଁଆରା ବେଗମ କହିଛନ୍ତି। ଏଥିରେ ବୋର୍ଡ ସମ୍ପାଦକ ରାମାଶିଷ ହାଜରା ଓ ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୩,୫୨୮ଜଣ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରୀ ରେଗୁଲାର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦,୪୬୭ଜଣ ପାସ କରିଥିବାବେଳେ ପାସ ହାର ରହିଛି ୪୪.୫୪ ପ୍ରତିଶତ। ସେହିପରି ୧୨୦ ପରୀକ୍ଷା କେନ୍ଦ୍ରରେ ୨୫୨୫ଜଣ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରୀ ଏକ୍ସରେଗୁଲାର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୮୮୮ଜଣ ପାସ ହୋଇଛନ୍ତି। ଏହି ପରୀକ୍ଷାର ପାସ ହାର ୩୫.୨୪ ପ୍ରତିଶତ ରହିଛି। ପତ୍ରବିନିମୟ ରେଗୁଲାର ପରୀକ୍ଷାରେ ୧୮୫ଜଣ ଓ ପତ୍ରବିନିମୟ ଏକ୍ସରେଗୁଲାର ପରୀକ୍ଷାରେ ୫୮ଜଣ ପରୀକ୍ଷା ଦେଇଥିବାବେଳେ ଯଥାକ୍ରମେ ୬୯ଜଣ ଓ ୨୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟାମୋଟି ଭାବେ ପାସ ହାର ୪୩.୬୨ ପ୍ରତିଶତ ରହିଛି। ଏ-୧ ଗ୍ରେଡ କେହି ହାସଲ କରି ପାରି ନ ଥିବା ବେଳେ ଜଣେ ଏ-୨ ଗ୍ରେଡ ପାଇଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ୫୫ଟି ପରୀକ୍ଷା କେନ୍ଦ୍ରରେ ହୋଇଥିଲା। ମୋଟ୍ ୮୫୬୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪୦୩ଜଣ ପାସ କରିଛନ୍ତି। ସୂଚନାଥାଉ କି, ଗତ ଜୁଲାଇ ୮ରୁ ଦୁଇଟି ଯାକ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ସପ୍ଲିମେଣ୍ଟାରୀ ପରୀକ୍ଷା ୧୪ରେ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା(୨ୟ) ୧୬ରେ ଶେଷ ହୋଇଥିଲା।



## ଜିଲା ଚିଠି
## ବଲାଙ୍ଗୀର

# ମରୁଡ଼ି ବିଳାପ

ଅର୍ଥନୈତିକ ଦିଗରୁ ବଲାଙ୍ଗୀର ଏକ ପଛୁଆ ଜିଲା ଭାବେ ପରିଗଣିତ। ଶିଳ୍ପବିହୀନ ଜିଲା ହୋଇଥିବାରୁ ଜିଲାବାସୀଙ୍କ ଅର୍ଥନୀତି ବହୁ ମାତ୍ରାରେ କୃଷି ଉପରେ ନିର୍ଭରଶୀଳ। ଜିଲାରେ ସଂଖ୍ୟାଧିକ ଲୋକଙ୍କ ପ୍ରଧାନ ଅବଲମ୍ବନ କୃଷି ହୋଇଥିଲେ ମଧ୍ୟ ଜଳସେଚନ ସୁବିଧା ନ ଥିବାରୁ ଚାଷକ୍ଷେତ୍ର ସବୁବେଳେ ସଙ୍କଟର ସମ୍ମୁଖୀନ ହୋଇଆସିଛି। ବଲାଙ୍ଗୀର ମରୁଡ଼ି ପ୍ରବଣ ଜିଲା ଭାବେ ଚିହ୍ନଟ ହୋଇଛି। କ୍ରମାଗତ ମରୁଡ଼ି ଜିଲାର ଚାଷ ଓ ଚାଷୀଙ୍କୁ ବହୁଳ ମାତ୍ରାରେ ପ୍ରଭାବିତ କରିଆସିଛି। ସରକାରୀ ରିପୋର୍ଟ ଅନୁସାରେ ୧୯୭୪ରୁ ୨୦୧୭ ମସିହା ମଧ୍ୟରେ ଜିଲାରେ ୧୬ ଥର ମରୁଡ଼ି ଓ ୪ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୮ରେ ମଧ୍ୟ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ବେସରକାରୀ ରିପୋର୍ଟ ଅନୁସାରେ ପ୍ରତି ଦୁଇବର୍ଷରେ ଜିଲାରେ ମରୁଡ଼ି ଓ ବନ୍ୟା ପରିସ୍ଥିତି ଉପୁଜିଛି। ମରୁଡ଼ି, ବନ୍ୟା ଛଡା ରୋଗପୋକ ଉପଦ୍ରବ ଓ ଅଦିନିଆ ବର୍ଷାଜନିତ ଫସଲହାନି ଚାଷୀଙ୍କୁ ବିଭିନ୍ନ ସମୟରେ ଅଡୁଆରେ ପକାଇଛି। ଫାଇଲିନ୍, ହୁଡହୁଡ୍, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ଚାଷ ଉଜାଡି ଦେଇଛି। ତେବେ ଜିଲାରେ ମରୁଡ଼ି ମୁକାବିଲା ପାଇଁ ସରକାର ଠୋସ୍ କିଛି ପଦକ୍ଷେପ ନେଉନାହାନ୍ତି। ବହୁବର୍ଷ ପୂର୍ବରୁ ରାଜ୍ୟ ସରକାର ପ୍ରତି ବ୍ଲକ୍‌ରେ ୩୫ ପ୍ରତିଶତ ଜଳସେଚନ କଥା କହିଥିଲେ। ମାତ୍ର ଏହା କେବଳ ପ୍ରତିଶ୍ରୁତି ହୋଇ ରହିଗଲା। ବଲାଙ୍ଗୀର ଜିଲାର ୧୪ ବ୍ଲକ୍‌ରୁ ଗୋଟିଏ ବି ବ୍ଲକ୍‌ରେ ୩୫ ପ୍ରତିଶତ ନିଶ୍ଚିତ ଜଳସେଚନ ସୁବିଧା ନାହିଁ। ଜିଲାରେ ମାତ୍ର ୩ ପ୍ରତିଶତ ଜଳସେଚନ ସୁବିଧା ରହିଛି। ଜିଲାର ମରୁଡ଼ି ଓ ଜଳସେଚନ କଥା ଉଠିଲେ ତତ୍‌କ୍ଷଣାତ୍ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ କଥା ଉଠାଯାଏ। ୨୦୦୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକ୍‌ତେଲ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବିଗତ ୧୮ ବର୍ଷ ପରେ ବି ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ ହୋଇନାହିଁ। ୨୧୭ କୋଟି ଟଙ୍କାର ମୂଳ ପ୍ରକଳ୍ପ ଏବେ ୩ହଜାର କୋଟି ଟଙ୍କାକୁ ଡେଇଁଲାଣି। ଏବେବି ଏହି ପ୍ରକଳ୍ପ କାମ ବନ୍ଦ ପଡିଛି। ଜିଲାର ଲାଣ୍ଠ ପ୍ରକଳ୍ପ, ଟିଟିଲାଗଡ଼ ଫେଜ୍-୨ ପ୍ରକଳ୍ପ ବି ସରିନାହିଁ। ଜିଲାରେ ତେଲନଦୀ, ଲାଣ୍ଠ, ସୋନଗଡ଼ ନଦୀରେ ବ୍ୟାରେଜ/ଆଡିବନ୍ଧ ନିର୍ମାଣ କରି ଜଳସେଚନ କରିବାର ପ୍ରଭୁତ ଭିତ୍ତିଭୂମି ରହିଥିଲେ ମଧ୍ୟ ଏନେଇ ସରକାରଙ୍କ କିଛି ବି ଆନ୍ତରିକତା ଦେଖାଯାଉନାହିଁ। ତେଲନଦୀର ଗୌଡତଲାଠାରେ ପ୍ରସ୍ତାବିତ ବ୍ୟାରେଜ୍ ନିର୍ମାଣ ହେଲେ ବିନା ବିସ୍ଥାପନରେ ବଲାଙ୍ଗୀର, କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲାରେ ବ୍ୟାପକ ଅଞ୍ଚଳରେ ଜଳସେଚନ ସୁବିଧା ହୋଇପାରିବା କଥା ଯନ୍ତ୍ରୀ ପ୍ରେମରାଜ ସାଏ କେବେଠୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାବାଦ୍ ତେଲନଦୀର କୁକେଡମାଲ, ସୋନଗଡ ଓ ଲାଣ୍ଠନଦୀରେ ବିନା ବିସ୍ଥାପନରେ ଆଡିବନ୍ଧ ଓ ବ୍ୟାରେଜ୍ ପାଇଁ ଉତ୍ତମ ଭିତ୍ତିଭୂମି ରହିଥିବା ଶତାଧିକ ଥର ଆଲୋଚିତ ହୋଇଛି। ମାତ୍ର ଏହା ଉପରେ ସରକାର ନୀରବ ରହିଛନ୍ତି। ବିସ୍ଥାପନ ସମସ୍ୟା ଥିବା ସୁକ୍‌ତେଲ ପ୍ରକଳ୍ପର ସମାଧାନ ପନ୍ଥା ବାହାର କରୁନାହାନ୍ତି। ଜଳସେଚନ ନାଁରେ ଜିଲାରେ ଜଳସେଚନ ବିଭାଗ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ବିଭାଗ, ଉଠା ଜଳସେଚନ ବିଭାଗ ଓ ବ୍ଲକ୍ ପ୍ରଶାସନ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶତାଧିକ ଚେକ୍‌ଡ୍ୟାମ ନିର୍ମାଣ କରିଥିଲେ ବି ସେଥିରୁ ଅଧିକାଂଶ କୌଣସି କାର୍ଯ୍ୟରେ ଆସୁନାହିଁ। ମେଗା ଉଠା ଜଳସେଚନ ପ୍ରକଳ୍ପ ପ୍ରହସନରେ ପରିଣତ ହୋଇଛି। ଉପରୋକ୍ତ ପ୍ରକଳ୍ପଗୁଡିକରେ ଯନ୍ତ୍ରୀ-ଠିକାଦାରଙ୍କ ଦୁର୍ନୀତି ଜଳଜଳ ଦେଖାଯାଉଛି। ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଦୁର୍ନୀତିକୁ ରୋକି ପାରିନାହାନ୍ତି। ଚଳିତବର୍ଷ ପୁଣି ଥରେ ଜିଲାରେ ମରୁଡ଼ି ପରିସ୍ଥିତି ଉପୁଜିଛି। ସ୍ୱଳ୍ପବୃଷ୍ଟି, ଅନିୟମିତ ବୃଷ୍ଟି ଜାରି ରହିଛି। ଜିଲାର ଚାଷୀ ପୁଣି ଥରେ ଫସଲହାନି ଆଶଙ୍କାରେ ରହିଲେଣି। ଆଉ ଏଭଳି ପରିସ୍ଥିତିରେ ଜିଲାର ମରୁଡ଼ି ପ୍ରସଙ୍ଗକୁ ନେଇ ବିଧାନସଭାରୁ ପାର୍ଲାମେଣ୍ଟ, ରାଜରାସ୍ତାରୁ କିଲଟରୀ ସବୁଠି ପୁଣି ଥରେ ଫମ୍ପା ମରୁଡ଼ି-ବିଳାପ ଶୁଭିବା ଏକପ୍ରକାର ସ୍ପଷ୍ଟ ହୋଇଗଲାଣି।

– ବୀରେନ୍ଦ୍ର କୁମାର ଝାଙ୍କର

# ପୁରୀ ପାଇଁ ୫ ପ୍ରକଳ୍ପକୁ ଅନୁମୋଦନ

- ପୁରୁଣା ଜେଲ୍ ଏବଂ ଯାତ୍ରୀକାରେ ପାର୍କିଂ ବ୍ୟବସ୍ଥା
- ଗୋଟିଏ ସ୍ଥାନରେ ରହିବ ସବୁ ସରକାରୀ କାର୍ଯ୍ୟାଳୟ
- ଆଚାର୍ଯ୍ୟ ହରିହର ଛକ ନିକଟ ରାସ୍ତା ସମ୍ପ୍ରସାରଣ କରାଯିବ
- ପୁରୁଣା ଜେଲ୍, ଯାତ୍ରୀକା ଏବଂ ମ୍ୟୁନିସିପାଲିଟି ମାର୍କେଟ୍‌ରେ ନିର୍ମାଣ ହେବ ୧୨୫୦ ଦୋକାନ ଗୃହ

ଭୁବନେଶ୍ୱର, ୭।୮(ବ୍ୟୁରୋ)

ପୁରୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଡ଼ ଘୋଷଣା କରିଛନ୍ତି। ସଚିବାଳୟଠାରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପୁରୀ ପାଇଁ ୨୬୫ କୋଟି ଟଙ୍କା ବିନିଯୋଗରେ ୫ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଜଗନ୍ନାଥ ଧାମକୁ ପ୍ରତ୍ୟେକ ଦିନ ଲକ୍ଷଲକ୍ଷ ଭକ୍ତ ଆସୁଥିବା ଯୋଗୁ ସେମାନଙ୍କୁ ଉନ୍ନତମାନର ସେବା ଓ ସୁବିଧା ଯୋଗାଇ ଦେବା ଲାଗି ୫ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ପୁରୀର ପୁରୁଣା ଜେଲ୍ ପରିସର, ଯାତ୍ରୀକା ଏବଂ ମ୍ୟୁନିସିପାଲିଟି ମାର୍କେଟ୍‌ର ବିକାଶ କରାଯିବ। ଏହିସବୁ ସ୍ଥାନରେ ୧୨୫୦ଟି ଦୋକାନ ଗୃହ ନିର୍ମାଣ କରାଯିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ପୁରୁଣା ଜେଲ୍ ପରିସରରେ ବହୁତଳ ବିଶିଷ୍ଟ ପାର୍କିଂ ବ୍ୟବସ୍ଥାର ବିକାଶ କରାଯିବ। ଏଠାରେ ୪୦୦ କାର୍ ରଖିବା ପାଇଁ ପାର୍କିଂ ସୁବିଧା ରହିବ। ସେହିପରି ଯାତ୍ରୀକାରେ ମଧ୍ୟ ବହୁତଳ କାର୍ ପାର୍କିଂ ବ୍ୟବସ୍ଥା କରାଯିବ। ସେଠାରେ ମଧ୍ୟ ୪୦୦ କାର୍ ପାର୍କିଂ ପାଇଁ ବ୍ୟବସ୍ଥା ହେବ। ଏହାଦ୍ୱାରା ପୁରୀକୁ ଆସୁଥିବା ଯାତ୍ରୀମାନଙ୍କ ଗାଡି ପାର୍କିଂ ସମସ୍ୟା ଦୂର ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ପୁରୀରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଗୋଟିଏ ଛାତ ତଳେ ରଖାଯିବ। ଗୋଟିଏ ସ୍ଥାନରେ ସରକାରୀ କାର୍ଯ୍ୟାଳୟ ରହିଲେ ସାଧାରଣ ଲୋକଙ୍କ ପାଇଁ ସୁବିଧା ହେବ। ସମସ୍ତ କାର୍ଯ୍ୟାଳୟ ଗୋଟିଏ ସ୍ଥାନରେ ରହିବା ପରେ ସ୍ଥାନାନ୍ତରିତ ହେବା କାର୍ଯ୍ୟାଳୟ ପରିସରଗୁଡିକୁ ପାର୍କିଂ ଏବଂ ବିଭିନ୍ନ ନାଗରିକ ସୁବିଧା କେନ୍ଦ୍ର ଭାବେ ବ୍ୟବହାର କରାଯିବ। ପୁରୀ ମ୍ୟୁନିସିପାଲିଟି ମାର୍କେଟ୍‌ର ପୁନରୁଦ୍ଧାର କରାଯାଇ ଏହାକୁ ଅତ୍ୟାଧୁନିକ ମାର୍କେଟ୍ କମ୍ପ୍ଲେକ୍ସରେ ପରିଣତ କରାଯିବ।

ଏସବୁ ବାଦ୍ ପୁରୀ ଆଚାର୍ଯ୍ୟ ହରିହର ଛକ ନିକଟସ୍ଥ ରାସ୍ତାକୁ ସମ୍ପ୍ରସାରଣ କରାଯିବ। ସେଠାରେ ବିଭିନ୍ନ ନାଗରିକ ସୁବିଧା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହିସବୁ କାର୍ଯ୍ୟଗୁଡିକ ପୂର୍ତ୍ତ ବିଭାଗ ଅଧୀନ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଜରିଆରେ କାର୍ଯ୍ୟକାରୀ ହେବ। ବୈଠକରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିଶନର ଅସୀତ ତ୍ରିପାଠୀ, ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଜିଲାପାଳ ବଳବନ୍ତ ସିଂ ଉପସ୍ଥିତ ଥିଲେ।



**କିଛି ତଥ୍ୟ**
ଚଳିତ ବର୍ଷ ଜୁଲାଇରେ ଦେଶରୁ ପିଡିଆ ରପ୍ତାନି ୨୩%
ହ୍ରାସ ଘଟି ୧.୬୬ ଲକ୍ଷ ଟନ୍ ରହିଛି।
– ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର ଆସୋସିଏଶନ ଅଫ୍ ଇଣ୍ଡିଆ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆରୁଷ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧୋଇଗଲା ଟ୍ରାକ୍, ପାଣିକୁ ଖସିଲା ମାଲବାହୀ ଟ୍ରେନ୍ ବଗି



ରାୟଗଡା ଅଫିସ/ମୁନିଗୁଡ଼ା/ଅମ୍ବାଦଳା ୭।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଗତ ୪୦ ଘଣ୍ଟାରୁ ଅଧିକ ସମୟ ଧରି ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାରେ ପ୍ରବାହିତ ନାଗାବଳୀ, କଲ୍ୟାଣୀ, ବଂଶଧାରା, ଝଞ୍ଜାବତୀ ଓ କୁଜେର ନଦୀର ଜଳସ୍ତର ବଢିବାରେ ଲାଗିଛି।

ଅମ୍ବାଦଳା ରେଳଷ୍ଟେଶନ ନିକଟ ଖାରିପୁଲିଆ ନିକଟରେ ବଂଶଧାରା ନଦୀର ଶାଖା ନାଳରେ ବନ୍ୟାଜଳ ପ୍ରବାହିତ ହୋଇ ରେଳ ପୋଲ ସମ୍ପୂର୍ଣ୍ଣ ଧୋଇ ଦେଇଛି। ମଙ୍ଗଳବାର ରାତି ପ୍ରାୟ ୨ଟାରେ ବନ୍ୟାଜଳ ପ୍ରବାହିତ ହୋଇ ପ୍ରଥମେ ରେଳ ଧାରଣାକୁ ଧୋଇଥିଲା। ଧାରଣା ତଳର ମାଟି ଓ କଂକ୍ରିଟ ଧୋଇଯିବା ଯୋଗୁ ରାୟଗଡ଼ାରୁ ଲାଞ୍ଜିଗଡ଼ ଅଭିମୁଖେ ଯାଉଥିବା ଏକ ବକ୍ସାଇଟ ବୋଝେଇ ଟ୍ରେନ ପୋଲ ଉପରେ ଠିଆ ହୋଇଥିବା ସମୟରେ ତାହା ଭୁଶୁଡ଼ି ପଡିଥିଲା। ଫଳରେ ଉକ୍ତ ଟ୍ରେନର ୩ଟି ବଗି ଓଲଟି ପଡିଛି। ଖବରପାଇ ଘଟଣାସ୍ଥଳରେ ସମ୍ବଲପୁର ଏଡିଆର୍ଏମ୍ ଏଲ୍. ପାତ୍ରୁଡୁଙ୍କ ସମେତ ଟେକ୍ନିକାଲ ଟିମ୍ ପହଞ୍ଚି ମରାମତି କାମ ଆରମ୍ଭ କରିଛନ୍ତି। ଏହି କାମ ଶେଷ ହେବାକୁ ପ୍ରାୟ ୧୮ ଘଣ୍ଟା ଲାଗିବ ବୋଲି ଏଡିଆର୍ଏମ୍ କହିଛନ୍ତି। ଫଳରେ ଏହି ରୁଟ୍ ଦେଇ ଯାଉଥିବା ସମ୍ବଲପୁର-ରାୟଗଡ଼ା ତପସ୍ୱିନୀ ଏକ୍ସପ୍ରେସ, ଭୁବନେଶ୍ୱର-ଜୁନାଗଡ଼ ଲିଙ୍କ୍ ଏକ୍ସପ୍ରେସ, ରାୟପୁର-ବିଶାଖାପାଟଣା ପାସେଞ୍ଜର, ସମ୍ବଲପୁର-କୋରାପୁଟ ପାସେଞ୍ଜର ସହ ୮ଟି ଟ୍ରେନକୁ ବାତିଲ କରାଯାଇଛି। ସେହିଭଳି ଅହମ୍ମଦାବାଦ-ପୁରୀ, ନିଜାମୁଦ୍ଦିନ-ବିଶାଖାପାଟଣା ସମତା ଏକ୍ସପ୍ରେସ ଭଳି ୮ଟି ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ୩ଟି ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯାଇଛି। ସମ୍ବଲପୁର ଷ୍ଟେଶନ ପାଇଁ ୯୪୩୭୩୮୬୭୫୯, ଟିଟିଲାଗଡ ଷ୍ଟେଶନ ପାଇଁ ୮୪୫୫୮୯୨୮୩୧/୯୪୩୭୩୮୬୬୯୩ ନମ୍ବର ଜାରି କରାଯାଇଛି। ଅନ୍ୟପକ୍ଷରେ ରାୟଗଡ଼ା-କୋରାପୁଟ କେଆର ଲାଇନରେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଶିକରପାଇ ଷ୍ଟେଶନରେ ଅଟକି ରହିଥିଲା। ସେହିଭଳି ଭାଲୁମାସ୍କା ଷ୍ଟେଶନରେ ଜଗଦଲପୁର-ରାଉରକେଲା ଟ୍ରେନ୍ ଫସି ରହିଥିଲା। ଶିକରପାଇ ଷ୍ଟେଶନ ଟ୍ରାକ୍ ନମ୍ବର ୩ ନିକଟରେ ମାଟି ଅତଡ଼ା ଖସୁଥିବା ପରିଲକ୍ଷିତ ହୋଇଛି। ସେହିପରି ଲଗାଣ ବର୍ଷାରେ କୋଲନରା ବ୍ଲକର ଖମ୍ବାସିଂ-ବଡଖିଲାପଦର ମଧ୍ୟରେ ଥିବା ଏକ କଲଭର୍ଟ ଧୋଇହୋଇ ଯିବାରୁ ୩ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

■ ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ

# କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ମିଳିଲାନି ରହିତାଦେଶ

## କେନ୍ଦ୍ର, ରାଜ୍ୟ ସରକାରଙ୍କୁ ନୋଟିସ

କଟକ ଅଫିସ,୭।୮

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ(ସ୍ୟାଟ୍) ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଗେଜେଟ୍ ନୋଟିଫିକେଶନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଓ ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ଗେଜେଟ୍ ନୋଟିଫିକେଶନ ଉପରେ ରହିତାଦେଶ ଜାରି କରିବାକୁ ମନା କରି ଦେଇଛନ୍ତି। ଏହି ମାମଲାରେ ହାଇକୋର୍ଟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୫ରେ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଜବାବ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଏହି ନୋଟିଫିକେଶନକୁ ଚ୍ୟାଲେଞ୍ଜ କରି କଟକ ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ସେହିପରି ଗୁରୁବାର ଓଡ଼ିଶା ଟ୍ରିବ୍ୟୁନାଲ କୋର୍ଟ ବାର ଆସୋସିଏଶନ କଟକ ଓ ଭୁବନେଶ୍ୱର ପକ୍ଷରୁ ହୋଇଥିବା ଅନ୍ୟଏକ ମାମଲାର ଶୁଣାଣି ହେବ। ଓଡ଼ିଶା ଟ୍ରିବ୍ୟୁନାଲ କୋର୍ଟ ବାର ଆସୋସିଏଶନ ପକ୍ଷରୁ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଏହି ଗେଜେଟ୍ ନୋଟିଫିକେଶନ୍‌କୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି, ହାଇକୋର୍ଟରେ ସ୍ୟାଟ୍ ଉଚ୍ଛେଦ ନେଇ ମାମଲା ବିଚାରାଧୀନ ରହିଛି। ମାତ୍ର ମାମଲାର ଶୁଣାଣି ଶେଷ ହୋଇ ନ ଥିବାବେଳେ କେନ୍ଦ୍ର ସରକାର ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ତାହା ବେଆଇନ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କର ଏହି ବ୍ୟବସ୍ଥା ଉଚ୍ଛେଦ କରିବାର କ୍ଷମତା ନାହିଁ। କେବଳ ପାର୍ଲାମେଣ୍ଟର ଉଚ୍ଛେଦ କ୍ଷମତା ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ଆବେଦନକାରୀ ଦର୍ଶାଇଛନ୍ତି। ଏହି ମାମଲାରେ କେନ୍ଦ୍ର ସରକାର, ପର୍ସୋନେଲ ପବ୍ଲିକେଶନ ଗ୍ରୀଭାନ୍ସ, ପେନସନ ମନ୍ତ୍ରଣାଳୟ ଏବଂ ରାଜ୍ୟସରକାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

# ମଣ୍ଡିରୁ ଧାନ ସଂଗ୍ରହ କରିବେ ମହିଳା ଏସ୍ଏଚ୍‌ଜି

## ମିଶନ୍ ଶକ୍ତିର ବଡ଼ ନିଷ୍ପତ୍ତି

ଭୁବନେଶ୍ୱର,୭।୮(ବ୍ୟୁରୋ)

ଏଲ୍ଇଡ଼ି ବଲ୍‌ବ ତିଆରି, ବିଜୁ ଗାଁ ଗାଡ଼ି ଯୋଜନାରେ ବସ୍ ଚଳାଇବା, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଛତୁଆ ଯୋଗାଣ, ବିଦ୍ୟୁତ୍ ମିଟର ରିଡିଂ, କୋଠାବାଡ଼ି ନିର୍ମାଣରେ ମହିଳାମାନଙ୍କୁ ସାମିଲ କରିବା ପରେ ଏବେ ଆଉଏକ ମାଇଲ୍‌ଖୁଣ୍ଟ ପ୍ରତିଷ୍ଠା କରିବାକୁଯାଉଛି ମିଶନ ଶକ୍ତି। ମିଶନ ଶକ୍ତି ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ମାନେ ଏଣିକି ଧାନ ସଂଗ୍ରହ କାର୍ଯ୍ୟରେ ସାମିଲ ହେବେ। କଳାହାଣ୍ଡି ଜିଲାରେ ପ୍ରଥମଥର ପାଇଁ ପାଇଲଟ୍ ପ୍ରକଳ୍ପ ଭାବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଫଳରେ ଶତାଧିକ ମହିଳା ଆର୍ଥିକ ସ୍ୱାବଲମ୍ବୀ ହେବାକ୍ଷେତ୍ରରେ ଆଉପାଦେ ଆଗକୁ ଯାଇଛନ୍ତି। ଏହି ନୂଆ ପ୍ରକଳ୍ପରେ କଳାହାଣ୍ଡି ଜିଲାରେ ୧୭ ଗ୍ରାମ ପଞ୍ଚାୟତରେ ୧୭ ମହିଳା ଏସ୍ଏଚ୍‌ଜି ସାମିଲ ହୋଇଛନ୍ତି। ସେମାନଙ୍କ ସହାୟତାରେ ଚଳିତବର୍ଷ ସଫଳତାର ସହ ଧାନ ସଂଗ୍ରହ କରାଯାଇଛି। ପ୍ରଥମେ ଏହି ଜିଲାର ଜୁନାଗଡ଼ ବ୍ଲକ୍‌ର ବାଣୀଝର ଗ୍ରାମ ପଞ୍ଚାୟତରେ ମା'ମହାଲକ୍ଷ୍ମୀ ଏସ୍ଏଚ୍‌ଜିକୁ ଏଥିଲାଗି ଚୟନ କରାଯାଇଥିଲା। ଧାନ ସଂଗ୍ରହ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାରୁ ଏହି ଗୋଷ୍ଠୀର ସଦସ୍ୟାମାନେ ଏଥିପାଇଁ କମ୍ପ୍ୟୁଟର ତାଲିମ ନେଇଥିଲେ। ସେମାନେ ସ୍ଥାନୀୟ ନିୟନ୍ତ୍ରିତ ବଜାୟ କମିଟିରେ କାର୍ଯ୍ୟ ଆରମ୍ଭ କରିବା ସହ ମାତ୍ର ୩୦ଦିନ ମଧ୍ୟରେ ୪୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହରୁ ମା' ମହାଲକ୍ଷ୍ମୀ ଏସ୍ଏଚ୍‌ଜି ୧୨.୯୪ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ନିଜ ଜମାଖାତାରେ ୬.୨୫ ଲକ୍ଷ ଟଙ୍କା ଜମା କରିପାରିଛନ୍ତି। ଏହି ବଳକା ଅର୍ଥରେ ସେମାନେ ନିକଟ ବଜାରକୁ ପରିବହନ ସୁବିଧା ପାଇଁ ଏକ ଭ୍ୟାନ୍ କିଣିବାର ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ଏହି ଜିଲାର ୧୭ ଏସ୍ଏଚ୍‌ଜି ୪୪.୧୫ କୋଟି ଟଙ୍କା ମୂଲ୍ୟର ୨.୪୭ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ବାବଦକୁ ୭୭.୨୪ ଲକ୍ଷ ଟଙ୍କାର ଅର୍ଥରାଶି କମିଶନ ଆକାରରେ ପାଇଛନ୍ତି। ରବି ଋତୁରେ ପ୍ରତି ମହିଳା ଏସ୍ଏଚ୍‌ଜି ପ୍ରାୟ ୪.୫ ଲକ୍ଷ ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇଛନ୍ତି। ଜିଲାର ଏହି ସଫଳତାକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ଖରିଫ ଋତୁରେ ଅନ୍ୟ ଜିଲାଗୁଡ଼ିକରେ ଏସ୍ଏସ୍‌ଜିଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସ୍ଥିର କରିଛି। ସୂଚନାଯୋଗ୍ୟ, ରାଜ୍ୟରେ ଏବେ ପ୍ରାୟ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ୭୦ ଲକ୍ଷ ମହିଳା ସଦସ୍ୟ ରହିଛନ୍ତି।

ପ୍ରଥମ ପୃଷ୍ଠାରୁ...

# ୫ ଜିଲାରେ ବନ୍ୟା...

ଅନ୍ୟପକ୍ଷରେ ବୁଧବାର ରାଜ୍ୟରେ ୩ ବ୍ଲକ୍‌ରେ ୩୦୦ ମିମି ଉପରେ ବର୍ଷା ହୋଇଥିବାବେଳେ ୭ ବ୍ଲକ୍‌ରେ ୨୦୦ରୁ ୩୦୦ମିମି ଏବଂ ୬୭ ବ୍ଲକରେ ୧୦୦ରୁ ୨୦୦ମିମି ବର୍ଷା ରେକର୍ଡ କରାଯାଇଛି। ଏଥିମଧ୍ୟରୁ କଳାହାଣ୍ଡି ଲାଞ୍ଜିଗଡ଼ରେ ସର୍ବାଧିକ ୩୮୨.୬ ମିମି ବର୍ଷା ହୋଇଛି। ଏହାଛଡ଼ା ରାୟଗଡ଼ା କାଶୀପୁରରେ ୩୧୭.୪ ମିମି, କନ୍ଧମାଳ କୋଟଗାଡ଼ରେ ୩୦୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ସେପଟେ ବନ୍ୟା ସମୟରେ ସ୍ୱାସ୍ଥ୍ୟ ସେବା ପ୍ରତି ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିପାଇଁ ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, କୋରାପୁଟ, ନବରଙ୍ଗପୁର ଓ ଗଜପତି ଆଦି ୭ ଜିଲାରେ ୨ଜଣ ଲେଖାଏ ମୋଟ ୧୪ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସ୍ଥିତି ଅନୁଧ୍ୟାନ କରି ସିଡିଏମ୍ଓ ଓ ପିଏଚ୍ଓଙ୍କୁ ରିପୋର୍ଟ ଦେବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟରେ ଗୁରୁବାର ଦିନସାରା ମଧ୍ୟ ବର୍ଷା ଲାଗି ରହିବ। ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଅତିପ୍ରବଳ ବର୍ଷା ହେବ। ଏଥିପାଇଁ ୧୩ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଥିବାବେଳେ ୧୦ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିଭଳି ୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବରଗଡ଼, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୁନ୍ଦରଗଡ଼ ଆଦି ୬ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ପାରିବାରିକ ସ୍ତରରେ ଟେନ୍‌ସନ କମିଯିବା ସକାଶେ ଚେଷ୍ଟା କରିବେ। ଭ୍ରମଣ ସୁଯୋଗ ଜୁଟିବା ସହ ନୂତନ ବନ୍ଧୁତା ସୃଷ୍ଟି ହେବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ।

**ବୃଷ** – ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିବାଦୀୟ ବ୍ୟକ୍ତି ସାହାଯ୍ୟ କରିବେ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ** – ନିଜର କାର୍ଯ୍ୟଦକ୍ଷତା କାରଣରୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆରଦ୍ରା ନକ୍ଷତ୍ରର ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। ପରିବାରର ବ୍ୟତିକ୍ରମକୁ ନେଇ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଆଶା କରିଥିବା ଦିଗରୁ ଅର୍ଥ କିମ୍ବା ଶୁଭ ଖବର ପାଇ ଖୁସୀ ହେବେ।

**କର୍କଟ** – ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମନ ଭଲ ରହିବ ନାହିଁ। କୌଣସି ବ୍ୟକ୍ତି ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇବାର ସମ୍ଭାବନା ରହିଛି।

**ସିଂହ** – କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ସହକର୍ମୀମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ କାମ କଲେ ଅପମାନିତ ହେବାକୁ ପଡିବ। ଆର୍ଥିକ ସହାୟତା ବନ୍ଧୁଙ୍କଠାରୁ ପାଇ କାମ ହାସଲ କରିବେ।

**କନ୍ୟା** – କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। କଠିନ ଶ୍ରମ ଓ ଭ୍ରମଣଜନିତ ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେଇପାରେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କଲେ ସଫଳତା ଅବଶ୍ୟ ମିଳିବ। ପରିବାରରେ କଳହ ଲାଗିପାରେ।

**ତୁଳା** – କର୍ମ ଜଞ୍ଜାଳର ଟେନ୍‌ସନ ସଙ୍ଗକୁ ପିଲାଙ୍କ ବିଶୃଙ୍ଖଳିତ ଆଚରଣରୁ କ୍ଷୁବ୍ଧ ହୋଇପାରନ୍ତି। ଆନୁଷ୍ଠାନିକ ପରିବେଶରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଅଂଶୀଦାର ବ୍ୟବସାୟୀଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ବିଳମ୍ବରେ ପାଇବେ।

**ବିଛା** – ଶାନ୍ତ ପଡ଼ିଯାଇଥିବା ପୁରାତନ ରୋଗର ପୀଡ଼ା ପୁନଶ୍ଚ ଅନୁଭବ ହୋଇପାରେ। ଅନ୍ୟମାନଙ୍କ ଶତ୍ରୁତା କାରଣରୁ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ନୂତନ କର୍ମାରମ୍ଭ, ଯାତ୍ରା, ବ୍ୟବସାୟ, ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ଧନୁ** – କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଅଭାବ ଅନଟନ ନ ଥିଲେ ମଧ୍ୟ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଅଭାବରୁ ଅଶାନ୍ତ ରହିବେ। ବନ୍ଧୁଙ୍କ ଔଚିତ୍ୟପୂର୍ଣ୍ଣ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର** – କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ। ଭୁଲ୍ ବୁଝାମଣାରୁ ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ଯେତେ ଭଲ କାମ କଲେ ମଧ୍ୟ ବନ୍ଧୁଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ।

**କୁମ୍ଭ** – ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ମନ ଖୁସୀ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଅଘାତ ଦେଇପାରେ। ନିର୍ମାଣ ଓ ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** – ବନ୍ଧୁମାନଙ୍କ ସକ୍ରିୟ ସହଯୋଗରୁ ସରକାରୀ ସ୍ତରରୁ ସହାୟତା ପାଇପାରନ୍ତି। ନୂତନ କର୍ମାରମ୍ଭରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ପରେ ମନସ୍ତାପ କରିପାରନ୍ତି। ଈର୍ଷାପରାୟଣ ବନ୍ଧୁମାନେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

ଆଜି ଶ୍ରାବଣ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ, ଗୁରୁବାର, ଅଗଷ୍ଟ ୮ ତାରିଖ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୭ମି. ଗତେ ଘ୧୨।୪୬ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୮ମି. ଗତେ ଘ୩।୦୪ମି. ମଧ୍ୟେ ରାହୁବେଳା।


# classifieds Everyday
0674-2580101, 2549302

real estate

SALE

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/-ରେ plot ବିକ୍ରିହେବ। 6370292040. D-66746

Ready to construction BDA Plot 30' road, electric pole, boundary sft. 600/-ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 9777449397, 9777764051. D-13815

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508. D-66753

Land for sale, 3680 sqft. at Phulnakhara near Trinath-Bazar on mainroad. Contact: 9437033691. D-65675

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426. D-66751

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66937

ପିପିଲିରୋଡକୁ ଲାଗି 400 decimal plot patta boundary, electricity ଥାଇ IIT ଅରଗୁଲରେ ବିକ୍ରିହେବ। owner 9437580925. D-66171

ଭୁବନେଶ୍ୱର ନିକଟସ୍ଥ DPS ନଖରା, ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: 8249870448. D-13744

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/-, ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

construction

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13806

GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-13610

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66935

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Newly opening Ayurvedic body massage smart therapist, Shree herbal, 775 0020754. D-67343

Physiotherapy full body massage by trained ladies / gents therapist: 7008773793. D-67032

education

Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-67345

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

astrology

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13802

ଦ୍ୱିତୀୟ ବର୍ଷ ଜନ୍ମଦିନ ଶୁଭେଚ୍ଛା



ଆରୁଷ୍ ମଲ୍ଲିକ୍
ଆରୁଷ, ପ୍ରଭୁ ଶ୍ରୀ ଜଗନ୍ନାଥ ଓ ସାଇବାବାଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
କେକେ, ମା', ବଡବାପା, ବଡ ମା', ମଝିଆ ବାପା, ମଝିଆ ମା', ବାପା, ବୋଉ, ମାଉସୀ ଓ ଅଜା, ମାମା, ଅଙ୍କିତ୍, ନନ୍ଦନୀ, ଆର୍ଯ୍ୟନ୍
ଧ-୧୩୮୧୬

ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# କିଏ ପ୍ରାଣୀ କିଏ ଉଦ୍ଭିଦ

ପ୍ରାଣୀ ଓ ଉଦ୍ଭିଦ ମଧ୍ୟରେ ପ୍ରଭେଦ ରହିଛି। ପ୍ରାଣୀଙ୍କୁ ବଞ୍ଚିବା ପାଇଁ ଶକ୍ତି ଦରକାର। ଏହି ଶକ୍ତି ସେ ନିଜେ ଉତ୍ପାଦନ କରିପାରେନାହିଁ। ପ୍ରାଣୀ ବା ଉଦ୍ଭିଦକୁ ଖାଇ ସେ ଶକ୍ତି ସଂଗ୍ରହ କରେ। ଅନ୍ୟପକ୍ଷରେ ଉଦ୍ଭିଦ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ସୂର୍ଯ୍ୟାଲୋକରୁ ଶକ୍ତି ସଂଗ୍ରହ କରି ବଞ୍ଚେ। ଉଦ୍ଭିଦର କୋଷ ମଧ୍ୟରେ ଥିବା ସବୁଜ କଣିକା (କ୍ଲୋରୋଫିଲ) ଉଦ୍ଭିଦକୁ ଆଲୋକ ସଂଶ୍ଳେଷଣରେ ସାହାଯ୍ୟ କରେ। ପ୍ରାଣୀ ଓ ଉଦ୍ଭିଦଙ୍କ ବଞ୍ଚିବାର ଶୈଳୀ ଭିନ୍ନ ରହିଥିବାବେଳେ ମେସୋଡିନିୟମ୍ ଚାମେଲିଅନ (ମେସୋଡିନିୟମ୍ ପ୍ରଜାତିର ବହୁରୂପୀ ଏଣ୍ଡୁଅ) ନାମକ ଜୀବର ବଞ୍ଚିବାର ତରିକା କିନ୍ତୁ ପୂରା ଭିନ୍ନ। ଏହା ପ୍ରାଣୀ ଓ ଉଦ୍ଭିଦ ଉଭୟର ବଞ୍ଚିବାର ଶୈଳୀକୁ ଆପଣାଇଥାଏ। ଡେନମାର୍କର ସମୁଦ୍ର ପୃଷ୍ଠରେ ଏହି ଅଦ୍ଭୁତ ଜୀବ ଦେଖିବାକୁ ମିଳେ। ଏହାର ସନ୍ଧାନ ମିଳିବା ପରେ ତାହା ଗବେଷକମାନଙ୍କୁ ଜୀବମାନଙ୍କର ପାରମ୍ପରିକ ପଦ୍ଧତିରେ ବର୍ଗୀକରଣ ପାଇଁ ପୁନର୍ବିଚାର କରିବାକୁ ବାଧ୍ୟ କରଛି।

ମେସୋଡିନିୟମ୍ ଚାମେଲିଅନ ଶରୀରରେ ରହିଥିବା ହଜାର ହଜାର ଲୋମ ଦ୍ୱାରା ପାଣିରେ ଶୀଘ୍ର ଯାଇପାରେ। ପ୍ରାଣୀ ଭଳି ଉଦ୍ଭିଦକୁ ଖାଇଥାଏ। ଆଶ୍ଚର୍ଯ୍ୟର କଥା, ଯେତେବେଳେ ଏହି ଜୀବ ଉଦ୍ଭିଦକୁ ଖାଏ ସେତେବେଳେ ଉଦ୍ଭିଦରେ ରହିଥିବା କ୍ଲୋରୋଫିଲ କଣିକା ତା' ପାକସ୍ଥଳୀରେ ସକ୍ରିୟ ଅବସ୍ଥାରେ ରହିଥାଏ ଓ ତାହା ସୂର୍ଯ୍ୟାଲୋକରୁ ଆଲୋକ ସଂଶ୍ଳେଷଣ କ୍ରିୟାରେ ଶକ୍ତି ସଂଗ୍ରହ କରିପାରେ। ଏହି ଆଲୋକ ସଂଶ୍ଳେଷଣ ପ୍ରକ୍ରିୟା ମେସୋଡିନିୟମ୍ ବହୁରୂପୀକୁ ଉଦ୍ଭିଦରେ ପରିଣତ କରିଦିଏ। କିଛି ସମୟ ପରେ ଉଦ୍ଭିଦକୁ ହଜମ କରି ସାରିବା ପରେ ତାହା ପୁଣି ପ୍ରାଣୀ ହୋଇଯାଏ। ତା' ପରେ ପୁଣି ଖାଦ୍ୟ ପାଇଁ ନୂଆ ଉଦ୍ଭିଦ ଅନ୍ୱେଷଣରେ ବାହାରିଯାଏ।

ସି ସ୍ଲଗ୍ ଏଲିସିୟା କ୍ଲୋରୋଟିକା ଆଉ ଏକ ପ୍ରକାର ଅଦ୍ଭୁତ ଜୀବ। ପତ୍ର ସଦୃଶ ଏହି ଜୀବ ସମୁଦ୍ର ପୃଷ୍ଠରେ ଗୁରୁଣ୍ଡି ଗୁରୁଣ୍ଡି ଯିବା ଭଳି ଲାଗେ। ଏହା ଶୈବାଳରୁ କ୍ଲୋରୋପ୍ଲାଷ୍ଟ (ଯେଉଁଥିରେ କ୍ଲୋରୋଫିଲ ଥାଏ)କୁ ତା' ଶରୀରରେ ଥିବା ସୂକ୍ଷ୍ମନଳୀ ମାଧ୍ୟମରେ ଶୋଷିଆଣେ। ଏହାକୁ ମାସ ମାସ ଧରି ନିଜ ଶରାରରେ ରଖି ଉଦ୍ଭିଦ ଭଳି ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ଶକ୍ତି ସଂଗ୍ରହ କରିବାକୁ ସକ୍ଷମ ହୋଇଥାଏ। ପ୍ରାଣୀ ଓ ଉଦ୍ଭିଦର ବର୍ଗୀକରଣ ମଧ୍ୟରେ ଏଭଳି ଅଦ୍ଭୁତ ଜୀବ ଆସିବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟର ବିଷୟ। ୧୯୭୦ ଦଶକ ଯାଏ ବୈଜ୍ଞାନିକମାନେ ଜୀବଜଗତକୁ ପ୍ରାଣୀ ଓ ଉଦ୍ଭିଦ ଏମିତି ଦୁଇଭାଗରେ ବିଭକ୍ତ କରିଥିଲେ। ସେହି ସମୟରୁ ସେମାନେ ଏହି ତାଲିକାରେ କବକ, ସୂକ୍ଷ୍ମ ଏକକୋଷୀ ପ୍ରାଣୀ (ପ୍ରୋଟୋଜୋଆ) ଓ ଶୈବାଳକୁ ମଧ୍ୟ ଯୋଡ଼ିଥିଲେ।

କେବଳ ସେତିକି ନୁହେଁ ଜୀବଙ୍କ ଭିତରେ ପୁଣି ଏମିତି ଜୀବ ଅଛନ୍ତି, ଯେଉଁମାନେ ମାଈ ବା ଅଣ୍ଡିରା (ଏକଲିଙ୍ଗୀ), ମାଈ ଓ ଅଣ୍ଡିରା (ଉଭୟଲିଙ୍ଗୀ), ଅଣ୍ଡିରା ହୋଇ ପରେ ମାଈ ହୋଇପାରନ୍ତି ଏବଂ ମାଈ ହୋଇ ପରେ ଅଣ୍ଡିରା ହୋଇପାରନ୍ତି କିମ୍ବା ଉଭୟଲିଙ୍ଗୀ ହୋଇ ଆତ୍ମନିଷେଚନ ପଦ୍ଧତିରେ ବଂଶବିସ୍ତାର କରିପାରନ୍ତି। ଏଭଳି ଜଟିଳତା ଭିତରେ ଜୀବଙ୍କର ଏଭଳି କିସମ ବି ରହିଛି ଯିଏ ନା ପ୍ରାଣୀ ନା ଉଦ୍ଭିଦ କିମ୍ବା ଉଭୟ ପ୍ରାଣୀ ଓ ଉଦ୍ଭିଦ। ପୁଣି କେତେକ ଜୀବ ଅଛନ୍ତି ଯେଉଁମାନେ ଦେଖିବାକୁ ପୂରା ଉଦ୍ଭିଦ ଭଳି, କିଛି ଉଦ୍ଭିଦ ବି ଅଛନ୍ତି ଯାହା ପ୍ରାଣୀ ଭଳି ଦେଖାଯାଆନ୍ତି। ଉଦ୍ଭିଦରୁ ପ୍ରାଣୀ ଓ ପ୍ରାଣୀରୁ ଉଦ୍ଭିଦ ଭଳି ଶାରୀରିକ ଗଠନକୁ ବଦଳାଇ ପାରୁଥିବା ଜୀବ ବି ଦେଖାଯାଆନ୍ତି। ଉଭୟ ପ୍ରାଣୀ ଓ ଉଦ୍ଭିଦର ଗୁଣ ବହନ କରୁଥିବା ଜୀବ ବି ଅଛନ୍ତି। ବାସ୍ତବରେ କହିବାକୁ ଗଲେ ଏପରି କୌଣସି କମ୍ବିନେଶନ (ସଂଯୋଜନ) ନାହିଁ, ଯେଉଁ ବିଷୟରେ ପ୍ରକୃତି ଚିନ୍ତା କରିନାହିଁ।

ଏଥର ଆସିବା ଆଉ ଏକ ପ୍ରଜାତିର ଜୀବ ପାଖକୁ। ନାମ ସି' ଲିଲି ବା ସମୁଦ୍ର କଇଁ। ପୂରା ଅଜବ ଧରଣର ଏହି ପ୍ରାଣୀ। ଏହା ଦେଖିବାକୁ ଉଦ୍ଭିଦ ଭଳି କିନ୍ତୁ ପ୍ରାଣୀଟିଏ। ଏହାର ଶରୀର କେଶାକୃତି କର୍ଷିକାରେ ଆଚ୍ଛାଦିତ। ଗୋଲାକାର ଶରୀରରେ ମୁହଁ, ଅନ୍ତଃନଳୀ ତଥା ମୁହଁ ପାଖରେ ଏକ ମଳଦ୍ୱାର ବି ରହିଛି। ଏକ ବୃନ୍ତ ସାହାଯ୍ୟରେ ଏମାନେ ସମୁଦ୍ରର ତଳଦେଶରେ ଲାଗି ରହିଥାନ୍ତି। ଏମାନେ ଅତି ସୂକ୍ଷ୍ମ ଉଦ୍ଭିଦ ଓ ପ୍ରାଣୀଙ୍କୁ ଖାଇଥାନ୍ତି।

ଆଉ ଏକ ପ୍ରଜାତିର ଜୀବ ଦେଖିବାକୁ ଫୁଲ ଭଳି, କିନ୍ତୁ ତାହା ଫୁଲ ନୁହେଁ। ରଙ୍ଗିନ ସି' ଆନେମନି ଫୁଲ ଭଳି ଦେଖାଯାଉଥିଲେ ବି ଏହା ସମୁଦ୍ର ପୃଷ୍ଠରେ ଥିବା ଶିଳା କିମ୍ବା ପ୍ରବାଳପ୍ରାଚୀର ଉପରେ ଲାଗି ରହେ। ତା' ପାଖଦେଇ ମାଛ ଯିବା ଯାଏ ଅପେକ୍ଷାରେ ରହେ। ଯେମିତି ମାଛ ତା 'ପାଖକୁ ଆସେ ବିଷାକ୍ତ ତନ୍ତୁଥିବା କର୍ଷିକାରେ ଶିକାର କରେ। ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରଜାତିର ଆନେମନି ଅଛନ୍ତି। ଏମାନେ ପ୍ରାଣୀ କିନ୍ତୁ ଉଦ୍ଭିଦ ଭଳି ଦେଖାଯାଉଥିବାରୁ ଗୋଟିଏ ବର୍ଗର ଫୁଲର ନାମାନୁସାରେ ତା'ର ନାମକରଣ କରାଯାଇଛି। ଏମାନେ ନାଇଡେରିୟନ ନାମକ ପ୍ରାଣୀ ବର୍ଗରେ ଅନ୍ତର୍ଭୁକ୍ତ ଯେଉଁ ବର୍ଗରେ ଜେଲି ଫିଶ୍ ବି ରହିଛି। ମଜାର କଥା ଏମାନଙ୍କ ସ୍ନାୟୁ ବ୍ୟବସ୍ଥାରେ ଥିବା କେତେକ ଉପାଦାନ ମଣିଷଙ୍କ ପରି। ସିଲିଣ୍ଡର ଆକୃତିର ଶରୀରକୁ ସ୍ପର୍ଶ କରିବା କ୍ଷଣି ତା' ଶରୀର ମଝିରେ ଥିବା ମୁହଁ ପାଖରୁ ଅସଂଖ୍ୟ କର୍ଷିକା ବାହାରି କୀଟ ଶରୀରରେ ଏକପ୍ରକାର ନ୍ୟୁରୋଟକ୍ସିନ ଇଞ୍ଜେକ୍ଟ କରି ତାକୁ ଅଚଳ କରିଦିଏ। ତା'ପରେ କର୍ଷିକା ସାହାଯ୍ୟରେ ପାଟିକୁ ନେଇ ଖାଇଥାଏ। କିନ୍ତୁ ସେମାନେ ବଞ୍ଚିବା ପାଇଁ ଅମ୍ଳଜାନ ଓ ଶର୍କରା ସବୁଜ ଶୈବାଳରୁ ସଂଗ୍ରହ କରିଥାନ୍ତି। ଆଉ ଏକ ନାଇଡେରିୟନ ଅଛି ଯାହାକୁ କୁହାଯାଏ ଭେନସ୍ ଫ୍ଲାଏଟ୍ରାପ୍ ସି' ଆନେମନି। ଏହା ଠିକ୍ ଭେନସ୍ ଫ୍ଲାଏଟ୍ରାପ୍ ଉଦ୍ଭିଦ ଭଳି ଯାହା କୀଟ ଶିକାର କରି ଖାଏ। ଏହା ମାଂସାଶୀ ଉଦ୍ଭିଦ ପରି ଦେଖାଯାଉଥିବା ଏକ ପ୍ରାଣୀ। ଅପରପକ୍ଷେ ଭେନସ୍ ଫ୍ଲାଏଟ୍ରାପ୍ ଏକ ଉଦ୍ଭିଦ ହେଲେ ମଧ୍ୟ ଅନ୍ୟ ପ୍ରାଣୀଙ୍କୁ ଖାଇ ବଞ୍ଚେ ଏବଂ ଏହାର କେତେକ ଅଙ୍ଗ ତା'ର ଶିକାର କୀଟଠାରୁ ବି ଅଧିକ ବେଗରେ ଗତିକରେ।

ପ୍ରବାଳର ଗତି ନ ଥିଲେ ବି ତାହା ଉଦ୍ଭିଦ ନୁହେଁ, ପ୍ରାଣୀ। ଶାମୁକା, ସ୍ପଞ୍ଜ ଓ ବର୍ନାକ୍‌ଲ ପ୍ରଭୃତି ଏହି ପ୍ରଜାତିର ପ୍ରାଣୀ। ସି'ୱିଡ୍‌ସ ବା ସାମୁଦ୍ରିକ ଶୈବାଳ ବି ଉଦ୍ଭିଦ ନୁହେଁ। ଏମାନଙ୍କୁ ପ୍ରୋଟିଷ୍ଟ କୁହାଯାଏ। ଏମାନେ ଯେଉଁ ପ୍ରାଣୀବର୍ଗରେ ଅନ୍ତର୍ଭୁକ୍ତ, ତା' ଭିତରେ ପ୍ରୋଟୋଜୋଆ, ବୀଜାଣୁ, ଏକକୋଷୀ ଶୈବାଳ ଓ କବକ ପ୍ରଭୃତି ଅଛନ୍ତି। ପ୍ରୋଟିଷ୍ଟମାନେ ପ୍ରାଣୀଙ୍କ ଭଳି ବ୍ୟବହାର ପ୍ରଦର୍ଶନ କରି ଅନ୍ୟ ଜୀବଙ୍କୁ ଖାନ୍ତି ଏବଂ ଉଦ୍ଭିଦ ଭଳି ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାକୁ ବି ଆପଣାଇଥାନ୍ତି।

ଛତୁ ଅନେକ ପ୍ରକାରର ଅଛି। ଏହା ଉଦ୍ଭିଦ ନୁହେଁ, ଏକ ପ୍ରକାର କବକ। ଛତୁ ଉଦ୍ଭିଦ ଭଳି ଗୋଟିଏ ଜାଗାରେ ବଢୁଥିଲେ ବି ଏହା ଆଲୋକ ସଂଶ୍ଳେଷଣ କରିପାରେ ନାହିଁ। ଏହା ଶକ୍ତିପାଇଁ ଅନ୍ୟ ଜୀବ ଉପରେ ନିର୍ଭର କରେ ଓ ଜୀବକୁ ଶିକାର କରିବା ବଦଳରେ ତା' ଉପରେ ବଢେ। ମାଟି, ଗଛ, ଜୀବର ପଚା ଶରୀରରେ ଏହା ବଢେ। ପନିପରିବା ବଦଳରେ ଆମେ ଛତୁ ଖାଇବା ଅର୍ଥ ମାଂସ ଖାଇବା ସହ ସମାନ ବୋଲି କହିପାରିବା।

ପାଣିରେ ଶୈବାଳ ଭଲ ବଢେ। ଏହା ଉଦ୍ଭିଦ ଭଳି ଦେଖାଯାଉଥିଲେ ବି ଉଦ୍ଭିଦ ନୁହେଁ, ଏହା ଏକକୋଷୀ ପ୍ରାଣୀ। ନୋରି ଏକ ସାମୁଦ୍ରିକ ଶୈବାଳ ଯାହାକୁ ଆୟର୍ଲାଣ୍ଡ ଓ ଆଇସ୍‌ଲାଣ୍ଡରେ ସ୍ନାକ୍ସ ଭାବେ ବ୍ୟବହାର କରାଯାଏ। ତାହା ଘୁଷୁରି ମାଂସ ଭଳି ଲାଗେ ବୋଲି ଅନେକେ ଦାବି କରନ୍ତି। ଏସୀୟ ଖାଦ୍ୟରେ ବି କେଲପ ବା ସାମୁଦ୍ରିକ ଶୈବାଳକୁ ଖାଦ୍ୟ ଭାବେ ବ୍ୟବହାର କରାଯାଏ ଯାହାର ଉଦ୍ଭିଦ ସହ କୌଣସି ସମ୍ପର୍କ ନାହିଁ। ଏହା ଟିସୁ ମାଧ୍ୟମରେ ପୋଷକ ସଂଗ୍ରହ କରେ। ଏହା ଉଭୟ ଲିଙ୍ଗୀୟ ଓ ଅଲିଙ୍ଗୀ ଜନନ ପ୍ରଣାଳୀରେ ବଂଶବୃଦ୍ଧି କରିପାରେ।

ୟୁଗ୍ଲେନା ପ୍ରାଣୀ, ଉଦ୍ଭିଦ କି କବକ ନୁହେଁ। ଏହି ମଧୁରଜଳ ଜୀବଟିର ଲାଞ୍ଜ ଓ ଏକ ଆଖି ଭଳି ଚିହ୍ନ ରହିଛି। ଏହା ଲାଲ କିମ୍ବା ନୀଳରଙ୍ଗରେ ସ୍ଥିର ପାଣି ଉପରେ ବଢିଥାଏ। ଆଲୋକ ପାଇଲେ ଆଲୋକ ସଂଶ୍ଳେଷଣ ମାଧ୍ୟମରେ ଶକ୍ତି ସଂଗ୍ରହ କରିପାରେ। ଏଣୁ ଏହା ଉଦ୍ଭିଦ। ଯେତେବେଳେ ସୂର୍ଯ୍ୟାଲୋକ ନ ପାଏ ସେତେବେଳେ ପ୍ରାଣୀ ଭଳି ଏହା ଗତି କରି ଖାଦ୍ୟ ସଂଗ୍ରହ କରେ। ଏହାର ଆଖିକୁ ଆମ ଆଖି ସହ ତୁଳନା କରାଯାଇପାରେ ଓ ଆମ ଆଖି ଭଳି ଆଲୋକ ପ୍ରତି ସମ୍ବେଦନଶୀଳ। ଏହାକୁ ଏବେ ସୁଦ୍ଧା ବୈଜ୍ଞାନିକମାନେ କୌଣସି ଶ୍ରେଣୀରେ ଅନ୍ତର୍ଭୁକ୍ତ କରିନାହାନ୍ତି।

ଆମେ ବହୁ ପୂର୍ବରୁ ଗଛର ରହସ୍ୟ ସମ୍ବନ୍ଧରେ ଜାଣିଥିଲୁ ଯେ, ଗଛ ଶୁଣିପାରେ, ଭାବାବେଗ ବି ଅଛି, ନକାରାତ୍ମକ ଭାବର ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରିପାରେ। ତେବେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ଆମେ ଅନୁଭବ କରିପାରିବା ଯେ ସେମାନେ ବି ଆମ ଭଳି ପ୍ରାଣୀ ଯେଉଁମାନେ ବିଭିନ୍ନ ପ୍ରକାରେ ବଞ୍ଚୁଛନ୍ତି। ବୈଜ୍ଞାନିକମାନେ ଗବେଷଣାରେ ମଧ୍ୟ ବହୁ ଆଗକୁ ଯାଇଛନ୍ତି ଓ ଶେଷରେ ସେମାନେ ପାଇବେ– ସବୁ ଜୀବ ସମାନ।

Email: gandhim@nic.in

# ବିଜ୍ଞାନ ପାଇଁ ପଦଯାତ୍ରା



କମଳାକାନ୍ତ ଜେନା

ପ୍ରକୃତି ଓ ପରିବେଶରୁ ବିଜ୍ଞାନର ଜନ୍ମ। ପ୍ରକୃତିରେ ଘଟୁଥିବା ଘଟଣାଗୁଡ଼ିକୁ ବୁଝିବା, ତା' ପଛର କାରଣକୁ ଖୋଜିବା ଏବଂ ସେହି ଜ୍ଞାନକୁ ପ୍ରୟୋଗକରି ନୂଆ ନୂଆ ଜିନିଷ ତିଆରି କରିବା ହେଉଛି ଆମର ବୈଜ୍ଞାନିକ ଗବେଷଣା। ଅନ୍ତର୍ଜାତୀୟ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଭାରତର ସ୍ୱତନ୍ତ୍ର ଆସନ ରହିଛି। ଅତୀତରେ ସାରା ପୃଥିବୀରେ କଳା, ସାହିତ୍ୟ, ସଙ୍ଗୀତ, ଗଣିତ, ମହାକାଶ ବିଜ୍ଞାନ ଓ ଚିକିତ୍ସା କ୍ଷେତ୍ରରେ ଭାରତର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସାଂଖ୍ୟ ଓ ମୀମାଂସା ଭଳି ଭାରତୀୟ ମୌଳିକ ଚିନ୍ତାଧାରା ଅନ୍ତର୍ଜାତୀୟ ଦର୍ଶନଶାସ୍ତ୍ର କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ଆସନ ବଜାୟ ରଖିଛି। ଯଦି ଆମ ଦେଶର ଗଣିତଶାସ୍ତ୍ର ପ୍ରସଙ୍ଗକୁ ଯିବା, ତେବେ ଆମେ ସମସ୍ତେ ଜାଣିଛୁ କେମିତି କାଳଜୟୀ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ପୃଥିବୀବାସୀଙ୍କୁ କହିଥିଲେ, ଆମେ ଭାରତୀୟଙ୍କ ନିକଟରେ ଋଣୀ ରହିବୁ, କାରଣ ସେମାନେ ଆମକୁ ଗଣିବା ଶିଖେଇଛନ୍ତି। ଏମିତି ଭାରତୀୟ ସଂସ୍କୃତିରେ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନର ମୌଳିକ କାର୍ଯ୍ୟକଳାପ ସମ୍ପର୍କିତ ଅନେକ ଉଦାହରଣ ରହିଛି, ଯାହା ପାଇଁ ଆମେ ନିଜକୁ ଗୋଟିଏ ବିଜ୍ଞାନ ଦେଶର ନାଗରିକ ବୋଲି ଗର୍ବ କରିପାରିବା। ପୃଥିବୀବାସୀଙ୍କ ଆଖିରେ ଆମର ଦେଶ ହେଉଛି ବିଜ୍ଞାନର ପୂଜାରୀ ଓ ଆମେ ବୈଜ୍ଞାନିକ ଚିନ୍ତାଧାରା ଦ୍ୱାରା ସମ୍ପୂର୍ଣ୍ଣ ଅନୁପ୍ରାଣିତ।

କିନ୍ତୁ ଅସଲ ଚିତ୍ର ଭିନ୍ନ। ଦୁଃଖର ବିଷୟ, ଆମ ଦେଶରେ ବିଜ୍ଞାନକୁ ଅଗ୍ରାଧିକାର ଦିଆଯାଉନାହିଁ। ଆମ ସମାଜରେ ଅନ୍ଧବିଶ୍ୱାସ ବଞ୍ଚିରହିଛି। ବିଜ୍ଞାନର ସାହାଯ୍ୟ ନେଇ କେତେକ ଭଣ୍ଡ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ପଇସା, ପବନ ବା ଫଟୋରୁ ବିଭୂତି ସୃଷ୍ଟି କରିବା, ଯଜ୍ଞକୁଣ୍ଡରେ ମନକୁ ମନ ଅଗ୍ନି ସଂଯୋଗ ହେବା, ଜଳକୁ ମହୁରେ ପରିଣତ କରିବା, ଶୋଇଥିବା ମଣିଷକୁ ଶୂନ୍ୟକୁ ଉଠେଇବା, ଜିଭକୁ କଣାକରି ତ୍ରିଶୂଳ ପୂରେଇବା, ନିଆଁ ଉପରେ ଚାଲିବା– ଏମିତି ଅନେକ ଚମତ୍କାରିତା ଦେଖେଇ ଭଣ୍ଡମାନେ ଲୋକଙ୍କର ବିଶ୍ୱାସଭାଜନ ହେଉଛନ୍ତି। ସେମାନଙ୍କୁ ଶୋଷଣ କରୁଛନ୍ତି। କିନ୍ତୁ ବିଜ୍ଞାନ ବଳରେ ଏସବୁ ଚମତ୍କାରିତା ସମ୍ଭବ ହୋଇଥାଏ ବୋଲି ସାଧାରଣ ଲୋକ ବୁଝି ପାରୁନାହାନ୍ତି। ଅନ୍ଧବିଶ୍ୱାସୀଙ୍କର ଆଖି ଖୋଲିବା ସକାଶେ କ'ଣ କୌଣସି ଯୋଜନା ନାହିଁ ନା ଆମର ଆନ୍ତରିକ ଇଚ୍ଛା ନାହିଁ? ଆମ ସମ୍ବିଧାନରେ ବିଜ୍ଞାନକୁ ଅଗ୍ରାଧିକାର ଦେବା ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଆଇନ ରହିଛି। ଯଦି ସବୁ ରହିଛି, ତେବେ ବିଜ୍ଞାନ ସମସ୍ତଙ୍କ ପାଖରେ ପହଞ୍ଚିପାରୁନି କାହିଁକି?

ବିଜ୍ଞାନ ଆମର ଉନ୍ନତି କରୁଛି। ଆମେ ଯଦି ବିଜ୍ଞାନର ଉନ୍ନତି ପାଇଁ ଚିନ୍ତା ନ କରିବା, ତେବେ ଆଜିର ବିଜ୍ଞାନ ଧୀରେ ଧୀରେ ଦୁର୍ବଳ ହୋଇପଡ଼ିବ। ନୂତନ ମୌଳିକ ଉଦ୍ଭାବନ ପାଇଁ ଆମର ସହାୟତା କରିପାରିବ ନାହିଁ। ବିଜ୍ଞାନର ଅଗ୍ରଗତି ହେଲେ ଯାଇ ଆମର ଅଗ୍ରଗତି ହୋଇପାରିବ। କିନ୍ତୁ ଆମ ଦେଶରେ ୧୦,୦୦୦ କୋଟି ଟଙ୍କାର ଦୁର୍ନୀତି ହେଇପାରିବ, ଦୀପାବଳିରେ ୧୦,୦୦୦ କୋଟି ଟଙ୍କାର ବାଣ ପୋଡ଼ାଯାଇ ପାରିବ, ହେଲେ ୧୦୦୦ କୋଟି ଟଙ୍କାର ଚନ୍ଦ୍ରୟାନ କାର୍ଯ୍ୟକ୍ରମକୁ ଲୋକେ ବିରୋଧ କରିବେ। ନିର୍ବାଚନରେ ଲୋକଙ୍କୁ ସୁଖସୁବିଧାରେ ପୋତି ପକେଇବାର ପ୍ରତିଶ୍ରୁତି ଦିଆଯାଏ। କିନ୍ତୁ ପରିବେଶକୁ ସୁସ୍ଥ ରଖିବା ଓ ବିଜ୍ଞାନ ଗବେଷଣାକୁ ବଳିଷ୍ଠ କରିବା ପାଇଁ କେହି ପଦଟିଏ କହନ୍ତି ନାହିଁ। ବିକଶିତ ଦେଶଗୁଡ଼ିକରେ ଗବେଷଣା ଓ ଶିକ୍ଷା ସକାଶେ ଯେତେ ପ୍ରତିଶତ ଖର୍ଚ୍ଚ ହୁଏ, ଆମର ତା'ର ଅଧାରୁ କମ୍। ତେବେ କୁହନ୍ତୁ, ବିଜ୍ଞାନର ଅଗ୍ରଗତି ହେବ କେମିତି?

ଆମ ଦେଶ ଗରିବ ବୋଲି ଅନେକ ଶିକ୍ଷା ଓ ସ୍ୱାସ୍ଥ୍ୟ ଯୋଜନା ହାତକୁ ନିଆଯାଏ ନାହିଁ। କିନ୍ତୁ ଆମେ ଭୁଲିଯାଉ, ଏଇ ମାଟିର ଗରିବ ବାପଟିଏ ପେଟରୁ କାଟି ପୁଅକୁ ପାଠ ପଢ଼ାଇପାରେ, ପୁଅର ଜୀବନ ବଞ୍ଚାଇପାରେ। ତେଣୁ ଆମେ ଅନ୍ୟ ଖର୍ଚ୍ଚରୁ କାଟି ଦେଶକୁ ଶିକ୍ଷିତ କରିପାରିବା ଓ ଗବେଷଣାକୁ ବଳିଷ୍ଠ କରିପାରିବା। ଆମର ସବୁ କାମରେ ବୈଜ୍ଞାନିକ ଦୃଷ୍ଟିକୋଣକୁ ପ୍ରାଧାନ୍ୟ ଦେଇପାରିବା। ତା' ସହିତ ଗାଁ ଗହଳିରେ ବିଜ୍ଞାନକୁ ଲୋକପ୍ରିୟ କରିବା ଓ ଲୋକଙ୍କ ହୃଦୟରେ ବିଜ୍ଞାନ ପ୍ରତି ବିଶ୍ୱାସ ସୃଷ୍ଟି କରିବା ସକାଶେ ସରକାରୀ ଅନୁଦାନ ଓ ପ୍ରୋତ୍ସାହନ ବୃଦ୍ଧି ପାଇବା ଜରୁରୀ। ଦେଶର ନିରନ୍ତର ଉନ୍ନତି ସକାଶେ କେନ୍ଦ୍ର ନିଜ ବଜେଟର ୧୦ ପ୍ରତିଶତ ଓ ରାଜ୍ୟ ୩୦ ପ୍ରତିଶତ ଶିକ୍ଷାର ଉନ୍ନତି ପାଇଁ ଖର୍ଚ୍ଚ କଲେ କ'ଣ ଅସୁବିଧା ହେବ? ଦେଶର ଉତ୍ପାଦନ ଓ ସେବାମୂଲ୍ୟର ୩ ପ୍ରତିଶତ ବିଜ୍ଞାନ ଗବେଷଣା ପାଇଁ ରହିଲେ କ'ଣ ଅସୁବିଧା ହେବ? କେବଳ ସେତିକି ନୁହେଁ, ଲୋକଙ୍କ ପାଇଁ ଘୋଷଣା କରାଯାଉଥିବା ସମସ୍ତ ଯୋଜନା ବିଜ୍ଞାନସମ୍ମତ ହେବା ଜରୁରୀ। ନ ହେଲେ ବୈଜ୍ଞାନିକ ସଂସ୍କୃତିର ସ୍ଥାପନା ସମ୍ଭବ ନୁହେଁ। ଏହି ପରିପ୍ରେକ୍ଷୀରେ ଗତ ଦୁଇ ବର୍ଷ (୯ ଅଗଷ୍ଟ ୨୦୧୭ ଓ ୧୪ ଏପ୍ରିଲ ୨୦୧୮) ଧରି ବୈଜ୍ଞାନିକ, ଗବେଷକ, ଛାତ୍ରସମାଜ, ବିଜ୍ଞାନ ଲେଖକ ଓ ସାଧାରଣ ଲୋକଙ୍କୁ ନେଇ ପଦଯାତ୍ରାର ଆୟୋଜନ କରାଯାଉଛି। ଏ ବର୍ଷ ମଧ୍ୟ ଅଗଷ୍ଟ ୯ ତାରିଖରେ ଓଡ଼ିଶା ସମେତ ଭାରତର ପ୍ରାୟ ସବୁ ସହରରେ ବିଜ୍ଞାନ ପାଇଁ ପଦଯାତ୍ରା (ମାର୍ଚ୍ଚ ଫର୍ ସାଇନ୍ସ) ଆୟୋଜନ କରାଯାଇଛି। ଲକ୍ଷ୍ୟ ରହିଛି ସାରା ଦେଶରେ ବୈଜ୍ଞାନିକ ବାତାବରଣ ସୃଷ୍ଟି କରିବା। ପ୍ରକୃତରେ ଏହାର ସଫଳତାର ଚାବିକାଠି ରହିଛି ସାଧାରଣ ଜନତାଙ୍କ ହାତରେ। ସେମାନେ ଇଚ୍ଛା କଲେ ବିଜ୍ଞାନର ଅଗ୍ରଗତି ଓ ଦେଶର ଉନ୍ନତି ହୋଇପାରିବ।

ଭଦ୍ରକ, ମୋ–୯୪୩୯୫୦୧୬୫୧

## ଏଇ ଭାରତରେ

ଆଧୁନିକ ଯୁଗରେ ଅନ୍ଧବିଶ୍ୱାସକୁ ପଛରେ ପକାଇ ବିଜ୍ଞାନ ବହୁତ ଆଗକୁ ଯାଇପାରିଛି। ତଥାପି ଲୋକମାନେ ଅନ୍ଧବିଶ୍ୱାସ ଉପରେ ଭରସା ରଖୁଛନ୍ତି। ଏମିତି ଏକ ଅନ୍ଧବିଶ୍ୱାସଭିତ୍ତିକ ନାଗ ଅଦାଲତ ଆୟୋଜନ କରାଯାଉଛି ମଧ୍ୟପ୍ରଦେଶର ରାୟସେନ ତହସିଲ ଅନ୍ତର୍ଗତ ସିହୋରା ଖୁର୍ଦ୍ଦରେ। ତହସିଲ ମୁଖ୍ୟାଳୟ ଗୈରତଗଞ୍ଜଠାରୁ ୧୦ କିଲୋମିଟର ଦୂରରେ ଥିବା ଏହି ଗାଁ ଶ୍ରୀ ହନୁମାନ ଓ ଶ୍ରୀ ଶିବଙ୍କ ସିଦ୍ଧସ୍ଥାନ ଭାବେ ଖ୍ୟାତିଲାଭ କରିଛି। ଏହି ଗାଁ ମଝିରେ ଏକ ନାଗମଣ୍ଡପ ରହିଛି। ସେହି ମଣ୍ଡପରେ ନାଗପଞ୍ଚମୀ ଦିନ ପ୍ରତିବର୍ଷ ଆୟୋଜିତ ନାଗ ଅଦାଲତ ଉପରେ ଲୋକମାନଙ୍କର ବିଶ୍ୱାସ ରହିଛି। ବର୍ଷକ ଭିତରେ ଯେଉଁମାନଙ୍କୁ ସାପ କାମୁଡେ ସେମାନେ ସିହୋରାର ସିଦ୍ଧକ୍ଷେତ୍ରରେ ପହଞ୍ଚି ସେଠାକାର ପୂଜକଙ୍କଠାରୁ ସୂତା ବାନ୍ଧନ୍ତି। ଏହାଦ୍ୱାରା ବିଷଜ୍ୱାଳାରୁ ମୁକ୍ତି ବି ପାଆନ୍ତି ବୋଲି ସେମାନେ ବିଶ୍ୱାସ କରନ୍ତି। ସର୍ପଦଂଶନରେ ପୀଡିତ ବ୍ୟକ୍ତିମାନେ ନାଗ ଅଦାଲତରେ ହିଁ ଭାଗ ନେଇଥାନ୍ତି। ବାରମ୍ବାର ସର୍ପ ଦଂଶନର ଶିକାର ହୋଇଥିବା ବ୍ୟକ୍ତିଙ୍କ ଶରୀରରେ ନାଗ ଦେବତାଙ୍କୁ ପୂଜକ ପ୍ରବେଶ କରାଇବା ପରେ ପୀଡିତଙ୍କୁ ଦଂଶନର କାରଣ ସମ୍ପର୍କରେ କହିଥାନ୍ତି। କେବଳ ଏତିକି ନୁହେଁ, ଶରୀରରେ ପ୍ରବେଶ କରିଥିବା ନାଗ ଭବିଷ୍ୟତରେ ଆଉ କାହାକୁ ଦଂଶନ କରି କଷ୍ଟ ନ ଦେବାକୁ ପ୍ରତିଜ୍ଞା ମଧ୍ୟ କରିଥାନ୍ତି।

## ଚିରନ୍ତନୀ

ଚପଳ ଡୋଳା ହୁଅଇ ଥିର
ନ ଜାଗେ ତହିଁ ଜଳ
ରକତହୀନ ଅଧରୁ ଝାସେ ହାସ
ନୀରବି ଯାଏ ଜୀବନମୟ
ବିପୁଳ କୋଳାହଳ।
ଆସଇ ଘୋଟି ଅସୀମ ଅବକାଶ !

(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 9 | | | C | 0 | 5 | | | | | |
| | | | E | 2 | | | | | | 3 | | 1 | 5 | B |
| | E | D | | | | | | | | 6 | | | | |
| 7 | | | | | 0 | | 3 | | | | 1 | | | |
| | 9 | | | | B | 2 | 5 | | 8 | | C | A | | |
| | 3 | | | | | | | | | C | | 7 | | |
| 8 | 0 | C | | | | | | | | A | | 9 | 4 | 6 |
| | | | A | | 3 | | | | | | | | 2 | |
| A | 6 | 4 | | | 2 | | | D | | B | 9 | 0 | | |
| | | | 8 | | | | 4 | | 6 | 5 | | D | | 1 |
| 2 | 4 | A | | | | | | | | | | | 1 | C |
| | | | 1 | | | | | | | | | 2 | D | 0 |
| 0 | D | 3 | | | | | | | | | B | | A | E |
| | | 1 | | | | B | | 8 | E | | | 6 | | 5 |
| | | | 3 | | | 9 | A | C | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 2 | 4 | 3 | A | C | 6 | 5 | B | 0 | D | 1 | 7 | E |
| D | 6 | E | 7 | 2 | B | 9 | 1 | 0 | A | 3 | C | 8 | 4 | 5 |
| B | A | 1 | 8 | 5 | C | 3 | 4 | E | 7 | 6 | 2 | 0 | D | 9 |
| 0 | C | 5 | 6 | D | 9 | 2 | 8 | 7 | 4 | 1 | E | 3 | B | A |
| 3 | 4 | 7 | 0 | E | 1 | D | B | A | 8 | 5 | 9 | 2 | C | 6 |
| 1 | 9 | 6 | E | 0 | D | 4 | 3 | 8 | C | 2 | B | 5 | A | 7 |
| 5 | 7 | 0 | A | B | 2 | E | C | D | 3 | 4 | 8 | 9 | 6 | 1 |
| C | D | 4 | 9 | 6 | 3 | 5 | 2 | 1 | 0 | A | 7 | B | E | 8 |
| A | 2 | 8 | 1 | 4 | 7 | 6 | 0 | B | 9 | E | 5 | C | 3 | D |
| E | 3 | B | 5 | C | 8 | 7 | A | 9 | 1 | D | 6 | 4 | 0 | 2 |
| 7 | 0 | 9 | 2 | 1 | 6 | A | D | C | 5 | B | 3 | E | 8 | 4 |
| 8 | 5 | C | 3 | A | 4 | 0 | E | 2 | 6 | 7 | 1 | D | 9 | B |
| 4 | 1 | A | B | 9 | E | 8 | 5 | 6 | D | C | 0 | 7 | 2 | 3 |
| 2 | B | 3 | D | 7 | 0 | 1 | 9 | 4 | E | 8 | A | 6 | 5 | C |
| 6 | E | D | C | 8 | 5 | B | 7 | 3 | 2 | 9 | 4 | A | 1 | 0 |

ଗତକାଲିର ଉତ୍ତର

# ବିକାଶ ଶିଢ଼ିରେ ଚାଷୀ



ବିଚିତ୍ର ବିଶ୍ୱାଳ

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ କହିଥିଲେ, ଖାଦ୍ୟଦ୍ରବ୍ୟ ଆମଦାନି କରିବା ପ୍ରତ୍ୟେକ ଦେଶ ପାଇଁ ଅତ୍ୟନ୍ତ ଲଜ୍ଜାର ବିଷୟ। ସେ ପୁଣି କହିଥିଲେ ଯେ, ଆମ ଦେଶରେ ସବୁକିଛି ଅପେକ୍ଷା କରିପାରେ କିନ୍ତୁ ଚାଷ କେବେ ବି ଅପେକ୍ଷା କରିବା କଥା ନୁହେଁ। ଅର୍ଥାତ୍ ଚାଷ ଓ ଚାଷୀ ସମ୍ବନ୍ଧୀୟ କୌଣସି ବି ନୀତି କ୍ଷେତ୍ରରେ ଶାସନତନ୍ତ୍ରରେ ଟାଳଟୁଳ ନୀତି ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ଆଜି ଯେତେବେଳେ ଆମେ ୭୩ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଛୁ, ଆମେ ଦେଖୁଛୁ ଯେ, କେବଳ ଚାଷକୁ ଛାଡ଼ି ଆମ ଦେଶରେ ଆଉ ସବୁ କିଛି ଆଗେଇ ଯାଇଛି।

ଦେଶର ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଗତ ଦୁଇ ଦଶନ୍ଧି ଧରି କୃଷି କ୍ଷେତ୍ରରୁ ରୋଜଗାର ସନ୍ତୋଷଜନକ ଭାବରେ ବଢ଼ିନାହିଁ। 'ନୀତି ଆୟୋଗ'ର ନିଜସ୍ୱ ଆକଳନ ଅନୁସାରେ ଗତ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ବାସ୍ତବ ଆୟରେ ଅଭିବୃଦ୍ଧି ଶୂନ ପ୍ରତିଶତ ହୋଇଛି। ତା'ର କିଛି ବର୍ଷ ପୂର୍ବରୁ ଅର୍ଥାତ୍ ୨୦୧୧–୧୨ରୁ ୨୦୧୫–୧୬ ମଧ୍ୟରେ କୃଷି କ୍ଷେତ୍ରରେ ବାସ୍ତବ ଆୟର ଅଭିବୃଦ୍ଧି ଏକ ପ୍ରତିଶତର ଅଧା ହାରରେ ବଢ଼ିଥିଲା। ଏହାଠାରୁ ବଳି ଦୁର୍ଭାଗ୍ୟର ବିଷୟ ଆଉ କ'ଣ ଥାଇପାରେ! କୃଷି କ୍ଷେତ୍ରରେ ଆୟର ଅଭିବୃଦ୍ଧି କୋମାରେ କାହିଁକି? କୃଷି କ୍ଷେତ୍ରରେ ରୋଜଗାର ବୃଦ୍ଧି ପାଇଁ ଯାହା ବି ପଦକ୍ଷେପ ନିଆଯାଉଛି, ତାହା କେବଳ ନିରର୍ଥକ ସାବ୍ୟସ୍ତ ହେଉଛି। ଏଥିରେ ନା ଚାଷୀର ଭାଗ୍ୟ ବଦଳୁଛି ନା ଚାଷର। ଉପରୋକ୍ତ ତଥ୍ୟଗୁଡ଼ିକରୁ ଏହା ସ୍ପଷ୍ଟ ହେଉଛି। ୨୦୧୬ ଅର୍ଥନୈତିକ ସର୍ବେକ୍ଷଣର ତଥ୍ୟ ଅନୁସାରେ ଆମ ଦେଶର ୧୭ଟି ରାଜ୍ୟରେ ଚାଷୀମାନଙ୍କର ବାର୍ଷିକ ଆୟ ୧୬,୦୦୦ ଟଙ୍କା। ଅର୍ଥାତ୍ ଦେଶର ଅଧା ଜନସଂଖ୍ୟା ଚାଷରୁ ମାସିକ ମାତ୍ର ୧୭୦୦ ଟଙ୍କା ଆୟ କରୁଛନ୍ତି। ସେଥିରେ ସେମାନେ ତାଙ୍କ ପରିବାର ପ୍ରତିପୋଷଣ କରିବା ପାଇଁ କିପରି ପରସ୍ଥିତିର ସମ୍ମୁଖୀନ ହେଉଥିବେ ତାହା ଅନୁମେୟ। ଏହା ହିଁ ପ୍ରତି ବର୍ଷ ଚାଷରୁ ହଜାର ହଜାର ଲୋକ ବାହାରି ଯାଇ ଦିନ ମଜୁରିଆ ବା ଅନ୍ୟାନ୍ୟ କ୍ଷେତ୍ରରେ ଶ୍ରମିକ ପାଲଟି ଯାଉଥିବାର ପ୍ରମୁଖ କାରଣ। ଚାଷରୁ ଭଲ ଆୟ ନ ହେବାର ମୁଖ୍ୟ କାରଣ ହେଉଛି, ଚାଷୀଙ୍କୁ ଉଚିତ ମୂଲ୍ୟ ନ ମିଳିବା। ଏହାଦ୍ୱାରା ଆମ ଦେଶର ଚାଷୀମାନେ ସାମୂହିକ ଭାବେ ଗତ ପନ୍ଦର ବର୍ଷ ମଧ୍ୟରେ ପ୍ରାୟ ୪୫ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି ବୋଲି ଏକ ଅନୁଧ୍ୟାନରୁ ଜଣାଯାଇଛି। ଯଦି ଚାଷୀମାନେ ଏତେ ପରମାଣରେ କ୍ଷତି ସହିଛନ୍ତି, ତା'ହେଲେ ଏହାର ଲାଭ କିଏ ନେଇଛି? ଏହା ନିଃସନ୍ଦେହ ଯେ, ଏହି ଲାଭ ଯେଉଁମାନେ ଚାଷ କରୁନାହାନ୍ତି, ସରକାରୀ ଚାକିରିଆ, ଶିଳ୍ପପତି, ନେତା, ମନ୍ତ୍ରୀ ଆଦିଙ୍କ ପାଖକୁ ହିଁ ଯାଇଛି।

ଉତ୍ପାଦନ ବୃଦ୍ଧି କରିବା ପାଇଁ ଚାଷୀମାନେ ବର୍ଷ ପରେ ବର୍ଷ କଠିନ ପରିଶ୍ରମ କରିଆସୁଛନ୍ତି ଓ ଆମ ଦେଶରେ ଖାଦ୍ୟଦ୍ରବ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ କରିଛନ୍ତି। କିନ୍ତୁ ଠିକ୍ ସେହି ହିସାବରେ ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ବି ବଢ଼ି ବଢ଼ି ଚାଲୁଛି। ବୃହତ୍ ସ୍ତରରେ ଦେଶର ଅର୍ଥନୀତିରେ ସ୍ଥିରତା ରଖିବା ପାଇଁ, ଖାଦ୍ୟଦ୍ରବ୍ୟର ଦାମ୍‌କୁ ନିୟନ୍ତ୍ରଣରେ ରଖିବା ପାଇଁ, କମ୍ପାନୀଗୁଡ଼ିକୁ କମ୍ ଦାମ୍‌ରେ କଞ୍ଚାମାଲ୍ ଯୋଗାଇବା ପାଇଁ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ୟବସାୟିକ ଚୁକ୍ତି ଆଦି ପାଇଁ ସବୁବେଳେ ଚାଷ ଓ ଚାଷୀକୁ ହିଁ ସଂକଟ ଭିତରକୁ ଠେଲି ଦିଆଯାଉଛି। ପରିଣାମ ସ୍ୱରୂପ ଦେଶର ଅର୍ଥନୀତିରେ ତ ଅଭିବୃଦ୍ଧି ହେଉଛି କିନ୍ତୁ ଗୋଟିଏ ଗୋଷ୍ଠୀ ଅର୍ଥାତ୍ ଚାଷୀମାନେ ସର୍ବସ୍ୱାନ୍ତ ହେଉଛନ୍ତି।

ଆମ ଦେଶର କୃଷିନୀତିରେ ଆମୂଳଚୂଳ ସଂସ୍କାରର ଆବଶ୍ୟକତା ଅଛି। କିନ୍ତୁ ସରକାରଙ୍କ ବିକାଶ ନୀତି କହୁଛି ଯେ, ଲୋକଙ୍କୁ କୃଷି କ୍ଷେତ୍ରରୁ ବାହାର କରି ତାଙ୍କୁ ଅଣକୃଷି କ୍ଷେତ୍ରରେ ବିନିଯୋଗ କରାଯିବା ଉଚିତ। କାରଣ ଏହାଦ୍ୱାରା ସହରରେ ଆବଶ୍ୟକ ହେଉଥିବା ଶ୍ରମଶକ୍ତି କମ୍ ମୂଲ୍ୟରେ ମିଳିପାରିବ। ଶିଳ୍ପ ଓ ଉପଭୋକ୍ତାମାନଙ୍କୁ ସନ୍ତୁଷ୍ଟ ରଖିବା ପାଇଁ ଜାଣି ଜାଣି ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଭାବେ କୃଷି ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ କମ୍ ରଖାଯାଉଛି। ସାରା ଦେଶରେ ଚାଷୀମାନଙ୍କର ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ବର୍ଷକୁ ବର୍ଷ ମାତ୍ର ପଚାଶ ପଇସା, ଷାଠିଏ ପଇସା ହାରରେ ଧାନର କିଲୋ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରାଯାଉଛି। ତେବେ ଏଥିରୁ ଆମେ କ'ଣ ବୁଝିବା ଯେ, ଚାଷୀମାନଙ୍କୁ ଖାଦ୍ୟ ଯୋଗାଇବାର ଦଣ୍ଡ ଭୋଗିବାକୁ ପଡୁଛି! ସରକାରଙ୍କ ଏହି ନୀତିରେ ପରିବର୍ତ୍ତନ ଦରକାର। ନୀତି ନିର୍ଦ୍ଧାରକମାନେ ଚାଷକୁ ଏକ ଅର୍ଥନୈତିକ କାର୍ଯ୍ୟ ଭାବେ ବିଚାର କରି ସେହି ହିସାବରେ କୃଷିନୀତି ପ୍ରସ୍ତୁତ କରିବାକୁ ପଡ଼ିବ। କାରଣ ଆମ ଦେଶରେ କେବଳ ଚାଷ ହିଁ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ସହିତ ଭୟଙ୍କର ବେକାରି ସମସ୍ୟା ଦୂର କରିପାରିବ।

ଚାଷୀମାନଙ୍କର ପ୍ରତ୍ୟକ୍ଷ ରୋଜଗାର ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା'ରେ ଚାଷୀମାନଙ୍କୁ ବାର୍ଷିକ ୬ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ତେଲେଙ୍ଗାନା ସରକାର ମଧ୍ୟ ଚାଷୀମାନଙ୍କ ରୋଜଗାର ବୃଦ୍ଧି ପାଇଁ 'ରୟତବନ୍ଧୁ ଯୋଜନା' ମାଧ୍ୟମରେ ଏକ ଏକର ଜମି ପାଇଁ ୮ ହଜାର ଟଙ୍କା ଯୋଗାଇ ଦେଉଛନ୍ତି। ଓଡ଼ିଶା ସରକାର ମଧ୍ୟ 'କାଳିଆ' ଯୋଜନାରେ ଚାଷୀମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦେଉଛନ୍ତି। ଆହୁରି କେତେକ ରାଜ୍ୟ ସରକାର ବର୍ତ୍ତମାନ ଏହିପରି ଯୋଜନା ବିଷୟରେ ଚିନ୍ତା କରୁଛନ୍ତି। କିନ୍ତୁ କେବଳ ଏତିକି କରିଦେବା ଯଥେଷ୍ଟ ନୁହେଁ। ଚାଷୀମାନଙ୍କୁ ପ୍ରତ୍ୟକ୍ଷ ଆର୍ଥିକ ସହାୟତା ଦେବା ସହିତ ତାଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟକୁ ନିଶ୍ଚିତ କରିବାକୁ ପଡ଼ିବ ଓ ଉତ୍ପାଦନର ସଂରକ୍ଷଣ ପାଇଁ ସ୍ଥାନୀୟ ସ୍ତରରେ ଗୋଦାମ ଘର ଓ ଶୀତଳ ଭଣ୍ଡାର ଆଦି ନିର୍ମାଣ କରିବାକୁ ପଡ଼ିବ। ଏଥିସହିତ ସରକାର ତାଙ୍କ ବିକାଶ ନୀତି ଓ ଆର୍ଥିକ ନୀତିରେ ବି ଚାଷକୁ ଏକ ମୁଖ୍ୟ ଦିଗ ଭାବେ ବିଚାରକରି କୃଷିନୀତି ପ୍ରସ୍ତୁତ କରବାକୁ ପଡ଼ିବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେବା ଉଚିତ

ମହାଶୟ,

ସଂସଦ ବା ବିଧାନସଭା କାର୍ଯ୍ୟ ଚାଲିଥିବା ବେଳେ ସରକାର (ମନ୍ତ୍ରୀ)ଙ୍କୁ ବିରୋଧୀ ଦଳର ସଦସ୍ୟମାନେ ଦେଶ ବା ରାଜ୍ୟର ସ୍ୱାର୍ଥସମ୍ବଳିତ ପ୍ରଶ୍ନମାନ ପଚାରିଥାଆନ୍ତି। କିନ୍ତୁ ପ୍ରାୟ ସମୟରେ ଦେଖାଯାଇଛି ସରକାରୀ ଦଳର ମନ୍ତ୍ରୀମାନେ ସେହିସବୁ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଉ ନ ଥିବାରୁ ବିରୋଧୀମାନେ ନାନା ପ୍ରକାର ହଙ୍ଗାମା କରନ୍ତି। ବିରୋଧୀମାନେ ତାଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର କିପରି ପାଇବେ, ସେଥିପାଇଁ ବାଚସ୍ପତି ତଥା ମନ୍ତ୍ରୀମାନେ ଯତ୍ନବାନ ହେବା ଉଚିତ। ପ୍ରତ୍ୟେକଙ୍କର ଦେଶ ବା ରାଜ୍ୟ ପାଇଁ ଦାୟିତ୍ୱବୋଧ ଅଛି। ପ୍ରତ୍ୟେକେ ମଧ୍ୟ ସେଥିପାଇଁ ଉତ୍ତରଦାୟୀ। ତେଣୁ ବିଭାଗୀୟ ମନ୍ତ୍ରୀମାନେ ଦେଶ ବା ରାଜ୍ୟର ସ୍ୱାର୍ଥସମ୍ବଳିତ ପ୍ରଶ୍ନର ଯଥାଯଥ ଉତ୍ତର ଦେଇ ଅଯଥା ହୋହଲ୍ଲାକୁ ବନ୍ଦ କରନ୍ତୁ। କ୍ଷମତା ପାଇ ବିରୋଧୀଙ୍କୁ ଏଡାଇଯିବା ଗଣତନ୍ତ୍ର ଶାସନର ପରିପନ୍ଥୀ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଭାଇ ପାଲଟୁଛି ଭଗାରି

କଥାରେ ଅଛି– କଳି ଯଦି କରି ବସିବ ସଙ୍ଗେ ଥିବ ଭାଇ। ଗୋଟିଏ ଭାଇ ବିପଦରେ ପଡିଥିଲେ ଅନ୍ୟ ଭାଇଟି ତା'ର ଭୁଲ୍‌ଠିକ୍ ବିଚାର ନ କରି ସାହାଯ୍ୟ କରିବାକୁ ଦଉଡ଼ିଆସେ। ଗୋଟିଏ ମା' ପେଟରୁ ଜନ୍ମିତ ଭାଇମାନେ ପିଲାବେଳୁ ସାଙ୍ଗହୋଇ ଖେଳିବାଠାରୁ ଆରମ୍ଭ କରି ପରସ୍ପର ସହିତ କଳିଝଗଡ଼ା କରୁଥିଲେ ମଧ୍ୟ କିଛି ସମୟ ପରେ ସବୁ ଭୁଲି ପୁଣି ଏକାଠି ହୋଇଯାଆନ୍ତି। ଗୋଟିଏ ଭାଇର ଦୁଃଖସୁଖରେ ଅନ୍ୟ ଭାଇମାନେ ଭାଗୀଦାର ହୁଅନ୍ତି। ପୂର୍ବରୁ ଯୌଥପରିବାରରେ ଭାଇ ଭାଇର ସମ୍ପର୍କ ଖୁବ୍ ନିବିଡ଼ ଥିଲା। ବର୍ତ୍ତମାନ ସେ ଅବସ୍ଥା ଆଉ ନାହିଁ। ଭାଇ ପାଲଟିଛି ଭଗାରି। ଆମ ପରମ୍ପରାରେ ଅଛି, ମା'ବାପା ବଞ୍ଚିଥିବା ପର୍ଯ୍ୟନ୍ତ ପୁଅମାନେ ଭିନ୍ନେ ହୁଅନ୍ତି ନାହିଁ। କିନ୍ତୁ ବର୍ତ୍ତମାନ ସେ ପରମ୍ପରା ଆଉ କେହି ମାନୁ ନାହାନ୍ତି। ବୃଦ୍ଧ ମାତାପିତା ଦୁଃଖରେ କାଳାତିପାତ କରୁଛନ୍ତି କିମ୍ବା ଜରାଶ୍ରମରେ ଆଶ୍ରୟ ନେଉଛନ୍ତି। ଏହା ଭାରତୀୟ ପରମ୍ପରାର ପରିପନ୍ଥୀ। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ 'ଭାଇ ଭାଇ ସମ୍ପର୍କ' ଆଲେଖ୍ୟଟି ପ୍ରଣିଧାନଯୋଗ୍ୟ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୯୪

- ଚାଇନା ସରକାର ବିଦେଶରୁ ଟେଲିଭିଜନ, ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଏବଂ ପ୍ରସାଧନ ସାମଗ୍ରୀ ଭଳି ଖାଉଟି ସାମଗ୍ରୀ ଆମଦାନି ଉପରେ କଟକଣା ଲାଗୁ କଲେ।
- ସିକିମ ପ୍ରଦେଶ କଂଗ୍ରେସ(ଇ)ର ପୂର୍ବତନ ସଭାପତି ଏ.କେ. ସୁବ୍ବା ରାଜ୍ୟରେ ୟୁନାଇଟେଡ ଲିବରେଶନ ଫ୍ରଣ୍ଟ ନାମରେ ଏକ ନୂଆ ଆଞ୍ଚଳିକ ଦଳ ଗଠନ କଲେ।

## ସଂକ୍ଷେପରେ

### ବିଶ୍ୱ ସ୍ତନ୍ୟପାନ ଦିବସ

ନାଉଗାଁ,୭।୮(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅବଦଲପୁରସ୍ଥିତ ଅଙ୍ଗନୱାଡି କେନ୍ଦ୍ର ପରିସରରେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ପ୍ରକଳ୍ପସ୍ତରୀୟ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଅଙ୍ଗନୱାଡି କର୍ମୀ ଓ ମହିଳାଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୁନନ୍ଦନ ମହାନ୍ତି, ସିଡିପିଓ ରାସେଶ୍ୱରୀ ମହାନ୍ତି, ପିଏଚଓ ତୃପ୍ତୀମୟୀ ମହାନ୍ତି, ମିଶନ ଶକ୍ତି ଅଧିକାରୀ ସଶାଙ୍କ ଶେଖର ସ୍ୱାଇଁ ଯୋଗଦେଇ ପିଲା ଜନ୍ମଠାରୁ ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଖାଇବା ଉଚିତ। ମା' କ୍ଷୀର ଶିଶୁ ଦେହରେ ସମସ୍ତ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରିଥାଏ। ତେଣୁ ମା' କ୍ଷୀରର ବିକଳ୍ପ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ସୁନ୍ଦର ଶିଶୁଙ୍କ ଏକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୫ଜଣ ସୁସ୍ଥ ଶିଶୁଙ୍କୁ ବଛା ଯାଇ ସେମାନଙ୍କ ମା'ଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି ସୁପରଭାଇଜର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

### ପୂର୍ବତନ ବିଧାୟକ ନିଶାମଣି ଖୁଣ୍ଟିଆଙ୍କ ଶ୍ରାଦ୍ଧୋତ୍ସବ

ତିର୍ତ୍ତୋଲ,୭।୮(ଡି.ଏନ.ଏ.): ତିର୍ତ୍ତୋଲର ପୂର୍ବତନ ବିଧାୟକ ନିଶାମଣି ଖୁଣ୍ଟିଆଙ୍କ ୩୭ତମ ଶ୍ରାଦ୍ଧୋତ୍ସବ ନିଶାମଣି ଖୁଣ୍ଟିଆ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଭୋଳାନାଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ସମୂହ ପ୍ରାର୍ଥନା, ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ସ୍ମୃତି ଚାରଣସଭାରେ ଦିଲ୍ଲୀ ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା ସଭାପତିତ୍ୱ କରିଥିଲେ। ବିଷ୍ଣୁ ଚରଣ ମୁଦୁଲି, ପ୍ରମୋଦ ସାହୁ, ଅକ୍ଷୟ ଦାସ, ପରମାନନ୍ଦ ମିଶ୍ର, ଝଙ୍କଡ଼ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ଧ୍ରୁବଚରଣ ପରିଡା, ବସନ୍ତ ସେଠୀ, ପ୍ରଶାନ୍ତ ଲେଙ୍କା, ନବଘନ ବିଶ୍ୱାଳ ଓ ଶରତ ଚନ୍ଦ୍ର ମଲ୍ଲ ପ୍ରମୁଖ ଯୋଗଦେଇ ଖୁଣ୍ଟିଆଙ୍କ ଜୀବନବ୍ୟାପୀ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ।

### ଚାରା ରୋପଣ, ବଣ୍ଟନ କାର୍ଯ୍ୟକ୍ରମ

ତିର୍ତ୍ତୋଲ,୭।୮(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଇବ୍ରିସିଂ ପଞ୍ଚାୟତ ଖନ୍ଦୋଳ ଗ୍ରାମରେ ଗଡେଶ୍ୱର ଯୁବ ପରିଷଦ ଆନୁକୂଲ୍ୟରେ ଚାରାରୋପଣ ଓ ଚାରାବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉତ୍ସବରେ ଅନୁଷ୍ଠାନ ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ସୁଧାକର ସାହୁ, ପିନାକ ଖଣ୍ଡୁଆଳ, ଧ୍ରୁବଚରଣ ସାହୁ, ଅନୀଲ ନାୟକ, ଗଡେଶ୍ୱର ଦାସ, ଆଶୀର୍ବାଦ ସାହୁ, ନାଗେଶ୍ୱର ସାହୁ, ବଳରାମ ଦାସ, ସୌମ୍ୟକାନ୍ତ ସାହୁ, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ସମ୍ପାଦକ ବିଭୂ ପ୍ରସାଦ ଦାସ, ସଭ୍ୟ ସୁରେନ୍ଦ୍ର ବାରିକ, ରବୀନ୍ଦ୍ର ବାରିକ ପରିଚାଳନା କରିଥିଲେ।

■ ଜଗତ୍‌ସିଂହପୁରର ୪ ବ୍ଲକରେ ପ୍ରବଳ ବର୍ଷା

# ଜିଲାରେ ବୃଷ୍ଟିପାତ ୪୭୩ ମି.ମି.

**ହାରାହାରି ୫୯.୧୩ ମି.ମି.**

ଜଗତ୍‌ସିଂହପୁର ଅଫିସ, ୭।୮

ଜଗତ୍‌ସିଂହପୁର ଜିଲାରେ ବୁଧବାର ମୋଟ୍ ବୃଷ୍ଟିପାତ ୪୭୩ ମିଲିମିଟର(ମି.ମି.)ଥିବାବେଳେ ହାରାହାରି ୫୯.୧୩ ବୋଲି ଜଣାଯାଇଛି। ସେଥିମଧ୍ୟରୁ ଜଗତ୍‌ସିଂହପୁର, ରଘୁନାଥପୁର, ନାଉଗାଁ ଓ ଏରସମା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ଏହି ବର୍ଷା ପରିମାଣ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ବୋଲି ଜଣାଯାଇଛି। କମ ବର୍ଷା ଯୋଗୁ ଚାଷୀ ଯେଉଁ ଚିନ୍ତାରେ ଥିଲେ ତାହା ଏକପ୍ରକାର ଦୂର ହୋଇଛି। ଆଗକୁ କିଛି ଦିନ ବର୍ଷା ନ ହେଲେ ବି ଅସୁବିଧା ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ୭୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ରଘୁନାଥପୁରରେ ୭୫ ମି.ମି., ନାଉଗାଁ ୬୭ ଓ ଏରସମା ବ୍ଲକ ଅଞ୍ଚଳରେ ୬୬ ମି.ମି. ବର୍ଷା ହୋଇଛି। ଏହାବାଦ୍ ବିରିଡ଼ି ୫୮, ବାଲିକୁଦା ୪୦, ତିର୍ତ୍ତୋଲ ୬୦ ଓ କୁଜଙ୍ଗ ବ୍ଲକ ଅଞ୍ଚଳରେ ୩୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ଅଗଷ୍ଟ ମାସରେ ଏହା ଭିତରେ ମୋଟ ୬୧୬ ମି.ମି. ବର୍ଷା ହୋଇଥିବା ବେଳେ ହାରାହାରି ୭୭ ମି.ମି. ବୋଲି ଜଣାଯାଇଛି। ଏହି ବର୍ଷା ବେଉଶଣ ଓ ରୁଆରେ ସହାୟକ ହୋଇଛି। ଯେଉଁ ଚାଷୀ ବିହନ ବୁଣିଛନ୍ତି ସେମାନେ ଏଭଳି ବର୍ଷାକୁ ଅପେକ୍ଷା କରିଥିଲେ। କାରଣ ଧାନ ତଳିଗୁଡ଼ିକୁ ପତଳା କରିବା ପାଇଁ ବର୍ଷାର ଆବଶ୍ୟକତା ଥିଲା। ଏବେ ଚାଷୀ ଲଙ୍ଗଳ ସାହାଯ୍ୟରେ ଗହଳି ତଳିକୁ ପତଳା କରିବାରେ ଲାଗି ପଡିଛନ୍ତି। ସେହିପରି ରୁଆରୁଇ କାମରେ ଚାଷୀ ଲାଗି ପଡିଛନ୍ତି। ଜଗତ୍‌ସିଂହପୁର ଜିଲାରେ ଅଧିକାଂଶ ଚାଷୀ ରୁଆ ଉପରେ ନିର୍ଭରଶୀଳ। ତେଣୁ ସେମାନେ ବେସ୍ ଉତ୍ସାହର ସହ କାମରେ ଲାଗି ପଡିଛନ୍ତି। ଚଳିତବର୍ଷ ଲଘୁଚାପ ଲୁଚକାଳି ଖେଳିଥିବାରୁ ଚାଷୀ ନିରାଶ ହୋଇ ପଡିଥିଲେ। ଏପରି କି ଅନେକ ସ୍ଥାନରେ ବିଲରେ ତଳି ମଉଳିବାରେ ଲାଗିଥିଲା। ଏବେ ବର୍ଷା ଚାଷୀଙ୍କ ମନରେ ହରସ ଖେଳାଇ ଦେଇଛି। କିନ୍ତୁ କ୍ରମାଗତ ପ୍ରବଳ ବର୍ଷା ହେଲେ ବିପଦ ରହିଛି। ଦେଖିବାର ଅଛି ବର୍ଷା ଚାଷୀଙ୍କ ପାଇଁ ଅନୁକୂଳ ରହୁଛି କି ନୁହେଁ। ଗତ ଜୁଲାଇରେ ହାରାହାରି ବୃଷ୍ଟିପାତ ୨୯୭.୧୩ ମି.ମି. ଥିଲା। ସେଥିମଧ୍ୟରୁ ୨ ତାରିଖରେ ଜଗତ୍‌ସିଂହପୁର, ବିରିଡ଼ି ଓ ନାଉଗାଁ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ସେହିପରି ୬ ତାରିଖରେ ବିରିଡ଼ି, ୨୬ରେ କେବଳ କୁଜଙ୍ଗକୁ ବାଦ୍ ଦେଲେ ଅବଶିଷ୍ଟ ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ରେକର୍ଡ କରାଯାଇଥିଲା। ଜୁନରେ ହାରାହାରି ବୃଷ୍ଟିପାତ ୧୪୧.୩୮ ଥିଲା। ଜୁଲାଇ ୨୨ରେ ବିରିଡ଼ି, ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକକୁ ବାଦ୍ ଦେଇ ଜଗତ୍‌ସିଂହପୁର, ରଘୁନାଥପୁର, ବାଲିକୁଦା, ନାଉଗାଁ ଓ ଏରସମା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା।



ବର୍ଷା ହେବା ପରେ ଚାଷୀମାନେ ତଳି ଉପାଡୁଛନ୍ତି।

# ବିଶ୍ୱବ୍ୟାଙ୍କ ମୁଖ୍ୟଯନ୍ତ୍ରୀଙ୍କ ତାରପୁର ବ୍ରିଜ୍ ପରିଦର୍ଶନ

ରଘୁନାଥପୁର, ୭।୮ (ଡି.ଏନ.ଏ.)

ବିଶ୍ୱବ୍ୟାଙ୍କ ମୁଖ୍ୟଯନ୍ତ୍ରୀଙ୍କ ଟିମ୍ ମଙ୍ଗଳବାର ଅପରାହ୍ନରେ ରଘୁନାଥପୁର ବ୍ଲକ ତାରପୁର ସ୍ଥିତ ମହାନଦୀ ବ୍ରିଜ ପରିଦର୍ଶନ କରି ଫେରି ଯାଇଛନ୍ତି। ମହାନଦୀ ଉପରେ ଥିବା ବ୍ରିଜ୍‌ଟି ଅବିଭକ୍ତ କଟକ ଜିଲାର ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡା ଓ ଯାଜପୁରକୁ ଯାତାୟାତ ପାଇଁ ଏକ ମାଧ୍ୟମ ପାଲଟିଛି। ଦୀର୍ଘବର୍ଷ ଧରି ଉକ୍ତ ବ୍ରିଜ୍‌ର ପିଲରରୁ ପିଲର ସଂଯୋଗ କରୁଥିବା ଜଏଣ୍ଟ ସ୍ଥାନରେ କଂକ୍ରିଟ ଉଠି ବଡ ବଡ ଗର୍ତ୍ତ ସୃଷ୍ଟି ହେଉଛି। ଫଳରେ ଗାଡି ମୋଟରଠାରୁ ଆରମ୍ଭ କରି ସାଧାରଣ ପଥଚାରୀଙ୍କ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି କରୁଛି। ବର୍ଷକ ତଳେ ଆରଆଣ୍ଡବି ପକ୍ଷରୁ ଏହାର ମରାମତି କରାଯାଇଥିଲା। ହେଲେ ପୂର୍ବ ଭଳି କଂକ୍ରିଟ ଉଠି ଏହା ମଧ୍ୟରେ ଥିବା ରଡ ଉପରକୁ ବାହାରି ପଡୁଛି। ବିଶ୍ୱ ବ୍ୟାଙ୍କ ମୁଖ୍ୟଯନ୍ତ୍ରୀ ଅନିଲ ତ୍ରିପାଠୀ, ଡିଜାଇନ୍ ମୁଖ୍ୟଯନ୍ତ୍ରୀ ବିଜୟ ସାହୁ ଓ ଆସିଥିବା ଅନ୍ୟାନ୍ୟ ଯନ୍ତ୍ରୀ ସମୂହ ଏ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ତେବେ ବ୍ରିଜର ବିୟରିଂ ଉପରେ ସନ୍ଦେହ ପ୍ରକଟ କରାଯିବା ସହ ଡ୍ରୋନ କ୍ୟାମେରାରେ ଫଟୋଗ୍ରାଫି କରାଯାଇ ଏହାର ସ୍ଥିତି ସମ୍ପର୍କରେ ଜାଣିହେବ ବୋଲି ମୁଖ୍ୟଯନ୍ତ୍ରୀ ତ୍ରିପାଠୀ ସୂଚନା ଦେଇଥିବାର ଜଇପୁର କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିୟରିଂରେ ଆସୁଥିବା ପରିଲକ୍ଷିତ ହେଲେ ଗାଡି ମୋଟର ଯାତାୟାତ ସମୟରେ ଗୋଟିଏ ସ୍ଥାନ ଆଉ ଗୋଟିଏ ସ୍ଥାନରେ ମାଡ ହୋଇ ଏପରି ଅବସ୍ଥା ସୃଷ୍ଟି ହେଉଥିବାର ଅନୁମାନ କରାଯାଉଛି ବୋଲି ସୂଚନା ମିଳିଛି। ପରିଦର୍ଶନ ସମୟରେ ଏସ୍‌ଡିଓ ରତିକାନ୍ତ ବେହେରା ଓ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ନିମାଇ ଚରଣ ଦାସ ଉପସ୍ଥିତ ଥିଲେ।



ବିଶ୍ୱବ୍ୟାଙ୍କ ମୁଖ୍ୟଯନ୍ତ୍ରୀ ଓ ଅନ୍ୟମାନେ ତାରପୁର ବ୍ରିଜର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ହାଇସ୍କୁଲ୍ ଶ୍ରେଣୀଗୃହ ମରାମତି, ବିଦ୍ୟୁତ୍ ସଂଯୋଗ ଦାବି

କୁଜଙ୍ଗ,୭।୮(ସ୍ୱ.ପ୍ର)

କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ବଉଳାଙ୍ଗସ୍ଥିତ ସୁରବାଳା ହାଇସ୍କୁଲ ଶ୍ରେଣୀ ଗୃହ କାନ୍ଥ ଫାଟିବା ସହ ଆଜ୍‌ବେଷ୍ଟସ୍ ମଧ୍ୟ ବହୁ ଅଂଶରେ ଫାଟିଗଲାଣି। ଯଦ୍ୱାରା ସାମାନ୍ୟ ବର୍ଷାହେଲେ ଶ୍ରେଣୀ ଗୃହରେ ପାଣି ପଡୁଥିବା ବେଳେ ବିଦ୍ୟାଳୟରେ ବିଭିନ୍ନ ସମୟରେ ଉଦ୍‌ବୃତ୍ତ ବର୍ଷାଜଳ ମଧ୍ୟ ପ୍ରବେଶ କରୁଛି। ଅନ୍ୟପକ୍ଷରେ ୩୦ ବର୍ଷ ତଳେ ଏହି ଗୃହ କାନ୍ଥ ନିର୍ମାଣ କରାଯାଇଥିବା ବେଳେ ଗତ ୧୯୯୯ ମହାବାତ୍ୟା, ଫାଇଲିନ୍, ହୁଦ୍‌ହୁଦ୍, ତିତିଲି ଏପରି କି ସଦ୍ୟ ଫନୀ ବାତ୍ୟା ପ୍ରଭାବରେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ୧୯୯୯ ମହାବାତ୍ୟ ପରେ ଏହାର ପୁନରୁଦ୍ଧାର କରାଯାଇଥିବା ବେଳେ ସେବେ ଠାରୁ ଆଉ ମରାମତି ହୋଇନାହିଁ। ବିଦ୍ୟାଳୟଟି ବ୍ଲକ୍ ଗ୍ରାଣ୍ଟ ହୋଇଥିଲେ ମଧ୍ୟ ରାମ୍‌ସା କିମ୍ବା ଅନ୍ୟ ବିଭାଗରୁ ଅର୍ଥ ଆସିପାରରୁ ନ ଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ଶ୍ରେଣୀଗୃହର ମରାମତି ସହ ଅଧିକ ଶ୍ରେଣୀଗୃହ ନିର୍ମାଣ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରହଲ୍ଲାଦ ସ୍ୱାଇଁ, ପ୍ରଧାନଶିକ୍ଷକ ବଂଶୀଧର ନାୟକ, ସୌରୀ ଚରଣ ସ୍ୱାଇଁ, ବିଜୟ ସାହୁ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ଫନୀ ବାତ୍ୟା ପରଠାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୁନଃ ସହଯୋଗ ହୋଇ ପାରିନାହିଁ। ଏହି ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିଚାଳନା ସମିତି କର୍ମକର୍ତ୍ତା ଚଟୁଆ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ପ୍ରଧା ଶିକ୍ଷକ ନାୟକ ଅଭିଯୋଗ କରିଛନ୍ତି। ତେଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଗୋପାଳନ ସମ୍ପର୍କିତ ଦକ୍ଷତା ବୃଦ୍ଧି ତାଲିମ ଶିବିର



ଗୋପାଳନ ସମ୍ପର୍କିତ ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ଯୋଗଦେଇଥିବା ଅତିଥି।

ନାଉଗାଁ,୭।୮(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଆତ୍ମ ନିଯୁକ୍ତି ନିମନ୍ତେ ୫ଦିନ ଧରି ଚାଲିଥିବା ଗୋପାଳନ ସମ୍ପର୍କିତ ଦକ୍ଷତା ବୃଦ୍ଧି ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ବେହେରା, ସବ୍‌ଡିଭିଜନ ପ୍ରାଣୀଧନ ଚିକିତ୍ସାଧିକାରୀ ବିଦ୍ୟାଧର ଶତପଥୀ, ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ପଣ୍ଡା, ଏଭିଏଏସ ଡା. ଶୁଭେନ୍ଦୁ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଗୋ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ୨୦ଜଣ ଚାଷୀ ତାଲିମ ନେଇଥିଲେ। ଶେଷଦିନରେ ପ୍ରଶିକ୍ଷଣ ନେଇଥିବା ଚାଷୀମାନେ ବାଲିଆସ୍ଥିତ ଘାସ ଚାଷ କ୍ଷେତକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଶିବିରକୁ ଅଲଣାହାଟ ପ୍ରାଣୀଧନ ନିରୀକ୍ଷକ ଅନ୍ନପୂର୍ଣ୍ଣା ଦାସ ପରିଚାଳନା କରିଥିବାବେଳେ ଡେରିକି ପ୍ରାଣୀଧନ ନିରୀକ୍ଷକ ସଂଗ୍ରାମ କେଶରୀ ରାଉତ ସହଯୋଗ କରିଥିଲେ।

■ ସୁଦର୍ଶନଙ୍କ ପରିବାରକୁ ମିଳୁନି ପକ୍କାଘର

# ପଲିଥିନ ତଳେ ବିତୁଛି ଜୀବନ

ବାଲିକୁଦା,୭।୮(ସ୍ୱ.ପ୍ର.)

ସରକାର ଗରିବ ଜନସାଧାରଣଙ୍କୁ ବିଜୁ ପକ୍କାଘର ଓ ଆବାସ ଯୋଜନାରେ ଘର ଯୋଗାଇ ଦେଉଛନ୍ତି। ହେଲେ ବାଲିକୁଦା ବ୍ଲକ ଇଚ୍ଛାପୁର ପଞ୍ଚାୟତ ବଡ଼ାଗ ଗାଁ ପରିଜା ସାହିର ସୁଦର୍ଶନ ଦାସଙ୍କୁ ଏ ପର୍ଯ୍ୟନ୍ତ ଘର ଖଣ୍ଡେ ମିଳି ପାରିନାହିଁ। ଫଳରେ ଭଙ୍ଗା ମାଟି କାନ୍ଥ ଉପରେ ପଲିଥିନ ଢାଙ୍କି ସୁଦର୍ଶନଙ୍କ ପରିବାରର ୫ଜଣ ସଦସ୍ୟ ରହୁଛନ୍ତି। ଭଙ୍ଗା କାନ୍ଥକୁ ସମ୍ଭାଳିଛି ବାଉଁଶ ଢିରା। ସେପଟେ ଘର ଉପରେ ଯେଉଁ ପଲିଥିନ୍ ପଡିଛି ତାହା ବର୍ଷାକୁ ରୋକି ପାରୁନାହିଁ। ପୂର୍ବରୁ ଯେଉଁ ଭଙ୍ଗା ଦଦରା ଘର ଥିଲା ସେଥିରେ ଦାଉ ସାଧିଲା ବାତ୍ୟା ଫନୀ। ଯଦ୍ୱାରା ଭଙ୍ଗା ଘରର ଛପର ଉଡ଼ିଗଲା। ବାଧ୍ୟ ହୋଇ ଭାଗ୍ୟକୁ ଆଦରି ୮୦ ବର୍ଷର ବୁଢି ମା', ଦୁଇ ପୁଅ, ଝିଅ ଓ ସ୍ତ୍ରୀକୁ ନେଇ ବିପଦ ସଙ୍କୁଳ ସ୍ଥିତିରେ ସୁଦର୍ଶନ କାଳାତିପାତ କରୁଛନ୍ତି। ବର୍ଷା ପବନ ବଢିଲେ ପର ଘରେ ପୁରା ପରିବାରକୁ ଆଶ୍ରୟ ନେବାକୁ ପଡୁଛି। ଘର ଖଣ୍ଡେ ପାଇଁ ସୁଦର୍ଶନ କାହାକୁ କେତେ ନେହୁରା ହେଲେଣି। ହେଲେ ଫଳ ଶୂନ। ତାଙ୍କୁ କାଳେ ଆବାସ ଯୋଜନାରେ ଘର ମିଳିବ ବୋଲି ଶୁଣା ଯାଇଥିଲା। ବ୍ଲକ କର୍ମଚାରୀ ଆସି ତଦନ୍ତ କରି ଫେରିଛନ୍ତି। ହେଲେ ତଦନ୍ତରେ କ'ଣ ଦର୍ଶା ଯାଉଛି କେଜାଣି ଏ ପର୍ଯ୍ୟନ୍ତ ଘର ମିଳି ପାରୁନାହିଁ। ରାଜନୈତିକ ଆକ୍ରୋସର ଚାପେର ଏହା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ କଲ୍ୟାଣୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଏହାର ତଦନ୍ତ କରାଯିବ। ଯଦି ସୁଦର୍ଶନ ଆବାସ ଯୋଜନା ପାଇବାକୁ ଯୋଗ୍ୟ ହୋଇଥାନ୍ତି ତେବେ ତାଙ୍କୁ ନିଶ୍ଚିତ ଘର ଯୋଗାଇ ଦିଆଯିବ।



ସୁଦର୍ଶନଙ୍କ ପରିବାର।

**■ ଭଙ୍ଗା କାନ୍ଥକୁ ସମ୍ଭାଳିଛି ବାଉଁଶ ଢିରା**

**■ ପୂର୍ବରୁ ଯେଉଁ ଭଙ୍ଗା ଦଦରା ଘର ଥିଲା ସେଥିରେ ଦାଉ ସାଧିଲା ଫନୀ**

DSPL-63

ଜଳ ଶକ୍ତି ଅଭିଯାନ
ଆଜି ହିଁ ସଂଚୟ କରିବା ଜଳ, ଆସନ୍ତା କାଲିର ହେବ ମଙ୍ଗଳ

କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ
ସ୍ଥାନ : ଟାଉନ ହଲ, ପୌର ସଂସ୍ଥା କାର୍ଯ୍ୟାଳୟ ପରିସର, କେନ୍ଦ୍ରାପଡ଼ା
ତାରିଖ : ୦୮.୦୮.୨୦୧୯ ସମୟ : ଅପରାହ୍ନ ୩.୩୦ ମିନିଟ୍

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଅନୁଭବ ମହାନ୍ତି, ମାନ୍ୟବର ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ଶଶିଭୂଷଣ ବେହେରା, ମାନ୍ୟବର ବିଧାୟକ, କେନ୍ଦ୍ରାପଡ଼ା
ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲ, ମାନ୍ୟବର ବିଧାୟିକା, ପାଟକୁରା
ଶ୍ରୀଯୁକ୍ତ ଧ୍ରୁବ ଚରଣ ସାହୁ, ମାନ୍ୟବର ବିଧାୟକ, ରାଜନଗର
ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେବ, ମାନ୍ୟବର ବିଧାୟକ, ଆଳି
ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ମାନ୍ୟବର ବିଧାୟକ, ମହାକାଳପଡ଼ା
ଶ୍ରୀଯୁକ୍ତ ମାନସ କୁମାର ପରିଡ଼ା, ସଭାପତି ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା, ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗ
ସୁଶ୍ରୀ ମୋନିକା ନୀଲସନ, ମୁଖ୍ୟ, ୟୁନିସେଫ୍, ଓଡ଼ିଶା



ଆସନ୍ତୁ, ସାମିଲ ହେବା ଜଳଶକ୍ତି ଅଭିଯାନରେ
ଓଡ଼ିଶା ସରକାର
ଜଳସମ୍ପଦ ବିଭାଗ
19085/13/0001/1920




# ମୋତେ ଡୁପ୍ଲିକେଟ୍ ଅରୁଣ ମନ୍ତ୍ରୀ ବୋଲି ଭାବିଥିଲେ

ଜଗତ୍‌ସିଂହପୁର ତିର୍ତ୍ତୋଲର ମଣିଜଙ୍ଗାରେ ଅରୁଣ ମନ୍ତ୍ରୀଙ୍କ ଜନ୍ମ। କଲେଜ ଜୀବନରୁ କବିତା ଲେଖା ଆରମ୍ଭ କରି ୨୦୦୦ମସିହାରେ 'କାଶିଆ କପିଳା' ଚଳଚ୍ଚିତ୍ରରେ ପ୍ରଥମ ଗୀତ ଲେଖି ସିନେ ଦୁନିଆରେ ପାଦ ଥାପିଥିଲେ ଅରୁଣ। କଲେଜରେ ପଢୁଥିବାବେଳେ ଆକାଶବାଣୀର ଯୁବବାଣୀ କାର୍ଯ୍ୟକ୍ରମରେ ତାଙ୍କର ଏକ ଲେଖା ଗୀତ ହୋଇ ବାଜିଥିଲା। ସେ ପଟେ ତୋ ଘର, ଏପଟେ ମୋ ଘର, ମଝିରେ ଅଳକା ନଈ..ର ନିର୍ଦ୍ଦେଶନା ଦେଇଥିଲେ ଶରତ ନାୟକ ଓ କଣ୍ଠଦାନ କରିଥିଲେ ସୁଶୀଲ ଦତ୍ତ। ତୁ ମୋ ଲଭ ଷ୍ଟୋରି, କେବେ ତୁମେ ନାହଁ -କେବେ ମୁଁ ନାହିଁ ଚଳଚ୍ଚିତ୍ର ନିମନ୍ତେ ଶ୍ରେଷ୍ଠ ଗୀତିକାର ଭାବେ ଦୁଇଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ଅରୁଣ ମନ୍ତ୍ରୀଙ୍କ ଅନୁଭୂତିରୁ କିଛି।

ଗୀତିକାରର ପରିଚୟ ବହୁତ କମ୍ ଥାଏ। ଲୋକେ ଗୀତ ଶୁଣନ୍ତି ଓ ଗୀତିକାରର ଲେଖାକୁ ପ୍ରଶଂସା କରନ୍ତି। ହେଲେ କେହି କେବେ ଗୀତିକାରର ମୁହଁ ବି ଦେଖିନଥାନ୍ତି। ଏମିତି ଘଟଣା ମୋ ସହ ବି ହୋଇଥିଲା। ବହୁତ ବର୍ଷ ପୂର୍ବରୁ ଯାତ୍ରା ପାର୍ଟିରେ ଗୀତ ଲେଖୁଥିଲି। ନିୟତି ଗଣନାଟ୍ୟର 'କଳାପଥର' ନାଟକ ନିମନ୍ତେ ଗୀତ ଲେଖିବାକୁ ମୋତେ ଡକାଗଲା। ପୂର୍ବରୁ କିଛି ଯାତ୍ରାରେ ମୋ ଗୀତ ସୁପରହିଟ୍ ହୋଇଥିଲା। ଏଣୁ କଳାପଥର ଯାତ୍ରାର ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ ମୋତେ ଗୀତ ଲେଖିବାକୁ ଡାକିଲେ। ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ଗୀତ ଲେଖାକୁ ନେଇ ଆଲୋଚନା ଚାଲିଥାଏ। କିଛି ସମୟ ପରେ ଗଣନାଟ୍ୟର ମାଲିକ ଟନ ବାବୁ ସେଠାରେ ପହଞ୍ଚିଲେ। ତାଙ୍କୁ ଖବର ଦିଆଯାଇଥିଲା ଯେ, କଳାପଥର ଯାତ୍ରାର ଗୀତ ଅରୁଣ ମନ୍ତ୍ରୀ ଲେଖିବେ। ଯେହେତୁ ମୋର କିଛି ଗୀତ ହିଟ୍ ହୋଇଥିଲା, ଅରୁଣ ମନ୍ତ୍ରୀ ଜଣେ ବୟସ୍କ ବ୍ୟକ୍ତି ହୋଇଥିବେ ବୋଲି ସେ ଭାବି ନେଇଥିଲେ। ଆମେ ବସିଥିବା ରୁମ୍ ଭିତରକୁ ଆସିବା ପରେ ସଙ୍ଗୀତ ନିର୍ଦ୍ଦେଶକ ପାଲିତଙ୍କୁ ଅରୁଣ ମନ୍ତ୍ରୀ କାହାନ୍ତି ବୋଲି ଟନ ବାବୁ ପଚାରିଥିଲେ। ପାଲିତ ସାର୍ ମୋ ଆଡକୁ ଅଙ୍ଗୁଳି ବଢ଼ାଇ ଦେଇଥିଲେ। ହେଲେ ଗୋଟେ ଯୁବକ ଏତେ ସବୁ ହିଟ୍ ଗୀତ ଲେଖୁଛି ବୋଲି ଟନ ବାବୁଙ୍କର ବିଶ୍ୱାସ ହେଲାନି। ଏପରିକି ସେ ଏ କଥା ଶୁଣି ହସିଥିଲେ ଓ ଡୁପ୍ଲିକେଟ ଅରୁଣ ମନ୍ତ୍ରୀଙ୍କୁ ଧରି ଆଣିଛ ବୋଲି କହିଥିଲେ। ହେଲେ ନିର୍ଦ୍ଦେଶକ ପାଲିତ କହିଥିଲେ, କିଛି ସମୟ ଅପେକ୍ଷା କର। ସେ କିଛି ଗୀତ ଲେଖି ସାରିବା ପରେ ତୁମର ଆପେଆପେ ବିଶ୍ୱାସ ହୋଇଯିବ ଯେ, ସେ ଅରିଜିନାଲ ନା ଡୁପ୍ଲିକେଟ ଅରୁଣ ମନ୍ତ୍ରୀ। ଯାତ୍ରାର ୪ଟି ଯାକ ଗୀତ ଲେଖିବା ପରେ ଯେତେବେଳେ ପାଲିତ ସାର୍ ସେସବୁ ଗୀତ ଶୁଣାଇଥିଲେ ସେତେବେଳେ ଟନବାବୁ ଖୁସିରେ ମୋତେ କୁଣ୍ଢାଇ ପକାଇଥିଲେ। ଏହା ପରଠାରୁ ନିୟତି ଗଣନାଟ୍ୟ ଥିବା ଯାଏ ସମସ୍ତ ଯାତ୍ରାର ଗୀତ ଲେଖିବା ଦାୟିତ୍ୱ ମୋତେ ମିଳିଥିଲା।

–କୁମାରଶ୍ରୀ

# ଆଉ ଥରେ ଜନ୍ମ ହେଲେ ଜଣେ ଦରଦୀ ଚିକିତ୍ସକ ହେବି



ଡାକ୍ତର ଦୀନବନ୍ଧୁ ସାହୁଙ୍କ ଜନ୍ମ ଅନୁଗୋଳ ଜିଲା ଛେଣ୍ଡିପଦାରେ। ସେ ଏକାଧାରରେ ଜଣେ ଚିତ୍ରଶିଳ୍ପୀ, କବି, ଅଭିନେତା ଓ ବେହେଲା ବାଦକ। ପ୍ରାଚୀନ ଓଡ଼ିଆ ସାହିତ୍ୟ ଉପରେ ଗବେଷଣା ପ୍ରତି ରୁଚି ରଖୁଥିବା ଦୀନବନ୍ଧୁ ପାଲା ପରିବେଷଣ କରିବାକୁ ଭଲ ପାଆନ୍ତି। କଳାହାଣ୍ଡି ଜିଲା ସରକାରୀ ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାରେ ଅବସ୍ଥାପିତ ଏହି ଭେଷଜ ବିଶେଷଜ୍ଞଙ୍କ ନିଜକଥା ସମ୍ପର୍କରେ...


ଦୀନବନ୍ଧୁ ସାହୁ

**ସକାଳ କେମିତି ଆରମ୍ଭ ହୁଏ ?**

▶ ସକାଳ ପ୍ରାୟ ୬ଟା ପୂର୍ବରୁ ଶଯ୍ୟାତ୍ୟାଗ କରେ। ନିତ୍ୟକର୍ମ ସରିବା କରେ କିଛି ସମୟ ପ୍ରାତଃ ଭ୍ରମଣ ଏବଂ ଶାରୀରିକ ବ୍ୟାୟାମ କରେ। ସକାଳ ୮ଟାରୁ ବୃତ୍ତିଗତ ଜୀବନ ଆରମ୍ଭ ହୋଇଯାଏ।

**କେଉଁ ଖାଦ୍ୟରେ ରୁଚି ରଖନ୍ତି ?**

▶ ଆଳୁ, ବାଇଗଣ, ଟମାଟୋ ପୋଡା, ବଡିଚୁରା ସହିତ ଦହି ପଖାଳ ମୋର ଅତି ପ୍ରିୟ।

**ପ୍ରଥମ ଦରମା କ'ଣ କରିଥିଲେ ?**

▶ ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୋର ଡାକ୍ତରୀ ଚାକିରି ଆରମ୍ଭ ହୋଇଥିଲା। ପ୍ରଥମ ଦରମା ୪୦୪୨ ଟଙ୍କା ପାଇଥିଲି। ପିଲାଦିନରୁ ବେହେଲା ବାଦନ ପ୍ରତି ମୋର ଦୁର୍ବଳତା ଥିଲା। ମୁଁ ରାୟପୁରରୁ ସେହି ଟଙ୍କାରେ ବେହେଲା କିଣିଥିଲି, ଯାହା ଆଜି ଯାଏଁ ମୋର ସୁଖଦୁଃଖର ସାଥୀ ହୋଇ ରହିଛି।

**ସିନେମା ଦେଖନ୍ତି କି ?**

▶ ହଁ, ତୃତୀୟ ଶ୍ରେଣୀରେ ପଢ଼ିବା ବେଳେ ବାପାଙ୍କ ସହ ଏକ ହିନ୍ଦୀ ସିନେମା ଦେଖିବାକୁ ସୁଯୋଗ ପାଇଥିଲି। କଳାତ୍ମକ, ଉଚ୍ଚମୂଲ୍ୟବୋଧଭିତ୍ତିକ ସିନେମା ମୋତେ ଭଲ ଲାଗେ।

**କେଉଁ କାମରେ ଆଗ୍ରହ ରହିଛି ?**

▶ ଡାକ୍ତରୀ ବୃତ୍ତିକୁ ବାଦ୍ ଦେଲେ ଚିତ୍ର ଆଙ୍କିବା, ଅଭିନୟ, ସାହିତ୍ୟ , ବହୁବିଧ ସ୍ୱରାନୁକରଣ, ବେହେଲା ବାଦନ ଆଦି ପ୍ରତି ମୋର ଆଗ୍ରହ ଓ ରୁଚି ରହିଛି।

**କେଉଁ ରଙ୍ଗ ପସନ୍ଦ କରନ୍ତି?**

▶ ଜଣେ ଚିତ୍ରଶିଳ୍ପୀ ଭାବେ ସବୁ ରଙ୍ଗ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆବଶ୍ୟକ ତଥା ସ୍ଥଳ ଓ ପ୍ରସଙ୍ଗ ବିଶେଷରେ ପ୍ରତିଟି ରଙ୍ଗର ମହତ୍ତ୍ୱ ଭିନ୍ନ ଭିନ୍ନ। ତେବେ ସବୁଜ ରଙ୍ଗ ମୋର ପ୍ରିୟ।

**ପତ୍ନୀଙ୍କର କେଉଁ ଗୁଣ ଭଲ ଲାଗେ ?**

▶ ମୋ ପତ୍ନୀ ନିବେଦିତା ଜଣେ ଚକ୍ଷୁ ବିଶେଷଜ୍ଞା। ଅପେକ୍ଷାକୃତ ସେ ମୋ ଠାରୁ ଟିକିଏ ଅଧିକ ବାସ୍ତବବାଦୀ। ତାଙ୍କର ସ୍ପଷ୍ଟବାଦିତା, ନିର୍ଭୀକତା, ପରିବାର ପ୍ରତି ତ୍ୟାଗ ଓ ସ୍ନେହ ମନୋଭାବ ମୋତେ ଅତି ଭଲ ଲାଗେ।

**ଜୀବନର କିଛି ଅଭୁଲା ସ୍ମୃତି ?**

▶ ୨୦୧୪ ମସିହାରେ ଶ୍ରୀକ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଏବଂ ଲଳିତ କଳା ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ନୀଳଚକ୍ରର ଶୀର୍ଷକ ସର୍ବଭାରତୀୟ ଚିତ୍ରକଳା ଶିବିରରେ ଅଂଶଗ୍ରହଣ ମୋ ଜୀବନର ଏକ ଅଭୁଲାସ୍ମୃତି। ଚିତ୍ରଶିଳ୍ପୀ ବୁଝା ପ୍ରସାଦ ଦାସ, ଯତୀନ ଦାସ, ରାମଚନ୍ଦ୍ର ଜେବୀ ପ୍ରମୁଖ ଶିଳ୍ପୀଙ୍କ ସହ ଏକାଠି ହେବାର ଏକ ଅପ୍ରତ୍ୟାଶିତ ସୌଭାଗ୍ୟ ଥିଲା।

**ଆଉ ଜନ୍ମରେ କ'ଣ ହେବାକୁ ଚାହାନ୍ତି ?**

▶ କଷ୍ଟସାଧ ହେଲେ ବି ଡାକ୍ତରୀ ବୃତ୍ତି ମହନୀୟ। ମାନବ ସେବା ହିଁ ମାଧବ ସେବା। ଆଉ ଥରେ ଜନ୍ମ ହେଲେ ଜଣେ ଦକ୍ଷ, ଦରଦୀ, ମାନବବାଦୀ ଚିକିତ୍ସକ ହେବାକୁ ଚାହୁଁଛି।

–ସଞ୍ଜୀବ କୁମାର ଯୋଷୀ

**ନିଜ କଥା**



# କଚି ମିର୍ଚି କା ମୁର୍ଗ

ପୁରୀକୁ ପ୍ରତିଦିନ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଏ। ତେବେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କେତେକ ହୋଟେଲ ସର୍ବଦା ସେମାନଙ୍କ ଡିସ୍ ପରିବର୍ତ୍ତନ କରିଥାନ୍ତି। ସିଟି ରୋଡରେ ଥିବା ପ୍ରମୋଦ କନ୍‌ଭେନସନ ଆଣ୍ଡ୍ ବିଚ୍ ରିସର୍ଟରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ଗ୍ରାହକଙ୍କୁ ପରଷା ଯାଇଥାଏ। ଏହାର ଅନ୍ୟତମ ଚାହିଦାଯୁକ୍ତ ଡିସ୍ କଚି ମିର୍ଚି କା ମୁର୍ଗର ପ୍ଲେଟ୍ ଦାମ୍ ୩୨୦ ଟଙ୍କା। କଚି ମିର୍ଚି କା ମୁର୍ଗର ପ୍ରସ୍ତୁତି ସମ୍ପର୍କରେ ପ୍ରମୋଦ କନ୍‌ଭେନସନ ବିଚ୍ ରିସର୍ଟର ମୁଖ୍ୟ ଶେଫ୍ ହିକ୍‌ମତ୍ ଖାନ୍ କହନ୍ତି...

## ଆବଶ୍ୟକ ସାମଗ୍ରୀ

- ଚିକେନ: ୩୦୦ଗ୍ରାମ୍
- କଟା ପିଆଜ: ୩୦ଗ୍ରାମ୍
- କଟା ଟମାଟୋ: ୩୦ଗ୍ରାମ୍
- କାଜୁ ପେଷ୍ଟ: ୫୦ଗ୍ରାମ୍
- ଅଦା ପେଷ୍ଟ: ୨୦ଗ୍ରାମ୍
- ରସୁଣ ପେଷ୍ଟ: ୨୦ଗ୍ରାମ୍
- ରିଫାଇନ ତେଲ: ୬୦ଗ୍ରାମ୍
- ଦେଶୀଘିଅ: ୨୦ଗ୍ରାମ୍
- ଅମୁଲ କ୍ରିମ୍: ୨୦ଗ୍ରାମ୍
- ହଳଦୀ ପାଉଡ଼ର: ୧୦ଗ୍ରାମ୍
- ଲଙ୍କା ପାଉଡ଼ର: ୧୦ଗ୍ରାମ୍
- ଧନିଆପତ୍ର: ୧୫ ଗ୍ରାମ୍
- ପୋଦିନା ପତ୍ର: ୧୫ଗ୍ରାମ୍
- କଞ୍ଚାଲଙ୍କା: ୧୦ଟା
- ଗରମ ମସଲା: ୫ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ

ରିପୋର୍ଟ: ହେମନ୍ତ ନାୟକ


ମୁଖ୍ୟ ଶେଫ୍ ହିକ୍‌ମତ୍ ଖାନ୍

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ନିଆଁରେ କଡାଇ ବସାଇ ରିଫାଇନ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ରଙ୍ଗ ବ୍ରାଉନ ହୋଇଗଲେ ସେଥିରେ ଅଦା, ରସୁଣ ପେଷ୍ଟ ପକାଇ ୧୦ ମିନିଟ୍ କଷିବା ପରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଓ କଟା ଟମାଟୋ ପକାନ୍ତୁ। ମସଲାରୁ ତେଲ ଛାଡିଗଲା ପରେ କାଜୁପେଷ୍ଟ ପକାଇ ଏହାର ୧୦ ମିନିଟ୍ ପରେ ଚିକେନ ପକାନ୍ତୁ ଓ ଭଲ ଭବେ କଷି ଘୋଡାଇ ଦିଅନ୍ତୁ।୧୫ ରୁ ୨୦ ମିନିଟ୍ ପରେ ଘୋଡଣୀ ଖୋଲି ସେଥିରେ ପୂର୍ବରୁ ଛେଚା ହୋଇଥିବା ଧନିଆପତ୍ର, ପୋଦିନାପତ୍ର ଓ କଞ୍ଚାଲଙ୍କା ପକାଇ ଗୋଳାନ୍ତୁ। ଏହାପରେ ସ୍ୱାଦ ଅନୁଯାୟୀ ଲୁଣ ଏବଂ ଗରମ ମସଲା ପକାନ୍ତୁ। ଶେଷରେ ଏହା ଉପରେ ଅମୁଲ କ୍ରିମ୍ ଓ ଦେଶୀ ଘିଅ ପକାଇ ତଳକୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କଚି ମିର୍ଚି କା ମୁର୍ଗ।

# ସେଲ୍ଫି କର୍ଣ୍ଣର

ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ
latecityselfie@gmail.com
(ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)


ଦେବପ୍ରସାଦ


ଭବେଶ


ବନିତା


ସୁଦର୍ଶନ


ମାନସ


ଗୌରୀପ୍ରସାଦ


ସନ୍ତୋଷ


ନିରଞ୍ଜନ


ରଞ୍ଜନ

## ସଂକ୍ଷେପରେ

### ଏମ୍ଏନ୍ ହାଇସ୍କୁଲରେ ଜିଲାପାଳ ପଢାଇଲେ



**ପଟ୍ଟାମୁଣ୍ଡାଇ, ୭।୮ (ସ୍ୱ.ପ୍ର):** କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ପୂର୍ବାହ୍ନରେ ଏହି ଅଞ୍ଚଳର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଏମ୍ଏନ୍ ହାଇସ୍କୁଲ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ସ୍କୁଲରେ ଚାଲିଥିବା ଏକ ବୈଠକରେ ଯୋଗ ଦେଇଥିଲେ । ପରେ ଦଶମ ଶ୍ରେଣୀ ଏ ସେକ୍ସନକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ପାଠ ପଚାରିଥିଲେ । ଏହି ସମୟରେ ଶ୍ରେଣୀରେ ଜ୍ୟାମିତି ପଢା ଯାଉଥିଲା । ଜିଲାପାଳ ବ୍ଲାକ୍ବୋର୍ଡରେ ଜ୍ୟାମିତିର ଏକ ପ୍ରଶ୍ନ ଦେଖି କିଏ ଏହାର ଉତ୍ତର କରିପାରିବ କହି ଡାକିଥିଲେ । ଉକ୍ତ ଶ୍ରେଣୀର ଛାତ୍ରୀ ଅନନ୍ୟା ବାୟୀ ପ୍ରଶ୍ନର ଉତ୍ତର ଲେଖିଥିଲେ । ଜିଲାପାଳ ଖୁସି ହୋଇ ତାଙ୍କୁ ଧନ୍ୟବାଦ ଦେବା ସହ ନିଜ ପକେଟରୁ ଏକ କଲମ ଉପହାର ଦେଇଥିଲେ । ଏହାଛଡା ସ୍କୁଲର ପାଠ ପଢା ନେଇ ସନ୍ତୋଷ ପ୍ରକାଶ କରିବା ସହିତ ଭଲ ପାଠ ପଢିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ । ତେବେ ଜିଲାପାଳଙ୍କ ପରିଦର୍ଶନ ପରେ ସ୍କୁଲ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ବେହେରା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ତତ୍ପର ହୋଇ ପଡିଛନ୍ତି ।

### ନିର୍ମାଣ ହେବ ଶହୀଦ ସଚ୍ଚିଦାନନ୍ଦଙ୍କ ସ୍ମୃତିସ୍ତମ୍ଭ

**ରାଜକନିକା , ୭।୮(ଡି.ଏନ.ଏ):** କାରଗିଲ୍ ଯୁଦ୍ଧରେ ଶହୀଦ ହୋଇଥିବା ରାଜକନିକା ବ୍ଲକ କଣ୍ଡିଆ ଗ୍ରାମର ସଚ୍ଚିଦାନନ୍ଦ ମଲ୍ଲିକଙ୍କ ସ୍ମୃତିସ୍ତମ୍ଭ ଖୁବ୍ ଶୀଘ୍ର ନିର୍ମାଣ ହେବ। ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ରାଜକନିକା ବ୍ଲକ ଗସ୍ତରେ ଯାଇଥିବା ବେଳେ ଏ ନେଇ ଶହୀଦ ସଚ୍ଚିଦାନନ୍ଦ ସ୍ମୃତି କମିଟିର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ ଶହୀଦ ସଚ୍ଚିଦାନନ୍ଦଙ୍କ ସ୍ମୃତିସ୍ତମ୍ଭ ନିର୍ମାଣ ହେବ ବୋଲି ଜିଲାପାଳ ଏହି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଜିଲାପାଳ ନିଜେ ସ୍ମୃତିସ୍ତମ୍ଭ ନିର୍ମାଣ ଲାଗି ଫଳକ ଲଗାଯାଇଥିବା ସ୍ଥଳ ଅନୁଧାନ କରିବା ସହ ଏହାର ବିକାଶ ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଜିଲାପାଳଙ୍କ ସହ ରାଜକନିକା ବିଡିଓ ଉପସ୍ଥିତ ଥିଲେ। ତେବେ ଖରସ୍ରୋତା ସାଂସ୍କୃତିକ ପରିଷଦ ସଭାପତି ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ଶହୀଦ ସଚ୍ଚିଦାନନ୍ଦ ସ୍ମୃତି କମିଟି ସମ୍ପାଦକ ଶିବରାମ ଦାସ, ବାସୁଦେବ ମଲ୍ଲିକ, ମିତ୍ରଭାନୁ ସାମନ୍ତସିଂହାର ଓ ବୈଷ୍ଣବ ଚରଣ ମିଶ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

### ଲଗାଣ ବର୍ଷା ପରେ ଚାଷୀକୁଳ ଆଶ୍ୱସ୍ତ

**ଆଳି, ୭।୮ (ଡି.ଏନ୍.ଏ.):** ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ଦୁଇ ଦିନ ହେବ ବର୍ଷା ଲାଗିରହିଛି। ବର୍ଷା ଅଭାବରୁ ମରୁଡ଼ି ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଏହି ବର୍ଷା ପରେ ଆଳି ବ୍ଲକ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଲଗାଣ ବର୍ଷା ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହେଲେ ଏହି ଲଘୁଚାପଜନିତ ବର୍ଷା ଚାଷୀକୁଳ ମଧ୍ୟରେ ଖୁସି ଭରି ଦେଇଛି। ବର୍ଷା ଯୋଗୁ ଖାଲୁଆ ଜମିରେ ପାଣି ଜମିଯାଇଥିବା ବେଳେ ବୁଧବାର ସକାଳୁ ବହୁ ଚାଷୀ ବିଲରେ ଚାଷ କାର୍ଯ୍ୟ ଆରମ୍ଭ କରିଥିବା ଦେଖାଯାଇଛି। ବର୍ଷା ଅଭାବରୁ ବ୍ଲକ ଅଞ୍ଚଳର ବହୁ ଜମି ଫାଟି ଯାଇଥିବା ବେଳେ କେତେକ ବିଲରେ ପକାଯାଇଥିବା ତଳି ପାଚି ଯାଇଥିବା ଦେଖାଯାଇଥିଲା। ବର୍ଷା ଅଭାବ ଓ ଜଳସେଚନର ସୁବିଧା ନ ଥିବାରୁ ଚାଷୀମାନେ ମରୁଡ଼ି ଆଶଙ୍କାରେ ଚିନ୍ତାରେ ପଡ଼ିଥିଲେ।

### କାରଗିଲ ବିଜୟ ଦିବସ

ମହାକାଳପଡ଼ା, ୭।୮ (ଡି.ଏନ୍.ଏ.) ମହାକାଳପଡ଼ା ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତର ଗୋଜବନ୍ଧସ୍ଥିତ ଗାନ୍ଧିଜୀ ନୋଡ଼ାଲ ବିଦ୍ୟାପୀଠରେ କାରଗିଲ୍ ବିଜୟ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ପରିଡା ଯୋଗଦେଇ କାରଗିଲ୍ ଯୁଦ୍ଧରେ ଭାରତୀୟ ଯବାନ ଦେଖାଇଥିବା ବୀରତ୍ୱ ଓ ସାହସିକତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ।

■ ବିଟ୍ ବୈଠକରେ ପର୍ଯ୍ୟଟକଙ୍କ ପାଇଁ ନୂଆ ନିୟମ

# ଏଣିକି ୧୫୦ ଟଙ୍କାରେ ଜଳପଥରେ ଯାଇ ହେବ ଭିତରକନିକା

**ପଲିଥିନମୁକ୍ତ ପାଇଁ ଯାଞ୍ଚ ହେବ କଡ଼ାକଡ଼ି**

**ରାଜନଗର, ୭।୮ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନକୁ ଏଣିକି କମ୍ ଖର୍ଚ୍ଚରେ ଜଳପଥରେ ଯାଇହେବ। ଫଳରେ ପର୍ଯ୍ୟଟକମାନେ ବୋଟ୍ରେ ଯାତ୍ରା କରି ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରି ପାରିବେ। ବୁଧବାର ରାଜନଗର ଡିଏଫଓଙ୍କ କାର୍ଯ୍ୟାଳୟରେ ଭିତରକନିକା ଇକୋ ଟୁରିଜମ୍ ଆଣ୍ଡ ଇକୋ ଡେଭଲପମେଣ୍ଟ ସୋସାଇଟି (ବିଟ୍)ର ବୈଠକ ବସିଥିଲା। ଏହି ବୈଠକରେ ପୂର୍ବ ନିୟମକୁ ବାତିଲ କରାଯାଇ ଭିତରକନିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ନୂଆ ନିୟମ ଲାଗୁ କରାଯାଇଛି। ପୂର୍ବରୁ ପର୍ଯ୍ୟଟକମାନେ ବୋଟ ନ ପାଇଲେ ନିରାଶ ହୋଇ ଫେରୁଥିଲେ। ନୂଆ ନିୟମ କାର୍ଯ୍ୟକାରୀ ହେଲେ ସେମାନେ ଦେଢଶହ ଟଙ୍କାରେ ଘାଟ ନିକଟରେ ଟିକେଟ କରି ଜଳପଥରେ ଭିତରକନିକା ବୁଲିବାର ସୁଯୋଗ ପାଇପାରିବେ। ପୂର୍ବରୁ ଜଣେ ହେଉ କି ଦୁଇଜଣ କିମ୍ବା ୫ଜଣ ଭିତରକନିକାକୁ ଜଳପଥରେ ଯିବାକୁ ଚାହିଁଲେ ପୂରା ବୋଟକୁ ରିଜର୍ଭ କରିବାକୁ ପଡୁଥିଲା। ଏଥିପାଇଁ ଅଢେଇ ହଜାର ଟଙ୍କା ଦେଇ ପର୍ଯ୍ୟଟକ ଭିତରକନିକା ବୁଲୁଥିଲେ। ଫଳରେ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ନିମ୍ନବର୍ଗର ଲୋକ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରି ପାରୁ ନ ଥିଲେ। ବିଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ନଭେମ୍ବର ୧୫ରୁ ଡିସେମ୍ବର ୧୬ ଯାଏଁ ୧ମାସ ୧ ଦିନ ଧରି ଗୁପ୍ତିରୁ ଭିତରକନିକା ପରୀକ୍ଷାମୂଳକ ଭାବେ ବୋଟ ଚାଳିବ। ଏହି ବ୍ୟବସ୍ଥା ସଫଳ ହେଲେ ପରବର୍ତ୍ତୀ ସମୟରେ ସବୁଦିନ ପାଇଁ ଲାଗୁ କରାଯିବ।

ଏଥିସହ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ, ଜାନୁୟାରୀ ୨୩ ନେତାଜୀ ଜୟନ୍ତୀ, ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ ଭଳି ଜାତୀୟ ଦିବସଗୁଡ଼ିକରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିନା ଏଣ୍ଟ୍ରି ଫି ରେ ଭିତରକନିକା ବୁଲିପାରିବେ। ଏଥିସହ ଗୁପ୍ତିରୁ ଡାଙ୍ଗମାଳ, ଗୁପ୍ତିରୁ ହବାଳିଖଟି, ଖୋଳାରୁ ଡାଙ୍ଗମାଳ, ଖୋଳାରୁ ହବାଳିଖଟି, ଜୟନଗରରୁ ଡାଙ୍ଗମାଳ ବୋଟ ଭଡା ୨ଶହ ଟଙ୍କା ଲେଖାଏଁ ବୃଦ୍ଧି କରାଯାଇଛି। ବନବିଭାଗର ବୋଟ ଭଡା ଅପରିବର୍ତ୍ତିତ ରହିଛି। ଭିତରକନିକାକୁ ପଲିଥିନ ମୁକ୍ତ କରିବାକୁ ଯାଞ୍ଚକୁ କଡାକଡି କରାଯିବ। ସମସ୍ତ ପ୍ରବେଶ ପଥରେ ପର୍ଯ୍ୟଟକମାନଙ୍କୁ ଯାଞ୍ଚ କରାଯାଇ ସେମାନେ ଆଣିଥିବା ପଲିଥିନକୁ କାଢି ରଖାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ପର୍ଯ୍ୟଟକମାନେ ଟିକେ ବିଳମ୍ବରେ ଆସିଲେ ହବାଳିଖଟି ଓ ହୁକିଟୋଲା ଯିବାକୁ ବୋଟ ପାଉ ନ ଥିଲେ। ହବାଳିଖଟି ଯିବାପାଇଁ ଗୁପ୍ତି ଠାରେ ଓ ହୁକିଟୋଲା ଯିବା ପାଇଁ ଜମ୍ବୁ ଠାରେ ବନବିଭାଗ ପକ୍ଷରୁ ଗୋଟିଏ ଲେଖାଏଁ ବୋଟ ରଖାଯିବ ବୋଲି ନିଷ୍ପତ୍ତି ହୋଇଛି । ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଡିଏଫଓ ଅମ୍ଳାନ ନାୟକ, ୱାଇଲ୍ଡ ଲାଇଫ ଅଫିସର ପ୍ରଦୀପ୍ତ କୁମାର ସାହୁ, ଡବ୍ଲ୍ୟୁଡବ୍ଲ୍ୟୁଏଫ୍ର ରାଜ୍ୟ ନିର୍ଦ୍ଦେଶକ ମାଇକେଲ ପିଟର, ଜିଲା ପରିବେଶ ସମିତି ସଂଯୋଜକ ଗୋପୀନାଥ ଦାସ, ବିଜୟ କବି, ପିପୁଲ ଫର ଆନିମଲର ସୁଧାଂଶୁ ପରିଡା, ଏସିଏଫ ବିଜୟ କୁମାର ପରିଡା ଆଲୋଚନାରେ ଭାଗ ନେଇଥିଲେ । ଏଥିସହ ବୈଠକରେ ସୁବ୍ରତ କୁମାର ପାତ୍ର, ଅମରେଶ ନାଥ ପ୍ରଧାନ, ହରେକୃଷ୍ଣ ମଲ୍ଲିକ, ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସଙ୍କ ସମେତ ଜିଲା ମତ୍ସ୍ୟାଧିକାରୀ, ବଗପାଟିଆ, ଗୁପ୍ତି ଓ ଡାଙ୍ଗମାଳର ଇକୋ ଡେଭେଲପମେଣ୍ଟର ସଭାପତିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲଗାଣ ବର୍ଷା, ମରୁଡ଼ି ଆଶଙ୍କା ଟଳିଲା



ଡେରାବିଶ ବ୍ଲକ ଅଞ୍ଚଳରେ ଚାଷଜମି ଜଳମଗ୍ନ।

**ଡେରାବିଶ, ୭।୮ ( ସ୍ୱ.ପ୍ର.)**

ବିହନ ଅଭାବ ସାଙ୍ଗକୁ ବର୍ଷା ଅଭାବରୁ ଡେରାବିଶ ବ୍ଲକ ଅଞ୍ଚଳରେ ଚାଷୀମାନେ ମରୁଡ଼ି ଆଶଙ୍କାରେ ରହିଥିଲେ। ଗତ ଜୁନ୍ ମାସରୁ ତଳି ପକାଯାଇଥିଲେ ବି ବର୍ଷା ନହେବା କାରଣରୁ ବିଲରେ ତଳି ପାଚି ନଷ୍ଟ ହେଉଥିବା ଦେଖାଯାଇଥିଲା। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ବିଲକୁ ପାଣି ମାଡ଼ି ପାରୁ ନ ଥିବା ବେଳେ ଚାଷୀମାନେ ବର୍ଷା ଉପରେ ନିର୍ଭର କରନ୍ତି। ହେଲେ ଚଳିତ ବର୍ଷ ବର୍ଷାର ଲୁଚକାଳି ଖେଳ ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଥିଲା। ହେଲେ ବଙ୍ଗୋପସାଗରରେ ଲଘୁଚାପ ପ୍ରଭାବରେ ଗତ ମଙ୍ଗଳବାରଠାରୁ ଲଗାଣ ବର୍ଷା ହେଉଥିବାରୁ ଚାଷୀଙ୍କ ମୁହଁରେ ହସ ଫୁଟି ଉଠିଛି। ବୁଧବାର ସକାଳୁ ବ୍ଲକ ଅଞ୍ଚଳର ଚାଷୀମାନେ କର୍ମ ତତ୍ପର ହୋଇ ଚାଷ ଜମିରେ କାର୍ଯ୍ୟ ଆରମ୍ଭ କରିଥିବା ଦେଖାଯାଇଛି। ମରୁଡ଼ି ଆଶଙ୍କା ଦୂରେଇ ଯାଇଥିବା ବେଳେ ଚଳିତ ମାସରେ ଭଲ ବର୍ଷା ହେବ ବୋଲି ବ୍ଲକ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସବୁଜିମାରେ ପରିଣତ ହେବ ଶହୀଦ ବାସୁ-ବିଶୁନି ସ୍ମୃତିପୀଠ



ଶହୀଦ ସ୍ମୃତି ପୀଠରେ ଚାରା ରୋପଣ କରାଯାଉଛି।

**ରାଜକନିକା, ୭।୮ (ଡି.ଏନ୍.ଏ.)**

କନିକା ପ୍ରଜା ଆନ୍ଦୋଳନର ମୂକସାକ୍ଷୀ ଶହୀଦ ବାସୁ-ବିଶୁନି ସ୍ମୃତିପୀଠକୁ ସବୁଜିମାରେ ପରିଣତ କରିବା ସକାଶେ ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ପକ୍ଷରୁ ଏକ ନିଆରା ପ୍ରୟାସ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ରାଜକନିକା ବ୍ଲକ ଅଧୀନ ତ୍ରୈଲୋକ୍ୟପୁର ପଞ୍ଚାୟତସ୍ଥିତ ବେବର୍ତ୍ତା ଶହୀଦ ସରୋବର ତଟରେ ଥିବା ଶହୀଦ ବାସୁ-ବିଶୁନିଙ୍କ ସ୍ମୃତିପୀଠ ପରିସରରେ ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ବଉଳ ଗଛ ଲଗାଇଛନ୍ତି। ପ୍ରାରମ୍ଭରେ ଜିଲାପାଳ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିବା ପରେ ବାସୁ-ବିଶୁନିଙ୍କ ଦାୟାଦ ବାଦଲ ସେଠୀ ଓ ସନାତନ ମଢୁଆଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ କନିକାର କାଟଣା ଅଞ୍ଚଳକୁ ସବୁଜିମାରେ ଭରିଥିବା ଗୋଲେଖ ରାଉତଙ୍କୁ ମଧ୍ୟ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହାବ୍ୟତୀତ ସ୍ମୃତିପୀଠର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ଲାଗି ଜିଲାପାଳ ସ୍ଥାନୀୟ ସରପଞ୍ଚ ପଙ୍କଜ ଦାସ ଓ ବିଡିଓ ଡି.ଏସ୍. ଶୁଭଦର୍ଶୀ ଯୋଶୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ଗୋପୀନାଥ ଦାଶ, ସୁବାସ ରାଉତଙ୍କ ସମେତ ସ୍ମୃତି ସଂସଦ ସଦସ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଅସହଯୋଗ ଆନ୍ଦୋଳନର ପ୍ରଥମ ଶହୀଦ ବାସୁ-ବିଶୁନିଙ୍କ ସ୍ମୃତିପୀଠର ପାଚେରି ନିର୍ମାଣ, ସ୍ମୃତିସ୍ଥଳରେ ଶିଶୁ ଉଦ୍ୟାନ ସ୍ଥାପନ, ଶହୀଦ ବେବର୍ତ୍ତା ସରୋବରର ପୁନରୁଦ୍ଧାର ଓ ଏହି ସ୍ମୃତିସ୍ଥଳକୁ ଜାତୀୟ ସ୍ମାରକୀ ଭାବେ ଘୋଷଣା କରିବାକୁ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## କଲେଜ ଗ୍ରାଉଣ୍ଡରେ ହେବ ସ୍ୱାଧୀନତା ଦିବସ ପରେଡ୍

**କେନ୍ଦ୍ରାପଡା ଅଫିସ, ୭।୮**

ପୂର୍ବ ବର୍ଷ ପରି ଚଳିତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଇଚ୍ଛାପୁରସ୍ଥିତ ରଥଦାଣ୍ଡ ଅଥବା ସାରଙ୍ଗ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ସ୍ୱାଧିନତା ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ତେବେ ସମ୍ଭାବ୍ୟ ବର୍ଷାକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

■ ଭିତରଗଡରୁ ମଦ ଦୋକାନ ଉଚ୍ଛେଦ ପାଇଁ ଦାବି

## ବର୍ଷାକୁ ବେଖାତିର କରି ମହିଳାଙ୍କ ଆମରଣ ଅନଶନ

**ରାଜନଗର, ୭।୮(ଡି.ଏନ.ଏ.)**



ମହିଳାମାନେ ଅନଶନରେ ବସିଛନ୍ତି।

ରାଜନଗର ବ୍ଲକର ଭିତରଗଡ ଛକ ଠାରେ ଖୋଲା ଯାଇଥିବା ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ଶତାଧିକ ମହିଳା ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ପ୍ରବଳ ବର୍ଷାକୁ ବେଖାତିର କରି ମହିଳାମାନେ ମଦ ଦେକାନ ସମ୍ମୁଖ ରାସ୍ତା ଉପରେ ଆମରଣ ଅନଶନରେ ବସି ରହିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ ଚେତାଇ ଦେଇଛନ୍ତି । ପ୍ରକାଶ ଯେ, ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳ ଠାରେ ଠିପିବନ୍ଦ ବିଦେଶୀ ମଦ ଦୋକାନ ଓ ଚାନ୍ଦିବାଉଁଶମୂଳ ଠାରେ ଠିପି ଖୋଲା ମଦ ଦୋକାନ ଥିଲା। ମହିଳାମାନଙ୍କ ଆନ୍ଦୋଳନ ଫଳରେ ୩ମାସ ତଳେ ୨ଟିମଦଦୋକାନକୁ ବନ୍ଦ କରାଯାଇଥିଲା। ତେବେ ଗତମାସ ୨୪ ତାରିଖ ଠାରୁ ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଭିତରଗଡ ଛକ ଠାରେ ଖୋଲାଯାଇଛି। ଏହି ମଦଦୋକାନ ଖୋଲିବା ପରେ ଭିତରଗଡ ପଞ୍ଚାୟତର ମହିଳାମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ମଦଦୋକାନ ବାଟ ଦେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇଥାନ୍ତି । ତେବେ ମଦ୍ୟପମାନଙ୍କ ଉପଦ୍ରବ ଯୋଗୁ ଛାତ୍ରୀଛାତ୍ର ଓ ଝିଅ ବୋହୁ ଏହି ରାସ୍ତା ଦେଇ ଯିବା ଆସିବା କରିବାକୁ ନିରାପଦ ମନେ କରୁନାହାନ୍ତି । ଏହାଛଡା ମଦ ଦୋକାନର କିଛି ଦୂରରେ ପଞ୍ଚାୟତ କାର୍ଯ୍ୟାଳୟ , ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହାସତ୍ତ୍ୱେ ସରକାରୀ ଆଇନ କାନୁନକୁ ଉଲ୍ଲଂଘନ କରି ଏହି ମଦ ଦୋକାନ ଖୋଲାଯାଇଛି। ଏହାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଅବକାରୀ କମିଶନର, ଜିଲାପାଳ , ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ବିରୋଧ କରି ପଞ୍ଚାୟତ ମିଶନ ଶକ୍ତି ଫେଡେରେସନର ସଭାପତି ସୁକାନ୍ତି ଜେନା, କଲ୍ୟାଣୀ ଜେନା, ନିର୍ମଳା ଦାସ, ପ୍ରତିଭା ଜେନା, ବିନୋଦିନୀ ରାଉତରାୟ, ବିନୋଦିନୀ ଚଣ୍ଡ, ସବିତା ପ୍ରଧାନ, ସୁକାନ୍ତି ରାଉତରାୟଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ମହିଳା ଭୋର ୫ଟାରୁ ଆମରଣ ଅନଶନରେ ବସିଛନ୍ତି। ମଦ ଦୋକାନ ସମ୍ମୁଖ ରାଜନଗର- ଭିତରକନିକା ମୁଖ୍ୟରାସ୍ତା ଅବରୋଧ କରି ମହିଳାମାନେ ବସି ରହିଛନ୍ତି । ଖବର ଲେଖା ହେବା ଯାଏଁ ଏହି ଆନ୍ଦୋଳନ ଜାରି ରହିଛି। ଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଲିଖିତ ପ୍ରତିଶ୍ରୁତି ନ ଦେବା ଯାଏଁ ଆମରଣ ଅନଶନ ଜାରି ରହିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି । ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ଘଟଣାସ୍ଥଳକୁ ଯାଇ ସରକାରୀ ନିୟମ ମୁତାବକ ମଦଦୋକାନ ଖୋଲାଯାଇଥିବାରୁ ଆନ୍ଦୋଳନରୁ ଓହରି ଯିବାକୁ ଅନୁରୋଧ କରିଥିଲେ । କିନ୍ତୁ ଦାବି ପୂରଣ ପାଇଁ ମହିଳାମାନେ ଜିଦରେ ଅଟଳ ଅଛନ୍ତି।

## ସ୍କୁଲ ପରିସରରେ ବୃକ୍ଷରୋପଣ

**ଡେରାବିଶ, ୭।୮ ( ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଅରାଖଣ୍ଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ଖଗେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସିଆରସିସି ଅଶୋକ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱ ତାପନ, ପରିବେଶ ପ୍ରଦୂଷଣ ଏବଂ ଏକ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କରିବାକୁ ହେଲେ ବୃକ୍ଷରୋପଣ ସହିତ ଏହାର ଯତ୍ନ ନେବା ଆବଶ୍ୟକ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ।

## ଧାରା ୩୭୦ ଉଚ୍ଛେଦକୁ ସିପିଆଇର ବିରୋଧ

**କେନ୍ଦ୍ରାପଡା ଅଫିସ, ୭।୮**




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନରତ ସିପିଆଇ କର୍ମୀ।

ଜମ୍ମୁକଶ୍ମୀରରେ ଧାରା ୩୭୦ ଉଚ୍ଛେଦକୁ ସିପିଆଇ ଓ ସିପିଆଇ (ଏମ୍) ପକ୍ଷରୁ ବିରୋଧ କରାଯାଇଛି। ଏଥିପାଇଁ କେନ୍ଦ୍ରାପଡା ଜିଲା ନେତୃମଣ୍ଡଳୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ନେତା ଉମେଶ ସିଂଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭରେ ବକ୍ତାମାନେ ପ୍ରକାଶ କରିଥିଲେ ଯେ, ୩୭୦ ଧାରା ଉଚ୍ଛେଦ ସହ ଜମ୍ମୁ-କଶ୍ମୀର ରାଜ୍ୟକୁ ୨ ଖଣ୍ଡ କରିବା କେନ୍ଦ୍ର ସରକାରଙ୍କ ମନମାନିର ପରିଚୟ ଦେଇଛି। କଶ୍ମୀର ବିଧାନସଭା ସ୍ୱୀକୃତି ବିନା ରାଷ୍ଟ୍ରପତି ଏହି ରାଜ୍ୟକୁ ଭାଙ୍ଗି ପାରିବେନାହିଁ ଓ କୌଣସି ସ୍ୱତନ୍ତ୍ର ଅଧିକାରକୁ ନଷ୍ଟ କରିପାରିବେ ନାହିଁ। ଏହା ଅଗଣତାନ୍ତ୍ରିକ କାର୍ଯ୍ୟ। ଏହା ବ୍ୟତୀତ କଶ୍ମୀର ଉପତ୍ୟକାରେ ସେନା ଛାଉଣି, ନେତୃମଣ୍ଡଳୀଙ୍କୁ ଗିରଫ, ଟେଲିଫୋନ ଓ ଇଣ୍ଟରନେଟ ସେବା ସହିତ ଶିକ୍ଷାନୁଷ୍ଠାନ, ହୋଟେଲ ଆଦି ବନ୍ଦ କରାଯାଇଥିବାରୁ ସିପିଆଇ ପକ୍ଷରୁ ଏହାକୁ ତୀବ୍ର ସମାଲୋଚନା କରାଯାଇଥିଲା। ଏହି ବିକ୍ଷୋଭରେ ବରିଷ୍ଠ ନେତା ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ଜଗତଜୀବନ ଦାସ, କାଳୀପ୍ରସାଦ ନାୟକ, ଅସୀତ ମିର୍ଦ୍ଧା, ଭୀମସେନ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ବନ ମହୋତ୍ସବ



ଡେରାବିଶ ମହିଳା ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଉଛି।

**ଡେରାବିଶ, ୭।୮ ( ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଇତିମଧ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଚାଟରାଚକଡ଼ା ପଞ୍ଚାୟତର ଛତାସ୍ଥିତ ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏଣ୍ଡର ପଞ୍ଚାୟତ ଅଧୀନ ଅରାଖଣ୍ଡ ଉନ୍ନୀତ ଉଚ୍ଚ ପ୍ରଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ବନ ମହୋତ୍ସବର ପ୍ରଥମ ଅଧିବେଶନରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଏହାପରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଓ ଅଧ୍ୟାପିକାଅଧ୍ୟାପକ କଲେଜ ପରିସରରେ ବିଭିନ୍ନ ଚାରାରୋପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ ମହୋତ୍ସବ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପିକା ଚିନ୍ମୟୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବ ପରିଚାଳନାରେ ପ୍ରଦୀପ କୁମାର ନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ।

■ ଗ୍ରାମ୍ୟ ଉନ୍ନୟନ ବିଭାଗର ଚରମ ଅବହେଳା, ବର୍ଷାଦିନେ ସେତୁ ନିର୍ମାଣ

# ଧୋଇଗଲା ଅସ୍ଥାୟୀ ରାସ୍ତା

**୫ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ**

**ଡେରାବିଶ, ୭।୮ (ସ୍ୱ.ପ୍ର.)**



ସବଳଙ୍ଗଠାରେ ରାସ୍ତା ଧୋଇ ଯାଇଛି।

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଗ୍ରାମ ରାସ୍ତା ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ଚାଲିଥିବା ବେଳେ ସାଧାରଣ ଲୋକଙ୍କ ଯା'ଆସ ଲାଗି ନିର୍ମାଣ ହୋଇଥିବା ଅସ୍ଥାୟୀ ରାସ୍ତା ଧୋଇ ହୋଇଯାଇଛି। ଏଥିସହ ଏହି ସ୍ଥାନରେ ପାଣି ଚାଲୁଥିବାରୁ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଫଳରେ ପଲେଇ, ବାଲିଆ ଓ କୁରୁଜଙ୍ଗା ପଞ୍ଚାୟତର ୫ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ସବଳଙ୍ଗ ଗ୍ରାମ ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ଲାଗି କେନ୍ଦ୍ରାପଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜନୈକ ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଛି। ମାତ୍ର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ଗତ ଜୁନ୍ରେ ଏହି ରାସ୍ତାର ସବଳଙ୍ଗଠାରେ ୧୯ ନଂ. ଡ୍ରେନେଜ୍ କଟ୍ ଉପରେ ପୋଲ ନିର୍ମାଣ କରିବା ପାଇଁ ସମ୍ପୃକ୍ତ ଠିକାଦାର ପୁରୁଣା ପୋଲକୁ ଭାଙ୍ଗି ଦେଇଥିଲେ। ସାଧାରଣ ଲୋକଙ୍କ ଯାତାୟତ ପାଇଁ ସେଠାରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ମଙ୍ଗଳବାରଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଉକ୍ତ ଅସ୍ଥାୟୀ ରାସ୍ତା ସମ୍ପୂର୍ଣ୍ଣ ଧୋଇହୋଇଯାଇଛି। ସ୍ଥାନୀୟ ଲୋକେ ଏକ ପ୍ରକାର ପାଣି ଘେରରେ ରହିଥିବା ବେଳେ ଏହାର ସମାଧାନ ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଫୋନ୍ କରିଥିଲେ। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ତେବେ ରାସ୍ତା ଦାୟିତ୍ୱରେ ଥିବା ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ କେତେଜଣ ଚାଷୀ ସାକ୍ଷାତ କରିଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ବରିଷ୍ଠ ଆଇନଜୀବୀ ବିଧୂଭୂଷଣ ମହାପାତ୍ର କହିଛନ୍ତି। ଆସନ୍ତା ଦିନେ ଦୁଇନ ମଧ୍ୟରେ ଠିକାଦାର ଜଣକ ଅସ୍ଥାୟୀ ରାସ୍ତା ନିର୍ମାଣ ନ କଲେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଆଇନଜୀବୀ ମହାପାତ୍ର ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ଏ ବିଷୟରେ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରି ବିଭାଗୀୟସ୍ତରରେ ତୁରନ୍ତ ପଦକ୍ଷେପ ନିଆଯିବା ପାଇ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

# ଦୁଇ କପ୍ ଚା'ରୁ ସକାଳ ଆରମ୍ଭ


ଶ୍ରଦ୍ଧା କପୁର

ଶ୍ରଦ୍ଧା କପୁର ଏବେ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ନାୟିକା। ଚଳିତ ମାସରେ ରିଲିଜ ହେବାକୁ ଯାଉଥିବା ବିଗ୍ ବଜେଟ ଫିଲ୍ମ 'ଶାହୋ'ରେ ସେ ପ୍ରଭାସଙ୍କ ଅପୋଜିଟ୍‌ରେ ଅଭିନୟ କରିଛନ୍ତି। ତେବେ ତାଙ୍କର ସକାଳ କିପରି ଆରମ୍ଭ ହୁଏ। ସକାଳୁ ବିଛଣା ଛାଡିବା ପରେ ସେ ଦୁଇ କପ୍ ଚା' ପିଅନ୍ତି। ତା'ପରେ ସେ ନିଜର ଦୈନନ୍ଦିନ କାମ ପାଇଁ ନିଜକୁ ପ୍ରସ୍ତୁତ କରନ୍ତି। ତାଙ୍କ ଅଭିନୀତ 'ଆସିକ୍-୨' ସେ ବର୍ଷର ସବୁଠାରୁ ଅଧିକ ଆୟ କରି ରେକର୍ଡ ସୃଷ୍ଟି କରିଥିଲା। ସ୍କୁଲରେ ପଢ଼ିବା ସମୟରେ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ଦ୍ୱାଦଶ ପରୀକ୍ଷାରେ ସେ ୯୫ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଜାପାନୀ ଖାଦ୍ୟ, କପ୍ କେକ୍ ଏବଂ ଚକୋଲେଟ୍ ହେଉଛି ତାଙ୍କର ପ୍ରିୟ ଖାଦ୍ୟ। ତାଙ୍କ ବାପା ଶକ୍ତି କପୁରଙ୍କ ଫିଲ୍ମଗୁଡିକୁ ସେ ବାରମ୍ବାର ଦେଖିଥାଆନ୍ତି। ଅମିତାଭ ବଚ୍ଚନ ହେଉଛନ୍ତି ଶ୍ରଦ୍ଧାଙ୍କର ପ୍ରିୟ ଅଭିନେତା। ଏହି ଅଭିନେତ୍ରୀଙ୍କ ମା' ଏବଂ ଜେଜେମା ହେଉଛନ୍ତି ଶାସ୍ତ୍ରୀୟ କଣ୍ଠଶିଳ୍ପୀ। ଅଭିନୟ ବ୍ୟତୀତ ଶ୍ରଦ୍ଧା ମଧ୍ୟ ଜଣେ ଗାୟିକା। ନିଜ ଅଭିନୀତ 'ଏକ ଭିଲିୟାନ' ଫିଲ୍ମର 'ଗଲିୟାଁ' ଗୀତରୁ ସେ ବଡ଼ ପରଦାରେ ପ୍ରଥମ ଥର ପାଇଁ କଣ୍ଠଦାନ କରିଥିଲେ। ବୋଷ୍ଟନ ୟୁନିଭର୍ସିଟିରେ ପଢୁଥିବା ସମୟରେ ଥରେ ତାଙ୍କର ଅଭିନୟ ଦେଖି ସଲ୍‌ମାନ ଖାଁ ତାଙ୍କୁ ଏକ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଥିଲେ।

## ବିକିନିକୁ ନା


କ୍ରିତି

କ୍ରିତି ସାନନ୍ ମାଇଣ୍ଡ ମେକ୍‌ଅପ କରିଛନ୍ତି, ବିକିନି ପିନ୍ଧି ସେ କେବେ ଶଟ୍ ଦେବେ ନାହିଁ। ତେଣିକି ଯେତେ ଅଫର ହାତରୁ ଖସିଗଲେ କିଛି ପର୍‌ବାୟ ନାହିଁ। ନିକଟରେ ତାଙ୍କୁ କେତୋଟି ଅଫର ମିଳିଥିଲା, ସେଥିରୁ ଦୁଇଟି ଫିଲ୍ମରେ ତାଙ୍କୁ ବିକିନି ଶଟ୍ ଦେବାର ଥିଲା। ସେ ବିଷୟରେ ଜାଣିବା ପରେ ସେ ସିଧାସଳଖ ମନା କରିଦେଇଥିଲେ। ମୁଁ ଏଠାକୁ ଅଭିନୟ କରିବାକୁ ଆସିଛି। ଅଯଥା ଅଙ୍ଗ ପ୍ରଦର୍ଶନ କରି ବାହାବା ନେବାକୁ ଚାହେଁନା କି ରାତାରାତି ନାୟିକା ଦୌଡ଼ରେ ସାମିଲ ହେବାକୁ ଚାହେଁନା ବୋଲି କହିଛନ୍ତି କ୍ରିତି। ତେବେ ଏଭଳି କଥାରେ ସେ କେତେଦିନ ଦୃଢ଼ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଆପଣମାନେ ଖୁସି ତ

ରିଲିଜ୍ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଫ୍ରମ୍ ମି ଟୁ ୟୁ' ଏବେ ଚର୍ଚ୍ଚାରେ। କାରଣ ଏଥିରେ ଏପରି ଏକ ଗୀତ ସଂଯୋଜିତ ହୋଇଛି, ଯାହା ଆଲୋଚନା ପାଇଁ ଯଥେଷ୍ଟ ଖୋରାକ ଯୋଗାଇଛି। ଗୀତଟିର ଏକ ଟ୍ୟାଗ୍ ଲାଇନ୍ ରହିଛି 'ଆପଣମାନେ ଖୁସି ତ'। ଓଲିଉଡ୍‌ର ମ୍ୟୁଜିକ୍ ସାଇଣ୍ଟିଷ୍ଟ ଭାବେ ପରିଚିତ ପ୍ରେମ ଆନନ୍ଦ ଏହାର ସ୍ୱର ସଂଯୋଜନା କରିଥିବା ବେଳେ ମସ୍ତିଭରା ଏପରି ଗୀତଟିକୁ ରଚନା କରିଛନ୍ତି ବସନ୍ତରାଜ ସାମଲ। ଏ ସମ୍ପର୍କରେ ପ୍ରେମ ଆନନ୍ଦ କହନ୍ତି, 'କଲେଜର ବାର୍ଷିକ ଉତ୍ସବରେ ପିଲାମାନେ ଗୀତ ଗାଇ ନାଚୁଛନ୍ତି। ଏହି ସମୟରେ ଏଭଳି ଏକ ଗୀତକୁ ଯୋଡ଼ଯାଇଛି, ଯାହାର ଆଦ୍ୟ ଲାଇନ୍ ରହିଛି- ମନଟା ଆମ ମାଲ୍ ମହୁ ଦିଲ୍‌ଟା ସାଦାସିଧା। ସିକ୍ୟୁଏନ୍ସ ଅନୁସାରେ ଜଣେ ଝିଅ ପୁଅମାନଙ୍କ ମଧ୍ୟରୁ କିଏ ତା' ସହ ନାଚିବ ବୋଲି କହିବା ପରେ ଜଣେ ପୁଅ ତାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରୁଛି। ଆଉ ଯେତେବେଳେ ଏହି ଯୋଡିକୁ ବାହାବା ମିଳୁଛି ସେତେବେଳେ ପୁଅଟି କହୁଛି 'ଆପଣମାନେ ଖୁସି ତ'।' ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ଆଶୁତୋଷ ଏବଂ ଅସୀମା ପଣ୍ଡା। 'ଆପଣମାନେ ଖୁସି ତ' ଲାଇନ୍‌ଟିକୁ ଗାଇଛନ୍ତି ବିୟୁଟିଫୁଲ ଦାସ। ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ଜ୍ୟୋତି ନାୟକ ଏବଂ ଅମ୍ଲାନ କୁମାର। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି 'ମିଠା ମିଠା' ଚଳଚ୍ଚିତ୍ରରେ ଜ୍ୟୋତିଙ୍କ ନାୟିକା ସାଜିଥିବା ଶ୍ରଦ୍ଧା। ରିସ୍ତାୱେଭ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଫିଲ୍ମଟିର କାର୍ଯ୍ୟକାରୀ ପ୍ରଯୋଜନା କରିଛନ୍ତି ରାଜେଶ କୁମାର ମହାନ୍ତି। ହେମନ୍ତ କୁମାର ସାହୁ ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସହ-ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅଶ୍ୱିନୀ ଗଡ଼ନାୟକ। ଗୀତଗୁଡିକର କୋରିଓଗ୍ରାଫି କରିଛନ୍ତି ଅମିତ ନାୟକ। ଫିଲ୍ମଟି ଚଳିତ ମାସରେ ରିଲିଜ୍ ହେବାର ଯୋଜନା ରହିଛି।


'ଫ୍ରମ୍ ମି ଟୁ ୟୁ' ଚଳଚ୍ଚିତ୍ରରେ ଜ୍ୟୋତି-ଶ୍ରଦ୍ଧା-ଅମ୍ଲାନ

## ଖବର ଟବର

❖ଏମ୍‌ଟିଆର୍ ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅଟୋଗ୍ରାଫ୍-ସାଇନ୍ ଅଫ୍ ଲଭ୍'। ପ୍ରସନ୍ନ ଦ୍ୱିବେଦୀ ଏବଂ ଏ.ଆର. ରହମନଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ରମେଶ ରାଉତ। ଗୀତଗୁଡିକୁ ସ୍ୱର ଦେଉଛନ୍ତି ଅଭିଜିତ ମଜୁମ୍‌ଦାର। ଫିଲ୍ମର ମୁଖ୍ୟ ଭୂମିକାରେ ଦୀପକ ଏବଂ ସ୍ୱାତୀଙ୍କୁ ଦେଖିବାକୁ ମିଳିବ।

❖ନିର୍ଦ୍ଦେଶକ ସୁଧାକର ବସନ୍ତ ବର୍ତ୍ତମାନ ଏକ ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି, ଯାହାର ସଂଳାପ ରଚନା କରୁଛନ୍ତି ଡ. ରଜନୀ ରଞ୍ଜନ।

❖ପ୍ରଯୋଜକ ରମେଶ ବାରିକ ଏବେ ଆଉ ଏକ ଓଡ଼ିଆ ସିନେମା ପ୍ରସ୍ତୁତ କରିବାକୁ ଯାଉଛନ୍ତି।

❖ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ମୋର ନିହାତି ଦରକାର' ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ରାଜୀବ ଆଉ ଏକ ନୂତନ ସିନେମାର କାମରେ ମଧ୍ୟ ବ୍ୟସ୍ତ ଅଛନ୍ତି।

❖ସମ୍ବିତ୍ ଅଭିନୀତ 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ' ରିଲିଜ ଅପେକ୍ଷାରେ ରହିଛି।


ସ୍ୱାତୀ- ଦୀପକ

### ପରଦାରେ

## ନାୟକର ନାଁ ଦେବଦାସ

ବିଗ୍ ବଜେଟ ଓଡ଼ିଆ ଚଳଚ୍ଚିତ୍ର 'ନାୟକର ନାଁ ଦେବଦାସ' ଚଳିତ ମାସ ୯ ତାରିଖରେ ପରଦା ଉପରକୁ ଆସୁଛି। ଚିତ୍ରଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି 'ଭୈରବ' ସିନେମାରେ ଓଲିଉଡ୍‌ର କ୍ୟାରିୟର ଆରମ୍ଭ କରିଥିବା ଅତୀଶ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଭୂମିକା ଦାଶ ଏବଂ ଅନୁ ଚୌଧୁରୀ। ଏଥିରେ ବବି ମିଶ୍ରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଚଳଚ୍ଚିତ୍ରର ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ଦେବୀଦତ୍ତ ମହାନ୍ତି। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନାର ଗୁରୁଦାୟିତ୍ୱ ସମ୍ଭାଳିଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଏହାର ପ୍ରଯୋଜକ ପ୍ରଭାତ କୁମାର ପ୍ରଧାନ, ଶିଶିର ଚନ୍ଦ୍ର ଦାଶ ଏବଂ କୀର୍ତ୍ତନ ପାତ୍ର ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଅପରପକ୍ଷରେ ସଂଯୋଜିତ ଗୀତଗୁଡିକ ଶ୍ରୋତାଙ୍କ ମନକୁ ଛୁଇଁବ ବୋଲି କହନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ଅତୀଶ, ଅନୁ ଏବଂ ଭୂମିକାଙ୍କ ବ୍ୟତୀତ ମିହିର ଦାସ, ଅପରାଜିତା, ନମ୍ରତା ଦାସ, ବିଜୟ ମହାନ୍ତି, ସ୍ମିତା ମହାନ୍ତି ଏବଂ ଭୂପତି ତ୍ରିପାଠୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

### ଅପେରା ହାଲ୍‌ଚାଲ

## ନିଆରା କମେଡି ଯୋଡ଼ି


ଟୁକୁ


ବାପି

ଥରେ ମନେପକାନ୍ତୁନା ଅପେରା ନାଟକ 'ମାୟାଜାଲ'ର ସେହି ଲୋକପ୍ରିୟ ଡାଏଲଗ୍-'ମୁ ଦୁଲୁକି, ଦେଖ୍ ମୋ ଚାଲିକି'-ମୁଁ ସୁନା ନୁହେଁ କି ରୁପା ନୁହେଁ ହୀରା ଖଣି।' ଏହି ଡାଏଲଗ୍ ମନକୁ ଆସିଲେ ଆଖି ସାମ୍‌ନାକୁ ସ୍ୱତଃ ଚାଲିଆସନ୍ତି ଜଲିଉଡ୍‌ର ଅନ୍ୟତମ ଚର୍ଚ୍ଚିତ କମେଡି ଯୋଡ଼ି ବାପି-ଟୁକୁ। ବାସ୍ତବ ଜୀବନରେ ଏହି ପତି-ପତ୍ନୀ ଷ୍ଟେଜ୍ ଉପରକୁ ଆସିଲେ ଦର୍ଶକ ମହଲରେ ହସର ଲହରି ଖେଳିଯାଏ। ଡାଏଲଗ୍ ଡେଲିଭରି ହେଉ ଅବା ଅଭିନୟ ସେଗୁଡିକର ପ୍ରତିଟି ଷ୍ଟେପ୍‌ରେ ଭରି ରହିଥାଏ ଅଭୁଲା କମେଡି। ସୁଦାମପତି ଅପେରା, ଉତ୍ତରକୁଳରୁ ବାପିଙ୍କ ଅଭିନୟ ଜୀବନ ଆରମ୍ଭ। ଦୀର୍ଘ ୨୫ ବର୍ଷର ମାରାଥନ୍ ଅଭିନୟ କ୍ୟାରିୟରରେ ସେ ଯାତ୍ରା ଜଗତରେ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ସ୍ଥାନ। ସୁପରହିଟ୍ ନାଟକ 'ପ୍ରଭାସ ଯଜ୍ଞ' ଏବଂ 'ଖଜୁରି ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ' ପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ୨୦୧୯-୨୦ ସିଜନରେ ଏହି ଯୋଡ଼ିକୁ ନବଗଠିତ ଅପେରା ସୂର୍ଯ୍ୟମନ୍ଦିରରେ ଦେଖିବାକୁ ମିଳିବ। ବାପି-ଟୁକୁ ଯୋଡିଙ୍କ ଅଭିନୀତ ପ୍ରଥମ ନାଟକ ଥିଲା 'ସଜନୀ ଲାଜରେ ଗଲି ମୁଁ ମରି'। ଏହାପୂର୍ବରୁ ଏହି ଯୋଡି ପଞ୍ଚସଖା ଗଣନାଟ୍ୟ, ଧରିତ୍ରୀ ଗଣନାଟ୍ୟ, ତାରିଣୀ ଗଣନାଟ୍ୟ, ତୁଳସୀ, ଇଷ୍ଟର୍ନ ରେଡ୍‌ରେ ନିଜର କମେଡି ଜଲ୍‌ୱା ଦେଖାଇ ସାରିଛନ୍ତି। ଧରିତ୍ରୀ ଗଣନାଟ୍ୟରେ ଅଭିନୟ କରୁଥିବା ସମୟରେ ପ୍ରେମଜାଲରେ ଦୁହେଁ ବାନ୍ଧି ହୋଇଯାଆନ୍ତି ଆଉ ପରେ ସତସତିକା ପତି-ପତ୍ନୀ ପାଲଟି ଯାଆନ୍ତି। ଚଳିତ ଯାତ୍ରା ସିଜନରେ ଅପେରା ସୂର୍ଯ୍ୟମନ୍ଦିର ଦ୍ୱାରା ପରିବେଷିତ ହେବାକୁ ଯାଉଥିବା ନାଟକ 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର, ପୁଅ ଯିବ ଶାଶୁଘର, ମାୟାବିନୀ ମୌସୁମୀ, ଭିତିରି କଥା'ରେ ଦୁହିଙ୍କୁ ମିଳିଛି ମନଲାଖି ଭୂମିକା। ଏହି ଯୋଡ଼ି ଅଭିନୀତ ପ୍ରମୁଖ ନାଟକଗୁଡିକ ମଧ୍ୟରେ ରହିଛି, 'ହସୁଛି କେବଳ କାନ୍ଦିବା ପାଇଁ, ସୀତା ଦେବେ ଆଜି ଅଗ୍ନି ପରୀକ୍ଷା, ରାଖୀ ଦେଇଗଲା ଆଖିରେ ଲୁହ ଏବଂ ଦିନକ ପାଇଁ ମୁଁ ଦ୍ରୌପଦୀ ହେବି' ଆଦି ନାଟକ। ନାଟକ ଅନୁସାରେ କମେଡିକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଉପରେ ଗୁରୁତ୍ୱାରୋପ କରନ୍ତି ଏହି ଚର୍ଚ୍ଚିତ କମେଡି ଯୋଡ଼ି।


'ନାୟକର ନାଁ ଦେବଦାସ' ଚଳଚ୍ଚିତ୍ରରେ ଅତିଶ୍- ବବି।

| Dollar | Sensex | Nifty | Gold | Silver |
|---|---|---|---|---|
| 70.89 (8) | 286.35 ↓ 36,690.50 | 92.75 ↓ 10,855.50 | ₹1113 ↑ 37,920.00 | ₹650 ↑ 43,670.00 |

“ ଦେଶ ନିର୍ମାଣରେ ସହାୟତା ପ୍ରଦାନ କରୁଥିବା ଅଦାନୀ ଗ୍ରୁପ୍‌ର ଫଳାଫଳ ଉତ୍ସାହଜନକ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପକୁ ଏହା ସହଯୋଗ କରୁଛି।
– ଗୌତମ ଅଦାନୀ, ଅଧ୍ୟକ୍ଷ, ଅଦାନୀ ଗ୍ରୁପ୍



“ ଷ୍ଟିଲ ସେକ୍ଟର ଏବେ ମାନ୍ଦାବସ୍ଥାର ଶିକାର ହୋଇଛି। ଏହା ଟାଟା ଷ୍ଟିଲ୍‌ର ପ୍ରଦର୍ଶନକୁ ପ୍ରଭାବିତ କରିଛି। ତଥାପି କମ୍ପାନୀ ଆଶାଜନକ ଭାବେ ନିଜର ବ୍ୟବସାୟ ବଜାୟ ରଖିଛି।
– ଟି.ଭି.ନରେନ୍ଦ୍ରନ, ଟାଟା ଷ୍ଟିଲ୍ ସିଇଓ ତଥା ଏମ୍‌ଡି



## ସଂକ୍ଷେପରେ

### ଏସ୍‌ବିଆଇ ଋଣ ସୁଧ ହାର ହ୍ରାସ

**ନୂଆଦିଲ୍ଲୀ,୭-୮:** ଦେଶର ସର୍ବବୃହତ ବ୍ୟାଙ୍କ ଏସ୍‌ବିଆଇ ବୁଧବାର ଋଣ ଉପରେ ସୁଧ ହାର ୦.୧୫% ହ୍ରାସ ଘୋଷଣା କରିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ରେପୋ ରେଟକୁ ୦.୩୫% ହ୍ରାସ କରାଯିବା ପରେ ଏସ୍‌ବିଆଇର ଗୃହ ଓ ଅଟୋ ଋଣ ଉପରେ ସୁଧ ହାର କମାଇଛି। ଅଗଷ୍ଟ ୧୦ରୁ ଏହା ଲାଗୁ ହେବ। ଏସ୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏମ୍‌ସିଏଲ୍‌ଆର୍ ସୁଧ ହାର ୮.୪୦ରୁ ୮.୨୫ % ରହିବ। ଏହି ସୁଧ ହାର ହ୍ରାସ ଯୋଗୁ ରେପୋ ରେଟ ଆଧାରିତ ସୁଧ ହାର ସେପ୍ଟେମ୍ବର ୯ରୁ କ୍ୟାଶ କ୍ରେଡିଟ ଆକାଉଣ୍ଟ/ଓଭରଡ୍ରାଫ୍ଟ ଗ୍ରାହକଙ୍କ ଲାଗି ସୁଧ ହାର ୭.୬୫ ପ୍ରତିଶତ ରହିବ। ଏହି ସୁଧ ହାର ହ୍ରାସ ଯୋଗୁ ବ୍ୟାଙ୍କର ଗୃହ ଋଣ ଏପ୍ରିଲ ପରେ ୦.୩୫% ଶସ୍ତା ହୋଇଯିବ।

### ଡିସେମ୍ବରରୁ ୨୪ଘଣ୍ଟା ମିଳିବ ଏନ୍‌ଇଏଫ୍‌ଟି ସୁବିଧା

**ନୂଆଦିଲ୍ଲୀ,୭-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ ବୁଧବାର ଜନସାଧାରଣଙ୍କ ପାଇଁ ଏକ ବଡ଼ ସୁବିଧା ଘୋଷଣା କରିଛି। ମୁଦ୍ରାନୀତି କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଡିସେମ୍ବରରୁ ନ୍ୟାଶନାଲ ଇଲେକ୍ଟ୍ରୋନିକ ଫଣ୍ଡ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ୨୪ ଘଣ୍ଟା ବ୍ୟବହାର କରାଯାଇ ଫଣ୍ଡ ଟ୍ରାନ୍ସଫର କରାଯାଇପାରିବ। ବର୍ତ୍ତମାନ ଏହି ସେବା ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ଛାଡ଼ିଦେଲେ ପ୍ରତ୍ୟେକ କାର୍ଯ୍ୟଦିବସରେ ସକାଳ ୮ରୁ ରାତି ୭ ଯାଏ ଉପଲବ୍ଧ ହେଉଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଡିସେମ୍ବରରୁ ୨୪x୭ ଏନ୍‌ଇଏଫ୍‌ଟି ଉପଲବ୍ଧ ହେବ। ଏହା ଜରିଆରେ ରିଟେଲ ପେମେଣ୍ଟ ସିଷ୍ଟମରେ କ୍ରାନ୍ତି ଆସିବ। ଏନ୍‌ଇଏଫ୍‌ଟି ଜରିଆରେ ଜଣେ ବ୍ୟାଙ୍କ ଗ୍ରାହକ ଦେଶର ଯେକୌଣସି ସ୍ଥାନରୁ ଗୋଟିଏ ବ୍ୟାଙ୍କରୁ ଅନ୍ୟ ବ୍ୟାଙ୍କକୁ ଟଙ୍କା ପଠାଇପାରୁଛି। ଗତଥର ଆର୍‌ବିଆଇ ଆର୍‌ଟିଜିଏସ୍(ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ) ଏବଂ ଏନ୍‌ଇଏଫ୍‌ଟି ଜରିଆରେ ଟଙ୍କା ପଠାଇବାକୁ ଶୁଳ୍କମୁକ୍ତ ଘୋଷଣା କରିଥିଲା। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ଏହା ପ୍ରିପେଡ୍ ରିଚାର୍ଜକୁ ଛାଡ଼ି ଅନ୍ୟ ସମସ୍ତ ପ୍ରକାର ବିଲ୍ ପ୍ରଦାନକୁ ଭାରତ ବିଲ୍ ପେମେଣ୍ଟ ସିଷ୍ଟମ(ବିବିପିଏସ୍) ଅଧୀନକୁ ଅଣାଯିବ। ବର୍ତ୍ତମାନ ବିବିପିଏସ୍ ମାଧ୍ୟମରେ ଡିଟିଏଚ୍, ବିଦ୍ୟୁତ୍, ଗ୍ୟାସ୍, ଟେଲିକମ ଓ ପାଣି ବିଲ୍ ପ୍ରଦାନ କରାଯାଇପାରୁଛି।

# ଜିଡିପି ଅନୁମାନ ହ୍ରାସ କଲା ଆର୍‌ବିଆଇ




**ମୁମ୍ବାଇ,୭-୮**

ଦେଶର ଅର୍ଥନୀତିକୁ ମାନ୍ଦାବସ୍ଥା ଘାରିଛି ବୋଲି ସ୍ୱୀକାର କରି ରିଜର୍ଭ ବ୍ୟାଙ୍କ ଜିଡିପି ଅନୁମାନକୁ ହ୍ରାସ କରିଛି। ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୬.୯ ପ୍ରତିଶତ ରହିବ ବୋଲି ଆର୍‌ବିଆଇ ଅନୁମାନ କରିଛି।

ଏମ୍‌ପିସି ବୈଠକ ଶେଷରେ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଜିଡିପି ଅଭିବୃଦ୍ଧି ୫.୮ରୁ ୬.୬ ପ୍ରତିଶତ ଏବଂ ଦ୍ୱିତୀୟାର୍ଦ୍ଧରେ ଏହା ୭.୩ରୁ ୭.୫ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି। ବିଭିନ୍ନ କାରଣରୁ ଏହା ନିମ୍ନଗାମୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଜାରି ବିବୃତିରେ କୁହାଯାଇଛି। ଏଥିପୂର୍ବରୁ ଜୁନ୍ ବୈଠକରେ ରିଜର୍ଭ ବ୍ୟାଙ୍କ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତରୁ ୭ ପ୍ରତିଶତକୁ ହ୍ରାସ କରିଥିଲା। ଏମ୍‌ପିସି ପକ୍ଷରୁ କୁହାଯାଇଛି ଯେ, ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ମୌସୁମୀ ବର୍ଷା ହାରହାରି ୬ ପ୍ରତିଶତ କମ ହୋଇଛି। ଏହି କାରଣରୁ ଖରିଫ ଫସଲ ବୁଣାବୁଣି ଗତବର୍ଷ ତୁଳନାରେ ୬.୬% କମ ହୋଇଛି। ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ, ମାନୁଫାକ୍ଚରିଂ ଓ ମାଇନିଂରେ ଉତ୍ପାଦନ ହ୍ରାସ କାରଣରୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) କମିଛି। କ୍ୟାପିଟାଲ ଗୁଡ୍ସ ଓ କଞ୍ଜ୍ୟୁମର ଡ୍ୟୁରେବଲ୍ ଉତ୍ପାଦନ ହ୍ରାସ ପାଇଛି। ତେବେ କଞ୍ଜ୍ୟୁମର ନନ୍ ଡ୍ୟୁରେବଲ୍ ଉତ୍ପାଦନ ବଢ଼ିଛି। ସର୍ଭିସ ସେକ୍ଟରରେ ମେ-ଜୁନ୍‌ରେ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଛି। ଗାଡ଼ି ବିକ୍ରି କମିବା କାରଣରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଯିବା ଚିନ୍ତାଜନକ। ସହରରେ କାର୍, ଗ୍ରାମାଞ୍ଚଳରେ ଟ୍ରାକ୍ଟର ଓ ବାଇକ ବିକ୍ରି କମିବାରେ ଲାଗିଛି।

**ବ୍ୟାଙ୍କ ଦେଇଛନ୍ତି ୨୯% ଫାଇଦା**

ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କ ତିନି ଥରରେ ୦.୭୫ ପ୍ରତିଶତ ରେପୋ ରେଟ୍ ହ୍ରାସ କରିଥିବା ବେଳେ ବ୍ୟାଙ୍କଗୁଡ଼ିକ ଏହାର ସମ୍ପୂର୍ଣ୍ଣ ଫାଇଦା ଗ୍ରାହକଙ୍କୁ ଦେଇନାହାନ୍ତି। ସେମାନେ ଅଦ୍ୟାବଧି ମାତ୍ର ୨୯ ପ୍ରତିଶତ ଲାଭ ଦେଇଛନ୍ତି। ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ପୂରା ଫାଇଦା ଦେବାକୁ ଦାସ ଆହ୍ୱାନ ଦେଇଛନ୍ତି। ଶସ୍ତା ଋଣ ନିବେଶ ବଢ଼ାଇବା ଏବଂ ଅର୍ଥନୀତି ଅଭିବୃଦ୍ଧିରେ ସହାୟତା କରିପାରିବ। ତେବେ ବ୍ୟାଙ୍କଗୁଡ଼ିକ କେତେ ପରିମାଣରେ ଫାଇଦା ଗ୍ରାହକଙ୍କୁ ଦେବାକୁ ଚାହୁଁଛନ୍ତି, ତାହା ସେମାନଙ୍କ ଉପରେ ନିର୍ଭର କରିବ ବୋଲି ଦାସ ସ୍ପଷ୍ଟ କରିଛନ୍ତି।

### କମିବ ଇଏମ୍‌ଆଇ

ଆର୍‌ବିଆଇ ପକ୍ଷରୁ ରେପୋ ରେଟ ହ୍ରାସ କରାଯିବା ପରେ ସମସ୍ତ ପ୍ରକାର ଋଣ ଉପରେ ଏହାର ସିଧାସଳଖ ପ୍ରଭାବ ପଡିବ। କାରଣ ବ୍ୟାଙ୍କ ପକ୍ଷରୁ ଋଣ ଉପରେ ସୁଧ ହାର ହ୍ରାସ କରିବାକୁ ବାଧ୍ୟ ରହିବେ। ତେବେ ସବୁ ବ୍ୟାଙ୍କ ଏହି ଲାଭ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ରୂପେ ଦେଇନାହାନ୍ତି ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସୁଧ ହାର ହ୍ରାସ ହେଲେ ଗୃହ, କାର୍, ପାଠପଢ଼ା ଋଣ ସମେତ ସମସ୍ତ ପ୍ରକାର ଋଣ ସୁଧ ହାର(ଇଏମ୍‌ଆଇ) ଶସ୍ତା ହୋଇଯିବ। କାରଣ ବ୍ୟାଙ୍କଗୁଡ଼ିକର ମାର୍ଜିନାଲ କଷ୍ଟ ବେଷ୍ଟଡ ଲେଣ୍ଡିଂ ରେଟ୍(ଏମ୍‌ସିଏଲ୍‌ଆର୍) କମିଯିବ। ଗଭର୍ନର ଦାସ କହିଛନ୍ତି ଯେ, ଟ୍ରେଡ ୱାର୍, ବିଶ୍ୱ ଆର୍ଥିକ କ୍ଷେତ୍ରରେ ଧିମାପଣର ପ୍ରଭାବ ଭାରତର ଅର୍ଥନୀତି ଉପରେ ପଡିବା ଆରମ୍ଭ ହୋଇଛି। ଦେଶରେ ନିର୍ମାଣ ଶିଳ୍ପ ଧିମା ହୋଇଥିଲେ ସୁଦ୍ଧା ଖାଦ୍ୟ ତଥା ତୈଳକୁ ଛାଡ଼ିଦେଲେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି ବୋଲି ସେ କହିଛନ୍ତି। ମାନ୍ଦାବସ୍ଥାରୁ ବାହାରିବାକୁ ହେଲେ ଘରୋଇ ନିବେଶ, ଚାହିଦା ବୃଦ୍ଧିକୁ ପ୍ରାଥମିକତା ଦେବାକୁ ହେବ। ଏହାଛଡ଼ା ଏମ୍‌ଏମ୍‌ଏମ୍‌ଇଙ୍କ ଲାଗି ଋଣ ସୀମାକୁ ୧୫ରୁ ୨୦ ପ୍ରତିଶତକୁ ବୃଦ୍ଧି କରାଯିବା ଆବଶ୍ୟକ। ନିବେଶ ବୃଦ୍ଧି ଲାଗି ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ୨୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଋଣ ପ୍ରଦାନ କରିବାକୁ ପ୍ରାଥମିକତା ଦେବାକୁ ହେବ ବୋଲି ସେ କହିଛନ୍ତି।

### ଖୁଚୁରା ମୁଦ୍ରାସ୍ଫୀତି ଅନୁମାନ ହ୍ରାସ

ରିଜର୍ଭ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୦ର ପ୍ରଥମ ୬ ମାସ ଲାଗି ଖୁଚୁରା ମୁଦ୍ରାସ୍ଫୀତି ୩.୫ରୁ ୩.୭ ପ୍ରତିଶତ ରହିବ ବୋଲି ଅନୁମାନ କରିଥିବା ବେଳେ ଦ୍ୱିତୀୟ ୬ ମାସରେ ଏହା ୩.୧% ରହିବ ବୋଲି କହିଛି।

### ଜମ୍ମୁ-କଶ୍ମୀରକୁ ମିଳିବ ୧ ଲକ୍ଷ କୋଟିର ପ୍ୟାକେଜ

**ନୂଆଦିଲ୍ଲୀ,୭-୮:** କେନ୍ଦ୍ର ସରକାର ପାର୍ଲାମେଣ୍ଟ ଜରିଆରେ ଅନୁଚ୍ଛେଦ ୩୭୦କୁ ପ୍ରତ୍ୟାହାର କରିନେବା ପରେ ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରିଛନ୍ତି। ତେବେ ଏହି ଦୁଇ ଅଞ୍ଚଳକୁ ୧ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଦେଇ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କରିବା ଲାଗି ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ୍‌ଶୀଘ୍ର ଘୋଷଣା କରିବେ।

### ରେକର୍ଡ ସହ ୩୮ ହଜାର ଟପିଲା ସୁନା

**ନୂଆଦିଲ୍ଲୀ,୭-୮:** ଅନ୍ତର୍ଜାତୀୟ ଓ ଘରୋଇ ବଜାରରେ ସକାରାତ୍ମକ ସଙ୍କେତ କାରଣରୁ ଦେଶର ସର୍ରାଫା ବଜାରରେ ବୁଧବାର ସୁନା ଦର ଆକାଶଛୁଆଁ ହୋଇଛି। ଘରୋଇ ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ ୩୮ ହଜାର ଟଙ୍କା ନିକଟବର୍ତ୍ତୀ ହୋଇଛି। ଏହା ୧,୧୧୩ ଟଙ୍କା ବୃଦ୍ଧି ପାଇ ୩୭,୯୨୦ ଟଙ୍କାରେ ପହଞ୍ଚି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ସେହିପରି ରୁପା ଦର ୬୫୦ ଟଙ୍କା କେଜି ପ୍ରତି ବଢ଼ି ୪୩,୬୭୦ ଟଙ୍କା ହୋଇଛି।

### କେନ୍ଦ୍ରକୁ ପ୍ୟାକେଜ ମାଗିଲା ଅଟୋ ଉଦ୍ୟୋଗ

**ନୂଆଦିଲ୍ଲୀ,୭-୮:** ଦେଶର ଅଟୋ ସେକ୍ଟର ଏବେ ବଡ଼ ଦୁର୍ଦ୍ଦିନ ଦେଇ ଗତି କରୁଛି। ଅର୍ଥନୀତି ଧିମା ହେବା କାରଣରୁ ଅଟୋ ସେକ୍ଟର ଏବେ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଛି। ଏଥିରୁ ବର୍ତ୍ତିବା ପାଇଁ ପ୍ରମୁଖ ଅଟୋ ନିର୍ମାତା ମୁଖ୍ୟ ବୁଧବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟିଛନ୍ତି। ଉଦ୍ୟୋଗର ବିକାଶ ଲାଗି ସରକାର ଏକ ପ୍ୟାକେଜ ଦେବାକୁ ସେମାନେ ଦାବି କରିଛନ୍ତି। ମାରୁତି ସୁଜୁକି ପକ୍ଷରୁ ଏହାର ଅଧ୍ୟକ୍ଷ ଆର୍.ସି.ଭାର୍ଗବ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଏହାର ପ୍ରେସିଡେଣ୍ଟ(ଅଟୋମୋଟିଭ ସେକ୍ଟର) ରଞ୍ଜନ ୱାଧେରା ପ୍ରମୁଖ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିଥିଲେ।

# ରାମଜୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ମେଗା ସୁ କାର୍ନିଭାଲ




- ଯୋଗ ଦେଲେ ୧୧୦ ଡିଲର
- ୧୪ ଜାତୀୟ-ଅନ୍ତର୍ଜାତୀୟ ବ୍ରାଣ୍ଡ ସାମିଲ

**ଭୁବନେଶ୍ୱର,୭-୮(ବ୍ୟୁରୋ)**

ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡ ସୁ'ର ସୁପର ଷ୍ଟକିଷ୍ଟ ରାମଜୀ ଏଣ୍ଟରପ୍ରାଇଜେସ ପକ୍ଷରୁ 'ମେଗା ସୁ କାର୍ନିଭାଲ' ସ୍ଥାନୀୟ ଏକ ହୋଟେଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରାମ୍‌ଜୀର ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ ଉଦଘାଟନ କରିଥିଲେ। ଏଠାରେ ରାଜ୍ୟ ମଧ୍ୟରୁ ୧୧୦ ଡିଲର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମଧ୍ୟରେ ହିଲିୟସ, ସୋଲଥ୍ରେଡ, ନାଇକ୍,ସ୍କେଚର୍ସ, ଲିକୁପର, ଟ୍ରେସର, ଲିବର୍ଟି, ଏରୋବ୍ଲୁ, ଡ୍ୟୁକ୍, ୱେଲକମ୍, ହିଟ୍‌ଜୀ, ଆଇଡି, ୧୩ ରିଜନ୍‌ସ, ଉଡ୍‌ଲ୍ୟାଣ୍ଡ, ରେଡ୍‌ଚିଫ ଭଳି ବ୍ରାଣ୍ଡ ଅଂଶଗ୍ରହଣ କରିଥିଲେ। ଗୋଟିଏ ଛାତତଳେ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡିକୁ ଏକତ୍ର କରାଇ ଡିଲର ଏବଂ କମ୍ପାନୀଗୁଡିକ ମଧ୍ୟରେ ସମ୍ପର୍କକୁ ବଳଭୁତ କରିବା ଲାଗି ଏଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ କରାଯାଇଥିବା ରାମ୍‌ଜୀ ସ୍ୱତ୍ୱାଧିକାରୀ ସଞ୍ଜୟ ଲୋହିଆ କହିଛନ୍ତି। ଏଠାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀମାନେ ଆସି କମ୍ପାନୀଙ୍କଠାରୁ ସେମାନଙ୍କର ଆବଶ୍ୟକତା ମୁତାବକ ସାମଗ୍ରୀ ପରଖିବା ସହ ଅର୍ଡର କରିପାରୁଛନ୍ତି। ଡିଲରଙ୍କୁ ବିଭିନ୍ନ କମ୍ପାନୀ ପ୍ରତ୍ୟକ୍ଷ ଅଫର ମଧ୍ୟ ପ୍ରଦାନ କରୁଛନ୍ତି। ସେହିଭଳି ଡିଲରଙ୍କୁ ରାମ୍‌ଜୀ ପକ୍ଷରୁ ବିଭିନ୍ନ ରିହାତି ସହ ଫରେନଟ୍ରିପ୍ ସୁବିଧା କରାଯାଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଲିକୁପର କମ୍ପାନୀର ଆର୍‌ଏସ୍‌ଏମ୍ ସନ୍ତୋଷ ରାଉତ କହିଛନ୍ତି, ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀଙ୍କୁ ଭେଟିବାରେ ଏଭଳି ଏକ କାର୍ଯ୍ୟକ୍ରମ ବିଶେଷ ସହାୟକ ହେଉଛି। ଏରୋବ୍ଲୁ କମ୍ପାନୀର ଜାତୀୟ ସେଲ୍‌ସ ମୁଖ୍ୟ ବେଦ ପ୍ରକାଶ ଶର୍ମା କହିଛନ୍ତି, କମ୍ପାନୀର ପ୍ରଡକ୍ଟ ନେଇ ପ୍ରତ୍ୟକ୍ଷ ଭାବେ ଡିଲରଙ୍କ ଠାରୁ ଇନ୍‌ପୁଟ ଲାଭ କରୁଛୁ। ଏହା ଆଗକୁ ବିଭିନ୍ନ ପଦକ୍ଷେପ ନେବା ଦିଗରେ ସହାୟକ ହେଉଛି। ଏଥିରେ ଆଇଡି ଫୁଟୱେରର ଜିଏମ୍ ଯୋଗେଶ ଖୁଲବେ, ଡିଜିଏମ୍ ରମନ ଶର୍ମା, ୱେଲକମ୍ ଫୁଟୱେରର ଏଏସ୍‌ଏମ୍ ପ୍ରକାଶ ମିଶ୍ର, ୧୩ ରିଜନ୍ସର ଚିଫ୍ କନସଲଟାଣ୍ଟ ବିକାଶ ବାଗା,ରେଡ ଚିଫର ଏଏସ୍‌ଏମ୍ କ୍ରିଷ୍ଣା ଗୋପାଲ ସିଂ, ଓଡ଼ିଶା ଛତିଶଗଡ ଏସ୍‌ଓ ଫିରୋଜ ଓଝା, ସେଲ୍‌ସ ଅଫିସର ଦୀପକ ସିଂ, ଉଡଲ୍ୟାଣ୍ଡ ଏଏସ୍‌ଏମ୍ ପ୍ରତାପ କୁମାର ଦାସ, ଡ୍ୟୁକର ଏନଏସ୍‌ଏମ୍ ଶ୍ରୀ ପଙ୍କଜ, ଆର୍‌ଏସ୍‌ଏମ୍ ବ୍ରଜେଶ କୁମାର ଯାଦବ, ଏଏସ୍ ଏମ୍‌ଏମ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ଏରୋବ୍ଲୁ ଆର୍‌ଏସ୍‌ଏମ୍ ବେଦ ପ୍ରକାଶ ଶର୍ମା, ସ୍କେଚର୍ସ ସେଲ୍‌ସ ପ୍ରବନ୍ଧକ ମୋହିତ ଶର୍ମା ଉପସ୍ଥିତ ଥିଲେ।

# ରେଟିଂ ଦେଖି ବାଛନ୍ତୁ କମ୍ପାନୀ ସ୍ଥାୟୀ ଜମା

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER[CM], CHARTERED WEALTH MANAGER**
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

▶ **ମୋ ବୟସ ୫୪ । ଚଳିତବର୍ଷ ଭିଆର୍‌ଏସ୍ ନେଇ ଅବସର ଗ୍ରହଣ କରିଛି। ଭାବୁଛି ମ୍ୟୁଚୁଆଲ୍ ଫଣ୍ଡରେ ୫୦ ଲକ୍ଷ ଟଙ୍କା ନିବେଶ କରି ମାସିକ ୫୦ ହଜାର ଟଙ୍କା ଆୟ କରିବି?**

**– ସଂଗ୍ରାମ ମିଶ୍ର, ବାଲୁଗାଁ**

❖ ମ୍ୟୁଚୁଆଲ୍ ଫଣ୍ଡରେ ୫୦ ଲକ୍ଷ ଟଙ୍କା ନିବେଶ କରି ୫୦ ହଜାର ଟଙ୍କା ଆୟ କରିବା, ଯାହାକି ପୂର୍ବ ଆୟକର ମାସିକ ଆୟ ହେବ। ଏହି ମାସିକ ଆୟ ପାଇବା ପାଇଁ ବାର୍ଷିକ ୧୨% ସୁଧ ହାର ରହିବା ଆବଶ୍ୟକ। ଏ କ୍ଷେତ୍ରରେ କେବଳ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ସବୁ ଏହି ପ୍ରକାରର ଲାଭ ପ୍ରଦାନ କରିବା କ୍ଷମତା ରଖିଥାନ୍ତି। କିନ୍ତୁ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ସବୁ ପୁଞ୍ଜି ବଜାରର ଦୋଳିୟମାନ ଅବସ୍ଥା ସହ ଜଡିତ। ଏହି କ୍ଷେତ୍ରରେ ଅଧିକ ରିସ୍କ ମଧ୍ୟ ରହିଥାଏ। ଆପଣ ନିୟମିତ ମାସିକ ଆୟ ପାଇବା ପାଇଁ ମ୍ୟୁଚୁଆଲ୍ ଫଣ୍ଡ ଡେଟ୍ ସ୍କିମ ସବୁରେ ନିବେଶ କରିପାରିବେ। ସେହିଭଳି ସିଷ୍ଟମେଟିକ ଉଇଥଡ୍ରୟାଲ ପ୍ଲାନ (ଏସ୍‌ଡବ୍ଲ୍ୟୁପି) ପସନ୍ଦ କରିପାରିବେ। ଏସ୍‌ଡବ୍ଲ୍ୟୁପି ମାଧ୍ୟମରେ ଜଣେ ନିବେଶକାରୀ ମାସିକ ଏକ ନିର୍ଦ୍ଦିଷ୍ଟ ରାଶି ଉଠାଣ କରିବାକୁ ସକ୍ଷମ ହେବେ। କିନ୍ତୁ ଏଠାରେ ଗୋଟିଏ କଥା ମନେ ରଖିବାକୁ ହେବ। ଯଦି ଆପଣଙ୍କ ମାସିକ ଉଠାଣ ରାଶି ମ୍ୟୁଚୁଆଲ ଫଣ୍ଡର ଲାଭ ପ୍ରଦାନ ରାଶି ଠାରୁ ଅଧିକ ରହିବ ତେବେ ମୂଳଧନ ରାଶି ତଳକୁ ଖସି ଆସିବ ବା କମ୍ ହୋଇଯିବ।

ଯଦି ଆପଣ କୌଣସି ନିମ୍ନ ରିସ୍କ ସ୍କିମ ସବୁ ଚୟନ କରନ୍ତି ଯଥା– ଲିକ୍ୟୁଡ ଫଣ୍ଡ କିମ୍ବା ସର୍ଟ ଟର୍ମ ଡେଟ୍ ଫଣ୍ଡ ସବୁ ତେବେ ଆପଣ ୭%ରୁ ୭.୫% ପାଖାପାଖି ଲାଭ ପ୍ରଦାନ ଆଶା କରି ପାରନ୍ତି। ଏହି ଉପାୟରେ ଏହା ଆପଣଙ୍କୁ ପ୍ରାୟ ୩୦ ହଜାର ଟଙ୍କା ମାସିକ ଉଠାଣ ସୁବିଧା ପ୍ରଦାନ କରିବ। ଏହା ଦ୍ୱାରା ଆପଣଙ୍କ ମୂଳଧନ କମ୍ ହେବାର ସମ୍ଭାବନା ମଧ୍ୟ କମ୍ ରହିଥାଏ। ଆୟକର ନିୟମକୁ ଦୃଷ୍ଟି ଦେଲେ ଜଣାଯିବ ଯେ ,କ୍ୟାପିଟାଲ ଗେନ୍ ଉପରେ ଆୟକର ପ୍ରଭାବ ରହିଥାଏ। ଅପରପକ୍ଷରେ ସମୁଦାୟ ଉଠାଣ ରାଶି ଉପରେ ଏହାର ପ୍ରଭାବ ରହିବ ନାହିଁ। ସମସ୍ତ ଦିଗକୁ ଦୃଷ୍ଟି ଦେଲେ ଜାଣି ପାରିବା ଯେ, କେତେ ଟଙ୍କା ଉଠାଣ କରିବେ ଓ ଏସ୍‌ଡବ୍ଲ୍ୟୁପି ଚୟନ କରିବା ଏହି ସବୁ ଦିଗ ଉପରେ ନିର୍ଭର କରିଥାଏ ଯଥା– ଆପଣଙ୍କ ଅନ୍ୟ ସବୁ ମାସିକ ଆୟର ଉତ୍ସ, କିଛି ବି ଋଣ ଅଛି କି, ଆୟକର ସ୍ତର ଓ ରିସ୍କ ବହନ କରିବା କ୍ଷମତା ଯାହାକି ଆପଣ ଲେଖି ନାହାନ୍ତି।

▶ **ଅବସରକାଳୀନ ପାଣ୍ଠିରୁ କିଛି ଟଙ୍କା କମ୍ପାନୀ ସ୍ଥାୟୀ ଜମା ସ୍କିମରେ ନିବେଶ କରିବାକୁ ଚାହୁଁଛି। ବ୍ୟାଙ୍କ ସୁଧହାର କମି ଗଲାଣି। କଣ ସବୁ କମ୍ପାନୀ ସ୍ଥାୟୀ ଜମା ରହିଛି ଓ ଏଥିରେ ସୁଧ ହାର କିଭଳି ରହିଛି। ଏଥିରେ ନିବେଶ କରିବା ଉଚିତ ହେବ କି?**

**– ମାଳତି ସାହୁ, ଅନୁଗୋଳ**

❖ ବ୍ୟାଙ୍କ ସ୍ଥାୟୀ ଜମା ସୁଧହାର କମି ଯାଇଛି। ଏବେ ପୁଞ୍ଜି ବଜାର ଅସ୍ଥିର ରହିଛି। ପ୍ରାୟତଃ ଅଧିକାଂଶ ନିବେଶକାରୀ କମ୍ପାନୀ ସ୍ଥାୟୀ ଜମାରେ ନିବେଶ କରିବା ଲାଗି ଇଛା କରୁଛନ୍ତି। ବଜାରରେ ଅନେକ କମ୍ପାନୀର ସ୍ଥାୟୀ ଜମା ରହିଛି। ଏଥି ଲାଗି କମ୍ପାନୀର ରେଟିଂ ଦେଖି ନିବେଶ କରିବା ଉଚିତ ହେବ। ବର୍ତ୍ତମାନ ବଜାରରେ ଉପଲବ୍ଧ ଥିବା ଏଲ୍‌ଆଇସି ହାଉସିଂ ଫାଇନାନ୍ସ, ପିଏନ୍‌ବି ହାଉସିଂ ଫାଉନାନ୍ସ, ଶ୍ରୀରାମ ଟ୍ରାନ୍ସପୋର୍ଟ ଫାଇନାନ୍ସ, ଶ୍ରୀରାମ ସିଟି ୟୁନିୟନ ଫାଇନାନ୍ସ, ବଜାଜ ଫାଇନାନ୍ସ, ଏଚ୍‌ଏଫ୍‌ଡିସି, ମହିନ୍ଦ୍ରା ଫାଇନାନ୍ସ, ଆଇସିଆଇସିଆଇ ହୋମ୍ ଫାଇନାନ୍ସ, ଗୃହ ଫାଇନାନ୍ସ ଏବଂ ଗୋଦରେଜ ଆଦି କମ୍ପାନୀର ସ୍ଥାୟୀ ଜମା ବଜାରରେ ଉପଲବ୍ଧ। କୌଣସି କମ୍ପାନୀର ସ୍ଥାୟୀ ଜମାରେ ନିବେଶ ପୂର୍ବରୁ କମ୍ପାନୀର ରେଟିଂ, କମ୍ପାନୀର ଆର୍ଥିକ ସ୍ଥିତି, ପରିଚାଳନା ବ୍ୟବସ୍ଥା ଭଲ ଭାବେ ବିଚାର କରି ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ,**
**ଭୁବନେଶ୍ୱର – ୧୦**


No. DSPL-61

## ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏକ୍ୟୁ" ସିରିଜ୍

ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୯ କ୍ୟାଲେଣ୍ଡର ବର୍ଷ ପାଇଁ ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏକ୍ୟୁ" ସିରିଜ୍‌ର ପ୍ରଚଳନ କରାଯାଇଅଛି । ଏହି ଯୋଜନା ମାଧ୍ୟମରେ ସ୍ୱଳ୍ପ ସଞ୍ଚୟ ଜମାକାରୀ ମାନଙ୍କୁ ୱେବ୍ ଉତ୍ପନ୍ନ ପ୍ରୋତ୍ସାହନ କୁପନର ବିତରଣ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା **୨୯.୦୨.୨୦୨୦** ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ । ଯେଉଁ ଜମାକାରୀମାନେ ଓଡିଶା ସ୍ଥିତ ଯେ କୌଣସି ଡାକଘର ବା ବ୍ୟାଙ୍କ୍ ମାନଙ୍କରେ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ ୧. କିଷାନ ବିକାଶ ପତ୍ର, ୨. ସୁକନ୍ୟା ସମୃଦ୍ଧି ଜମା, ୩. ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ୪. ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଅଷ୍ଟମ ଇସ୍ୟୁ, ୫. ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ୬. ଡାକଘର ମାସିକ ଆୟ ଯୋଜନା/ ଜାତୀୟ ସଞ୍ଚୟ ମାସିକ ଆୟ ଜମା, ୭. ଡାକଘର ପୌନଃପୁନିକ ଜମା / ଜାତୀୟ ସଞ୍ଚୟ ପୌନଃପୁନିକ ଜମା, ୮. ପାଞ୍ଚ ବର୍ଷିଆ ଡାକଘର ଅବଧି ଜମା / ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା ଯୋଜନା ମାନଙ୍କରେ ଅନ୍ୟୁନ ୨୦୦୦ ଟଙ୍କା ତା **୦୧.୦୧.୨୦୧୯ ରିଖ ଠାରୁ ତା ୩୧.୧୨.୨୦୧୯** ରିଖ ମଧ୍ୟରେ ନିବେଶ କରିବେ, ସେମାନେ ଚାହିଁଲେ ଏହି ପ୍ରୋତ୍ସାହନ ଯୋଜନାରେ ଅଂଶ ଗ୍ରହଣ କରିପାରିବେ । ଏଥିରେ ପ୍ରତ୍ୟେକ ୨୦୦୦ ଟଙ୍କା ଜମାରାଶି ପିଛା ଗୋଟିଏ ମାଗଣା କୁପନ ନମ୍ବର ଆବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି । ଏହି କୁପନ ସମସ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ । ଏହି ଯୋଜନାର ଏକ ରାଜ୍ୟସ୍ତରୀୟ ଉଠାଣ ଆସନ୍ତା ତା ୨୬.୦୪.୨୦୨୦ ରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ । ଏଥିରେ ସମୁଦାୟ ୭ଟି ବର୍ଗରେ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ ଗୋଟି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ପ୍ରୋତ୍ସାହନ ଯୋଜନାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ରାଶି ବିଜୟୀ ହେବାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ**
**ଅର୍ଥ ବିଭାଗ**
**ଓଡିଶା ସରକାର**

05001/13/0007/1920



❝ ଏଜ୍‌ବାଷ୍ଟନରେ ଅନୁଷ୍ଠିତ ଆଶେସ ସିରିଜର ପ୍ରଥମ ଟେଷ୍ଟରେ ୨ଟି ଶତକ ହାସଲ କରି ଷ୍ଟିଭ୍ ସ୍ମିଥ୍ ମାନସିକ ଦୃଢ଼ତାର ପରିଚୟ ଦେଇଛନ୍ତି ।

–ଗ୍ଲେନ ମ୍ୟାକ୍‌ଗ୍ରା, ପୂର୍ବତନ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର



❝ ଯେତେବେଳେ ମୁଁ ରନ କରିପାରି ନ ଥାଏ ସେତେବେଳେ ନିରାଶ ହୋଇଥାଏ। କିନ୍ତୁ ପୂରା ଟିମ୍‌ର ଭରସା ମୋ ଉପରେ ରହିଥାଏ, ଯାହା ମୋତେ ସହାୟତା କରିଥାଏ ।

–ରିଷଭ ପନ୍ତ, ଭାରତୀୟ କ୍ରିକେଟର୍

## ସଂକ୍ଷେପରେ

### ସୁଷମା ସ୍ୱରାଜଙ୍କ ବିୟୋଗରେ ଶୋକାକୁଳ କ୍ରୀଡ଼ା ଜଗତ

ନୂଆଦିଲ୍ଲୀ,୭।୮- ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗ ପରେ ଶୋକାକୁଳ ହୋଇପଡ଼ିଛି ଦେଶର କ୍ରୀଡ଼ା ଜଗତ। ମଙ୍ଗଳବାର ହୃଦ୍‌ଘାତ ପରେ ୬୭ ବର୍ଷୀୟା ସ୍ୱରାଜଙ୍କ ମୃତ୍ୟୁ ଘଟିଥିଲା। ହଠାତ୍ ତାଙ୍କ ବିୟୋଗ ପରେ ବହୁ କ୍ରୀଡ଼ା ବ୍ୟକ୍ତିତ୍ୱ ସୋସିଆଲ ମିଡିଆରେ ନିଜ ଦୁଃଖ ପ୍ରକାଶ କରି ସ୍ୱରାଜଙ୍କ ସହ ତାଙ୍କ ଅନ୍ତିମ ସାକ୍ଷାତ୍‌କାରକୁ ମନେ ପକାଇଛନ୍ତି। ଭେଟେରାନ ଭାଜପା ନେତା ସୁଷମାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କୁ ସମସ୍ତେ ଭଲ ପାଆନ୍ତି। ସେ ସର୍ବଦା ସାହାଯ୍ୟକାରୀ ରାଜନେତା ଭାବେ ସଭିଙ୍କ ମନେ ରହିବେ। ତାଙ୍କ ପରିବାର ଓ ବନ୍ଧୁଙ୍କ ପ୍ରତି ମୁଁ ସମବେଦନା ଜଣାଉଛି। ତାଙ୍କ ବିୟୋଗ ଦେଶରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଟୁଇଟ୍ କରିଛନ୍ତି ପୂର୍ବତନ ଭାରତୀୟ ଓପ୍‌ନର ତଥା ଏବେକାର ଏମ୍‌ପି ଗୌତମ ଗମ୍ଭୀର। ଅନ୍ୟତମ ପୂର୍ବତନ ଓପ୍‌ନର ବୀରେନ୍ଦ୍ର ସେହ୍ୱାଗ ସ୍ୱରାଜଙ୍କ ଫଟୋ ପୋଷ୍ଟ କରିବା ସହ ଲେଖିଛନ୍ତି, ପରିବାର ଓ ବନ୍ଧୁଙ୍କ ସହ ମୋର ସମବେଦନା ରହିଛି। ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ତଥା ପୂର୍ବତନ କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର କହିଛନ୍ତି ଯେ, ସୁଷମାଙ୍କ ହଠାତ୍ ବିୟୋଗରେ ମୁଁ ଦୁଃଖିତ। ୫୦ ବର୍ଷର ଲମ୍ବା ରାଜନୈତିକ କ୍ୟାରିୟରରେ ସେ ନିଜର ଧୈର୍ଯ୍ୟ ଓ ସାହସ ଯୋଗୁ ବହୁ ହୃଦୟ ଛୁଇଁଛନ୍ତି। ଜଣେ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟ ସର୍ବଦା ମନେରହିବ। ଭେଟେରାନ ଭାଜପା ନେତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଥିବା ତାଲିକାରେ ସୁରେଶ ରାଇନା, ସାନିଆ ମିର୍ଜା, ଆକାଶ ଚୋପ୍ରା ଓ ମହମ୍ମଦ କୈଫଙ୍କ ଭଳି ଖେଳାଳି ରହିଛନ୍ତି।

### ଧୋନୀଙ୍କ ରେକର୍ଡ ଭାଙ୍ଗିଲେ ପନ୍ତ

ନୂଆଦିଲ୍ଲୀ,୭।୮- ଭାରତୀୟ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଭେଟେରାନ ମହେନ୍ଦ୍ର ସିଂ ଧୋନୀଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୁୟାନାଠାରେ ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌ରେ ପନ୍ତ ୬୫ ରନ୍‌ର ବିଜୟୀ ଇନିଂସ ଖେଳିଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଏହା ଭାରତୀୟ ଉଇକେଟକିପରଙ୍କ ଲାଗି ସର୍ବାଧିକ ସ୍କୋର। ପୂର୍ବରୁ ଏହି ରେକର୍ଡ ଧୋନୀଙ୍କ ନାମରେ ଥିଲା। ତାଙ୍କ ଟି୨୦ କ୍ୟାରିୟରର ସର୍ବାଧିକ ସ୍କୋର ହେଉଛି ୫୬। ସେ ବେଙ୍ଗାଲୁରୁଠାରେ ଇଂଲଣ୍ଡ ବିପକ୍ଷରେ ୨୦୧୭ରେ ଏହି ଇନିଂସ ଖେଳିଥିଲେ। ଧୋନୀଙ୍କ ଅନୁପସ୍ଥିତିରେ ୱେଷ୍ଟଇଣ୍ଡିଜରେ ସମସ୍ତ ଫର୍ମାଟ ପାଇଁ ଦଳରେ ଚୟନ ହୋଇଥିବା ପନ୍ତ ଅଧିନାୟକ ବିରାଟ କୋହଲିଙ୍କ ସହ ମିଶି ୧୦୬ ରନ୍‌ର ଭାଗୀଦାରି କରିଥିଲେ।

### 'ଭାରତୀୟ କ୍ରିକେଟକୁ ଭଗବାନ ସାହା'

ନୂଆଦିଲ୍ଲୀ,୭।୮- ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ତଥା ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ଼ଙ୍କ ନାମରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ଅଭିଯୋଗ ଆସିଛି। ଏଥିନେଇ ପୂର୍ବତନ ଅଫ୍ ସ୍ପିନର ହରଭଜନ ସିଂ (ଭଜି) ଭାରତୀୟ କ୍ରିକେଟକୁ ଏବେ ଭଗବାନ ହିଁ ସାହା ବୋଲି ମନ୍ତବ୍ୟ ଦେଇଛନ୍ତି। ଦ୍ରାବିଡଙ୍କୁ ନୋଟିସ କରାଯିବା ଘଟଣା ଉପରେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପ୍ରଥମେ ପ୍ରତିକ୍ରିୟା ରଖିଥିଲେ। କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ଭାରତୀୟ କ୍ରିକେଟରେ ଏବେ ନୂଆ ଫ୍ୟାଶନ। ଏହା ଦ୍ୱାରା ଜଣେ ସହଜରେ ଖବରରେ ରହିପାରିବ। ଦ୍ରାଭିଡ଼ଙ୍କୁ ବିସିସିଆଇ ଏଥିକ୍ସ ଅଫିସର ନୋଟିସ ଜାରି କରିବା ଦୁର୍ଭାଗ୍ୟଜନକ ବୋଲି ଗାଙ୍ଗୁଲି ଟୁଇଟ୍ କରିଛନ୍ତି। ତାଙ୍କ ମତକୁ ସମର୍ଥନ ଜଣାଇ ଭେଟେରାନ ସ୍ପିନର ଭଜି ଟୁଇଟ୍ କରିଛନ୍ତି, ଜଣାନାହିଁ କେଉଁଆଡ଼େ ଭାରତୀୟ କ୍ରିକେଟ ମୁହାଁଉଛି। ଏନ୍‌ସିଏ ଦାୟିତ୍ୱ ପାଇଁ ଦ୍ରାଭିଡଙ୍କଠାରୁ କେହି ଭଲ ମିଳିବେ ନାହିଁ। ତାଙ୍କୁ ନୋଟିସ ପଠାଇବାର ଅର୍ଥ କିମ୍ବଦନ୍ତୀ ଖେଳାଳିଙ୍କ ଅପମାନ କରିବା। ଦେଶ କ୍ରିକେଟର ଉନ୍ନତି ପାଇଁ ସେମାନଙ୍କ ଦରକାର ରହିଛି। ଏବେ ଭଗବାନ ହିଁ ଭାରତୀୟ କ୍ରିକେଟକୁ ସାହା। ପୂର୍ବତନ ଭାରତୀୟ ଅଧିନାୟକ ଦ୍ରାଭିଡ୍‌ଙ୍କୁ ଉତ୍ତର ଦେବା ପାଇଁ ଦୁଇ ସପ୍ତାହ ସମୟ ଦିଆଯାଇଛି। ବିସିସିଆଇ ଏଥିକ୍ସ ଅଫିସରଙ୍କ ଅନୁଯାୟୀ, ଏନ୍‌ସିଏ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଦ୍ରାଭିଡ ଇଣ୍ଡିଆ ସିମେଣ୍ଟ ଗ୍ରୁପ୍‌ର ଉପ ସଭାପତି ପଦରେ ଅଛନ୍ତି, ଯାହାକି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଫ୍ରାଞ୍ଚାଇଜର ମାଲିକ।

# ପ୍ରଥମ ଦିନିକିଆ ଆଜି

ପ୍ରୋଭିଡେନ୍ସ (ଗୁୟାନା),୭।୮(ପି.ଟି.)



ବିରାଟ କୋହଲି



ଜାସନ ହୋଲ୍ଡର

ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡଠାରୁ ସେମିଫାଇନାଲରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ଭାରତ ପ୍ରଥମଥର ପାଇଁ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବେ। ଟି୨୦ ସିରିଜରେ ୩-୦ରେ କ୍ଲିନ୍ ସୁଇପ୍ କରିବା ପରେ ବିଜୟରୁ ଦିନିକିଆ ସିରିଜ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମ ଗୁରୁବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଅଭିଜ୍ଞ ଓପନର ଶିଖର ଧାୱନ ଦିନିକିଆ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବେ। କୋହଲି ଓ ରୋହିତ ଶର୍ମାଙ୍କ ପରେ ଧାୱନ ଭାରତ ତୃତୀୟ ଶ୍ରେଷ୍ଠ ଦିନିକିଆ ଖେଳାଳି ବିବେଚିତ ହେଉଛନ୍ତି। ୧୩୦ଟି ଦିନିକିଆ ମ୍ୟାଚ୍ ଖେଳି ଧାୱନ ୧୭ଟି ଶତକ ଅର୍ଜନ କରିଛନ୍ତି। ରୋହିତଙ୍କ ଧାୱନ ଇନିଂସ ଓପନ୍ କରିବେ। ଫଳରେ ଲୋକେଶ ରାହୁଲ ୪ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। କେଦାର ଯାଦବ ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ହାସଲ କରିବେ। ତେବେ ଏହା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଅଧିନାୟକ କିପରି ବ୍ୟବହାର କରିବେ ତାହା ଉପରେ ନିର୍ଭର କରୁଛି। ମନୀଷ ପାଣ୍ଡେ ଓ ଶ୍ରେୟାସ ଆୟରଙ୍କ ମଧ୍ୟରୁ କିଏ ମିଡଲ ଅର୍ଡରରେ ବ୍ୟାଟିଂ କରିବ ତାହା କହିବା ଅବଶ୍ୟ କଷ୍ଟକର। ତେବେ ଟିମ୍ ମ୍ୟାନେଜମେଣ୍ଟ ଆୟରଙ୍କୁ ଅପେକ୍ଷାକୃତ ଅଧିକ ସୁଯୋଗ ଦେଇ ପରୀକ୍ଷା ନିରୀକ୍ଷା କରିବାକୁ ଚାହିଁବ।

ବୋଲିଂରେ ଭୁବନେଶ୍ୱର କୁମାର ଦୁଇଟି ଦେଶରେ ଗତ ସପ୍ତାହରେ ୩ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଫଳରେ ତାଙ୍କୁ ବିଶ୍ରାମ ଦିଆଯାଇ ମହମ୍ମଦ ସାମିଙ୍କୁ ସୁଯୋଗ ଦିଆଯିବା ଆଶା କରାଯାଉଛି। ସେ ଦ୍ରୁତ ବୋଲି ବିଭାଗର ନେତୃତ୍ୱ ନେବେ। ନବଦୀପ ସଇନି ଦିନିକିଆରେ ପଦାର୍ପଣ କରିବା ନିଶ୍ଚିତ ମନେ ହେଉଛି। ଗତ ବିଶ୍ୱକପ୍‌ରେ ଭାରତ ହଟ୍ ଫେଭରାଇଟ୍ ମନେହେଉଥିଲେ ମଧ୍ୟ ଅପ୍ରତ୍ୟାଶିତ ଭାବେ ନ୍ୟୁଜିଲାଣ୍ଡଠାରୁ ହାରି ବିଦାୟ ନେଇଥିଲା। ତେବେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି୨୦ ସିରିଜରେ କ୍ଲିନ୍ ସୁଇପ୍ କରି ଭାରତ ଲୟ ଫେରିପାଇଛି। ବିଶ୍ୱକପ୍ ବିପର୍ଯ୍ୟୟ ମନରୁ ଲିଭି ନ ଥିଲେ ମଧ୍ୟ ଭାରତ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଉପସ୍ଥିତି ସତ୍ତ୍ୱେ ଟି୨୦ ଭଳି ଦିନିକିଆ ମଧ୍ୟ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି।

ତାରକା ଓପନର ରୋହିତ ଶର୍ମା ତାଙ୍କ ଦମ୍‌ଦାର ଫର୍ମ ଜାରି ରଖିବା ଆଶା କରାଯାଉଛି। ବିଶ୍ୱକପ୍‌ରେ ୫ଟି ଶତକ ହାସଲ କରି ସେ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ବିଶ୍ୱକପ୍‌ରେ ଧାୱନ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଚମତ୍କାର ଶତକ ହାସଲ କରିବା ପରେ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇବା କାରଣରୁ ବିଶ୍ୱକପ୍‌ରୁ ବାଦ୍ ପଡିଥିଲେ। ବିଶ୍ୱକପ୍‌ରେ କୋହଲି ମଧ୍ୟ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ ଓ ଏହି ସିରିଜରେ ମଧ୍ୟ ତାହାକୁ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ବିଶ୍ୱକପ୍ ବିପର୍ଯ୍ୟୟ ପରେ ସୀମିତ ଓଭର ଫର୍ମାଟରେ ତାଙ୍କ ନେତୃତ୍ୱକୁ ନେଇ କେତେକ ପୂର୍ବତନ କ୍ରିକେଟର ପ୍ରଶ୍ନ ଉଠାଇଥିଲେ। ଗୋଟିଏ ଖରାପ ଦିନ ଓ ଇନିଂସ କୋହଲିଙ୍କ ବିଶ୍ୱକପ୍ ଆଶାକୁ ଧୂଳିସାତ୍ କରିଥିଲା। ଅବଶ୍ୟ ବିଶ୍ୱକପ୍ ଓ ୱେଷ୍ଟଇଣ୍ଡିଜ୍‌ରେ ଦିନିକିଆ ସିରଜ୍ ଖେଳିବା ଭିନ୍ନ କଥା। ଦଳର ଦମ୍‌ଦାର ପ୍ରଦର୍ଶନରେ କୋହଲି ନିଶ୍ଚିତ ସନ୍ତୁଷ୍ଟ ଥିବେ। ବ୍ୟାଟିଂରେ ପନ୍ତ ଓ ବୋଲିଂରେ କ୍ରୁନାଲ ପାଣ୍ଡ୍ୟାଙ୍କ ପ୍ରଦର୍ଶନରେ କୋହଲି ପ୍ରଭାବିତ ହୋଇଥିବେ। ଏହି ଦୁଇ ଖେଳାଳିଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଛନ୍ତି। ଟି୨୦ ସିରିଜରେ କ୍ରୁନାଲ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

ଟି୨୦ ସିରିଜରେ ହ୍ୱାଇଟ୍‌ୱାସର ଶିକାର ହୋଇଥିଲେ ମଧ୍ୟ ଗେଲ ଦଳକୁ ଫେରିଥିବାରୁ ୱେଷ୍ଟଇଣ୍ଡିଜ୍ ଦିନିକିଆ ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ବିଶ୍ୱକପ୍ ଅବସରରେ ଗେଲ ଭାରତ ବିପକ୍ଷ ଦିନିକିଆ ସିରିଜ ତାଙ୍କର ଶେଷ ସିରିଜ ହେବ ବୋଲି ଘୋଷଣା କରିଥିଲେ। ବାମହାତୀ ଓପନର ଜନ୍ କ୍ୟାମ୍ପବେଲ୍, ରୋଷ୍ଟନ ଚେଜ ଓ ଅଲରାଉଣ୍ଡର କିମୋ ପଲ ୧୪ ଜଣିଆ ଦଳରେ ସାମିଲ ହୋଇଛନ୍ତି। ଦ୍ୱିତୀୟ ଓ ତୃତୀୟ ଦିନିକିଆ ଯଥାକ୍ରମେ ୧୧ ଓ ୧୪ ତାରିଖରେ ତ୍ରିନିଦାଦର କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ଘରୋଇ ପରିବେଶରୁ ଫାଇଦା ଉଠାଇ ୱେଷ୍ଟଇଣ୍ଡିଜ ଭାରତକୁ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଫଳରେ ଏହି ସିରିଜ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

| ଭାରତୀୟ ଦଳ | ୱେଷ୍ଟଇଣ୍ଡିଜ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ନବଦୀପ ସଇନି। | ଜାସନ ହୋଲ୍ଡର (ଅଧିନାୟକ), କ୍ରିସ୍ ଗେଲ, ଜନ କ୍ୟାମ୍ପବେଲ, ଏଭିନ ଲୁଇସ୍, ସାଇ ହୋପ୍, ଶିମରନ ହେଟମେୟର, ନିକୋଲାସ ପୁରନ, ରୋଷ୍ଟନ ଚେଜ୍, ଫାବିୟାନ ଆଲେନ, କାର୍ଲୋସ ବ୍ରାଥୱେଟ, କିମୋ ପଲ, ଶେଲଡନ କଟ୍ରେଲ, ଓଶେନ ଥୋମାସ ଓ କେମାର ରୋଚ୍। |

**ସ୍ଥାନ: ଗୁୟାନା, ସମୟ: ସନ୍ଧ୍ୟା ୭ଟା, ପ୍ରସାରଣ: ସୋନୀ ନେଟ୍‌ୱର୍କ**

## ବଦଳିବ ପାକିସ୍ତାନ ଦଳର କୋଚିଂ ସେଟ୍‌ଅପ

କରାଚୀ,୭।୮

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦଳର କୋଚ୍ ମିକି ଆର୍ଥରଙ୍କ କାର୍ଯ୍ୟକାଳରେ ବୃଦ୍ଧି କରାଯିବ ନାହିଁ ବୋଲି ବୁଧବାର ଘୋଷଣା କରିଛି। ଫଳରେ ପାକିସ୍ତାନ ଦଳର କୋଚିଂ ସେଟ୍‌ଅପରେ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି। ଦଳର ବୋଲିଂ କୋଚ୍ ଆଝାର ମେହମୁଦ, ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱାର ଓ ଟ୍ରେନର ଗ୍ରାଣ୍ଟ ଲୁଡେନ ପଦ ଛାଡ଼ିବେ। ପିସିବି କ୍ରିକେଟ କମିଟି ଶୁକ୍ରବାର ବୈଠକରେ ସଦସ୍ୟମାନେ କୋଚ୍ ପରିବର୍ତ୍ତନ କରିବା ନେଇ ସୁପାରିସ ଦେଇଥିଲେ। ପିସିବି ମ୍ୟାନେଜର ୱାସିମ ଖାନଙ୍କ ନେତୃତ୍ୱାଧୀନ କମିଟିରେ ୱାସିମ ଆକ୍ରମ, ମିଶବା ଉଲ ହକ୍ ଓ ଉରୁଜ ମମତାଜ ସଦସ୍ୟ ଥିଲେ। କମିଟିର ସୁପାରିସକୁ ମୁଁ ଗ୍ରହଣ କରୁଛି। ପାକିସ୍ତାନ ଦଳକୁ ନୂଆ ନେତୃତ୍ୱ ଦରକାର। ପିସିବି ପକ୍ଷରୁ ମୁଁ ଆର୍ଥର, ଫ୍ଲାଓର, ଲୁଡେନ ଓ ମେହମୁଦଙ୍କୁ ଧନ୍ୟବାଦ ଦେଉଛି। ତୁମ୍ଭମାନଙ୍କ ତତ୍ତ୍ୱାବଧାନରେ ଦଳ ଭଲ ପ୍ରଦର୍ଶନ କରିଛି। କିନ୍ତୁ ଆମେ ଦଳକୁ ଆହୁରି ଆଗକୁ ନେବାକୁ ଚାହୁଁ ବୋଲି ପିସିବି ମୁଖ୍ୟ ଇସାନ ମାନି କହିଛନ୍ତି। ଉଲ୍ଲେଖଥାଉ କି, ୨୦୧୬ରେ ଆର୍ଥର ପାକିସ୍ତାନ ଦଳର କୋଚ୍ ଦାୟିତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଦଳ ୨୦୧୭ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଏଥିସହ ଦଳ ଟି୨୦ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ସ୍ଥାନ ହାତେଇଥିଲା। ଚୁକ୍ତି ଅନୁଯାୟୀ ତାଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେବାର ଥିଲା। କିନ୍ତୁ ଆର୍ଥର କାର୍ଯ୍ୟକାଳ ବଢ଼ାଇବା ନେଇ ପିସିବି କ୍ରିକେଟ କମିଟିକୁ ପ୍ରସ୍ତାବ ଦେଇଥିଲେ।

## କ୍ଷୟକ୍ଷତି ଅନୁଧ୍ୟାନ କଲା ଦେବ ମସ୍କୋ

**ବାରବାଟୀ ଷ୍ଟାଡିୟମ**

କଟକ ଅଫିସ,୭।୮

କିମ୍ବଦନ୍ତୀ କ୍ରିକେଟର କପିଳ ଦେବଙ୍କ କମ୍ପାନୀ ଦେବ ମସ୍କୋ ବୁଧବାର ବାରବାଟୀ ଷ୍ଟାଡିୟମର କ୍ଷୟକ୍ଷତି ଆକଳନ କରି ଫେରିଥିବା ଜଣାପଡ଼ିଛି। କମ୍ପାନୀର ୨ଜଣ ବରିଷ୍ଠ ଅଧିକାରୀ ଆକଳନ ଦାୟିତ୍ୱରେ ଆସିଥିଲେ। ବର୍ଷା ଯୋଗୁଁ ଏମାନେ ଷ୍ଟାଡିୟମର ସମସ୍ତ ଭାଗ ବୁଲି ପାରି ନଥିଲେ ହେଁ ଆକଳନ ଶେଷ କରିଛନ୍ତି ବୋଲି ଜଣାପଡ଼ିଛି। ତେବେ କ୍ଷୟକ୍ଷତି କେତେ ଘଟିଛି ସେ ରିପୋର୍ଟ ସେମାନେ ଫେରିବା ପରେ ମେଲ ଯୋଗେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ଜଣାଇବେ। ସୂଚନା ଥାଉକି, ଗତ ଫନୀ ବାତ୍ୟାରେ ବାରବାଟୀ ଷ୍ଟାଡିୟମର ଫ୍ଲଡ ଲାଇଟ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ଦେବମସ୍କୋ କେବଳ ଏହି କ୍ଷୟକ୍ଷତି ଆକଳନ କରିଛି। ୨୦୦୩ରେ ବାରବାଟୀ ଷ୍ଟାଡିୟମରେ ଫ୍ଲଡଲାଇଟ ଉଦ୍‌ଘାଟନ ହୋଇଥିଲା। ୨୦୦୧ ମସିହାରୁ ଫ୍ଲଡ ଲାଇଟ ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଥିରେ ୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।

## ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ କଲା ସିକିମ୍

କଟକ ଅଫିସ,୭।୮



ସିସିଏ ଓ ଡ୍ରିମ୍ସ କର୍ମକର୍ତ୍ତାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।

ଟାଙ୍ଗୀସ୍ଥିତ ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ ଭାବେ ବ୍ୟବହାର କରିବ ସିକିମ କ୍ରିକେଟ ଆସୋସିଏଶନ(ସିସିଏ)। ବିସିସିଆଇର ଆଗାମୀ ଘରୋଇ ଟୁର୍ନାମେଣ୍ଟ ଗୁଡ଼ିକରେ ଡ୍ରିମ୍ସ ଗ୍ରାଉଣ୍ଡରେ ସିକିମ୍ ଦଳ ଅନେକ ମ୍ୟାଚ୍ ଖେଳିବ। ଏ ନେଇ ସିସିଏ ଓ ଡ୍ରିମ୍ସ ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସିସିଏ ସମ୍ପାଦକ ସୋନମ୍ ପାଲଡେନ୍ ଭୁଟିଆ ଏବଂ ଡ୍ରିମ୍ସ ସ୍ପୋର୍ଟସ ଏକାଡେମୀର ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଏଥିରେ ସ୍ୱାକ୍ଷର କରିଛନ୍ତି। ରାଜିନାମା ଅନୁଯାୟୀ ସିକିମ୍ ଡ୍ରିମ୍ସ ଗ୍ରାଉଣ୍ଡରେ ନିୟମିତ କୋଚିଂ କ୍ୟାମ୍ପ ସହ ବିଭିନ୍ନ ମ୍ୟାଚ୍ ଖେଳିବ। ଡ୍ରିମ୍ସ ପକ୍ଷରୁ ଏହାର କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ସ୍ୱାକ୍ଷରିତ ବୁଝାମଣା ପତ୍ରକୁ ସିକିମ୍ କ୍ରିକେଟ ଆସୋସିଏଶନ କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ଡ୍ରିମ୍ସକୁ ଘରୋଇ ଗ୍ରାଉଣ୍ଡ କରିବା ପ୍ରସ୍ତାବ ପରିପ୍ରେକ୍ଷୀରେ ସ୍ଥିତି ଅନୁଧ୍ୟାନ ପାଇଁ ଗତ ମେ ୧୬ ତାରିଖରେ ସିକିମ୍ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ଏଠାକୁ ଆସିଥିଲେ। ସେମାନେ ସେଠାକାର ଗ୍ରାଉଣ୍ଡ, ପିଚ୍, ଆର୍ଥ ଗ୍ୟାଲେରୀ, ଅମ୍ପାୟର ଓ ଅଫିସିଆଲ ରୁମ୍, ପ୍ରେସ ଗ୍ୟାଲେରୀ, ଜିମ୍, ସୁଇମିଂପୁଲ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ରହିଥିବା ନେଇ ସନ୍ତୋଷ ପ୍ରକାଶ କରିଥିଲେ।

# ଭାରତର କ୍ଲିନ୍ ସୁଇପ୍




ଟି୨୦ ସିରିଜ୍ ବିଜୟୀ ଭାରତୀୟ ଦଳ।

**ଟି୨୦ ସିରିଜ୍**

ଗୁୟାନା, ୭।୮(ପି.ଟି.)

ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୭ ଉଇକେଟରେ ୱେଷ୍ଟଇଣ୍ଡିଜକୁ ହରାଇଛି। ଏଥିସହ ଭାରତ ୩-୦ରେ ସିରିଜ କ୍ଲିନ୍ ସୁଇପ୍ କରିଛି। ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଘରୋଇ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୯.୧ ଓଭରରେ ୩ ଉଇକେଟ ହରାଇ ୧୫୦ ରନ କରି ବିଜୟ ହାସଲ କରିଥିଲା। ଅଧିନାୟକ ବିରାଟ କୋହଲି ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଅର୍ଦ୍ଧଶତକ ହାସଲ କରି ଦଳକୁ ଜିତାଇଥିଲେ। ଦୀପକ ଚହର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ କୃନାଲ ପାଣ୍ଡ୍ୟା ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

୧୪୭ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଭାରତ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୩ ରନ କରିଥିବାବେଳେ ଧାୱନ ଫାଇନଲେଗ୍‌ରେ ସେଲଡନ କଟ୍ରେଲଙ୍କୁ କ୍ୟାଚ୍ ଦେଇ ଓସେନ ଥୋମାସଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପନର ଲୋକେଶ ରାହୁଲ ୧୮ ବଲରୁ ୨ ଚୌକା ଓ ୧ ଛକା ସହ ୨୦ ରନକରି ଫାବିଆନ ଆଲେନଙ୍କ ବଲ୍‌ରେ ଉଇକେଟକିପର ନିକୋଲାସ ପୁରନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ତୃତୀୟ ଉଇକେଟରେ କୋହଲି ଓ ପନ୍ତ ୭୭ ବଲରୁ ୧୦୬ ରନକରି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇଥିଲେ। ତେବେ କୋହଲି ୪୫ ବଲରୁ ୬ ଚୌକା ସହ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଥୋମାସଙ୍କ ବଲ୍‌ରେ ପଏଣ୍ଟରେ ଲୁଇସ୍‌ଙ୍କୁ ସିଧା କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପନ୍ତ ଚମତ୍କାର ବ୍ୟାଟିଂ କରି ୪୨ଟି ବଲ ଖେଳି ୪ ଚୌକା ଓ ୪ ଛକା ସହ ୬୫ ରନ କରି ଅପରାଜିତ ରହିଥିଲେ ଓ ଛକା ମାରି ଦଳକୁ ଜିତାଇଥିଲେ। ମନୀଷ ପାଣ୍ଡେ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍ ତରଫରୁ ଥୋମାସ ୨ ଓ ଆଲେନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ମାତ୍ର ୧୪ ରନରେ ୩ ଉଇକେଟ ହରାଇଥିଲା। ୨୬ ବର୍ଷୀୟ ଦ୍ରୁତ ବୋଲର ଦୀପକ ଚହର ପ୍ରଥମ ୩ଟି ଯାକ ଉଇକେଟ ଅକ୍ତିଆର କରି ଘରୋଇ ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସୁନୀଲ ନାରିନ ୨ ରନ କରି ଦୀପକଙ୍କ ବଲ୍‌ରେ ନବଦୀପ ସଇନିଙ୍କୁ ମିଡ୍‌ଅନ୍‌ରେ କ୍ୟାଚ୍ ଦେଇଥିଲେ। ଏହାପରେ ଇଭିନ ଲୁଇସ୍ ୧୦ ଓ ଶିମରନ ହେଟମେର ୧ ରନ କରି ଦୀପକଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଚତୁର୍ଥ ଉଇକେଟରେ କିରନ ପୋଲାର୍ଡ ଓ ନିକୋଲାସ ପୁରନ ୫୬ ବଲ୍‌ରୁ ୬୬ ରନକରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ପୁରନ ୨୩ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ବଳରେ ୧୭ ରନକରି ସଇନିଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇଥିଲେ। ପୋଲାର୍ଡ ୪୫ ବଲରୁ ୧ ଚୌକା ଓ ୬ ଛକା ୫୮ ରନ କରିଥିବା ବେଳେ ସଇନିଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଧିନାୟକ କାର୍ଲୋସ ବ୍ରାଥୱେଟ୍ ଦ୍ରୁତ ଗତିରେ ରନ୍ କରିବାକୁ ଯାଇ ଗୋଟିଏ ଛକା ସହ ୧୦ ରନକରି ପଦାର୍ପଣ କରିଥିବା ଲେଗ୍ ସ୍ପିନର ରାହୁଲ ଚହରଙ୍କ ବଲ୍‌ରେ ଲଙ୍ଗଅନ୍‌ରେ ୱାଶିଂଟନ ସୁନ୍ଦରଙ୍କୁ କ୍ୟାଚ୍ ଦେଇଥିଲେ। ଶେଷରେ ସପ୍ତମ ଉଇକେଟରେ ୧୬ଟି ବଲରୁ ଫାବିଆନ ଆଲେନ ଓ ରୋଭମ୍ୟାନ ପାୱେଲ ୧୬ଟି ବଲ ଖେଳି ଅପରାଜିତ ୨୭ ରନ କରି ୫ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ପାୱେଲ୍ ୨୦ ବଲରୁ ୧ ଚୌକା ଓ ୨ ଛକା ସହ ୩୨ ଓ ଆଲେନ ୫ ବଲ୍‌ରୁ ୧ ଛକା ସହ ୮ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଦୀପକ ସର୍ବାଧିକ ୩, ସଇନି ୨, ରାହୁଲ ଚହର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଭାରତୀୟ ଦଳରେ ୩ଟି ପରିବର୍ତ୍ତନ କରାଯାଇଥିଲା। ତାରକା ଓପନର ରୋହିତ୍ ଶର୍ମାଙ୍କୁ ବିଶ୍ରାମ ଦିଆଯାଇଥିଲା। ତାଙ୍କ ସ୍ଥାନରେ ଲୋକେଶ ରାହୁଲ ଦଳରେ ସ୍ଥାନ ପାଇଥିଲେ। ୨୦ ବର୍ଷୀୟ ଲେଗ୍ ସ୍ପିନର ରାହୁଲ ଚହର ପଦାର୍ପଣ କରିଥିବା ବେଳେ ତାଙ୍କ ସମ୍ପର୍କୀୟ ଭାଇ ତଥା ଦ୍ରୁତ ବୋଲର ଦୀପକ ଚହର ମଧ୍ୟ ଦଳରେ ସାମିଲ ହୋଇଥିଲେ। ରବୀନ୍ଦ୍ର ଜାଡେଜା ଓ ଯୁବ ଦ୍ରୁତ ବୋଲର ଖଲିଲ ଅହମ୍ମଦଙ୍କୁ ବାଦ୍ ଦିଆଯାଇଥିଲା।

### ସ୍କୋର ବୋର୍ଡ

**ୱେଷ୍ଟଇଣ୍ଡିଜ ଇନିଂସ**
ଲିୱିସ-ଏଲ୍‌ବିଡବ୍ଲ୍ୟୁ- ଡି.ଚହର-୧୦
ନାରିନ୍-କ-ସଇନି-ବୋ-ଡି.ଚହର-୨
ହେଟମେୟର-ଏଲ୍‌ବିଡବଲ୍ୟୁ- ଡି. ଚହର-୧
ପୋଲାର୍ଡ-ବୋ-ସଇନି-୫୮
ପୁରନ-କ-ପନ୍ତ-ବୋ-ସଇନି-୧୭
ପାୱେଲ-ନଟ୍ ଆଉଟ୍-୩୨
ବ୍ରାଥୱେଟ୍-କ-ୱାଶିଂଟନ-ବୋ-ଆର୍. ଚହର-୧୦
ଆଲେନ୍-ନଟ୍ ଆଉଟ୍-୮
ଅତିରିକ୍ତ-୮
ମୋଟ: (୨୦ ଓଭର, ୬ ଉଇକେଟ) ୧୪୬।
**ଉଇକେଟ ପତନ:** ୧/୪, ୨/୧୩, ୩/୧୪, ୪/୮୦, ୫/୧୦୫, ୬/୧୧୯।

**ବୋଲିଂ (ଭାରତ)**
ଭୁବନେଶ୍ୱର କୁମାର ୩-୦-୧୯-୦
ଦୀପକ ଚହର ୩-୧-୪-୩
ନବଦୀପ ସଇନି ୪-୦-୩୪-୨
ରାହୁଲ ଚହର ୩-୦-୨୭-୧
ୱାଶିଂଟନ ସୁନ୍ଦର ୩-୦-୨୩-୦
କ୍ରୁନାଲ ପାଣ୍ଡ୍ୟା ୪-୦-୩୫-୦।

**ଭାରତ ଇନିଂସ**
ରାହୁଲ-କ-ପୁରନ-ବୋ-ଆଲେନ-୨୦
ଧାୱନ-କ-କୋଟ୍ରେଲ-ବୋ-ଥୋମାସ-୩
କୋହଲି-କ-ଲିୱିସ-ବୋ-ଥୋମାସ-୫୯
ରିଷଭ-ନଟ୍ ଆଉଟ୍-୬୫
ମନୀଷ-ନଟ୍ ଆଉଟ୍-୨
ଅତିରିକ୍ତ-୧
ମୋଟ: (୧୯.୧ ଓଭର,୩ ଉଇକେଟ)-୧୫୦।
ଉଇକେଟ ପତନ: ୧/୧୦, ୨/୨୭, ୩/୧୩୩

**ବୋଲିଂ (ୱେଷ୍ଟଇଣ୍ଡିଜ)**
ଶେଲଡନ କୋଟ୍ରେଲ ୪-୦-୨୬-୦
ଓଶାନେ ଥୋମାସ ୪-୦-୨୯-୨
ଫାବିଏନ୍ ଆଲେନ୍ ୩-୦-୧୮-୧
ସୁନୀଲ ନାରିନ୍ ୪-୦-୨୯-୦
କାର୍ଲୋସ ବ୍ରାଥୱେଟ୍ ୨.୧-୦-୨୫-୦
କିମୋ ପଲ୍ ୨-୦-୨୩-୦।



ଆଘାତଜନିତ ସମସ୍ୟାରୁ ମୁକୁଳି ଚଳିତ ଆଶେସ ସିରିଜ ଶେଷ ଭାଗରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବି ବୋଲି ମୋର ପୂରା ଭରସା ରହିଛି ।

–ଜେମ୍ସ ଆଣ୍ଡରସନ, ଇଂଲଣ୍ଡ ଦ୍ରୁତ ବୋଲର



ରିଷଭ ପନ୍ତ ଜଣେ ଟ୍ୟାଲେଣ୍ଟ ଖେଳାଳି ଏବଂ ତାଙ୍କ ପାଖରେ ବହୁ ଦକ୍ଷତା ରହିଛି। ସେ ଆମର ଭବିଷ୍ୟତ। କ୍ଷମତା ପ୍ରଦର୍ଶନ ପାଇଁ ତାଙ୍କୁ ସ୍ଥାନ ମିଳିବା ଜରୁରୀ।

–ବିରାଟ କୋହଲି, ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ

## ସଂକ୍ଷେପରେ

### ବାସନ୍ଦ ଜିମ୍ବାୱେ ସ୍ଥାନ ନେଲା ନାଇଜେରିଆ

ହରାରେ,୭।୮- ଅନ୍ତର୍ଜାତୀୟ କ୍ରିକେଟରୁ ଜିମ୍ବାୱେ ବାସନ୍ଦ ହେବା ଯୋଗୁ ନାଇଜେରିଆ ଲାଭବାନ ହୋଇଛି। ଆଫ୍ରିକା ପୁରୁଷ ଫାଇନାଲ୍ସରେ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ୟୁଏଇଠାରେ ଆସନ୍ତା ଅକ୍ଟୋବରରେ ପୁରୁଷ ବିଶ୍ୱ ଟି୨୦ ଯୋଗ୍ୟତା ପର୍ଯ୍ୟାୟରେ ୧୪ତମ ଦଳ ଭାବେ ଅଂଶଗ୍ରହଣ କରିବ। ଯେଉଁ ସ୍ଥାନରେ ଜିମ୍ବାୱେ ଖେଳିବାର ଥିଲା। ଆଇସିସି ଦ୍ୱାରା ସସ୍‌ପେଣ୍ଡ ହେବା ଦ୍ୱାରା କେନିୟା ଓ ନାମ୍ବିଆ ପରେ ୩ୟ ଆଫ୍ରିକାନ ଦଳ ଭାବେ ନାଇଜେରିଆ ଇଭେଣ୍ଟରେ ଖେଳିବ। ୟୁଏଇଠାରେ ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟରେ ହଂକଂ, ଆୟର୍ଲାଣ୍ଡ, ଜର୍ସି, ନେଦରଲାଣ୍ଡ, ଓମାନ, ପପୁଆ ନ୍ୟୁଗିନି, ସ୍କଟଲାଣ୍ଡ, ସିଙ୍ଗାପୁର ଓ ଆମେରିକାନ ଫାଇନାଲର ଦୁଇ ଦଳ ଭାଗ ନେବେ।

### ବାବରଙ୍କ ଲୋକପ୍ରିୟତା ଯୋଗୁ ସମରସେଟ୍ ୱେବସାଇଟ୍ ଅଚଳ

କରାଚୀ,୭।୮- ପାକିସ୍ତାନ ବ୍ୟାଟ୍ସମ୍ୟାନ ବାବର ଆଜମ ବର୍ତ୍ତମାନ କାଉଣ୍ଟି କ୍ଲବ ସମରସେଟ୍ ପାଇଁ ଖେଳୁଛନ୍ତି। ତାଙ୍କ ଲୋକପ୍ରିୟତା ଯୋଗୁ କ୍ଲବର ୱେବସାଇଟ୍ ଅଚଳ ହୋଇଯାଇଛି। ସମରସେଟ୍ କ୍ଲବ ତା'ର ସମସ୍ତ ମ୍ୟାଚ୍‌ର ସିଧାପ୍ରସାରଣ ନିଜ ୱେବସାଇଟ୍‌ରେ କରାଯାଏ। ଦଳର ପ୍ରଥମ ଟି୨୦ ବେଳେ ପାକିସ୍ତାନର ପ୍ରଶଂସକମାନେ ଷ୍ଟାର ବ୍ୟାଟ୍ସମ୍ୟାନଙ୍କ ବ୍ୟାଟିଂ ଦେଖିବା ପାଇଁ ୱେବସାଇଟ୍ ଷ୍ଟ୍ରିମ କରିବାକୁ ଉଦ୍ୟମ କରିଥିଲେ। ଏତେ ମାତ୍ରରେ ପାକିସ୍ତାନ ପ୍ରଶଂସକମାନେ ଷ୍ଟ୍ରିମ କରିବାରୁ ୱେବସାଇଟ୍ ଅଚଳ ହୋଇଯାଇଥିଲା। ଏଥିନେଇ କ୍ଲବର ଡିଜିଟାଲ ମାର୍କେଟିଂ ଏକ୍‌ଜିକ୍ୟୁଟିଭ ବେନ ୱାରେନ ଆଗାମୀ ମ୍ୟାଚ୍ ପୂର୍ବରୁ ୱେବସାଇଟ୍‌କୁ ଉନ୍ନତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଫଳରେ ୱେବସାଇଟ୍‌ର ସର୍ଭରର କ୍ଷମତା ବୃଦ୍ଧି ପାଇବ। ଆଶାନୁଯାୟୀ, ସମରସେଟ ତା'ର ପ୍ରଥମ ଘରୋଇ ମ୍ୟାଚ୍‌ରେ ସସେକ୍ସଠାରୁ ପରାଜୟ ବରଣ କରିଛି। ବାବର ୮୩ ରନ୍ ଇନିଂସ ଖେଳିଥିଲେ। ତାଙ୍କ ଇନିଂସକୁ ୟୁଟ୍ୟୁବରେ ଦେଢ଼ ନିୟୁତ ପ୍ରଶଂସକ ଦେଖିସାରିଛନ୍ତି। ବିଶ୍ୱକପ୍‌ରେ ୪୭୪ ରନ୍ କରିଥିବା ୨୪ ବର୍ଷୀୟ ଖେଳାଳି ଟି୨୦ କ୍ରିକେଟ ଶୀର୍ଷ ର୍‍ୟାଙ୍କ ବ୍ୟାଟ୍ସମ୍ୟାନ। ବାବର ସମରସେଟର ପ୍ରଥମ କାଉଣ୍ଟି ଚାମ୍ପିୟନଶିପ ମ୍ୟାଚ୍ ପାଇଁ ଉପଲବ୍ଧ ରହିବା ନେଇ ସ୍ପଷ୍ଟ କରିଛନ୍ତି।

# 'ରକ୍ଷଣଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବେଙ୍ଗାଲୁରୁ, ୭।୮

ଚଳିତମାସ ୧୭ରୁ ୨୧ ପର୍ଯ୍ୟନ୍ତ ଜାପାନର ଟୋକିଓଠାରେ ହେବାକୁଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟ ପାଇଁ ଭାରତୀୟ ସିନିୟର ମହିଳା ଓ ପୁରୁଷ ଦଳର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରକ୍ଷଣଭାଗ ଦୃଢ଼ ହେଲେ ଆଗାମୀ ଟୁର୍ନାମେଣ୍ଟରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆ, ୧୧ ନମ୍ବର ଚାଇନା ଓ ୧୪ ନମ୍ବର ଜାପାନକୁ ଭାରତ କଡ଼ା ଟକ୍କର ଦେଇ ପାରିବ ବୋଲି ଅନୁଭବ କରୁଛନ୍ତି ଭାରତୀୟ ମହିଳା ଦଳର ଉପ-ଅଧିନାୟିକା ଗୋଲକିପର ସବିତା। ''ଆମ ଦଳରେ ଏକାଧିକ ପ୍ରତିଭାଧର ଖେଳାଳି ରହିଛନ୍ତି। ସେମାନେ ଦୀର୍ଘଦିନ ଧରି ସାଥିହୋଇ ଖେଳିବାଦ୍ୱାରା ପଡ଼ିଆ ଭିତରେ ଓ ବାହାରେ ପରସ୍ପରକୁ ଭଲଭାବେ ବୁଝିଛନ୍ତି। ଏହା ମ୍ୟାଚ ସମୟରେ ଦଳଗତଭାବେ ଅନେକ କାମ ଦେଇଥାଏ। ଆମେ ପରସ୍ପରର ଶକ୍ତି ଓ ଦୁର୍ବଳତାକୁ ଅନୁଭବ କରିଛୁ। ତେଣୁ ଦଳଗତ ପ୍ରଦର୍ଶନ କ୍ଷେତ୍ରରେ ଆମେ କଠିନ ସମୟରେ ଏକ ହୋଇ ପରସ୍ପରକୁ ସାହାଯ୍ୟ କରିଥାଉ'' ବୋଲି ୨୯ ବର୍ଷୀୟା ସବିତା ପ୍ରକାଶ କରିଛନ୍ତି।

ଆମେ ଖେଳିବାକୁଥିବା ଦଳ ଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ ସବୁଠାରୁ ଶକ୍ତିଶାଳୀ। ଗତବର୍ଷ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅବସରରେ ଆମେ ଏହି ଦଳକୁ ଭେଟିଥିଲୁ। ସେତେବେଳେ ଆମେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଏକମାତ୍ର ଗୋଲରେ ହାରି ଯାଇଥିଲୁ। ତେବେ ଆମେ ଆମର ପ୍ରଦର୍ଶନକୁ ନେଇ ଗର୍ବିତ ଥିଲୁ। ଏବେ ଆମକୁ ଦୃଢ଼ ରକ୍ଷଣଭାଗ ସହ ଖେଳିବାକୁ ହେବ। ବିଶେଷ କରି ଅଷ୍ଟ୍ରେଲିଆକୁ ସହଜ ସୁଯୋଗ ନ ଦେବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ଟୋକିଓ ଟୁର୍ନାମେଣ୍ଟରେ ଯେଉଁ ଦଳର ରକ୍ଷଣଭାଗ ଯେତେ ଦୃଢ଼ ହେବ ସେହି ଦଳର ବିଜୟ ସମ୍ଭାବନା ସେତେ ଅଧିକ ରହିବ ବୋଲି ସବିତା ଅନୁଭବ କରୁଥିବା କହିଛନ୍ତି। ଭାରତୀୟ ଦଳ ଆଗାମୀ ରବିବାର ଟୋକିଓ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ୧୭ ତାରିଖରେ ଜାପାନ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ଦଳ ଅଭିଯାନ ଆରମ୍ଭ କରିବ। ଇତିହାସ ଦେଖିଲେ ଏହି ମ୍ୟାଚରେ ଜାପାନର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ୬୫ଟି ମ୍ୟାଚ ଖେଳାଯାଇଥିବାବେଳେ ଜାପାନ ୩୫ଟି ମ୍ୟାଚରେ ବିଜୟୀ ହୋଇଛି। ସେହି ତୁଳନାରେ ଦେଖିବାକୁ ଗଲେ ଭାରତ ମାତ୍ର ୧୫ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଗତ ୧୦ଟି ମ୍ୟାଚକୁ ବିଚାରକୁ ନେଲେ ଜାପାନ ୪ ଓ ଭାରତ ୩ ମ୍ୟାଚ ଜିତିଥିବାବେଳେ ଅବଶିଷ୍ଟ ୩ ମ୍ୟାଚ ଡ୍ର ରହିଛି।



ସବିତା

''ହିରୋଶିମାରେ ଅନୁଷ୍ଠିତ ଏଫଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ଜିତିବାଦ୍ୱାରା ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବଡ଼ ଦଳକୁ ହରାଇବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଆଶା ବଢ଼ିଛି। ଗତ କିଛିବର୍ଷ ଧରି ମହିଳା ଦଳ ଅନେକ ମ୍ୟାଚ ଖେଳିବା ସୁଯୋଗ ପାଇଥିଲା। ମାତ୍ର ଆଶାନୁରୂପ ସଫଳତା ମିଳି ନ ଥିଲା। ମାତ୍ର ଏବେ ଆଶାତୀତଭାବେ ଦଳୀୟ ପ୍ରଦର୍ଶନରେ ଉନ୍ନତି ଘଟିଛି। ଏବେ ଆମେ ଅଷ୍ଟ୍ରେଲିଆର ସମକକ୍ଷ ବୋଲି ଅନୁଭବ କରୁଛୁ। ଏଫଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ଜିତିବାସହ ଆମେ ବଡ଼ ମ୍ୟାଚରେ ବିଜୟୀ ହେବାର ଦକ୍ଷତା ରଖିଛୁ ବୋଲି ପ୍ରମାଣିତ କରିଛୁ। ସେତେବେଳେ ଆମେ ଜାପାନକୁ ଏହାର ଘରୋଇ ପରିବେଶରେ ୩-୧ ଗୋଲରେ ପରାସ୍ତ କରିଥିଲୁ। ଏହା ଏକ ବଡ଼ ଉପଲବ୍ଧି'' ବୋଲି ସବିତା କହିଛନ୍ତି। ଭାରତ ପକ୍ଷରୁ ୧୯୩ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଥିବା ଏହି ଗୋଲକିପର କହିଛନ୍ତି ଯେ, ଭାରତ ଏପରି ଏକ ଦଳରେ ପରିଣତ ହୋଇଛି ଯିଏକି ପରିସ୍ଥିତି ଅନୁସାରେ ଆକ୍ରମଣାତ୍ମକ କିମ୍ବା ରକ୍ଷଣାତ୍ମକ ଖେଳି ପାରିବ। ଜଣେ ଗୋଲକିପର ଭାବେ ମୁଁ ଆମ ରକ୍ଷଣଭାଗକୁ ଆବଶ୍ୟକ ପରାମର୍ଶ ଦେଇଥାଏ। ବିଶେଷ କରି ପ୍ରତିପକ୍ଷ ଦଳ ଯେପରି ପ୍ରଭାବ ବିସ୍ତାର କରି ନ ପାରିବ ତା' ଉପରେ ମୁଁ ଧ୍ୟାନ ଦେଇଥାଏ। କଠିନ ପରିସ୍ଥିତିରେ ରକ୍ଷଣଭାଗ ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସବିତା ପ୍ରକାଶ କରିଛନ୍ତି।

■ ସର୍ବାଧିକ ଆୟକାରୀ ମହିଳା ଆଥ୍‌ଲେଟ

# ଫୋର୍ବସ ତାଲିକାରେ ସିନ୍ଧୁ ଏକମାତ୍ର ଭାରତୀୟ



ନ୍ୟୁୟର୍କ, ୭।୮

ଜଣାଶୁଣା ପତ୍ରିକା ଫୋର୍ବସ ପକ୍ଷରୁ ପ୍ରକାଶ କରାଯାଇଥିବା ବିଶ୍ୱରେ ସର୍ବାଧିକ ଆୟ କରୁଥିବା ମହିଳା ଆଥ୍‌ଲେଟଙ୍କ ତାଲିକାରେ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି। ବାର୍ଷିକ ୫.୫ ନିୟୁତ ଡଲାର ଆୟ କରୁଥିବା ସିନ୍ଧୁ ୧୩ତମ ସ୍ଥାନରେ ରହିଛନ୍ତି। ଏହାର ଅର୍ଥ ଭାରତୀୟ ମୁଦ୍ରାରେ ତାଙ୍କ ବାର୍ଷିକ ଆୟ ୩୮.୮୩ କୋଟି। ସିନ୍ଧୁ ଭାରତର ସବୁଠୁ ଅଧିକ ଆୟକାରୀ ମହିଳା ଆଥ୍‌ଲେଟ। ସେ ଗତବର୍ଷ ପ୍ରଥମ ଭାରତୀୟ ଖେଳାଳି ଭାବେ ସିଜନ ଶେଷରେ ହେଉଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଜିତିଥିଲେ ବୋଲି ଫୋର୍ବସ ପତ୍ରିକା ପକ୍ଷରୁ କୁହାଯାଇଛି। ଏହି ତାଲିକାରେ ଆମେରିକାର କିମ୍ବଦନ୍ତୀ ମହିଳା ଟେନିସ୍ ଖେଳାଳି ସେରେନା ୱିଲିୟମ୍ସ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ବାର୍ଷିକ ଆୟ ସର୍ବାଧିକ ୨୯.୨ ନିୟୁତ ଡଲାର, ଯାହାକି ଭାରତୀୟ ମୁଦ୍ରାରେ ୨୦୬ କୋଟିରୁ ଊର୍ଦ୍ଧ୍ୱ। ତାଙ୍କ ପଛକୁ ଗତବର୍ଷର ୟୁଏସ୍ ଓପନ ଚାମ୍ପିୟନ ନାଓମି ଓସାକା (୨୪.୩ ନିୟୁତ ଡଲାର) ରହିଛନ୍ତି। ଖେଳାଳିଙ୍କୁ ମିଳୁଥିବା ଟୁର୍ନାମେଣ୍ଟର ପୁରସ୍କାର ରାଶି, ଦରମା, ବୋନସ, ବିଜ୍ଞାପନରୁ ହେଉଥିବା ଆୟ ଓ କୌଣସି ଇଭେଣ୍ଟରେ ଉପସ୍ଥିତ ରହିବା ବାବଦକୁ ୨୦୧୮, ଜୁନ୍‌ରୁ ଚଳିତବର୍ଷ ଏପର୍ଯ୍ୟନ୍ତ ମିଳିଥିବା ଆୟକୁ ଫୋର୍ବସ ହିସାବକୁ ନେଇ ଏହି ତାଲିକା କରିଛି।

# ହକି ଇଣ୍ଡିଆର ୩୧ ଲକ୍ଷ ଟଙ୍କା ସାହାଯ୍ୟ

ଭୁବନେଶ୍ୱର,୭।୮(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରଳୟଙ୍କରୀ ଫନୀ ବାତ୍ୟା ପାଇଁ ହକି ଇଣ୍ଡିଆ ତରଫରୁ ଓଡ଼ିଶା ସରକାରଙ୍କୁ ଅର୍ଥ ପ୍ରଦାନ କରାଯାଇଛି। ହକି ଇଣ୍ଡିଆ ଏଥିପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୩୧ ଲକ୍ଷ ଟଙ୍କା ପ୍ରଦାନ କରିଛି। ହକି ଇଣ୍ଡିଆ ଅଧ୍ୟକ୍ଷ ମୁସ୍ତାକ ଅହମ୍ମଦ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ମୁଖ୍ୟ ନରିନ୍ଦର ବାତ୍ରା ବୁଧବାର ମିଳିତ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚେକ୍ ପ୍ରଦାନ କରିଥିଲେ। ଜୁନ୍ ୬ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏଫ୍‌ଆଇଏଚ୍ ପୁରୁଷ ହକି ସିରିଜ୍ ଫାଇନାଲ୍ସର ମ୍ୟାଚ୍ ଟିକେଟ ବିକ୍ରିରୁ ଏହି ପରିମାଣର ଅର୍ଥ ଉପଲବ୍ଧ ହୋଇଥିଲା। ପୂର୍ବରୁ ମଧ୍ୟ ଟିକେଟ ବିକ୍ରିରୁ ମିଳିବାକୁ ଥିବା ସବୁ ଅର୍ଥକୁ ଫନୀ ବାତ୍ୟା ପୀଡିତଙ୍କୁ ସାହାଯ୍ୟାର୍ଥେ ପ୍ରଦାନ କରିବାକୁ ହକି ଇଣ୍ଡିଆ ପ୍ରତିଶ୍ରୁତି ଦେଇଥିଲା। ଶେଷରେ ଏହାକୁ ହକି ଇଣ୍ଡିଆ ପୂରଣ କରିଛି। ଉଲ୍ଲେଖଥାଉ କି, ଚଳିତ ବର୍ଷ ଫନୀ ଯୋଗୁ ଓଡ଼ିଶା ଉପକୂଳରେ ପ୍ରଭୂତ କ୍ଷତି ହୋଇଥିଲା ଓ ରାଜ୍ୟର ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲା। ରାଜ୍ୟର ୧୪ଟି ଜିଲାର ୧୫୯ଟି ବ୍ଲକର ଦେଢ଼ କୋଟି ଲୋକ ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲେ। ତେବେ ଏହା ସତ୍ତ୍ୱେ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ସଫଳତାର ସହ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଓଡ଼ିଶା ସରକାରଙ୍କ ସହାୟତା ଓ ରାଜ୍ୟ ଲୋକଙ୍କ ଭଲ ପାଇବା ଯୋଗୁ ଏହି ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜିତ ହୋଇଥିଲା ବୋଲି ହକି ଇଣ୍ଡିଆ କହିଛି।

### ଓଲି ଷ୍ଟୋନ୍ ବାଦ୍

ଲଣ୍ଡନ, ୭।୮

ଆଘାତଜନିତ ସମସ୍ୟା ଇଂଲଣ୍ଡ ଦ୍ରୁତ ବୋଲର ଓଲି ଷ୍ଟୋନ୍ ଲର୍ଡ୍ସରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଆଶେସ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ୱର୍କଶାୟର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଷ୍ଟୋନ୍ ଏଜ୍‌ବାଷ୍ଟନରେ ଅଭ୍ୟାସ କରୁଥିବାବେଳେ ପିଠି ଯନ୍ତ୍ରଣାଜନିତ ଆଘାତ ପାଇଥିଲେ ଏବଂ ତାଙ୍କୁ ୨ ସପ୍ତାହ ଲାଗି ବିଶ୍ରାମ ଦିଆଯାଇଛି। ଫଳରେ ଅଗଷ୍ଟ ୧୪ରୁ ଆରମ୍ଭ ହେବାକୁ ଥିବା ଆଶେସ ସିରିଜର ୨ୟ ମ୍ୟାଚ୍‌ରୁ ସେ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

# ଆନ୍ତଃ ସ୍କୁଲ ଫୁଟବଲ: ବିଜେଇଏମ୍ ବିଜୟୀ

ଭୁବନେଶ୍ୱର, ୭।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ଗୋଟିଏ ମ୍ୟାଚ ଡ୍ର ରହିଥିବାବେଳେ ଅନ୍ୟ ମ୍ୟାଚରେ ବିଜେଇଏମ ସ୍କୁଲ ବିଜୟୀ ହୋଇଛି। ପ୍ରଥମ ମ୍ୟାଚଟି ମଦର୍ସ ପବ୍ଲିକ ସ୍କୁଲ ଏବଂ ଡିଏଭି ଚନ୍ଦ୍ରଶେଖରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣଭାବେ ଶେଷ ହୋଇଥିବା ମ୍ୟାଚରେ ଉଭୟ ଦଳ କେତେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଲକ୍ଷ୍ୟହୀନ ଶଟ୍ ଯୋଗୁ କୌଣସି ଗୋଲ ହୋଇପାରି ନ ଥିଲା। ଫଳରେ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। ଅନ୍ୟପକ୍ଷରେ ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ଦ୍ୱିତୀୟ ମ୍ୟାଚରେ ବିଜେଇଏମ ୫-୦ ଗୋଲରେ ଟାଇମ୍ସ ଗୁରୁକୁଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରଥମାର୍ଦ୍ଧର ୨ୟ, ୬ଷ୍ଠ ଓ ୧୦ମ ମିନିଟରେ ଯଥାକ୍ରମେ ସୌମେଶ ମହାନ୍ତି, ଜାଫିଲ ଅବଦୁଲା ଓ ସ୍ମୃତି ସ୍ୱାଗତ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧର ୫ମ ଓ ୬ଷ୍ଠ ମିନିଟରେ ସ୍ମୃତି ସ୍ୱାଗତ ଏବଂ ସୌମେଶ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ପ୍ରଥମ ମ୍ୟାଚରେ ୬ ନମ୍ବର ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ମଲିକ ଅତିଥିଭାବେ ଯୋଗଦେଇ ଡିଏଭି ଚନ୍ଦ୍ରଶେଖରପୁରର ଅଙ୍କୁର ମଲିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ କିସ୍‌ର କ୍ରୀଡ଼ା ଅଧିକାରୀ ରୁଦ୍ରକେଶ ଜେନା ଅତିଥିଭାବେ ଯୋଗଦେଇ ବିଜେଇଏମ ସ୍କୁଲର ସ୍ୱାଗତ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ଦ୍ୱୟକୁ ସରୋଜ ମହାରଣା, ଶେଖାୱତ ଖାଁ, ଦିବ୍ୟଜ୍ୟୋତି ସିଂ, ଚନ୍ଦ୍ରକାନ୍ତ ବାରିକ, ଦୁର୍ଗା ଆଚାର୍ଯ୍ୟ, ଅମିତ ନାୟକ, ରାଜେନ୍ଦ୍ର ବାରିକ ଓ ଟି. ମୋହନ ରାଓ ପରିଚାଳନା କରିଥିଲେ।



ଅଙ୍କୁର ମଲିକ (ଡାହାଣ) ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ପଦକ ଧରି ଫେରିଲେ ଡିସକସ୍ କୁଇନ୍ ପାର୍ବତୀ

କଟକ ଅଫିସ,୭।୮

ଇଟାଲୀର ଟୋରିନୋ ସହରରେ ଶେଷ ହୋଇଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଭାରତ ପାଇଁ ଡବଲ ପଦକ ବିଜୟୀ ହୋଇ ଫେରିଛନ୍ତି ଅନ୍ତର୍ଜାତୀୟ ଆଥଲେଟ ପାର୍ବତୀ ସେଠୀ। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପାର୍ବତୀଙ୍କୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ସ୍ପ୍ରିଣ୍ଟ କୁଇନ ଦୂତୀ ଚାନ୍ଦ, ପାର୍ବତୀଙ୍କ କୋଚ ଅରୁଣ ଦାସ, ମାଷ୍ଟର ଗେମ୍ସ ଆସୋସିଏଶନର ସମ୍ପାଦକ ଶିବପ୍ରସାଦ ମିଶ୍ର, ପୂର୍ବତଟ ରେଲୱେର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପାର୍ବତୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲ, ଭାଜପା ବରିଷ୍ଠ ନେତା ବୈଜୟନ୍ତ ପଣ୍ଡା, କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ମଧ୍ୟ ଟୁଇଟର ମାଧ୍ୟମରେ ପାର୍ବତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତାର ଶ୍ରେୟ ପାର୍ବତୀ ନିଜ କୋଚ୍ ଓ ପରିବାର ଲୋକଙ୍କୁ ଦେଇଥିବା ବେଳେ ଆଗାମୀ ଦିନରେ ସ୍ୱର୍ଣ୍ଣ ବିଜୟୀ ହେବାର ଲକ୍ଷ୍ୟ ରଖିଥିବା କହିଥିଲେ। ଚାଇନାରେ ହେବାକୁ ଥିବା ବିଶ୍ୱ ମାଷ୍ଟର୍ସ ଚାମ୍ପିୟନଶିପ-୨୦୨୦ ନିମନ୍ତେ ଏବେଠାରୁ ନିଜକୁ ପ୍ରସ୍ତୁତ କରିବେ। ଇଟାଲୀରେ ଶେଷ ହୋଇଥିବା ଟୁର୍ନାମେଣ୍ଟରେ ଯେଉଁ କେତୋଟି ଛୋଟ ତ୍ରୁଟି ରହିଥିଲା ସେ ଦିଗରେ ଧ୍ୟାନ ଦେବେ ବୋଲି ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପୁଅ ଆଦିତ୍ୟ ବେହେରାଙ୍କର ବୁଧବାର ଜନ୍ମଦିନ ଥିବାବେଳେ ଏହି ଦିନ ପ୍ରତ୍ୟାବର୍ତ୍ତନ କରିଥିବାରୁ ପାର୍ବତୀଙ୍କ ଖୁସି ଦ୍ୱିଗୁଣିତ ହୋଇଥିଲା। ସୂଚନାଥାଉ କି ୟୁରୋପିଆନ ମାଷ୍ଟର୍ସ ଗେମ୍ସ ଶଟପୁଟ ବିଭାଗର ଫାଇନାଲରେ ୧୦.୧୬ ମିଟର ଫିଙ୍ଗି ପାର୍ବତୀ ବ୍ରୋଞ୍ଜ ପଦକ ଜିତିଥିଲେ। ଅଳ୍ପ ବ୍ୟବଧାନରେ ପାର୍ବତୀ ରୌପ୍ୟ ପଦକରୁ ବଞ୍ଚିତ ହୋଇଥିଲେ। ନିଜ ମୁଖ୍ୟ ଇଭେଣ୍ଟ ଡିସକସରେ ପାର୍ବତୀ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୪୫.୫୫ ମିଟର ଫିଙ୍ଗି ପାର୍ବତୀ ଡିସ୍‌କସ୍‌ରେ ଏହି ସଫଳତା ପାଇଥିଲେ।



ଡିସ୍‌କସ୍ କୁଇନ ପାର୍ବତୀ ସେଠୀଙ୍କ ସହ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ।

■ ନ୍ୟାଶନାଲ୍ ମୋଟର ରେସିଂ

# ହୋଣ୍ଡାର ଡବଲ୍ ବିଜୟ

ଭୁବନେଶ୍ୱର, ୭।୮(ସ୍ପୋର୍ଟ୍ସ ବ୍ୟୁରୋ)

ଚେନ୍ନାଇଠାରେ ଚାଲିଥିବା ଇଣ୍ଡିଆନ ନ୍ୟାଶନାଲ ମୋଟର ରେସିଂ ଚାମ୍ପିୟନଶିପର ତୃତୀୟ ରାଉଣ୍ଡରେ ଆଇଡିମିତ୍ସୁ ହୋଣ୍ଡା ରେସିଂ ଇଣ୍ଡିଆର ଚାଳକମାନେ ସର୍ବାଧିକ ୧୦ ପୋଡିୟମ୍ ଫିନିସ୍ କରିଛନ୍ତି। କ୍ରମାଗତ ଚତୁର୍ଥ ବିଜୟ ସହ ରାଜୀବ ସେଥୁ ପ୍ରୋଷ୍ଟକ ୧୬୫ ସିସି ଚାମ୍ପିୟନ୍‌ଶିପରେ ଅଗ୍ରଣୀ ହାସଲ କରିଛନ୍ତି। ସରଥଙ୍କ ଡବଲ୍ ପୋଡିୟମ୍ ଫିନିସ୍ ଯୋଗୁ ହୋଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛି।

ପ୍ରୋଷ୍ଟକ୍ ୨୦୧-୩୦୦ ସିସି ବର୍ଗରେ ଆଇଡିମିତ୍ସୁ ହୋଣ୍ଡା ଟେନ୍ ୧୦ ରେସିଂ ଟିମ୍‌ର ତିନି ଚାଳକ ଅନିଶ ସେଟ୍ଟି (ପ୍ରଥମ), ଅଭିଷେକ ଭି. (ଦ୍ୱିତୀୟ) ଓ ଅରବିନ୍ଦ ବି. (ତୃତୀୟ) ପ୍ରଥମ ତିନିସ୍ଥାନରେ ରହିଛନ୍ତି। କାର୍ତ୍ତିକ ହବିବ୍‌ଙ୍କ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରି ମହମ୍ମଦ ମିକାଇଲ ପ୍ରଥମ ସ୍ଥାନ ହାସଲ କରି ଆଇଡିମିତ୍ସୁ ହୋଣ୍ଡା ଟ୍ୟାଲେଣ୍ଟ କପ୍ ଏନ୍‌ଏସ୍‌ଏଫ୍ ୨୫୦ଆର୍ ବର୍ଗରେ ଅଗ୍ରଣୀ ରହିଛନ୍ତି। କେଭିନ୍ କ୍ୱିଣ୍ଟାଲ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଇଡିମିତ୍ସୁ ହୋଣ୍ଡା ଟ୍ୟାଲେଣ୍ଟ କପ୍ ସିବି୧୫୦ଆର୍ ରେସ୍ ବର୍ଗରେ ସାମୁଏଲ ମାର୍ଟିନ୍ ପ୍ରଥମ, ଲାଲ୍ ନୁନ୍‌ସାଙ୍ଗ ଦ୍ୱିତୀୟ ଓ ଦୀପକ କୁମାର ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ରାଉଣ୍ଡ ଶେଷ ହେବା ସହ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ଚାଇନାର ଜୁହାଲ୍ ଯାତ୍ରା କରିବ। ସେଠାରେ ଏସିଆର ଶ୍ରେଷ୍ଠ ଚାଳକମାନଙ୍କ ସହିତ ସପ୍ତାହ ଶେଷରେ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍‌ରେ ଅଂଶଗ୍ରହଣ କରିବ ବୋଲି ବ୍ରାଣ୍ଡ ଆଣ୍ଡ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଉପସଭାପତି ପ୍ରଭୁ ନାଗରାଜ ପ୍ରକାଶ କରିଛନ୍ତି।



ରେସ୍ ଅବସରରେ ରାଜୀବ ସେଥୁ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ରଘୁନାଥପୁର, ୭।୮ (ଡି.ଏନ.ଏ.):** ରଘୁନାଥପୁର ତହସିଲ ବରାଗୋଳ ପଞ୍ଚାୟତ ଅଧୀନ ଗୋଠିଣା ଗାଁରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ବାସଗୃହ ଓ ବଖରାଏ ଗୁହାଳ ଜଳି ଯାଇଥିଲା। ଡମ୍ବରୁ ସେଠୀଙ୍କ ପୁଅ ଶମ୍ଭୁନାଥ ଓ ବିବାହିତ ଝିଅ କୁନି ନିଜ ଘରେ ଶୋଇଥିବା ବେଳେ କୌଣସି କାରଣରୁ ଘରେ ନିଆଁ ଲାଗି ଜଳି ଉଠିଥିଲା। ପଡୋଶୀ ଲୋକ ଏହା ଦେଖି ପାଟି କରିବାରୁ ଘର ଭିତରେ ଶୋଇଥିବା ଲୋକେ ବାହାରକୁ ଚାଲି ଆସିଥିଲେ। ପରିବାର ଲୋକେ ନିରାପଦ ରହିଥିଲେ ବି ନିଆଁରେ ସମ୍ପୂର୍ଣ୍ଣ ଘର ପୋଡି ପାଉଁଶ ହୋଇ ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଆସି ପାଣି ପକାଇ ନିଆଁ ଲିଭାଇଥିଲେ। ନିଆଁରେ ଭାଉଣୀ ଭାଇଙ୍କ ସମସ୍ତ ଆସବାବପତ୍ର ସହ ଧାନ, ଚାଉଳ ପୋଡି ଯାଇଥିଲା। ଗୁହାଳରେ ଥିବା ଦୁଇଟି କୁକୁଡା ପୋଡିଯାଇଥିବା ବେଳେ ଗୋଟିଏ ଛେଳି ଆହତ ହୋଇଛି। ଦୁଇ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

### ସ୍କୁଲ ବନ୍ଦ ନ କରିବାକୁ ଦାବି

**କେନ୍ଦ୍ରାପଡା ଅଫିସ, ୭।୮:** ଛାତ୍ରୀଛାତ୍ର ନଥିବା କାରଣରୁ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ କୁହୁଡ଼ ପଞ୍ଚାୟତର ବାଲିଆ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିବା ଲାଗି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଚିଠି ହୋଇଛି। ଏହି ସ୍କୁଲକୁ ବନ୍ଦ ନ କରିବା ଦାବି କରି ସ୍କୁଲ ପରିଚାଳନା କମିଟିର ମହିଳାମାନେ ଇତିମଧ୍ୟରେ ଜିଲାପାଳଙ୍କୁ ଭେଟିଛନ୍ତି। ଏ ସମ୍ପର୍କରେ ପରିଚାଳନା କମିଟି ସଦସ୍ୟା ସୁଚିତ୍ରା ସାହୁ କହିଛନ୍ତି, ଏହି ସ୍କୁଲରେ ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୪। ତେବେ ପ୍ରତିଦିନ ୧୦ରୁ କମ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ରହୁଥିବାରୁ ପ୍ରଶାସନ ପକ୍ଷରୁ ସ୍କୁଲ ବନ୍ଦ ପାଇଁ ନୋଟିସ ହୋଇଛି। ନିକଟସ୍ଥ ସ୍କୁଲ ୧ କିଲୋମିଟର ଦୂରରେ ଥିବାରୁ ଛୋଟ ପିଲାଙ୍କୁ ପଠାଇବାରେ ସମସ୍ୟା ହେବ। ଏଥିପାଇଁ ପୂର୍ବପରି ସ୍କୁଲ ଚାଲିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜୟନ୍ତୀ ନାୟକ, ଅନ୍ନପୂର୍ଣ୍ଣା ସାହୁ, ରଜନୀ ମହାନ୍ତି, ମିନତୀ ମନ୍ତ୍ରୀ, ବିଦ୍ୟୁଲତା ମହାନ୍ତିଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ

# ୧୦୦ ଶଯ୍ୟା ବିଶିଷ୍ଟ ଏମ୍‌ସିଏଚ୍ ବିଲ୍ଡିଂ ଖୁବ୍‌ଶୀଘ୍ର

**ଜଗତ୍‌ସିଂହପୁର ଅଫିସ,୭।୮**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ରୋଗୀସେବା ବ୍ୟାହତ ହେଉଛି। ଭେଷଜ, ସଂକ୍ରମଣଠାରୁ ଆରମ୍ଭ କରି ଅଧିକାଂଶ ୱାର୍ଡରେ ଆବଶ୍ୟକ ଶଯ୍ୟା ନାହିଁ। ବିଶେଷକରି ପ୍ରସୂତି ବିଭାଗ ବାରଣ୍ଡାରେ ପ୍ରତ୍ୟହ ବହୁ ଗର୍ଭବତୀ ଓ ସେମାନଙ୍କ ସମ୍ପର୍କୀୟ ଦୟନୀୟ ଭାବେ ରହୁଛନ୍ତି। ଶିଶୁ ୱାର୍ଡ ପରିସ୍ଥିତି ମଧ୍ୟ ଅନୁରୂପ। ଏସବୁକୁ ଦୃଷ୍ଟିରେ ରଖି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମାଟରନାଲ ଆଣ୍ଡ ଚାଇଲ୍ଡ ହେଲ୍‌ଥ (ଏମ୍‌ସିଏଚ୍) ବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଲ୍ଡିଂ କରାଯିବାକୁ ୨ ବର୍ଷ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲା। କିନ୍ତୁ ପରିତାପର ବିଷୟ ଏହା ଅଦ୍ୟାବଧି ବାସ୍ତବ ରୂପ ନେଇପାରିନାହିଁ। ସୌଭାଗ୍ୟ କ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଏମ୍‌ସିଏଚ୍ ବିଲ୍ଡିଂ ହେବା ନେଇ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଇତିମଧ୍ୟରେ ଚିକିତ୍ସାଳୟ ପାର୍ଶ୍ୱ ଜଳସେଚନ ବିଭାଗ କର୍ମଚାରୀଙ୍କ ସରକାରୀ କ୍ୱାର୍ଟର୍ସର ଅଧା ଜମି ହାତକୁ ନିଆଯାଇଥିବାବେଳେ ଅବଶିଷ୍ଟ ଖୁବଶୀଘ୍ର ନିଆଯିବ ବୋଲି ଜଣାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନକୁ ଏହି ମୋଟ ୧ ଏକର ୧୫ ଡେସିମିଲ ଜମି ଆସିଗଲେ ୧୦୦ ଶଯ୍ୟା ବିଶିଷ୍ଟ ଏମ୍‌ସିଏଚ୍ ବିଲ୍ଡିଂ ନିର୍ମାଣରେ ଅସୁବିଧା ହେବନାହିଁ। ଏନେଇ ସରକାର ଅନୁଦାନ ଯୋଗାଇ ଦେବେ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଜୟ କୁମାର ବୈଠାରୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ବିଭାଗୀୟ ସଚିବଙ୍କଠାରୁ ଅନୁକୂଳ ମତ ଆସିଛି। ଖୁବ କମଦିନ ମଧ୍ୟରେ ଜଳସେଚନ ବିଭାଗ ଜମି ଯୋଗାଇଦେବ। ଏହା ବଦଳରେ ଜଳସେଚନ ବିଭାଗ କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ କାମ ସ୍ୱାସ୍ଥ୍ୟ ବିଭାଗ କରିବ। ଏ ସମ୍ପର୍କରେ ଆଲୋଚନା ଚୂଡାନ୍ତ ହୋଇଛି। ଜଗତ୍‌ସିଂହପୁର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ପର୍ଯ୍ୟାପ୍ତ ଜମି ଥିବାରୁ ସେଠାରେ ୧ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ୩ ତଳ ବିଶିଷ୍ଟ ବିଲ୍ଡିଂ (୧୮ କ୍ୱାର୍ଟର୍ସ) ନିର୍ମାଣ ହେବ। ପରେ ଜଳସେଚନ ବିଭାଗ କର୍ମଚାରୀଙ୍କ କ୍ୱାର୍ଟର୍ସ ଭଙ୍ଗାଯାଇ ସେଠାରେ ୫ ତଳ ବିଶିଷ୍ଟ ଏମ୍‌ସିଏଚ୍ ବିଲ୍ଡିଂ ନିର୍ମାଣ ହେବ। ଏ ବାବଦ ଅନୁଦାନ ସରକାର ଯୋଗାଇ ଦେବେ ବୋଲି ସବୁଜ ସଙ୍କେତ ମିଳିସାରିଛି। ତେବେ ଜଳସେଚନ କ୍ୱାର୍ଟର୍ସ ଜମି ପ୍ରାୟତଃ ୧ ସପ୍ତାହ ଭିତରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନକୁ ଆସିଯିବ ବୋଲି ଆଶା କରାଯାଉଛି। ଏସବୁ ସରିଲେ ଜିଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା ବିଲ୍ଡିଂ ଭଙ୍ଗାଯିବ। ପରେ ସେଠାରେ ୫ ତଳ ବିଶିଷ୍ଟ ବିଲ୍ଡିଂ ନିର୍ମାଣ କରାଯିବାକୁ ସେ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିଥିବା ସିଡିଏମ୍‌ଓ ସୂଚନା ଦେଇଛନ୍ତି। ଜିଲାପାଳ ଓ ସିଡିଏମ୍‌ଓଙ୍କ ଏହି ଉଦ୍ୟମ ସଫଳ ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖା ଦେଇଥିବା ଭିତ୍ତିଭୂମି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ଏବଂ ଆସନ୍ତା ୫୦ ବର୍ଷ ପର୍ଯ୍ୟନ୍ତ କିଛି ଅସୁବିଧା ରହିବ ନାହିଁ ବୋଲି କୁହାଯାଉଛି।

## କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସିପିଆଇଏମ୍‌ର ବିରୋଧ



ବିରିଡ଼ି ବ୍ଲକ କାର୍ଯ୍ୟାଳୟ ଆଗରେ ସିପିଆଇଏମ୍ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବାଲିଆ,୭।୮**

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ୨ ଭାଗ କରିବାର ନିଷ୍ପତ୍ତି ଓ ୩୭୦ ଧାରା ଉଚ୍ଛେଦକୁ ବିରିଡି ବ୍ଲକ ସିପିଆଇଏମ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ବୁଧବାର ପାର୍ଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଏକ ସ୍ମାରକପତ୍ର ବ୍ଲକ ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ସିପିଆଇଏମ ଜଗତ୍‌ସିଂହପୁର ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଜିଲା କମିଟି ସଭ୍ୟ ଗଣେଶଚନ୍ଦ୍ର ମାଣିଆ, ନଟବର ପଲେଇ, ମହେଶ୍ୱର ସ୍ୱାଇଁ, ଉମେଶ ଦାଶ, ନିର୍ମଳ ନାୟକ, ବର୍ଷାରାଣୀ ବାରିକଙ୍କ ସମେତ ଶତାଧିକ କର୍ମକର୍ତ୍ତା ବିରିଡି ପାର୍ଟି କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ନଟବର ପଲେଇଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଜିଲା ସମ୍ପାଦକ ସ୍ୱାଇଁ ବକ୍ତବ୍ୟ ରଖି କହିଥିଲେ, କେନ୍ଦ୍ରର ମୋଦି ସରକାର କ୍ଷମତାସୀନ ହେବାପରେ ଦେଶର ସମ୍ବିଧାନୀକ ବିଧି ବ୍ୟବସ୍ଥାକୁ ମାନୁ ନାହାନ୍ତି କିମ୍ବା ସମ୍ମାନ ଦେଉନାହାନ୍ତି। ଅଗଣତାନ୍ତ୍ରିକ ଭାବେ ଜମ୍ମୁ-କଶ୍ମୀରକୁ ଦୁଇ ଭାଗ କରିବା ଓ ଜମ୍ମୁ-କଶ୍ମୀର ରାଜ୍ୟବାସୀଙ୍କର ବିନା ମତାମତରେ କୌଣସି ନିଷ୍ପତ୍ତି ନେବା ଦୁର୍ଭାଗ୍ୟ ଜନକ। ତେଣୁ ଏହାର ପୁର୍ନବିଚାର କରିବାକୁ ଦାବି କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣିଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

## ଫନୀ କ୍ଷୟକ୍ଷତି, କାଳିଆ ଯୋଜନା ସମ୍ପର୍କିତ ବୈଠକ

**କେନ୍ଦ୍ରାପଡ଼ା ଅଫିସ, ୭।୮**

ଗତ ମେ ୩ ତାରିଖରେ ହୋଇଥିବା ଫନୀ ବାତ୍ୟା କେନ୍ଦ୍ରାପଡା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷତି କରିଛି। ଫନୀ କ୍ଷୟକ୍ଷତି ଓ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ସମ୍ପର୍କରେ ବ୍ଲକ ସଭା ଗୃହରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାତ୍ୟାରେ କ୍ଷତି ହୋଇଥିବା ବାସଗୃହ ସମେତ ଚାଷ ଜମିର ତାଲିକା ପ୍ରସ୍ତୁତ ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହିତ କାଳିଆ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ ନ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ବିଡିଓ ସୁଧୀର ରଞ୍ଜନ ସିଂ, ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସ୍କୁଲ ବ୍ୟାଗ ଓଜନ କମିବ

# ଟାସ୍କଫୋର୍ସ କମିଟି ଜରିଆରେ ହେବ ଯାଞ୍ଚ




**ଯାଜପୁର ଅଫିସ, ୭।୮**

ଶିଶୁଙ୍କ କାନ୍ଧରୁ ହଟୁନି ବ୍ୟାଗ ଶୀର୍ଷକ ଖବର ଧରିତ୍ରୀରେ ଗତ ୬ତାରିଖରେ ପ୍ରକାଶ ପାଇବା ପରେ ଯାଜପୁର ଜିଲା ପ୍ରଶାସନ ତତ୍ପର ହୋଇଛି। ଏହି କ୍ରମରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ସ୍କୁଲ ବ୍ୟାଗର ଓଜନ ହ୍ରାସ ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିଭାଗ ପକ୍ଷରୁ ୨୦୧୮ରେ ଜାରି କରାଯାଇଥିବା ନିୟମାବଳୀ ଆଧାରରେ ତୁରନ୍ତ ଓ ସଫଳ ରୂପାୟନ ପାଇଁ ଜିଲାପାଳ ଦାସ ଏକ ଟାସ୍କଫୋର୍ସ କମିଟି ଗଠନ କରି ନିୟମିତ ଭାବେ ବିଭିନ୍ନ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିରେ ଜିଲାଶିକ୍ଷା ଅଧିକାରୀ ଅଧ୍ୟକ୍ଷ ଥିବାବେଳେ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଉପାଧ୍ୟକ୍ଷ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ପୃକ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ସମ୍ପୃକ୍ତ ଥାନାର ଆଇଆଇସିମାନେ ସଦସ୍ୟ ରହିଛନ୍ତି। ଏହି ଟାସ୍କଫୋର୍ସ ବିଭିନ୍ନ ବେସରକାରୀ ଇଂଲିଶ ମିଡିୟମ ସ୍କୁଲ ଯେଉଁମାନେ କି ସିବିଏସ୍‌ଇ ଓ ଆଇସିଏସ୍‌ଇ ପାଠ୍ୟକ୍ରମ ସହ ଅନୁବନ୍ଧିତ ସେଗୁଡ଼ିକୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ମାନବ ସମ୍ବଳ ବିଭାଗର ଗାଇଡ୍‌ଲାଇନ୍ ଅନୁସାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରମାନେ ୧.୫କି.ଗ୍ରା, ତୃତୀୟରୁ ପଞ୍ଚମ ଶ୍ରେଣୀ ୨.୩ କି.ଗ୍ରା, ଷଷ୍ଠରୁ ସପ୍ତମ ୪କି.ଗ୍ରା, ଅଷ୍ଟମରୁ ନବମ ୪.୫ କି.ଗ୍ରା ଓ ଦଶମଶ୍ରେଣୀ ପାଇଁ ୫କି.ଗ୍ରା. ଓଜନର ସ୍କୁଲ ବ୍ୟାଗ ଧାର୍ଯ୍ୟ କରାଯାଇଛି। ଏନ୍‌ସିଇଆର୍‌ଟି ଧାର୍ଯ୍ୟ କରିଥିବା ପାଠ୍ୟପୁସ୍ତକ ଭିନ୍ନ ଅତିରିକ୍ତ ବହି ଓ ପାଠ୍ୟ ଉପକରଣକୁ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଣୟନ କରି ସ୍କୁଲ ବ୍ୟାଗର ଓଜନ ବୃଦ୍ଧିରେ ସହାୟକ ହେଉଛନ୍ତି। ଯାହାକି ଅଭିଭାବକଙ୍କୁ ଆର୍ଥିକ ଦୃଷ୍ଟିରୁ ଭାରାକ୍ରାନ୍ତ କରୁଛି। ତେଣୁ ଏହି କମିଟି ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିୟମ ଅନୁସାରେ ସ୍କୁଲ ବ୍ୟାଗର ଓଜନକୁ ନିଶ୍ଚିତ କରିବ। ଏନ୍‌ସିଇଆର୍‌ଟି ବା ଏସ୍‌ସିଇଆର୍‌ଟି ପ୍ରଣୟନ କରିଥିବା ବହିଗୁଡ଼ିକ ହିଁ ବ୍ୟବହୃତ ହେବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ହୋମ ୱାର୍କ ଦିଆଯିବ ନାହିଁ। ସଂପୃକ୍ତ ବିଦ୍ୟାଳୟର ଏନ୍‌ଓସି ଓ ତାହାର ବୈଧତାକୁ କମିଟି ମଧ୍ୟ ଯାଞ୍ଚ କରିବ। ସେହିପରି ବିଦ୍ୟାଳୟର ସୁରକ୍ଷା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପରିବହନ ଇତ୍ୟାଦିକୁ କମିଟି ଅନୁଧ୍ୟାନ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିୟମାବଳୀକୁ ପାଳନ କରାଯାଉଛି ନା ନାହିଁ ତାହାକୁ ଅନୁଧ୍ୟାନ କରିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଆଧାରରେ ଏହି କାର୍ଯ୍ୟଗୁଡ଼ିକୁ ପରିଚାଳନା କରିବା ସହ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଇତ୍ୟାଦିକୁ ଅନୁପାଳନ କରିବା ଦିଗରେ ସହାୟକ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

**କମିଟିରେ ଜିଲା ଶିକ୍ଷାଧିକାରୀ ଅଧ୍ୟକ୍ଷ**

## ସୁରେନ୍ଦ୍ର ବେହେରା ହତ୍ୟା ମାମଲା

# ଅଜୟଙ୍କୁ ଆଜୀବନ ଜେଲ ଦଣ୍ଡ

**ଜଗତ୍‌ସିଂହପୁର ଅଫିସ, ୭।୮**

୨୦୧୪ ମସିହାରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ଗୋପାଳପୁର କୁମ୍ଭାର ସାହିର ସୁରେନ୍ଦ୍ର ବେହେରା (୫୫) ହତ୍ୟାକାଣ୍ଡ ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଅଭିଯୁକ୍ତ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ନହରକଣ୍ଟା ହରିଦାଶପୁର ଶୁଣ୍ଢି ସାହିର ଅଜୟ ଖଟୁଆ ଓରଫ ମକରା (୨୦)ଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ମୃତ ସୁରେନ୍ଦ୍ରଙ୍କ ପୁଅଙ୍କୁ ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଜରିମାନା ରାଶି ଅନାଦେୟ ହେଲେ ଅଭିଯୁକ୍ତ ମକରାଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଥିବା ପିପି (ପବ୍ଲିକ ପ୍ରସିକ୍ୟୁଟର) ନଳିନୀକାନ୍ତ ମହାରଣା ସୂଚନା ଦେଇଛନ୍ତି।

ମହାରଣା କହିଛନ୍ତି, ୨୦୧୪ରେ ରଘୁନାଥପୁରରେ ଶ୍ରଦ୍ଧାଞ୍ଜଳି ବାର୍ ଚାଲିଥିଲା। ଏଥିରେ ମକରା ୱେଟର ହିସାବରେ କାମ କରୁଥିଲେ। ପାର୍ଶ୍ୱରେ ସୁରେନ୍ଦ୍ର ଏକ ଜଳଖିଆ ଦୋକାନ କରିଥିଲେ। ବାର୍‌ର ମାଲିକ ବିବେକାନନ୍ଦ ମହାପାତ୍ରଙ୍କ ଝିଅ ବାହାଘର ଥିବାରୁ ସେ ସୁରେନ୍ଦ୍ରଙ୍କୁ ମିଠା ତିଆରି ଦାୟିତ୍ୱ ଦେଇଥିଲେ। ୨୭।୬।୧୪ରେ ସୁରେନ୍ଦ୍ର ବାର୍ ଭିତରେ ମିଠା ତିଆରି କରୁଥିଲେ। ଏହି ସମୟରେ ସେ ପରିଶ୍ରା କରିବା ପାଇଁ ବାହାରକୁ ଯାଇ ଷ୍ଟୋର ରୁମ୍‌କୁ ଫେରିଲା ବେଳେ ପୂର୍ବ ପ୍ରସ୍ତୁତିରେ ଥିବା ମକରା ହଠାତ୍ ଏକ ଚାପଡ (ଚିକେନ୍ କଟାଯାଉଥିବା ଚାପଡ)ରେ ଆକ୍ରମଣ କରିଥିଲେ। ସେତେବେଳେ ସମୟ ପାଖାପାଖି ରାତି ୧୨ଟା୩୦ ହୋଇଥିଲା। ସୁରେନ୍ଦ୍ର ଜୀବନ ବିକଳରେ ବାହାରକୁ ଯାଇ ନିକଟରେ ଥିବା ନରେନ୍ଦ୍ରଙ୍କ ଦୋକାନ କବାଟ ବାଡେଇଥିଲେ। ସାହୁ ତାଙ୍କ ସ୍ତ୍ରୀଙ୍କ ସହ କବାଟ ଖୋଲି ସୁରେନ୍ଦ୍ରଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥା ଦେଖି କିଏ ଏଭଳି କରିଛି ବୋଲି ବୁଝିଥିଲେ। ସେତେବେଳେ ଅଭିଯୁକ୍ତ ମକରା ଖସି ଯାଇଥିଲେ। ଏହାପରେ ସାହୁ ଗାଁ ଲୋକଙ୍କୁ ଡାକି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବ୍ୟବସ୍ଥା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସୁରେନ୍ଦ୍ରଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ୨୮।୬ରେ ବାର୍ ପରିଚାଳକ ପ୍ରମୋଦ ସ୍ୱାଇଁଙ୍କ ଅଭିଯୋଗକ୍ରମେ ରଘୁନାଥପୁର ପୋଲିସ ମାମଲା ସଂଖ୍ୟା-୬୮/୧୪ ରୁଜୁ କରି ତଦନ୍ତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ସମୟରେ ସୁରେନ୍ଦ୍ରଙ୍କ ଶରୀରର ୧୨ଟି ସ୍ଥାନରେ କ୍ଷତ ଥିବା ଦେଖାଯାଇଥିଲା। ଏହି ମାମଲାରେ ୨୯ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।










୩୯

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଳିଙ୍ଗନଗର,୭।୮(ଡି.ଏନ୍.ଏ.):** ବାଙ୍ଗରକୋଟା ପଞ୍ଚାୟତ ତେଲିବେଢ଼ା ଗ୍ରାମ ନିକଟସ୍ଥ ରାସ୍ତା କଡ଼ରୁ ବୁଧବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହକୁ ଟମକା ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣଙ୍କ କେନ୍ଦୁଝର ଜିଲା ଘଷିପୁରା ଥାନା କେସଦୁରାପାଳ ଗ୍ରାମର ଜଗା ଦଳେଇ (୨୩)। ମୃତଦେହକୁ ଦାନଗଦୀ ଡାକ୍ତର ଖାନାକୁ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇ ଘଟଣାର ତଦନ୍ତ ଚଳାଇଛି। ଅପରପକ୍ଷେ ଜଗା ମାନସିକ ବିକୃତ ଥିବାରୁ ସୋମବାରଠାରୁ ନିଖୋଜ ଥିଲେ। ତେଲିବେଢ଼ା ଗ୍ରାମ ନିକଟରେ ତାଙ୍କ ମୃତଦେହ ପଡିଥିବା ଜାଣି ପୋଲିସକୁ ଖବର ଦେଇଥିବା ପରିବାର ଲୋକେ କହିଛନ୍ତି।

### ଲଗାଣ ବର୍ଷାରେ ବଡ଼ଚଣାରେ ଜନଜୀବନ ପ୍ରଭାବିତ
### ବ୍ୟାପକ ଫସଲ ଜଳମଗ୍ନ



**ଚଣ୍ଡିଖୋଲ,୭।୮(ଡି.ଏନ୍.ଏ.):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ବୁଧବାର ବର୍ଷା ଲାଗିରହିଛି। ଫଳରେ ବଡ଼ଚଣା ବ୍ଲକ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ବ୍ଲକ ଅଞ୍ଚଳର ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଛତିଆ, ବଡ଼ଚଣା ଓ ବାଲିକୁଦା ବଜାର ଲଗାଣ ବର୍ଷା ଯୋଗୁ ଜନଶୂନ୍ୟ ରହିଥିଲା। ଅପରପକ୍ଷେ ବ୍ୟାପକ ଚାଷ ଜମି ଜଳମଗ୍ନ ହୋଇଛି। ୧୬ ନଂ ଜାତୀୟ ରାଜପଥ କଡ଼ର ଉଭୟ ପାର୍ଶ୍ୱରେ ପାଣି ଜମି ରହିବା ଦ୍ୱାରା ଚାଷ ଜମିଗୁଡ଼ିକ କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହିପରି ଯଦି ଲଗାଣ ବର୍ଷା ଗୁରୁବାର ହୁଏ ତେବେ ଖାଲୁଆ ଅଞ୍ଚଳର ଧାନଚାଷ ନଷ୍ଟ ହୋଇଯିବ ବୋଲି ବହୁ ଚାଷୀ କହିଛନ୍ତି। ଚଣ୍ଡିଖୋଲ ଷ୍ଟେଟବ୍ୟାଙ୍କ ଶାଖା କାର୍ଯ୍ୟାଳୟ ପଛପଟେ ଥିବା ଖୋସାଲିପୁର ଗ୍ରାମ ଓ ସୁଙ୍ଗୁଡ଼ା ଖେଳପଡ଼ିଆ ନିକଟବର୍ତ୍ତି ଚାଷ ଜମିଗୁଡ଼ିକ ଜଳାମଗ୍ନ ହୋଇପଡ଼ିଥିବାରୁ ଧାନଚାଷ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଏହି ଲଗାଣ ବର୍ଷାରେ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର କଲେଜ ସମ୍ମୁଖ ଭାଗଟି ଜଳମଗ୍ନ ହୋଇଛି। ସେହିପରି ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମଧ୍ୟ ବର୍ଷା ପାଣି ଘେରରେ ରହିଥିବା ଦେଖିବାକୁ ମିଳିଛି। ଅଞ୍ଚଳର ବହୁ ଗ୍ରାମ ରାସ୍ତା ପାଣିରେ ବୁଡ଼ିରହିବା ଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇଛି।

# ଅଡିଟ ଖୋଲିଲା ମହାଦୁର୍ନୀତିର ମୁଖା

**ଯାଜପୁର ଅଫିସ, ୭।୮**

ବ୍ୟାପକ ଅନିୟମିତା ଓ ଦୁର୍ନୀତି ସଂକ୍ରାନ୍ତରେ ସଦାସର୍ବଦା ଚର୍ଚ୍ଚାରେ ରହି ଆସୁଥିବା ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ଲୋକାଲ ଅଡିଟ ରିପୋର୍ଟ ପୁଣି ଏକ ମହାଦୁର୍ନୀତିର ମୁଖା ଖୋଲିଛି। କେତେକ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ବିଞ୍ଝାରପୁର ବ୍ଲକକୁ ୨କୋଟି ୨ଲକ୍ଷ ୯୪ହଜାର ୧୨୦ ଟଙ୍କା (ଅଣ୍ଡର ଅବଜେକ୍ସନ) କ୍ଷତି ସହିବାକୁ ପଡ଼ିପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାସହ ୨ଲକ୍ଷ ୫୦ହଜାର ୭୭୪ଟଙ୍କା ଅସୁଲି କରିବାକୁ ଅଡିଟ ରିପୋର୍ଟରେ ପ୍ରସ୍ତାବ ହୋଇଛି। ଅନ୍ୟପକ୍ଷେ ସମ୍ପୃକ୍ତ ଅଧିକାରୀମାନେ ଅଗ୍ରୀମ ବାବଦକୁ ରେକର୍ଡ ପତ୍ର ବ୍ୟବହାର ନ କରି ଚଞ୍ଚକତା ପୂର୍ବକ ୩କୋଟି ୧ଲକ୍ଷ ୮୩ହଜାର ୪୮୩ ଟଙ୍କା ଅଗ୍ରୀମ ଆକାରରେ ନେଇଥିଲେ ବି ୩୧।୩।୨୦୧୮ସୁଦ୍ଧା ଫେରାଇ ନ ଥିବା ଅଡିଟରେ ଜଣାପଡ଼ିଛି। ଅଗ୍ରୀମ ନେଇଥିବା କେତେକ ଅଧିକାରୀ ବିଞ୍ଝାରପୁର ବ୍ଲକ ଛାଡ଼ି ସାରିଛନ୍ତି । ବିଭିନ୍ନ ଯୋଜନାର କାଗଜପତ୍ର କାର୍ଯ୍ୟକାରୀ ହୋଇ ନାହିଁ। ବିଶେଷକରି ବିଞ୍ଝାରପୁର ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି(ଏମ୍ଏଲ୍ଏ ଲ୍ୟାଡ)ର ବାସ୍ତବ କ୍ଷେତ୍ରରେ ପ୍ରୟୋଗ ନ ହୋଇ ନିୟମ ସମୂହକୁ ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତ ସମିତି(ବ୍ଲକ) ରହିଛି। ଏଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ମୁଖ୍ୟ ଭାବେ ବିଭିନ୍ନ ଯୋଜନାର କାର୍ଯ୍ୟକାରୀ କରିଥାନ୍ତି। କିନ୍ତୁ ବିଞ୍ଝାରପୁର ବ୍ଲକରେ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ସିଂହଭାଗ ଅର୍ଥ ଠିକାଦାରୀ କାର୍ଯ୍ୟରେ ବିନିଯୋଗ କରାଯାଇ କୋଟି କୋଟି ଟଙ୍କା ବାଟମାରଣା ହୋଇଛି। ୧୪।୨।୨୦୧୯ ରୁ ୧୬।୪।୨୦୧୯ ତାରିଖ ମଧ୍ୟରେ ୨୦୧୭-୧୮ଆର୍ଥିକ ବର୍ଷର ହୋଇଥିବା ଅଡିଟରେ ଏହା ଜଳଜଳ ହୋଇ ଦିଶୁଛି। ଅଡିଟରେ ବ୍ଲକର କ୍ୟାଶ ବୁକ, ଲୋନ ରେଜିଷ୍ଟର, ଇନଭେଷ୍ଟମେଣ୍ଟ ରେଜିଷ୍ଟର, ଆଉଟଷ୍ଟାଣ୍ଡିଂ ଆଡଭାନ୍ସ ଲେଜର ଆଦି କାଗଜପତ୍ର ଯାଞ୍ଚ ହୋଇଥିଲା। ତେବେ ପୂର୍ବ ବର୍ଷର ଅନୁଦାନ ଓ ୨୦୧୭-୧୮ ବର୍ଷର ମଞ୍ଜୁର ଅନୁଦାନକୁ ମିଶାଇ ୩୯.୧କୋଟି ଟଙ୍କା ମହଜୁଦ ରହିଥିଲା। ଅଡିଟରେ ସେହିବର୍ଷ ୧୯.୧୮କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ହେଲେ ଏହାର ବିନିଯୋଗ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଡିଟରେ ଧରାପଡିଛି। ପୂର୍ବ ଅଡିଟ ରିପୋର୍ଟରେ ବିଭିନ୍ନ ବିରୋଧ ଉଠାଯାଇଥିଲେ ସୁଦ୍ଧା ନିୟମ ଅନୁସାରେ ପାସ୍ ବୁକ କିମ୍ବା ବ୍ୟାଙ୍କ ଆକାଉଣ୍ଟ ସମ୍ପୃକ୍ତ ବିଡିଓଙ୍କ ଦ୍ୱାରା ଯାଞ୍ଚ ହୋଇ ନ ଥିଲା। ଏହାବାଦ ବିନିଯୋଗ ପତ୍ର(ୟୁସି) ଦାଖଲରେ ମଧ୍ୟ ଅବହେଳା ପ୍ରଦର୍ଶନ କରାଯାଇଥିଲା। ୬୩.୬ କୋଟିର ୟୁସି ଦାଖଲ ବାକି ରହିଥିଲାବେଳେ ମାତ୍ର ୬.୬୧କୋଟି ଟଙ୍କାର ୟୁସି ଦାଖଲ ହୋଇଥିଲା। ୫୬.୪୪ କୋଟି ଟଙ୍କାର ୟୁସି ଦାଖଲ ବାକି ରହିଥିଲା। ବିଭିନ୍ନ ଯୋଜନାର କାର୍ଯ୍ୟକାରିତାରେ ଅନେକ ଅନୟିମତତା ଧରାପଡ଼ିଥିଲେ ହେଁ ଏଠାରେ ଏମ୍ଏଲ୍ଏ ପାଣ୍ଠି ଉପରେ ବ୍ୟାପକ ହୋଇଛି। ଏହି ଅନୁଦାନର ଅନ୍ୟୁନପକ୍ଷେ ୧୦ପ୍ରତିଶତ ଦକ୍ଷତା ବୃଦ୍ଧି ଓ ବେକାର ଯୁବତୀଯୁବକଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ କରିବା କଥା। କିନ୍ତୁ ୨୦୧୬-୧୭ ଆର୍ଥିକ ବର୍ଷରେ ବିଞ୍ଝାରପୁର ପଞ୍ଚାୟତ ସମିତିରେ ଏହି ଉଦ୍ଦେଶ୍ୟରେ ପାଣ୍ଠି ବିନିଯୋଗ ହୋଇ ନାହିଁ। ବିଭିନ୍ନ ୩୮ଟି ପ୍ରକଳ୍ପରେ ୯୪ ଲକ୍ଷ ୫୦ ହଜାର ଟଙ୍କା ବିନିଯୋଗ ହୋଇଥିବା କୁହାଯାଉଛି। କୌଣସି ଧାର୍ମିକ ପୀଠରେ ଏମଏଲଏଲାଡ ବିନିଯୋଗ ହେବାର ନିୟମ ନାହିଁ । କିନ୍ତୁ ଏଠାରେ ୧୨.୯୦ ଲକ୍ଷ ଟଙ୍କା ଧାର୍ମିକ ପୀଠଗୁଡିକରେ ବ୍ୟବହାର ହୋଇଛି। ଯାହାକି ଏମ୍ଏଲ୍ଏ ଲ୍ୟାଡର ମୁଖ୍ୟ ଉଦ୍ଦେଶ୍ୟ ଏଠାରେ ପରାହତ ହୋଇଛି। ଏହି ସମିତିରେ ପାନୀୟ ଜଳ, ସର୍ବସାଧାରଣ ଶୌଚାଳୟ ପ୍ରଭୃତିର ଘୋର ଅଭାବ ରହିଛି। ଏଥିପାଇଁ ଏମ୍ଏଲ୍ଏ ଲ୍ୟାଡରୁ ଅଧିକ ପାଣ୍ଠି ବିନିଯୋଗ ହେବା ବିଧେୟ। ତାହା ମଧ୍ୟ ପାଳନ ହୋଇନାହିଁ । ବିଧାୟକଙ୍କ ସୁପାରିଶକ୍ରମେ ଡିପିଏମୟୁ(ଜିଲା ପ୍ରକଳ୍ପ ପରିଚାଳନା ୟୁନିଟ) ଦ୍ୱାରା ମଞ୍ଜୁର ହୋଇ ଏହି ପ୍ରକଳ୍ପଗୁଡିକ ନିର୍ମାଣ ହୋଇଛି ବୋଲି ବ୍ଲକ କର୍ତ୍ତୃପକ୍ଷ କହିଛନ୍ତି। ଏହାବାଦ ଏହି ପ୍ରକଳ୍ପଗୁଡିକୁ ସମ୍ପୃକ୍ତ ଗ୍ରାମବାସୀ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ବୋଲି ବ୍ଲକ ପକ୍ଷରୁ ଦାବି ହୋଇଛି । ଅନ୍ୟପକ୍ଷେ ସିମେଣ୍ଟ କିଣା, ମାଟି କାର୍ଯ୍ୟ, କାଣ୍ଡ କାଟିବା, ଇଟା କିଣା, ରାସ୍ତା ପ୍ରଶସ୍ତିକରଣ, ବାଲି କାର୍ଯ୍ୟ ପ୍ରଭୃତି କାର୍ଯ୍ୟରେ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବା ସହିତ ବ୍ୟାପକ ଦୁର୍ନୀତି ହୋଇଥିବା ଅଡିଟରେ ଧରାପଡିଛି। ଏ ସଂକ୍ରାନ୍ତରେ ବିଞ୍ଝାରପୁର ବିଡିଓ ମିନତୀ ଜଗଦେବଙ୍କୁ ପଚାରିବାରେ ସେ କହିଛନ୍ତି ୩ ମାସ ହେଲା ବିଡିଓ ଭାବେ ଅବସ୍ଥାପିତ ଅଛନ୍ତି। ତେବେ ଅଡିଟ ରିପୋର୍ଟ ଉପରେ ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ**




- ୨.୨ କୋଟି ଟଙ୍କା ଉପରେ ବିରୋଧ
- ୨.୫୦ ଲକ୍ଷ ଟଙ୍କା ହେବ ଅସୁଲି
- ବିଧାୟକ ପାଣ୍ଠିର ବ୍ୟାପକ ଅନିୟମିତତା
- ଅଧିକାରୀଙ୍କ ନିକଟରେ ପଡିଛି ୩.୧ କୋଟି ଟଙ୍କା

### ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ
## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ଧର୍ମଶାଳା,୭।୮(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ଗ୍ରାମରେ ବୁଧବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ଜଣଙ୍କ ଦିଗାମ୍ବରପୁର ଗ୍ରାମର ଶରତ ଖଟୁଆ (୩୫)। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗର ଅବହେଳା ଦାୟୀ କରି କ୍ଷତିପୂରଣ ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ କାଏମା-ନୀରହାଟ ରାସ୍ତାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ଓ ଥାନା ଅଧିକାରୀ ସରୋଜ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଏବଂ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୫ହଜାର ଟଙ୍କା ଆର୍ଥିକ ସହାୟତା ଘୋଷଣା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ପୋଲିସ ଏକ ମାମଲା (୩୧୯/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶରତ ଦେଓଦା ଗ୍ରାମରେ କାମ କରୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ତାର ତାଙ୍କ ଉପରେ ଛିଡି ପଡିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ
## ମମତା ଡୋରରେ ବାନ୍ଧି ରଖେ ସ୍ତନ୍ୟପାନ



ବିଶ୍ୱସ୍ତନ୍ୟପାନ ସପ୍ତାହ ଅବସରରେ ଯୋଗ ଦେଇଥିବା ଅତିଥି।

**ଯାଜପୁର ଅଫିସ,୭।୮**

ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ସ୍ତନ୍ୟପାନ ଦ୍ୱାରା ମା' ଓ ଶିଶୁର ଭାବ ଗତ ଓ ଆବେଗିକ ସମ୍ପର୍କ ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ସ୍ତନ୍ୟପାନ ଦ୍ୱାରା ଉଭୟ ଶିଶୁ ଓ ମା' ଅନେକ ରୋଗ କବଳରୁ ମୁକ୍ତି ପାଇଥାନ୍ତି। ପୁରାଣର ବିଭିନ୍ନ ଚରିତ୍ରମାନଙ୍କର ଉଦାହରଣ ଦେଇ ସେମାନେ କିପରି ମା' କ୍ଷୀର ଖାଇ ଶକ୍ତିଶାଳୀ ଓ ବୁଦ୍ଧିମାନ ହୋଇଥିଲେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିଶୁ ରୋଗ ବିଶେଷଜ୍ଞ ରବୀନ୍ଦ୍ର କୁମାର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ମା' ଓ ଶିଶୁକୁ ସ୍ତନ୍ୟପାନ ହିଁ ମମତା ଓ ସ୍ନେହ ଡୋରରେ ବାନ୍ଧି ରଖିଥାଏ ଏବଂ ଏହି ସ୍ତନ୍ୟପାନ ଦ୍ୱାରା ଶିଶୁର ଅନେକ ଲାଭ ଓ ଉନ୍ନତି ଘଟିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମଓ ରୁଦ୍ର ପ୍ରତାପ କର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା, ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି ପ୍ରମୁଖ ସ୍ତନ୍ୟପାନର ଉପକାରିତା, ଯୌଥ ପରିବାର ଅଭାବରୁ ଓ କର୍ମଜୀବୀ ମହିଳା ହୋଇଥିବାରୁ ସ୍ତନ୍ୟପାନ ହ୍ରାସ ନେଇ ଆଲୋକପାତ କରିବା ସହ ମା'କୁ ସମ୍ପୂର୍ଣ୍ଣ ପରିବାରର ସହଯୋଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରୋଗ୍ରାମ ଅଫିସର ମୁନା ରଥ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ତହସିଲ ପକ୍ଷରୁ ଚଢାଉ, ୮ ଗାଡ଼ି ଜବତ

**ଧର୍ମଶାଳା,୭।୮(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ବୁଧବାର ୫୩ ନମ୍ବର ଜାତୀୟ ରାଜପଥର ଆରୁହା ଓ ଚଢେଇଧରାରେ ଚଢାଉ କରି ୮ କଳାପଥର ବୋଝେଇ ହାଇୱା ଓ ଟ୍ରକ୍ ଜବତ କରିଛି। ଜବତ ୪ଟି ଗାଡିରୁ ୧ ଲକ୍ଷ ୨୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜରିମାନା ଆଦାୟ ହୋଇ ନ ଥିବା ଅନ୍ୟ ୪ଟି ଗାଡିକୁ ଧର୍ମଶାଳା ଥାନା ଓ ଫାଣ୍ଡିରେ ଅଟକ ରଖାଯାଇଥିବା ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଚଢାଉରେ ତହସିଲଦାରଙ୍କ ସହିତ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି, ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ସାମିଲଥିଲେ।

# ଡକାୟତି ଯୋଜନା ପଣ୍ଡ: ୬ ଗିରଫ



ଗିରଫ ହୋଇଥିବା ଅଭିଯୁକ୍ତମାନେ।

**ଯାଜପୁର ରୋଡ,୭।୮(ନି.ପ୍ର)**

ଦୀର୍ଘଦିନ ଧରି ପୋଲିସକୁ ଚକ୍‌ମା ଦେଖାଇ ଯାଜପୁର ରୋଡ, କେନ୍ଦୁଝର, କଳିଙ୍ଗନଗର ସମେତ ଅନ୍ୟ ଜିଲାଗୁଡିକରେ ଡକାୟତି କରିଆସୁଥିବା ୬ଜଣଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଛି ଯାଜପୁର ରୋଡ ପୋଲିସ। ସେମାନଙ୍କଠାରୁ ଡକାୟତିରେ ବ୍ୟବହୃତ ଯନ୍ତ୍ରପାତି ସହ ଚୋରି ଜିନିଷ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ରୋଡ ଥାନା ଲକ୍ଷ୍ମୀନଗର ହୁଡିସାହିର ଚଗଲା ପାତ୍ର (୩୮), ଶ୍ରୀକାନ୍ତ ଲୋହାର(୧୯), ଧବଳଗିରି ଅଞ୍ଚଳ ଯୋଗୀ ସାହିର ବନମାଳି ସଏ (୧୯), ବିଶ୍ୱ ରଞ୍ଜନ ପୃଷ୍ଟି(୨୨), ରାଜୁ ସିରିକା(୨୦) ଓ ଚୋରି ଜିନିଷ କିଣିଥିବା ମୋହନ ବେହେରା(୨୬)।

ବ୍ୟାସ ସରୋବରରେ ଏକ ଡକାୟତ ଦଳ ସୁନା ଦୋକାନରେ ବଡ଼ ଧରଣର ଚୋରି କରିବା ପାଇଁ ଯୋଜନା କରୁଥିଲେ। ଯାଜପୁର ଏସ୍‌ପି ଚରଣ ସିଂ ମୀନା ବିଶେଷ ସୂତ୍ରରୁ ଖବରପାଇ ଯାଜପୁର ରୋଡ ଥାନାଧିକାରୀ ଅନୀଲ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେବା ପରେ ମହାନ୍ତି ଅନ୍ୟ ଅଫିସର ଓ କର୍ମଚାରୀଙ୍କୁ ନେଇ ମଙ୍ଗଳବାର ବ୍ୟାସ ସରୋବରକୁ ଘେରାଉ କରିଥିଲେ। ଚଢାଉ କରି ଡକାୟତି ଯୋଜନାକୁ ପଣ୍ଡ କରିଥିଲେ। ବୁଧବାର ଯାଜପୁର ଏସ୍‌ପି ଚରଣ ସିଂ ମୀନା ଏକ ଖବରଦାତା ସମ୍ମିଳନୀରେ ଡକାୟତଙ୍କ ଖୁଲାସା କରିଛନ୍ତି। ସେମାନଙ୍କଠାରୁ ଏକ ଖଣ୍ଡା, ଲୁହା ରଡ, କଟର ମେସିନ, ସ୍କ୍ରୁ ଡାଇଭର, ମ୍ୟାପ, ମଙ୍କି କ୍ୟାପ ଜବଦ କରିବା ସହିତ ୪ଟି ଚୋରା ବାଇକ୍, ୫ଟି ଲ୍ୟାପ୍‌ଟପ୍, ଡିଜିଟାଲ କ୍ୟାମେରା, ୫ଟି ହାତ ଘଣ୍ଟା, ୨ଟି ସୁନା ମୁଦି, ୨ଟି ପେନ୍‌ଡ୍ରାଇଭ୍, ଗୋଟିଏ ରାଉଟର, ୨ଟି ନକଲି ଚେନ, ଗୋଟିଏ ପାୱାର ବ୍ୟାଙ୍କକୁ ପୋଲିସ ଜବତ କରିଛି। ଯାଜପୁର ରୋଡ ଥାନାରେ ହୋଇଥିବା ବିଭିନ୍ନ ମାମଲାରେ ଏହି ଡକାୟତମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି। କେନ୍ଦୁଝର ଜିଲା ଘସିପୁରା ଥାନାରେ ମଧ୍ୟ ଏହି ଡକାୟତଙ୍କ ନାଁରେ ମାମଲା ରହିଛି। ଚଗୁଲୁ ଓ ଶ୍ରୀକାନ୍ତଙ୍କୁ ରିମାଣ୍ଡରେ ଅଣାଯାଇ ତାଙ୍କଠାରୁ ତଥ୍ୟ ସଂଗ୍ରହ କରି ଏହି ଡକାୟତ ଦଳରେ ସମ୍ପୃକ୍ତ ଆହୁରି ଅନେକ ଜଣଙ୍କୁ ପୋଲିସ ଗିରଫ କରିବ ବୋଲି ସୂଚନା ଦେଇଛି। ୬ଜଣ ଅଭିଯୁକ୍ତଙ୍କୁ ଯାଜପୁର ରୋଡ କୋର୍ଟକୁ ପଠାଯାଇଛି। ବିଚାରପତି ସେମାନଙ୍କ ଜାମିନ ନାମଞ୍ଜୁର କରି ରଗଡି ଉପକାରାଗାରକୁ ପଠାଇ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ କେଦାରନାଥ ସାହୁ, ଥାନାଧିକାରୀ ମହାନ୍ତି, ଏସଆଇ ପବିତ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

**ଚୋରି ସାମଗ୍ରୀ ଜବତ**


DSPL-63

ଜଳ ଶକ୍ତି ଅଭିଯାନ
ଆଜି ହିଁ ସଂଚୟ କରିବା ଜଳ, ଆସନ୍ତା କାଲିର ହେବ ମଙ୍ଗଳ

କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ
ସ୍ଥାନ : ଟାଉନ ହଲ, ପୌର ସଂସ୍ଥା କାର୍ଯ୍ୟାଳୟ ପରିସର, କେନ୍ଦ୍ରାପଡ଼ା
ତାରିଖ : ୦୮.୦୮.୨୦୧୯ ସମୟ : ଅପରାହ୍ନ ୩.୩୦ ମିନିଟ୍

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ଅନୁଭବ ମହାନ୍ତି,
ମାନ୍ୟବର ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ଶଶିଭୂଷଣ ବେହେରା,
ମାନ୍ୟବର ବିଧାୟକ, କେନ୍ଦ୍ରାପଡ଼ା
ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲ,
ମାନ୍ୟବର ବିଧାୟିକା, ପାଟକୁରା
ଶ୍ରୀଯୁକ୍ତ ଧ୍ରୁବ ଚରଣ ସାହୁ,
ମାନ୍ୟବର ବିଧାୟକ, ରାଜନଗର
ଶ୍ରୀଯୁକ୍ତ ପ୍ରତାପ କେଶରୀ ଦେବ,
ମାନ୍ୟବର ବିଧାୟକ, ଆଳି
ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ,
ମାନ୍ୟବର ବିଧାୟକ, ମହାକାଳପଡ଼ା
ଶ୍ରୀଯୁକ୍ତ ମାନସ କୁମାର ପରିଡ଼ା,
ସଭାପତି ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା,
ପ୍ରମୁଖ ଶାସନ ସଚିବ, ଜଳସମ୍ପଦ ବିଭାଗ
ସୁଶ୍ରୀ ମୋନିକା ନୀଲସନ, ମୁଖ୍ୟ, ୟୁନିସେଫ, ଓଡ଼ିଶା



ଆସନ୍ତୁ, ସାମିଲ ହେବା ଜଳଶକ୍ତି ଅଭିଯାନରେ
ଓଡ଼ିଶା ସରକାର
ଜଳସମ୍ପଦ ବିଭାଗ
19085/13/0001/1920



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ

## ସଂକ୍ଷେପରେ

### ଲଗାଣ ବର୍ଷାରେ ଯାଜପୁର ସହର ବେହାଲ

ଯାଜପୁରଟାଉନ,୭।୮(ଡିଏନଏ) ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଯାଜପୁର ସହର ଅବସ୍ଥା ବେହାଲ ହୋଇପଡିଛି। ସୋମବାର ସନ୍ଧ୍ୟାରୁ ଲଗାଣ ବର୍ଷା ଲାଗି ରହିବାରୁ ଘରୁ ବାହାରିବା କଷ୍ଟକର ହୋଇପଡିଛି। ସାରା ସହର ଜଳମଗ୍ନ ହୋଇପଡିଥିବାବେଳେ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମିଛି। ସହରର ମୁଖ୍ୟରାସ୍ତା ଗାନ୍ଧୀ ଛକଠାରୁ ହରପାର୍ବତୀ ଛକ, ଗରିଆପୁର ଛକଠାରୁ ଯୋଡିକୂଅ ଛକ ପର୍ଯ୍ୟନ୍ତ ରାସ୍ତାରେ ଆଣ୍ଠୁଏ ଲେଖାଏ ପାଣି ଚାଲୁଥିବା ଦେଖିବାକୁ ମିଳିଥିଲା। ବର୍ଷାଦିନ ପୂର୍ବରୁ ସହରର ଡ୍ରେନ୍ ସଫା କରାଯାଇ ନ ଥିବା ଯୋଗୁ ବର୍ଷା ଦିନେ ପାଣି ନିଷ୍କାସନ ହେବା କଷ୍ଟକର ହୋଇପଡିଛି। ଯାଜପୁର ମ୍ୟୁନିସିପାଲଟି ଅଫିସରୁ ଥାନା ପର୍ଯ୍ୟନ୍ତ ଆଣ୍ଠୁଏ ଲେଖାଏଁ ପାଣି ଜମିବା ଫଳରେ ସାଧାରଣ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଫଳରେ ସାଧାରଣ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡିଥିବାବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଜନଶୂନ୍ୟ ହୋଇପଡିଥିଲା। ଲଗାଣ ବର୍ଷା ଯୋଗୁ ଯାଜପୁରର ମୁଖ୍ୟ ରାସ୍ତା କିଆନାଳି ଛକଠାରୁ ଗାନ୍ଧିଛକ, ମେଡିକାଲ ରୋଡଠାରୁ ରେଡ୍‌କ୍ରସ ଛକ, କୁଆଁସରପୁର, ଯୋଡିକୂଅ, ସାନବଜାର, ଦେବୀଦ୍ୱାର, ଅମ୍ବିକାଇ ଆଦି ସ୍ଥାନଗୁଡିକରେ ପାଣି ଜମିରହିବା ସହିତ ଅନେକଙ୍କ ଘରେ ବର୍ଷାଜଳ ପଶି ଯାଇଥିବା ଜଣାଯାଇଛି।

### ସୁଷମାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

ଚଣ୍ଡିଖୋଲ,୭।୮(ଡି.ଏନ୍.ଏ.)- ଭାଜପା ନେତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଅକାଳ ବିୟୋଗରେ ବଡ଼ଚଣାର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଜଣେ ମହିଳା ହୋଇ ସେ ଭାରତବର୍ଷର ନେତୃତ୍ୱ ନେବା ସହ ବୈଦେଶିକ ମନ୍ତ୍ରୀ ଭାବରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ଓଡ଼ିଶାରେ ଏମ୍‌ସ ମେଡ଼ିକାଲ ପ୍ରତିଷ୍ଠା ଦିଗରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଗଭୀର ଶୋକ ପ୍ରକାଶ କରି କହିଛନ୍ତି। ଭାଜପା ରାଜ୍ୟ ସମ୍ପାଦକ ସିମନ୍ତିନୀ ଜେନା ଶୋକ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବିଜେଡ଼ି ସଭାପତି ଅରବିନ୍ଦ ସାମଲ, ସଞ୍ଜୟ କୁମାର ସ୍ୱାଇଁ, ଯୁବମୋର୍ଚ୍ଚା ସଭାପତି ଗଣେଶ୍ୱର ବରାଳ, ଭାଜପା ରାଜ୍ୟ ପରିଷଦ ସଭ୍ୟ ଉଦୟନାଥ ସାହୁ, କିଶୋର ବାରିକ, ନାରାୟଣ ସାମଲ, ରମେଶ ଚନ୍ଦ୍ର ପୃଷ୍ଟି, ପ୍ରଦୀପ୍ତ କୁମାର ସାମଲ, ନିରଞ୍ଜନ ମହାନ୍ତି, ପ୍ରଦ୍ୟୁମ୍ନ ଓଝା, ଦେବରଞ୍ଜନ ସ୍ୱାଇଁ ଓ ରମାକାନ୍ତ ଖୁଣ୍ଟିଆ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବର୍ଷା ଯୋଗୁ ଚାଷୀ ଆଶ୍ୱସ୍ତ, ଲୋକେ ହନ୍ତସନ୍ତ

ରତ୍ନଗିରି,୭।୮(ଡିଏନଏ)- ଲଗାଣ ବର୍ଷା ଯୋଗୁ ଚାଷୀମାନେ ଆଶ୍ୱସ୍ତି ଲାଭ କରିଥିବାବେଳେ ବରୀ ଅଞ୍ଚଳର ସାଧାରଣ ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇଛି। ଶ୍ରାବଣ ମାସରେ ବର୍ଷା ଅଭାବରୁ ଏହି ଅଞ୍ଚଳର କୃଷକମାନେ କୃଷି କାର୍ଯ୍ୟ କରିବା କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବରୀରେ ଥିବା ଚାଷ ଜମିକୁ ଜଳସେଚନ ସୁବିଧା ନ ଥିବାରୁ କୃଷକମାନେ କୃଷି କାର୍ଯ୍ୟ ପାଇଁ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି। ମଙ୍ଗଳବାର ରାତିରୁ ଲଘୁଚାପ ଜନିତ ବର୍ଷା ଯୋଗୁ ବରୀ ଅଞ୍ଚଳ ଜଳମଗ୍ନ ହୋଇଛି। ଏହି ବ୍ଲକ ଅଧୀନ ଅନ୍ୟାସୀପୁର ରାଜସ୍ୱ ଗ୍ରାମର ବରାଳ ସାହିଠାରୁ ଦୁର୍ଗା ପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ୩ଫୁଟରେ ପାଣି ଜମି ରହିଥିବାରୁ ୪ନଂ ଓ ୫ନଂ ୱାର୍ଡର ୨ ଶହରୁ ଉର୍ଦ୍ଧ୍ୱ ପରିବାର ଯାତାୟାତ କ୍ଷେତ୍ରରେ ଅସୁବିଧାର ସମ୍ମୁଖିନ ହୋଇଥିବା ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ବିଦ୍ୟାଳୟକୁ ଯାତାୟାତ କରିଥାନ୍ତି। ରାସ୍ତାରେ ବର୍ଷା ପାଣି ଜମି ରହିବା ଯୋଗୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାଇ ନ ଥିବା ଜଣାପଡିଛି। ଗତ ବର୍ଷ ମଧ ବର୍ଷା ଜଳ ଜମି ରହିବାରୁ ଗ୍ରାମବାସୀଙ୍କ ତରଫରୁ ଏହାର ସମାଧାନ ପାଇଁ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନ ନିଆଯିବା କାରଣରୁ ଏଭଳି ଅବସ୍ଥା ଲାଗି ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହିପରି ଚନ୍ଦନପୁର ପଞ୍ଚାୟତର ହାଟସାହି ଛକ ରାସ୍ତା ଉପରେ ପାଣି ଜମି ରହିଛି। ବର୍ଷାଜଳ ନିଷ୍କାସନ ପାଇଁ ଜନସାଧାରଣଙ୍କ ତରଫରୁ ଅଭିଯୋଗ କରାଯାଇଥିଲେ ବି ଏଠାରେ ଡ୍ରେନ ବ୍ୟବସ୍ଥା କରାଯାଇ ପାରି ନାହିଁ। ବର୍ଷା ଜଳ ନିଷ୍କାସନ ସମ୍ପର୍କରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଭାସ କୁମାର ବେହୁରାଙ୍କୁ ପଚାରିବାରେ, ସାଧାରଣ ଲୋକଙ୍କ ସୁବିଧା ଓ ଗମନାଗମନ ପାଇଁ ଜଳ ନିଷ୍କାସନ ପଞ୍ଚାୟତର ଦାୟିତ୍ୱ ବୋଲି କହିଥିଲେ। ଅନ୍ୟାସୀପୁର ସରପଞ୍ଚ ଜଳ ନିଷ୍କାସନ ପାଇଁ ପଞ୍ଚାୟତରେ ପାଣ୍ଠି ନ ଥିବାରୁ ଏହି କାର୍ଯ୍ୟ ହୋଇପାରି ନାହିଁ ବୋଲି କହିଛନ୍ତି।

■ ୫ନଂ (କ) ଜାତୀୟ ରାଜପଥ ପୋଲ

# ପଥଚାରୀଙ୍କ ପାଇଁ ପାଲଟିଛି ମରଣଯନ୍ତା

- ଗଳି ପଡ଼ିଛି ସେତୁର ପାଦଚଲା ସ୍ଲାବ
- ପୂର୍ବରୁ ସେଥିରେ ପଡ଼ି ଜଣେ ମୃତ୍ୟୁବରଣ କରିଥିଲେ
- ତଥାପି ଚେତୁନି ପ୍ରଶାସନ, ତୁରନ୍ତ ମରାମତି ଦାବି

ଚଣ୍ଡିଖୋଲ,୭।୮(ଡି.ଏନ.ଏ)



ଜାତୀୟ ରାଜପଥରେ କେନ୍ଦ୍ର ସରକାର ଟୋଲ ଗେଟ ସ୍ଥାପନ କରି ରାଜପଥ ପାଇଁ ଟୋଲ ଟିକସ ଆଦାୟ କରୁଥିଲାବେଳେ ଏହାର ମରାମତି ପାଇଁ ଆଦୌ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ଯେଉଁଥି ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ୫ନଂ (କ) ଜାତୀୟ ରାଜପଥ ଉପରେ ଥିବା ପୋଲଗୁଡ଼ିକ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ବିରୂପା ନଦୀର ନାନପୁରଠାରେ ହୋଇଥିବା ସେତୁ ଓ ବଡ଼ ଗେଙ୍ଗୁଟି ନଦୀ ଉପରେ ବେଣାପୁରଠାରେ ହୋଇଥିବା ସେତୁର ପାଦଚଲା ସ୍ଲାବଗୁଡ଼ିକ ଗଳି ପଡ଼ିଥବାରୁ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ପୂର୍ବରୁ ନାନପୁରଠାରେ ଥିବା ଏହି ପୋଲ ମଧ୍ୟରେ ଖସିପଡ଼ି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିଲେ। ଗତ କିଛିଦିନ ଧରି ଲୁହା ପଥର ବୋଝେଇ ଟ୍ରକଗୁଡ଼ିକ ଅଟକି ରହିବା ଯୋଗୁ ସମସ୍ୟା ଜଟିଳ ହୋଇଛି। କେନ୍ଦୁଝର ଅଞ୍ଚଳରୁ ପାରାଦୀପ ଅଭିମୁଖେ ଲୁହାପଥର ବୋଝେଇ କରି ଟ୍ରକଗୁଡ଼ିକ ଯାଉଥିଲାବେଳେ ପାରାଦୀପଠାରେ ଟ୍ରକରୁ ମାଲ୍ ଖଲାସ ହୋଇପାରୁ ନ ଥିବାରୁ ସମ୍ପୃକ୍ତ ଟ୍ରକଗୁଡ଼ିକ ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଲମ୍ବା ଧାଡ଼ି କରି ଠିଆ ହେଉଛନ୍ତି। ଯେଉଥି ପାଇଁ ଚାରି ଲାଇନ ବିଶିଷ୍ଟ ଏହି ୫ନଂ(କ) ଜାତୀୟ ରାଜପଥର ବାମପାର୍ଶ୍ୱ ୨ ଲେନ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଏହି ଦୁଇ ଲେନ ରାସ୍ତା ମଧ୍ୟରେ ବିପଦପୂର୍ଣ୍ଣ ଅବସ୍ଥାରେ ଉକ୍ତ ଦୁଇଟି ସେତୁ ରହିଛି। ପଥଚାରୀମାନେ ସେତୁର ପାଦଚଲା (ଫୁଟପାଥ) ରାସ୍ତାରେ ଯାତାୟାତ କରୁଛନ୍ତି। ତେବେ ପାଦଚଲା ରାସ୍ତାରୁ ସ୍ଲାବଗୁଡ଼ିକ ଖସି ପଡ଼ିଥିଲାବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଦୃଷ୍ଟି ଦେଇନାହାନ୍ତି। ଆଗାମୀ ଦିନରେ କୌଣସି ଅଘଟଣ ଘଟିଯାଇପାରେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହିତ ଏହାର ମରାମତି ପାଇଁ ଦାବି କରିଛନ୍ତି। ତେବେ ସମ୍ପୃକ୍ତ ଜାତୀୟ ରାଜପଥର ମରାମତି ଦାୟିତ୍ୱ ଏକ ଠିକା କମ୍ପାନୀ ନେଇଥିଲାବେଳେ ସେମାନେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସରକାରୀ ନିୟମ ଅନୁଯାୟୀ ଜାତୀୟ ରାଜପଥର କୌଣସିଠାରେ ଖାଲଖମା ସୃଷ୍ଟି ହେଲେ କିମ୍ବା ପୋଲ ଭାଙ୍ଗିଗଲେ ଏହା ତୁରନ୍ତ ମରାମତି ହେବାର ନିୟମ ରହିଛି। କିନ୍ତୁ ଦୀର୍ଘଦିନ ହେବ ପାଦଚଲା ରାସ୍ତାର ସ୍ଲାବଗୁଡ଼ିକ ଗଳି ପଡ଼ିଥିଲାବେଳେ ଏହା ଅଦ୍ୟାବଧି ମରାମତି ହୋଇପାରୁନି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ମୁଖ୍ୟ ଯନ୍ତ୍ରୀ ପୂଜା ମିଶ୍ରଙ୍କୁ ପଚାରିବାରେ, ଏହା ତୁରନ୍ତ ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।

■ ଲଘୁଚାପଜନିତ ଲଗାଣ ବର୍ଷା

# ଜଳବନ୍ଦୀ ହେଲେ ୧୦ରୁ ଉର୍ଦ୍ଧ୍ୱ ପରିବାର



ନାହାନ୍ଦା ପୋଲ ବର୍ଷାଜଳରେ ବୁଡି ଯାଇଛି ।

କୋରେଇ,୭।୮(ସ୍ୱ.ପ୍ର)

କୋରେଇ ବ୍ଲକରେ ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି ଲଘୁଚାପଜନିତ ଲଗାଣ ବର୍ଷା। ବୁଧବାର ଦିନ ତମାମ ବର୍ଷା ଲାଗି ରହିଛି । ଫଳରେ ବନ୍ଦ ହୋଇଥିବା ଚାଷ କାର୍ଯ୍ୟ ବୁଧବାର ବର୍ଷା ସତ୍ତ୍ୱେ ଆରମ୍ଭ ହୋଇଛି। ଚାଷୀ ମୁହଁରେ ହସ ଦେଖିବାକୁ ମିଳିଛି । କିନ୍ତୁ ଅପରପକ୍ଷେ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ରାସ୍ତା ବୁଡିଯାଇଛି। ପାଣିକୋଇଲି ବଜାରର ଓଟିନ୍ଦା ରୋଡ, ଶଙ୍ଖଚିଲା ହାଟସାହି ରାସ୍ତାର ନାହାନ୍ଦା ପୋଲ, ନାଉଡପୁର ଛକ, ଦାମୋଦରପୁର ରାସ୍ତା ସମେତ ବିଭିନ୍ନ ସ୍ଥାନରେ ରାସ୍ତା ବୁଡିଯିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପୂର୍ବରୁ ଜଳ ନିଷ୍କାସନ ପାଇଁ ଥିବା ପଥଗୁଡିକ ପୋତି ହୋଇଯିବା, ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନକୁ ଗୁରୁତ୍ୱ ନ ଦେଇ କୋଠାବାଡ଼ି ନିର୍ମାଣ କରିବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ନିଜ ସ୍ୱାର୍ଥରେ ଘର କରିବା ପୂର୍ବରୁ ସେଠାକାର ଜଳ ସମ୍ପର୍କିତ ତଥ୍ୟ ନ ବୁଝି ମନଇଚ୍ଛା ଘର କରିବା ଯୋଗୁ ସମସ୍ତଙ୍କୁ ଅସୁବିଧାରେ ପକାଉଛି। ବର୍ଷା ଯୋଗୁ ଓଟିନ୍ଦା ରୋଡରେ ୧୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀରେ ରହିଥିଲା। ଶେଷରେ ଜେସିବି ଦ୍ୱାରା ଖୋଳାଯାଇ ଜଳ ନିଷ୍କାସନ କରାଯାଇଥିଲା।

■ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରୁ ମିଳିଲା ପ୍ରତିଶ୍ରୁତି

# ୫ ଦିନ ପରେ ପ୍ରତ୍ୟାହୃତ ହେଲା ଧାରଣା



ଯୁବକ ସଂଘର ସଦସ୍ୟମାନେ ଜିଲାପାଳ ଓ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ଯାଜପୁର ରୋଡ,୭।୮(ନି.ପ୍ର)

ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ପରିଣତ କରିବା ସହ ବିଭିନ୍ନ ବିଶେଷଜ୍ଞ ପଦ ଓ ଅନ୍ୟ କର୍ମଚାରୀ ପଦ ପୂରଣ ଆଦି ୯ଦଫା ଦାବିରେ ୫ଦିନ ଧରି ଧାରଣାରେ ବସିଥିଲା ଶହୀଦ୍ ଭଗତ୍ ସିଂ ଯୁବକ ସଂଘ। ସ୍ଥାନୀୟ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘର ସଦସ୍ୟମାନେ ଗଣଧାରଣାରେ ବସିବା ପରେ ବୁଧବାର ଜିଲାପାଳ ରଞ୍ଜନ କୁମାର ଦାସ, ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ଶତପଥୀ ଓ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ଦାବିଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଦାବି ପୂରଣ ପାଇଁ ଜିଲାପାଳ ଦୃଢ଼ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତାହୃତ ହୋଇଥିଲା। ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ପରିଣତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଛି ବୋଲି ଜିଲାପାଳ କହିବା ସହ ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପୂରଣ, ବିଶେଷଜ୍ଞ ନିଯୁକ୍ତି ପର୍ଯ୍ୟନ୍ତ ଡେପୁଟେଶନରେ ୪ଦିନ ପାଇଁ ବିଶେଷଜ୍ଞମାନେ ଏଠାକୁ ଆସି ଚିକିତ୍ସା କରିବେ ଓ ୯ ଦଫା ଦାବିଗୁଡିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ଜିଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଡାକ୍ତରଖାନା ଜମିକୁ ଜବରଦଖଲକାରୀଙ୍କ ନିକଟରୁ ଉଦ୍ଧାର କରି ପାଚେରି ନିର୍ମାଣ କରିବାକୁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଲୋଚନା ସମୟରେ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ ଧୀର, ମାଣିକ ଗାଗାରାଇ, ଶ୍ରମିକ ନେତା ନାରଣ ନାୟକ, କଳିଙ୍ଗ ପହି , ଅକ୍ଷୟ ନାୟକ, ଚନ୍ଦ୍ରମଣି ସାମଲ, ଉପେନ୍ଦ୍ର ମହାନ୍ତି, ବିନୟ କୁମାର ରାଉତ, ବାଇଧର ମାଝି, ସୁରେଶ ଓଝା, ଝଙ୍କନରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସନ୍ଦେହ ଘେରରେ ବୃଦ୍ଧାଙ୍କ ମୃତ୍ୟୁ

କୋରେଇ,୭।୮(ସ୍ୱ.ପ୍ର)

ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତର ତାଲୁଙ୍ଗା ଗ୍ରାମର ସ୍ୱର୍ଗତ ନଛି ମଳିକଙ୍କ ସ୍ତ୍ରୀ କୁନ୍ତଳା(୬୫) ଜ୍ୱରରେ ପୀଡିତ ଥିଲେ। ତାଙ୍କୁ ବୁଧବାର ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ତାଙ୍କ ମୃତ୍ୟୁକୁ ନେଇ ଡାକ୍ତର ସନ୍ଦେହ କରି ପାଣିକୋଇଲି ଥାନାକୁ ଜଣାଇଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

■ ଚଣ୍ଡିମନ୍ଦିର ପରିଚାଳନା ବିଭ୍ରାଟ ନେଇ ବଢୁଛି ଅସନ୍ତୋଷ

# କାର୍ଯ୍ୟକାରୀ ହେଉନି ଦେବୋତ୍ତର କମିଶନରଙ୍କ ଆଦେଶ

ଚଣ୍ଡିଖୋଲ,୭।୮(ଡି.ଏନ.ଏ)



ଚଣ୍ଡିଖୋଲସ୍ଥିତ ଚଣ୍ଡିମନ୍ଦିର ।

ଚଣ୍ଡିଖୋଲର ଚଣ୍ଡିମାତା ମନ୍ଦିର ପରିଚାଳନା କ୍ଷେତ୍ରରେ ଦୀର୍ଘଦିନ ହେବ ବିଭ୍ରାଟ ହେବା ପରେ ଏହାକୁ ନେଇ ଦେବୋତ୍ତର କମିଶନରେ ମାମଲା ରୁଜୁ ହୋଇଥିଲା। କମିଶନର ଏଠାରେ ଗଠିତ ଟ୍ରଷ୍ଟ ବୋର୍ଡକୁ ରଦ୍ଦ କରି ସ୍ଥାୟୀ ପରିଚାଳନା କମିଟି ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ମେ ୨୫ ତାରିଖ କମିଶନର ଦେଇଥିବା ଆଦେଶରେ ନୂଆ ସ୍ଥାୟୀ ଟ୍ରଷ୍ଟ ବୋର୍ଡ ଗଠନ ପର୍ଯ୍ୟନ୍ତ ୩ଜଣିଆ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ଅସ୍ଥାୟୀ ପରିଚାଳନା କମିଟି ମନ୍ଦିର ପରିଚାଳନା କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ହେଲେ ୨ମାସ ବିତିଯାଇଥିଲେ ବି କମିଶନରଙ୍କ ନିର୍ଦ୍ଦେଶ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। କମିଶନର ଦେଇଥିବା ରାୟରେ କଟକସ୍ଥିତ ଡିଭିଜୋନାଲ ଏଣ୍ଡୋମେଣ୍ଟ ଇନ୍ସପେକ୍ଟର, ଦର୍ପଣ ଅତିରିକ୍ତ ତହସିଲଦାର ଓ ବଡ଼ଚଣା ଥାନାଧିକାରୀ ଅସ୍ଥାୟୀ ଭାବେ ମନ୍ଦିରର ପରିଚାଳନା କରିବେ ବୋଲି ଉଲ୍ଲେଖ କରିଛନ୍ତି। ସୂଚନା ଥାଉକି, ଅସ୍ଥାୟୀ ପରିଚାଳନା କମିଟିରେ ଥିବା ୩ଜଣ ସରକାରୀ ଅଧିକାରୀ କମିଶନରଙ୍କ ଆଦେଶ ପାଇ ସାରିଥିଲେ ମଧ ଚଣ୍ଡିମାତା ମନ୍ଦିରକୁ ଆସି ବିଧିବଦ୍ଧ ଭାବେ ପରିଚାଳନା ଦାୟିତ୍ୱ ନେଇନାହାନ୍ତି। ଅପରପକ୍ଷେ ପୂର୍ବ ବିବାଦୀୟ ପରିଚାଳନା କମିଟିର ଟ୍ରଷ୍ଟି ମଧ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବା ଦେଖାଯାଇଛି। ଗତ ୪ବର୍ଷ ହେବ ମନ୍ଦିର ପରିଚାଳନାରେ ଘୋର ବିଭ୍ରାଟ ଲାଗି ରହିଥିବାରୁ ମନ୍ଦିର ପରିବେଶ ଓ ଆଧାତ୍ମିକ ଭାବାବେଗ ମଧ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପରିଚାଳନାଗତ ତ୍ରୁଟି ଯୋଗୁ ଆଶ୍ରମରେ ଥିବା ଗୋରୁ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିବା ସହ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏ ସମସ୍ତ କଥା ଜାଣୁଥିଲେ ମଧ ଦେବୋତ୍ତର ବିଭାଗ ଓ ଜିଲ୍ଲା ପ୍ରଶାସନ ଏହି ପୀଠକୁ ସୁପରିଚାଳନା କରିବା ପାଇଁ ମନୋନିବେଶ ନ କରିବା ହଜାର ହଜାର ଆଶ୍ରମ ପ୍ରେମୀ ଓ ପର୍ଯ୍ୟଟକଙ୍କୁ ବ୍ୟଥିତ କରିଛି। ଗତ ୨ମାସ ତଳୁ ଦେବୋତ୍ତର କମିଶନରଙ୍କ ସ୍ଥାୟୀ ପରିଚାଳନା କମିଟି ଗଠନ ପାଇଁ ନିର୍ଦ୍ଦେଶ ଆସିଥିଲେ ମଧ ଇତିମଧ୍ୟରେ ନିଯୁକ୍ତ ଅସ୍ଥାୟୀ କମିଟିର ଗୋଟିଏ ବି ବୈଠକ ବସି ନ ଥିବା ଜଣାପଡ଼ିଛି। ଯଥାଶୀଘ୍ର କମିଶନରଙ୍କ ଆଦେଶ ଅନୁଯାୟୀ ମନ୍ଦିରର ପରିଚାଳନା ପାଇଁ ସ୍ଥାୟୀ ପରିଚାଳନା କମିଟି ଗଠନର ପ୍ରକ୍ରିୟା ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କମିଟିରେ ଥିବା ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନାଙ୍କୁ ପଚାରିବାରୁ, କମିଶନରଙ୍କ ଆଦେଶ ମିଳିଛି। ଦେବୋତ୍ତର ବିଭାଗ ମନ୍ଦିର ପରିଚାଳନା ନେଇ ଯାହା ନିଷ୍ପତ୍ତି ନେବେ ସେଥିରେ ସହଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।

# ଜାରକା ବଜାର ବାଇପାସ୍ ରାସ୍ତାରେ କୃତ୍ରିମ ବନ୍ୟା

ଧର୍ମଶାଳା,୭।୮(ଡି.ଏନ୍.ଏ.)



ଜାରକା ବାଇପାସ୍ ଜଳମଗ୍ନ ହୋଇଛି ।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବଜାର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେଥିବା ଡ୍ରେନ୍ ସଫା ନ ହୋଇ ପଡିରହିଛି। ଏବେ ଲଗାଣ ବର୍ଷା ହେବାରୁ ପାଣି ନିଷ୍କାସନ ହୋଇ ନ ପାରି ଅନେକ ଦୋକାନ ବଜାରରେ ପଶୁଛି। ଫଳରେ ବ୍ୟବସାୟୀଙ୍କଠାରୁ ଆରମ୍ଭକରି ସାଧାରଣଲୋକେ ମଧ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଳ ନିଷ୍କାସନ ପାଇଁ ଜାରକା ବଜାରର ଉଭୟ ପାର୍ଶ୍ୱରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଡ୍ରେନ୍ ନିର୍ମାଣ କରାଯାଇଥିଲା। ଦୀର୍ଘ ୩ ବର୍ଷ ହେବ ବିଭାଗ ପକ୍ଷରୁ ଏହି ଡ୍ରେନ ସଫା କରାଯାଉ ନାହିଁ। ବ୍ଲକ ଅଞ୍ଚଳରେ ବୁଧବାର ୧୧୮ ମିମି ବର୍ଷା ହେବା ଫଳରେ ଜାରକା ବଜାରର ଉଭୟ ପାର୍ଶ୍ୱରେ ଥିବା ବାଇପାସ୍ ରାସ୍ତା କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ଡ୍ରେନ୍‌କୁ ତୁରନ୍ତ ସଫା କରିବା ପାଇଁ ଉଭୟ ବଜାର କମିଟି ପକ୍ଷରୁ ଦାବି କରାଯାଇଛି ।

# କାର୍ଯ୍ୟରତ କନଷ୍ଟେବଲଙ୍କ ମୃତ୍ୟୁ

କୁଆମରା,୭।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନସ୍ଥ କୁଆମରା ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ରବିକାନ୍ତ ସୋରେନ(୫୭)ଙ୍କର ବୁଧବାର ମୃତ୍ୟୁ ଘଟିଛି। ତାଙ୍କ ଘର ବଡ଼ସାହି ବ୍ଲକ ଅନ୍ତର୍ଗତ ପୁରୀଖୁଣ୍ଟା ଗ୍ରାମରେ। ସେ ପ୍ରାୟ ୩ ବର୍ଷ ହେବ ଏହି ଫାଣ୍ଡିରେ ନିଯୁକ୍ତି ପାଇ କାର୍ଯ୍ୟରତ ଥିଲେ। ମଙ୍ଗଳବାର ରାତିରେ ସେ ଫାଣ୍ଡି ଗୃହ ମଧ୍ୟରେ ଏକ ଖଟରେ ଶୋଇଥିବା ବେଳେ ହଠାତ ଖସି ପଡିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପ୍ରଥମେ କୁଆମରା ଡାକ୍ତରଖାନା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ବୁଧବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ବର୍ଜ୍ୟପାଣି ନମୁନା ସଂଗ୍ରହ କଲା ପ୍ରଦୂଷଣ ବିଭାଗ

କଳିଙ୍ଗନଗର,୭।୮(ଡି.ଏନ୍.ଏ.)

**ଜିନ୍ଦଲ କାରଖାନା**

କଳିଙ୍ଗନଗର ଶିଳ୍ପାଞ୍ଚଳ ଜିନ୍ଦଲ ଷ୍ଟେନଲେସ୍ କାରଖାନାର ବର୍ଜ୍ୟ ପାଣିକୁ ଚାଷ ଜମିରେ ଛଡାଯାଉଛି। ଏ ସଂକ୍ରାନ୍ତରେ ଗତ ୨୯ ତାରିଖରେ ଦାନଗଦୀ ବ୍ଲକଠାରେ ଜିଲାପାଳଙ୍କ ଜନ ଶୁଣାଣିରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜିଲାପାଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ବୁଧବାର ଅପରାହ୍ନରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪ ଜଣିଆ ଟିମ୍ ଜିନ୍ଦଲରୁ ଆସୁଥିବା ବର୍ଜ୍ୟ ପାଣିର ନମୁନା ପାଚେରି ବାହାରୁ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛନ୍ତି। ପାଣିର ନମୁନା ରିପୋର୍ଟ ମିଳିବା ପରେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି। ଏହି ଟିମ୍‌ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀଙ୍କ ସହ ଅତିରିକ୍ତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ, ଲାବ୍ ନିରୀକ୍ଷକ ବିଭୁତି ମହାନ୍ତି ଓ ସତ୍ୟ ସ୍ୱରୂପ ଦ୍ୱିବେଦୀ ପ୍ରମୁଖ ସାମିଲ ଥିଲେ। ପ୍ରକାଶ ଯେ, କାରଖାନା ବର୍ଜ୍ୟ ପାଣିରେ ସାତବାଇଁସିଆ, ନୂଆଗାଁ, ଖରଡି, ମଙ୍ଗଳପୁର, ତେଲିବାହାଳି ଓ ସୋଲେଇ ଆଦି ଗ୍ରାମରେ ପ୍ରାୟ ୭ ଶହରୁ ଉର୍ଦ୍ଧ୍ୱ ଚାଷଜମି କ୍ଷତିଗ୍ରସ୍ତ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାରେ ଅଭିଯୋଗ କରିଥିବା କହିଛନ୍ତି।

# ଅବ୍ୟବସ୍ଥା ଘେରରେ ସିଏଚ୍‌ସି ରକ୍ତଭଣ୍ଡାର

ଯାଜପୁର ରୋଡ,୭।୮(ନି.ପ୍ର.)

**ଖାଲି ପଡିଛି ବ୍ଲଡ ବ୍ୟାଙ୍କ ଅଫିସର ଓ ଟେକନିସିଆନ ପଦବୀ**




ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ଥିବା ରକ୍ତ ଭଣ୍ଡାର କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଉଛି। ରକ୍ତ ଭଣ୍ଡାରରେ ବ୍ଲଡ ବ୍ୟାଙ୍କ ଅଧିକାରୀ ଓ ଟେକନିସିଆନ ପଦବୀ ଖାଲି ପଡିଛି। ଅପରପକ୍ଷେ ୨୪ ଘଣ୍ଟିଆ ରକ୍ତ ଭଣ୍ଡାର ଖୋଲିବା ବ୍ୟବସ୍ଥା ଥିଲେ ମଧ ଏଠାରେ ମାତ୍ର ୮ ଘଣ୍ଟା ଖୋଲା ଯାଉଛି। ଏମିତିକି ରକ୍ତ ଭଣ୍ଡାରରେ ଜଣେ ଝାଡୁଦାର ରକ୍ତ ସଂଗ୍ରହ କରୁଥିବା ବହୁବାର ଅଭିଯୋଗ ହୋଇଛି। କୋରେଇରେ ଥିବା ଟେକ୍‌ନିସିଆନ୍‌ଙ୍କୁ ଏଠାରେ ନିଯୁକ୍ତି ମିଳି ଥିଲେ ମଧ ସେ କାର୍ଯ୍ୟରେ ଯୋଗଦେଉ ନ ଥିବା ଜଣାପଡିଛି। ଏଠାକୁ ଯାଜପୁର ରୋଡ୍ ସମେତ କୋରେଇ ଏବଂ ଆଖପାଖ ଅଞ୍ଚଳର ବହୁ ଗୁରୁତର ରୋଗୀ ଆସୁଛନ୍ତି। ହେଲେ ବ୍ଲଡ ବ୍ୟାଙ୍କରେ ଅବ୍ୟବସ୍ଥା ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିରେ ଯାଜପୁର ରୋଡ ସମେତ କୋରାଇ ବ୍ଲକର ୨୮ ପଞ୍ଚାୟତ, ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଓ ରସୁଲପୁର ବ୍ଲକର ୯ ପଞ୍ଚାୟତର ଜନ ସାଧାରଣ ନିର୍ଭର କରିଥାନ୍ତି। ଏହା ବ୍ୟତୀତ ୨ଟି ଜାତୀୟ ରାଜପଥ ଅଞ୍ଚଳ ଦେଇ ଯାଇଥିବାରୁ ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଟ୍ରେନ୍ ଦୁର୍ଘଟଣାରେ ଗୁରୁତରଙ୍କଠାରୁ ଆରମ୍ଭ କରି ଗର୍ଭବତୀ ମହିଳାଙ୍କ ବିଭିନ୍ନ ଅସ୍ତ୍ରୋପଚାରରେ ରକ୍ତର ଆବଶ୍ୟକତା ପଡୁଛି। ହେଲେ ରକ୍ତ ଭଣ୍ଡାରରେ ରକ୍ତ ନ ମିଳିବାରୁ ବାହାରୁ ରକ୍ତ କିଣିବାକୁ ବାଧ୍ୟ ହେଉଛନ୍ତି। ଅପରପକ୍ଷେ ୨୪ ଘଣ୍ଟା ବଦଳରେ ମାତ୍ର ୮ ଘଣ୍ଟା ରକ୍ତ ଭଣ୍ଡାର କେନ୍ଦ୍ର ଖୋଲାଯାଉଛି। ଏହା ବ୍ୟତୀତ ବ୍ଲଡ ବ୍ୟାଙ୍କ ଅଧିକାରୀ ଓ ଟେକିନିସିଆନ ପଦବୀ ଖାଲି ପଡଛି। ଏହି ରକ୍ତଭଣ୍ଡାରରେ ଜଣେ ଲାବ୍ରୋଟାରୀ ଟେକନିସିଆନ ଓ ଜଣେ କଣ୍ଟ୍ରାକଚୁଆଲ ନିଯୁକ୍ତି ପାଇଛନ୍ତି। ପୂର୍ବରୁ ଜଣେ ଟେକନିସିଆନ ରକ୍ତ ଭଣ୍ଡାରରୁ ରକ୍ତ ବାହାରେ ବିକ୍ରି କରିବା ଅଭଯୋଗରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କୁ ଅନ୍ୟତ୍ର ପଠାଇଛନ୍ତି। ଏଥିସହ କୋରେଇରେ ଥିବା ଜଣେ ଟେକନିସିଆନଙ୍କୁ ଡେପୁଟେସନରେ ଅର୍ଡର ଦେଇଛନ୍ତି। କିନ୍ତୁ ଉକ୍ତ ଟେକନିସିଆନ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦାନ କରି ନାହାନ୍ତି। ରକ୍ତଭଣ୍ଡାରରେ ରକ୍ତଦାତାମାନଙ୍କ ପାଇଁ ଆସୁଥିବା ଖାଦ୍ୟ ମଧ ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରୁ ଡେପୁଟେଶନରେ ଦାୟୀତ୍ୱ ପାଇଥିବା କର୍ମଚାରୀ ଜଣଙ୍କ ଆସୁ ନ ଥିବାରୁ ଏପରି ସମସ୍ୟା ଦେଖାଦେଉଛି। ଏ ବାବଦରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ଜୀବନଦାତା ପରିବାରର ଅଧ୍ୟକ୍ଷ ରାଜେଶ କୁମାର ରାଉତ ତୁରନ୍ତ ଜଣେ ସ୍ଥାୟୀ ଟେକ୍‌ନିସିଆନ ସହ ବ୍ଲଡ ବ୍ୟାଙ୍କ ଅଧିକାରୀ ନିଯୁକ୍ତି ପାଇଁ ଦାବି କରିଛନ୍ତି।



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ଲଗାଣ ବର୍ଷାରେ ଭାଙ୍ଗିଲା ଘର



**ନୟାଗଡ଼ ଅଫିସ,୭।୮:** ମଙ୍ଗଳବାର ରାତିରୁ ଜିଲାରେ ଲଗାଣ ବର୍ଷାର ବିପ୍ରାତ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ନୟାଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଘର ଭାଙ୍ଗିଥିବା ବେଳେ ଅଧିକାଂଶ ସ୍ଥାନରେ ଘର ଭିତରକୁ ପାଣି ପଶିଥିଲା। ଗୋପୀନାଥପୁର ଗ୍ରାମର କାଳିକା ସେନାପତିଙ୍କ ଘର ଭାଙ୍ଗିଥିବାବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ନଡ଼ିଆଳ ଓ ଅନ୍ୟ କେତେକ ଗ୍ରାମରେ ପାଖାପାଖି ୭ଟି ପରିବାରର ଘର ଭାଙ୍ଗିଥିବା ଜଣାପଡ଼ିଛି। ଏହିସବୁ ପରିବାରକୁ ଜରିପାଲ ଦେବା ପାଇଁ ନୟାଗଡ଼ ବିଡିଓ ସରପଞ୍ଚମାନଙ୍କୁ କହିଛନ୍ତି। ଅନ୍ୟପଟେ ନୟାଗଡ଼ ବ୍ଲକ ଦୁର୍ଗାପ୍ରସାଦ ରୋଡ଼ସାହିରେ ଥିବା ଘରଗୁଡ଼ିକ ଲଗାଣ ବର୍ଷାରେ ବୁଡ଼ିଯାଇଛି। ଘର ଭିତରେ ଆଣ୍ଠୁଏ ଲେଖାଏ ପାଣି ପଶିଥିବା ଦେଖାଯାଇଛି। ଫଳରେ ସ୍ଥାନୀୟ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ। ପ୍ରକାଶ ଯେ ପୂର୍ବରୁ ଉକ୍ତ ସ୍ଥାନରେ ଜଳ ନିଷ୍କାସନ ପାଇଁ ବନ୍ଦୋବସ୍ତ ଥିଲା। ମାତ୍ର ଉକ୍ତ ସ୍ଥାନରେ ବର୍ତ୍ତମାନ ପାଚେରି ହୋଇଯାଇଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଆଗାମୀ ଦିନରେ ଜଳ ନିଷ୍କାସନ ବ୍ୟବସ୍ଥା କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି। କୈଳାସ ମହଲ, ଦିଲୀପ ମହଲ, ପ୍ରତାପ ମହଲ, ପ୍ରଦୀପ ମହଲଙ୍କ ସମେତ ୧୦ ପରିବାରଙ୍କ ଘରେ ପାଣି ପଶିଥିଲା।

### ଅନଶନସ୍ଥଳରେ ଖବରଦାତା ଅସୁସ୍ଥ, ଡାକ୍ତରଖାନାରେ ଭର୍ତ୍ତି

**ଦଶପଲ୍ଲା,୭।୮ (ଡି.ଏନ.ଏ.):** ଦଶପଲ୍ଲା ଟାକେରା ଆଶ୍ରମ ହାଇସ୍କୁଲକୁ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣାରେ ଖବରଦାତାମାନେ ଆମରଣ ଅନଶନ ଚଳାଇଛନ୍ତି। ବୁଧବାର ଖବରଦାତା ପ୍ରକାଶ ମଲ୍ଲିକ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାର ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବୁଧବାର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଉପେନ୍ଦ୍ର କୁମାର ସାହୁ ଅନଶନ ସ୍ଥଳରେ ପହଞ୍ଚି ଖବରଦାତାଙ୍କ ସହ ଆଲୋଚନା କରିଥିଲେ ମଧ ଖବର ଲେଖାହେବା ସୁଦ୍ଧା ସମାଧାନର ବାଟ ବାହାରି ନ ଥିଲା। ଯଦି ଏହାର ଆଶୁ ସମାଧନ ନ ହୁଏ ତେବେ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଅନଶନରେ ବସିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ବଢୁଛି ଠକେଇ ସଂସ୍ଥାର ପ୍ରାଦୁର୍ଭାବ

**ନୟାଗଡ଼ ଅଫିସ,୭।୮**

- ୮୦୦ ଟଙ୍କା ଦେଲେ ମିଳିବ ୪୫ ହଜାର ଟଙ୍କାର ଋଣ
- ଏଜେଣ୍ଟ ଲାଗି ଯୁବପିଢ଼ିଙ୍କୁ ବନାଯାଉଛି ମୋହରା
- ଗୋଇନ୍ଦା ବିଭାଗ ପାଖରେ ନାହିଁ ଖବର

୮୦୦ ଟଙ୍କା ଦେଲେ ବିନା ସୁଧରେ ମିଳିବ ୪୫ ହଜାର ଟଙ୍କାର ଋଣ। ଏହିଭଳି କଥା କହି ଜିଲାର ଓଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଲୋକମାନଙ୍କୁ ଠକିବାରେ ଲାଗିଛି ଏକ ସଂସ୍ଥା। କିଛିଦିନ ପୂର୍ବରୁ ନୟାଗଡ଼, ଦଶପଲ୍ଲା ଓ ରଣପୁରରେ ମହିଳାମାନଙ୍କୁ ଋଣ ଦେବାକୁ କହି ଟଙ୍କା ଠକେଇ ଘଟଣା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହିଭଳି ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଜିଲାରେ ଏହି ସଂସ୍ଥାଗୁଡ଼ିକର ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏ ସମ୍ପର୍କରେ ଜିଲା ଗୁଇନ୍ଦା ବିଭାଗ ପାଖରେ କୌଣସି ଖବର ନାହିଁ।

ମିଳିଥିବା ସୂଚନା ଅନୁସାରେ ଓଡ଼ଗାଁ ବ୍ଲକରେ ଏକ ସଂସ୍ଥା ବିଭିନ୍ନ ପଞ୍ଚାୟତର ଲୋକଙ୍କଠାରୁ ଟଙ୍କା ଆଣି ସାରିଥିବା ବେଳେ ଆଉ କିଛି ଲୋକଙ୍କ ପ୍ୟାନକାର୍ଡ଼ କରାଇ ଦେବା ପାଇଁ ୨୫୦ ଟଙ୍କା ଆଣିଛି। ଉକ୍ତ ସଂସ୍ଥାର ଏଜେଣ୍ଟ ଗ୍ରାମ ଗ୍ରାମ ବୁଲି ଲୋକଙ୍କୁ ୮୦୦ଟଙ୍କା ଦେଲେ ବିନା ସୁଧରେ ୪୫ ହଜାର ଟଙ୍କା ଦେବା ପାଇଁ କହୁଛନ୍ତି। ଇନ୍ସ୍ୟୁରାନ୍ସ ବାବଦକୁ ୫୦୦, ପ୍ରୋସେସିଂ ବାବଦକୁ ୩୦୦ ଏହିଭଳି ୮୦୦ ଟଙ୍କା ଅଗ୍ରୀମ ଆଣୁଛନ୍ତି। ଯେଉଁମାନଙ୍କର ପ୍ୟାନ୍‌କାର୍ଡ଼ ନାହିଁ, ସେମାନଙ୍କଠାରୁ ୨୫୦ ଟଙ୍କା ଅଧିକ ଆଣୁଛନ୍ତି। କିଛି ଲୋକ ବିନା ସୁଧରେ ଋଣ ପାଇବା ଆଶାରେ ଟଙ୍କା ମଧ ଦେଇସାରିଲେଣି। ଓଡ଼ଗାଁ ବ୍ଲକର ସିନେମା ହଲ ଛକଠାରେ ଉକ୍ତ ସଂସ୍ଥା ତାର କାର୍ଯ୍ୟାଳୟ ଖୋଲିଛି। ହେଲେ ସେଠାରେ ନାମଫଳକ ନାହିଁ। ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଏଜେଣ୍ଟ ପାଇଁ ସଂସ୍ଥା ଯୁବପିଢ଼ିଙ୍କୁ ମୋହରା କରି ନିଯୁକ୍ତି ଦେଇସାରିଲାଣି। ୪ଦିନ ତଳେ କୁରାଳ ଓ ଗିରିଡିପଲ୍ଲୀ ପଞ୍ଚାୟତର ଦୁଇଜଣ ଯୁବକ ଆସିଥିଲେ ମଧ ଏଜେଣ୍ଟ ହୋଇ ନ ଥିଲେ। ଏଥିପାଇଁ ସଂସ୍ଥା ସେମାନଙ୍କୁ ବାରମ୍ବାର କଲ୍ କରୁଛି। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଉକ୍ତ ସଂସ୍ଥା ପ୍ରତି ପଞ୍ଚାୟତରେ ୧୫୦୦ ଲୋକଙ୍କୁ ଟାର୍ଗେଟ କରିଛି। ପ୍ରତି ପଞ୍ଚାୟତରେ ଜଣେ ଏଜେଣ୍ଟ ଦେଇ ସେମାନଙ୍କୁ ପାରିତୋଷିକ ବାବଦକୁ ମାସିକ ୧୨ ହଜାର ଟଙ୍କା ଦେବା ପାଇଁ କହିଛି। ସଂସ୍ଥାର ଏଜେଣ୍ଟ ହେବା ପାଇଁ ପ୍ରଥମେ ୩ ହଜାର ଟଙ୍କା ଦେବା ପାଇଁ କୁହାଯାଉଛି। ଯିଏ ଟଙ୍କା ଡିପୋଜିଟ କରୁଛି ତାକୁ ଏଜେଣ୍ଟ କରାଯାଉଛି। ଅନ୍ୟପଟେ ଯେଉଁ ସ୍ଥାନରେ ଏଜେଣ୍ଟ ନିତ୍ୟାନ୍ତ ଆବଶ୍ୟକ ହେଉଛି ସେଠାରେ ଥିବା କିଛି ଯୁବକଙ୍କୁ ବାରମ୍ବାର କଲ୍ କରାଯାଉଛି। ଖାଲି ଓଡ଼ଗାଁ ନୁହେଁ, ଜିଲାର ବିଭିନ୍ନ ଗ୍ରାମରେ ଏହି ସଂସ୍ଥା ତା'ର କାୟାବିସ୍ତାର କରି ଲୋକଙ୍କୁ ଠକିବାରେ ଲାଗିଛି। ଏ ନେଇ ନୟାଗଡ଼ ଗୁଇନ୍ଦା ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନାହିଁ। ତଥାପି ଘଟଣାର ତଦନ୍ତ କରିବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ୧୦ ଜାନୁୟାରୀ ୨୦୧୮ରେ ଓଡ଼ଗାଁ ବ୍ଲକର କିଛି ପଞ୍ଚାୟତରେ ଋଣ ଦେବାକୁ କହି ଏକ ସଂସ୍ଥା ମହିଳାମାନଙ୍କଠାରୁ ୧୦୫୦ ଟଙ୍କା ଲେଖାଏ ଆଣିଥିଲା। ପରେ ଉକ୍ତ ସଂସ୍ଥା ମହିଳାମାନଙ୍କ ଆଧାର କାର୍ଡ଼, ଭୋଟରକାର୍ଡ଼ ଓ ବ୍ୟାଙ୍କ୍ ପାସ୍‌ବୁକର ଫଟୋକପି (ଜେରକ୍ସ) ନୟାଗଡ଼ ଦେବୋତ୍ତର କଲୋନୀର ୫ ନମ୍ବର ଲେନ୍ ଦେଇ ଯାଇଥିବା ନାଳକୁ ପିଙ୍ଗି ଦେଇଥିଲା। ମହିଳାମାନେ ଏ ବିଷୟରେ ତନାଘନା କରିଥିଲେ ମଧ ଉକ୍ତ ସଂସ୍ଥା ବିଷୟରେ କୌଣସି ଖବର ପାଇ ନ ଥିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷେ ଲୋକମାନେ କାହା କଥାରେ ଭାସି ନ ଯାଇ ଏପରି କିଛି ଖବର ପାଇଲେ ପୋଲିସକୁ ଜଣାଇବା ପାଇଁ ବୃଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ସିପିଆଇ (ଏମ୍) ପକ୍ଷରୁ ନୟାଗଡ଼ରେ କଳା ଦିବସ




ସିପିଆଇ(ଏମ୍) ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା।

**ନୟାଗଡ଼ ଅଫିସ,୭।୮**

ଜମ୍ମୁ-କଶ୍ମୀରବାସୀଙ୍କ ଜନମତ କିମ୍ବା ବିଧାନସଭାର ମତାମତକୁ ଭ୍ରୂକ୍ଷେପ ନ କରି କେନ୍ଦ୍ର ସରକାର ଯେଉଁଭଳି ଭାବେ ଜମ୍ମୁ-କଶ୍ମୀର ରାଜ୍ୟକୁ ଦୁଇଫାଳ କରି କେନ୍ଦ୍ରଶାସିତ ଅଞ୍ଚଳ କରିଛନ୍ତି ତାହା ସମ୍ବିଧାନ ବିରୋଧୀ। ସମ୍ବିଧାନକୁ ବିରୋଧ କରି ଧାରା ୩୭୦ ଉଚ୍ଛେଦ କରିବା ଘଟଣା ମୋଦି ସରକାରଙ୍କ ଏକଚ୍ଛତ୍ରବାଦୀ ଶାସନକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହାକୁ ବିରୋଧ କରି ବୁଧବାର ନୟାଗଡ଼ ଜିଲା ସିପିଆଇ (ଏମ୍) ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଳର ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ମୁହଁରେ କଳାପଟି ବାନ୍ଧି ପୂର୍ତ୍ତ ବିଭାଗ ବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ବସ୍‌ଷ୍ଟାଣ୍ଡଠାରେ କଳା ଦିବସ ପାଳନ କରିଥିଲେ। ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ମହାପାତ୍ର କହିଥିଲେ ଯେ, ଜମ୍ମୁ-କଶ୍ମୀରବାସୀ ସ୍ୱେଚ୍ଛାକୃତ ଭାବେ ଦେଶ ସ୍ୱାଧୀନତା ପରେ ରହିଆସିଛନ୍ତି। ସ୍ୱାଧୀନତୋର ଭାରତ ବର୍ଷର କେନ୍ଦ୍ର ସରକାରଙ୍କ କଶ୍ମୀରନୀତି ସେଠିକାର ଜନସାଧାରଣଙ୍କୁ ଆକୃଷ୍ଟ କରିବା ପରିବର୍ତ୍ତେ ବିମୁଖ କରିଛି। ବନ୍ଧୁକ ମୁନରେ ନୁହେଁ କଶ୍ମୀରବାସୀଙ୍କ ହୃଦୟ ଜିତିବାର ଆବଶ୍ୟକତା ରହିଛି। କିନ୍ତୁ ମୋଦୀ ସରକାର ସଂଖ୍ୟା ଗରିଷ୍ଠତା ବଳରେ ଯେଉଁଭଳି ଭାବେ ବନ୍ଧୁକ ମୁନରେ ଖେଳ ଖେଳିଲେ ତାହା ଗଣତନ୍ତ୍ର ପରିପନ୍ଥୀ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଦଳର ନେତା ଶରତ ଚନ୍ଦ୍ର ବେହେରା, ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍, ଏସ୍.ଏ. କରିମ୍, ଆଲୋକ ପ୍ରଧାନ, ସରୋଜ ନାୟକ, ଜ୍ୟୋତିପ୍ରଭା ଜେନା, ଗଣେଶ୍ୱର ନାୟକ, ବିପିନ ବାଙ୍କୁ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ।

# ବୋଲଗଡ଼ରୁ ଲୁଟ୍ କାର ଖଣ୍ଡପଡ଼ାରୁ ଉଦ୍ଧାର

**ଖଣ୍ଡପଡା/ବୋଲଗଡ଼, ୭।୮(ସ୍ୱ.ପ୍ର./ଡି.ଏନ.ଏ.)**

ବୋଲଗଡ ଥାନା ଅଞ୍ଚଳରୁ ମଙ୍ଗଳବାର ସନ୍ଧ୍ୟାରେ ଲୁଟ୍ ହୋଇଥିବା ଏକ କାରକୁ ବୁଧବାର ପୂର୍ବାହ୍ନରେ ଖଣ୍ଡପଡା ସହର ଅନ୍ତର୍ଗତ ସୁନାମୁହିଁ ନିକଟ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇଛି । ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାରକୁ ମଙ୍ଗଳବାର ସନ୍ଧ୍ୟା ୭ଟାରେ ବୋଲଗଡ ଥାନା ଅଧୀନ ୫୭ ନଂ ଜାତୀୟ ରାଜପଥପାର୍ଶ୍ୱରେ ଥିବା ଏକ ପେଟ୍ରୋଲ ଟାଙ୍କି ନିକଟରେ ୪ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଗାଡି ଅଟକାଇ ଚାଳକଙ୍କୁ ଭୟଭୀତ କରିଥିଲେ। ପରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ନଗଦ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ୨ଟି ମୋବାଇଲ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେବା ସହ ଉକ୍ତ କାରକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ କାର ଚାଳକ ବୋଲଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାର ଅନୁସନ୍ଧାନ ଜାରି ରଖିଥିଲା । ମାତ୍ର ଦୁର୍ବୃତ୍ତଙ୍କ ସମ୍ପର୍କରେ ବୋଲଗଡ ପୋଲିସ କୌଣସି ଟେର୍ ପାଇ ପାରି ନ ଥିଲା । ବୁଧବାର ସକାଳେ ଖଣ୍ଡପଡା ସହରର ସୁନାମୁହିଁ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଏକ କାର ରହିଥିବା କୌଣସି ସୂତ୍ରରୁ ଖବର ପାଇ ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବାରେ ଉକ୍ତ କାରଟି ବୋଲଗଡ ଥାନାରୁ ଅପହରଣକାରୀମାନେ ଏଠାକୁ ନେଇ ଆସିଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ । ଏ ନେଇ ବୋଲଗଡ ଥାନା କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯିବା ପରେ ଘଟଣା ସମ୍ପର୍କରେ ଜଣା ପଡିଥିଲା । ଭୁବନେଶ୍ୱର ପଟିଆ ଅଞ୍ଚଳର ବାପି କୁମାର କୌଣସି ଏକ କାର୍ଯ୍ୟରେ ଉକ୍ତ କାରରେ ଫୁଲବାଣୀ ଯାଇ ମଙ୍ଗଳବାର ଭୁବନେଶ୍ୱର ଫେରୁଥିଲେ। ବୋଲଗଡସ୍ଥିତ ଏକ ପେଟ୍ରୋଲ ଟାଙ୍କି ନିକଟରେ ୨ଟି କଳା ପଲସରରେ ୪ଜଣ ମୁଖାପିନ୍ଧା ଅଜଣା ଦୁର୍ବୃତ୍ତ ହଠାତ୍ କାର ସମ୍ମୁଖଭାଗକୁ ଆସି ଗାଡିକୁ ଅଟକାଇ ଖଣ୍ଡା ଓ ଭୁଜାଲି ଦେଖାଇ ଚାଳକ ଚିନ୍ମୟ ସାହୁ ଓ ଗାଡିରେ ବସିଥିବା ବ୍ୟକ୍ତିଙ୍କୁ ଭୟଭୀତ କରିଥିଲେ। ପରେ ସେମାନଙ୍କୁ ରାସ୍ତା ଉପରେ ଛାଡିଦେଇ ଗାଡି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନଙ୍କ ମଧ୍ୟରେ ଖଣ୍ଡପଡା ଥାନା ଅଞ୍ଚଳର କେହି ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଦୁର୍ବୃତ୍ତମାନଙ୍କୁ ଧରପଗଡ ନିମନ୍ତେ ଖଣ୍ଡପଡା ଓ ବୋଲଗଡ ପୋଲିସ ଟିମ ପକ୍ଷରୁ ଉଦ୍ୟମ ଜାରି ରହିଥିବା ଜଣାପଡିଛି ।




ଉଦ୍ଧାର ହୋଇଥିବା କାର୍।

# ସାପ କାମୁଡ଼ାରେ ଛାତ୍ର ଗୁରୁତର

**ନୟାଗଡ଼ ଅଫିସ,୭।୮**

ଦଶପଲ୍ଲା ବ୍ଲକ ଟାକେରା ଆବାସିକ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ର ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଲେ ଆକାଶ କହଁର (୧୨)। ଆକାଶ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଆବାସିକ ବିଦ୍ୟାଳୟରେ ରହନ୍ତି। ବୁଧବାର ସନ୍ଧ୍ୟା ସମୟରେ ସେ ବାହାରକୁ ପରିସ୍ରା କରିବାକୁ ଯାଇଥିବା ବେଳେ ଏକ ସାପ କାମୁଡ଼ିଥିଲା। ପରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକାଶ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି।




**■ କଣ୍ଟିଲୋ: ପରିମଳ, ପାନୀୟ ଜଳ ମୁଖ୍ୟ ସମସ୍ୟା**

# ମହାନଦୀର ଗୋଳିଆ ପାଣି କଣ୍ଟିଲୋବାସୀଙ୍କ ପାନୀୟ ଜଳ

**ଅଜୟ କୁମାର ମହାରଣା**
**ଖଣ୍ଡପଡା,୭।୮**

ନୟାଗଡ଼ ଜିଲା ଅନ୍ତର୍ଗତ କଣ୍ଟିଲୋ ନୀଳମାଧବଜୀଉ ପର୍ଯ୍ୟଟନ କ୍ଷେତ୍ର ଓ କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଛି। ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ରାଜସ୍ୱ ଗ୍ରାମର ୨୫ଟି ୱାର୍ଡକୁ ନେଇ କଣ୍ଟିଲୋ ଗ୍ରାମପଞ୍ଚାୟତ ଗଠିତ । ଉକ୍ତ ପଞ୍ଚାୟତର ମୁଖ୍ୟ ସମସ୍ୟା ହେଉଛି ଶିକ୍ଷା, ପରିମଳ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା । ବର୍ତ୍ତମାନ ବର୍ଷାଦିନେ ମହାନଦୀର ଗୋଳିଆ ପାଣିକୁ ବିଶୋଧନ କରା ନ ଯାଇ ଅଞ୍ଚଳବାସୀଙ୍କୁ ଯୋଗାଇ ଦିଆଯାଉଛି। ବିଶେଷ କରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ପାଇଁ ଯୋଗାଇ ଦିଆ ଯାଉଥିବା ପାଇପ ଜଳ ଆଦୌ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଅଭିଯୋଗ ହେଉଛି। ମହାନଦୀରୁ ପମ୍ପ ସାହାଯ୍ୟରେ ସିଧାସଳଖ ଗୋଳିଆ ପାଣି ଉଠାଯାଇ ପାଇପ ଯୋଗେ ଯୋଗାଣ ହେଉଛି। ସେହିପରି ଓଭରହେଡ ଟାଙ୍କି ନ ଥିବାରୁ ବିଦ୍ୟୁତ ଯୋଗାଣ ବ୍ୟାହତ ହେଲେ ପାନୀୟ ଜଳ ଯୋଗାଣ ମଧ ବାଧାପ୍ରାପ୍ତ ହେବା ଏକ ନିତିଦିନିଆ ଘଟଣା ହେଉଛି। ଜନସାଧାରଣଙ୍କୁ ନିୟମିତ ବିଶୁଦ୍ଧ ପାଣି ଯୋଗାଇବା ଲକ୍ଷ୍ୟରେ ଗତ ବର୍ଷ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଭୟ କୁମାର ବିଶ୍ୱାଳଙ୍କ ଉଦ୍ୟମ କ୍ରମେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଫିଲଟର ଯନ୍ତ୍ର ଓଡିଶାରେ ପ୍ରଥମ କରି କଣ୍ଟିଲୋରେ ପ୍ରତିଷ୍ଠା କରାଯାଇଛି । ଘଣ୍ଟାକୁ ୫୦ ହଜାର ଲିଟର ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର କ୍ଷମତା ଥିବା ଏହି ପ୍ରକଳ୍ପଟି ଗତ ଜାନୁୟାରୀ ମାସଠାରୁ ସୂଚାରୁ ରୂପେ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଆସୁଥିଲା । ମାତ୍ର ଗତ କିଛିଦିନ ହେବ ଉକ୍ତ ପ୍ରକଳ୍ପର କୌଣସି ଏକ ଯନ୍ତ୍ରାଂଶ ନଷ୍ଟ ହୋଇଯାଇ ଥିବାରୁ ପ୍ରକଳ୍ପଟି ଅଚଳ ହୋଇପଡିଛି । ଏ ସମ୍ପର୍କରେ ନୟାଗଡ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ରାଜୀବ କୁମାର ପାଣିଗ୍ରାହୀଙ୍କୁ ପଚାରିବାରେ ସେ କହିଥିଲେ ଉକ୍ତ ପ୍ରକଳ୍ପର ବିଭିନ୍ନ ଯନ୍ତ୍ରାଂଶ ଯୋଗାଇଥିବା କମ୍ପାନୀ ସହ ଯୋଗାଯୋଗ କରାଯାଇଥିଲେ ମଧ ଉକ୍ତ କମ୍ପାନୀର କର୍ମଚାରୀ ଆସି ଏହାକୁ ସଜାଡିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ତେବେ ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି । ସେହିପରି ଏହି ପର୍ଯ୍ୟଟନସ୍ଥଳୀରେ ଯାତ୍ରୀମାନଙ୍କ ରହଣି ପାଇଁ କୌଣସି ବିଶ୍ରାମାଗାର, ଶୌଚାଳୟ କିମ୍ବା ପରିସ୍ରାଗାରଟିଏ ନ ଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିମଳ ଅବସ୍ଥା ଶୋଚନୀୟ । ଏହାଛଡା ମନ୍ଦିର ଯିବା ରାସ୍ତା ଓ ମୁଖ୍ୟରାସ୍ତା କଡରେ କୁଢ କୁଢ ଅଳିଆ ଆବର୍ଜନା ଗଦା ହୋଇଥିବାରୁ ଯାତାୟାତରେ ଘୋର ସମସ୍ୟା ଉପୁଜୁଛି । ଶିକ୍ଷାର ବିକାଶ ପାଇଁ ଏଠାରେ ନୀଳମାଧବ ମହାବିଦ୍ୟାଳୟ, ନୀଳମାଧବ ବିଦ୍ୟାପୀଠ, କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୩ଟି ମଧ ଇଂରାଜୀ ଏବଂ ୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ଏଗୁଡିକରେ ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ କ୍ଷେତ୍ରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଗ୍ରାମର ଅଧିକାଂଶ ଗୃହରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ କରାଯାଇଥିଲେ ମଧ ଅନେକ ମୁକ୍ତ ଆକାଶ ତଳେ ବିଶେଷ କରି ନୀଳମାଧବ ଜୀଉ ମନ୍ଦିର ଯିବା ରାସ୍ତା ମହାନଦୀ କୂଳରେ, ମୁଖ୍ୟ ରାସ୍ତା କଡରେ ଶୌଚ ହେଉଥିବାରୁ ଦୂଷିତ ପରିବେଶ ସୃଷ୍ଟି ହେଉଛି। ଜନଗହଳି ପୂର୍ଣ୍ଣ ବଜାର ଓ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରତ୍ୟହ ବସୁଥିବା ମାଛ, ମାଂସ ଓ ପରିବା ହାଟ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ସେହିପରି ପଞ୍ଚାୟତର ପୁରାତନ ପୁଷ୍କରିଣୀ ଉପରେ ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ସ୍ନାନ, ଶୌଚାଦି ପାଇଁ ନିର୍ଭର କରୁଥିଲେ ମଧ ସେଗୁଡିକର ଉନ୍ନତୀକରଣ କରାଯାଉନାହିଁ । ସେହିପରି ନୟାଗଡ ଜିଲାର ଜନବହୁଳ ପଞ୍ଚାୟତ ଭାବେ କଣ୍ଟିଲୋର ଗୁରୁତ୍ୱ ରହିଥିବା ବେଳେ ଉକ୍ତ ପଞ୍ଚାୟତକୁ ଏନଏସିର ମାନ୍ୟତା ମିଳିଲେ କଣ୍ଟିଲୋର ବିକାଶ ତଥା ଉନ୍ନତି ହୋଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ତେଣୁ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସାଧାରଣରେ ଚେତାବନୀ ଦିଆଯାଇଛି।



ପାଇପ୍‌ରେ ଆସୁଥିବା ଗୋଳିଆ ପାଣି।





## ସଂକ୍ଷେପରେ

### ବୋମାମାଡ଼ ଘଟଣାରେ ଜଣେ ଗିରଫ

**ପୁରୀ ଅଫିସ, ୭।୮:** ବାସେଳି ସାହି ଥାନା ଅଧୀନ ପଣାପ୍ରିୟା ଲେନ୍‌ଠାରେ ଯାତ୍ରି ଗୁମାସ୍ତା ଶିବରାମ ପାତ୍ରଙ୍କୁ ବୋମାମାଡ଼ ଘଟଣାରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦନପୁର ଜିରାଖଣ୍ଡିର ଅକ୍ଷୟ ରାଉତ। ସୂଚନାଯୋଗ୍ୟ, ଜୁନ ୧୫ତାରିଖରେ ପଣାପ୍ରିୟା ଲେନ୍ ପାଖରେ ଶିବରାମ ଠିଆ ହୋଇଥିବାବେଳେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ପୂର୍ବରୁ ଜଣେ ଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

### ନାବାଳିକାଙ୍କୁ ଅସଦାଚରଣ: ଯୁବକ ଗିରଫ

**ପୁରୀ ଅଫିସ, ୭।୮:** ଜଣୈକା ୧୫ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ସଦର ଥାନା ପୋଲିସ ବିନ୍ଧେଇବସ୍ତିର ଆଲୋକ ମାଛୁଆଙ୍କୁ ଗିରଫ କରିଛି। ଅସଦାଚରଣ ନେଇ ନାବାଳିକାଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା।

### କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

**ପୁରୀ ଅଫିସ, ୭।୮:** ପୁରୀ ରେଳଷ୍ଟେଶନ ଅଧୀନରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଚାଲିଥିବା ଗଣଧାରଣା ଏକ ସପ୍ତାହ ଲାଗି ସ୍ଥଗିତ ରଖାଯାଇଥିବା ସଂଘ ସଭାପତି ଆଇନଜୀବୀ ଶ୍ରୀକାନ୍ତ ପରିଜା କହିଛନ୍ତି। ପ୍ରକାଶ ଯେ, ଗତ ଜୁନ ମାସରୁ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି, ଇଏସ୍‌ଆଇ, ଇପିଏଫ୍, ବୋନସ ସହିତ ବକେୟା ଦରମା ଦିଆଯାଉନାହିଁ। ଏହାର ପ୍ରତିବାଦରେ ସୋମବାରଠାରୁ ସଂଘର ସଦସ୍ୟମାନେ ସିଡିଓ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଥିଲେ। ବୁଧବାର ନୂତନ ଭାବେ ଯୋଗଦେଇଥିବା ସିଡିଓଙ୍କ ସହ ଆଲୋଚନା ପରେ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସଂଘ ସଭାପତି ପରିଜା ସୂଚନା ଦେଇଛନ୍ତି। ଦାବିପୂରଣ ନ ହେଲେ ପୁଣି ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି। ସାଧାରଣ ସମ୍ପାଦକ ଏମ୍. ଲକ୍ଷ୍ମଣ ରାଓ, ସନ୍ତୋଷ ସାହୁ, ମଧୁସୂଦନ ମାଝି, ଦିପୁ ହାତୀ, ଆଲୋକ ରଞ୍ଜନ ମିଶ୍ର, କୃଷ୍ଣ ବିଶ୍ୱାଳ, ସୁଶାନ୍ତ କୁମାର ସାମନ୍ତରା, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଶ୍ରମିକ ନେତା ଏହି ଧାରଣାରେ ବସିଥିଲେ।

### ଲଗାଣବର୍ଷା, ସମସ୍ତ ଅଞ୍ଚଳ ଜଳମୟ

#### ଜେସିବି ଯୋଗେ ଗ୍ରାମବାସୀ ନିର୍ମାଣ କଲେ ଡ୍ରେନ୍



**କୃଷ୍ଣପ୍ରସାଦ,୭।୮(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକରେ ଗତ ୨ ଦିନ ଧରି ଲଗାଣ ବର୍ଷା ଯୋଗୁ ସମସ୍ତ ଅଞ୍ଚଳ ଜଳମୟ ହୋଇଉଠିଛି। ବର୍ଷା ପାଣିରେ ଗାଁ ଦାଣ୍ଡ ଉବୁଟୁବୁ ହେଉଛି। ବର୍ଷା ଲାଗି ରହିବାରୁ ଏହା ବିଶେଷ ଭାବେ କୃଷି ଓ କୃଷକଙ୍କ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରିଥିଲେ ମଧ ସାଧାରଣ ଜୀବନ ବ୍ୟାହତ ହୋଇଛି। ଘରୁ ବାହାରିଲେ କେବଳ ଜଳ ହିଁ ଜଳ ଦୃଷ୍ଟିଗୋଚର ହେଉଛି। ମାଲୁଦ ଅଞ୍ଚଳର କରଣ ସାହି, ପାଇକ ସାହି, ରାଜାବଜାର କିଛି ଘର ଭିତରକୁ ପାଣି ପଶିଯିବାରୁ ଲୋକେ ହଇରାଣ ହୋଇଥିବା ସୂଚନା ମିଳିଛି। ସେହିଭଳି ପାରିକୁଦ, ଅଲ୍ଲୀପୁର, ପାଟନାସୀ, ଶ୍ରୀରାମପୁର, ରସକୁଦି ଅଞ୍ଚଳର ଗାଁ ଦାଣ୍ଡରେ ବର୍ଷା ଜଳ ଭାସୁଛି। ଚିଲିକା ଜଳ ବଢ଼ି ଗାଁ ମୁହାଁ ହେବାରୁ କେତେଜଣ ଆତଙ୍କ ଓ ଆଶଙ୍କା ମଧ୍ୟରେ ଦିନି ବିତାଉଛନ୍ତି। ମାଲୁଦ ରାସ୍ତା ମଧ ଜଳରେ ବୁଡିଯାଇଥିବାରୁ ଲୋକଙ୍କ ଯାତାୟତରେ ଘୋର ସମସ୍ୟା ସୃଷ୍ଟି ହୋଇଛି। ବର୍ଷାଋତୁରେ ଜନସାଧାରଣ ହଇରାଣ ହେଉଥିବାରୁ ଏଠାରେ ଡ୍ରେନ ନିର୍ମାଣ ନିମନ୍ତେ ଦୀର୍ଘବର୍ଷ ଧରି ଦାବି ହୋଇଆସୁଛି। ତେବେ ପ୍ରଶାସନ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ମାଲୁଦ ଗ୍ରାମବାସୀ ଜେସିବି ଦ୍ୱାରା ଅସ୍ଥାୟୀ ଡ୍ରେନ୍ କରି ଜଳ ନିଷ୍କାସନ କରିଥିବା ସୂଚନା ମିଳିଛି।

## ■ ରାଜନୈତିକ ଚାପରେ ଡ୍ରେନ ନିର୍ମାଣ

# ଘଣ୍ଟାଏ ବର୍ଷାରେ ଘରେ ପଶିଲା ପାଣି

**ଓଡ଼ଗାଁ,୭।୮(ସ୍ୱ.ପ୍ର.)**

ଓଡଗାଁ ଏନ୍‌ଏସି ମାନ୍ୟତା ପାଇବା ପରେ ବିଭିନ୍ନ ୱାର୍ଡର ରାସ୍ତା ଓ ଡ୍ରେନ ନିର୍ମାଣ କରାଯାଇଥିଲା। ହେଲେ ଜରୁରୀ ଆବଶ୍ୟକତା ଥିବା ସ୍ଥାନକୁ ବାଦ୍‌ଦେଇ ରାଜନୈତିକ ଚାପରେ ଅନ୍ୟତ୍ର ଡ୍ରେନ ନିର୍ମାଣ ହୋଇଥିବାରୁ ବର୍ଷାପାଣି ବିଭିନ୍ନ ସାହିର ଲୋକଙ୍କ ଘରେ ପଶିଥିବା ଦେଖାଯାଇଛି। ଏହାକୁ ନେଇ ବିଭାଗୀୟ ଯନ୍ତ୍ରୀ ଓ ଠିକାସଂସ୍ଥାଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୯ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଓଡଗାଁ ଏନ୍‌ଏସିର ବିଭିନ୍ନ ୱାର୍ଡରେ ଥିବା ନୂଆ ପୁରୁଣା ରାସ୍ତାକୁ ନବୀକରଣ କରାଯାଇ କଂକ୍ରିଟ ରାସ୍ତାରେ ପରିଣତ କରାଗଲା । ଏପରିକି ଏଥିମଧ୍ୟରୁ ୮ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ଏବଂ ଆବଶ୍ୟକ ସ୍ଥଳେ ଏକ ପାଖରେ ଡ୍ରେନ ନିର୍ମାଣ କରାଯାଇଥିଲା। ହେଲେ ଏହି ନିର୍ମାଣ କାର୍ଯ୍ୟ ସମ୍ପୃକ୍ତ ଠିକା ସଂସ୍ଥା ବଦଳରେ ସ୍ଥାନୀୟ ଅନଭିଜ୍ଞ ଠିକାଦାରଙ୍କ ଦ୍ୱାରା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ତା'ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି କର୍ଣ୍ଣପାତ ନ କରି ଏକରକମ ରାଜନୈତିକ ଚାପରେ ରହି ନିର୍ବାଚନ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିଥିଲେ। ଏପରିସ୍ଥଳେ ସ୍ଥାନୀୟ ବିଜୟମଣ୍ଡପ ସାହିର ପୂର୍ବ



ସାହି ରାସ୍ତାରେ ବର୍ଷା ପାଣିର ସୁଅ।

### ବିଭାଗୀୟ ଯନ୍ତ୍ରୀ, ଠିକା ସଂସ୍ଥାଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

ଭାଗରେ ରହିଥିବା ଭାଲୁମୁଣ୍ଡିଆ ଓ ଖେଳ ପଡିଆର ବନ୍ୟା ଜଳ ନିଷ୍କାସନକୁ ନେଇ ବିବାଦ ଦେଖାଦେଇଥିଲା। ଏହି ସାହିର ଉପରମୁଣ୍ଡରେ ଥିବା ମୁଣ୍ଡିଆ ପାଣି ସାହିର ପୂର୍ବ ପାର୍ଶ୍ୱରେ ନିର୍ଗତ ହେଉଥିବାରୁ ସେହି ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ହେଲେ କେତେକ ଲୋକଙ୍କ ରାଜନୈତିକ ଚାପରେ ପଡି ସେମାନେ ବିପରୀତ ଦିଗରେ ଅର୍ଥାତ୍ ସାହିର ପଶ୍ଚିମ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିଥିଲେ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସେମାନେ ଏଥିପ୍ରତି ଧ୍ୟାନ ଦେବା ବଦଳରେ ଉପରସ୍ତରର ଚାପରେ ଏହିଭଳି କରିବାକୁ ବାଧ ବୋଲି ପ୍ରକାଶ କରିଥିଲେ । ବୁଧବାର ମଧ୍ୟାହ୍ନରେ ହୋଇଥିବା ମାତ୍ର ଏକ ଘଣ୍ଟାର ବର୍ଷାରେ ସାହିର ଉପରମୁଣ୍ଡରୁ ଆସୁଥିବା ବର୍ଷାପାଣି ବିଜୟ ମଣ୍ଡପ ସାହିରେ ନିର୍ମାଣ କରାଯାଇଥିବା ଡ୍ରେନ ବଦଳରେ ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଅନ୍ୟପକ୍ଷେ ସାହି ମୁଣ୍ଡରେ ଏହି ଡ୍ରେନ ପାଣି ନିଷ୍କାସନ ନିମନ୍ତେ ପର୍ଯ୍ୟାପ୍ତ ସୁବିଧା କରାଯାଇଥିବା ଏବଂ ଅତ୍ୟନ୍ତ ସଙ୍କୁଚିତ ସ୍ଥିତିରେ ବର୍ଷା ପାଣି ପ୍ରବାହିତ ହୋଇ ନ ପାରି ବ୍ଲକ ପଛ ପାଖ ସାହିର ଘରେ ଘରେ ପଶିଥିଲା । ଏହା ସହିତ ମୁଖ୍ୟରାସ୍ତାରେ ପ୍ରବାହିତ ପାଣି ବଜାରରେ ଥିବା ଏକମାତ୍ର ହୋଟେଲରେ ପଶିଥିବା ବେଳେ ଖୋଦ୍ ପୂର୍ତ୍ତ ବିଭାଗ ଅଫିସ ସାମନାରେ ଥିବା ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ମଧ ପ୍ରବେଶ କରିଥିଲା । ବର୍ଷାଜଳ ନିଷ୍କାସନ ନିମନ୍ତେ କୌଣସି ଯୋଜନା ପ୍ରସ୍ତୁତ ନ କରି ତରବରିଆ ଭାବେ ରାସ୍ତା ଓ ଡ୍ରେନ କାମ କରାଯାଉଥିବାରୁ ଏହାର ଫଳ ଲୋକମାନଙ୍କୁ ଭୋଗିବାକୁ ପଡୁଛି। ବୁଧବାର ବର୍ଷା ଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବା ବେଳେ ସ୍ଥାନୀୟ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନରେ ଆସି ସାହିର ପୂର୍ବ ପାର୍ଶ୍ୱରେ ଅନ୍ୟ ଏକ ଡ୍ରେନ ନିମନ୍ତେ ନୂତନ ପ୍ଲାନ ଆଣ୍ଡ ଏଷ୍ଟିମେଟ ପ୍ରସ୍ତୁତ କରିବେ ବୋଲି କହିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ ମଧ ଅନୁରୂପ ଢଙ୍ଗରେ ପ୍ରତିଶ୍ରୁତି ଦେଇଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ନୟାଗଡ଼ ଅଫିସ,୭।୮**

ନୟାଗଡ଼ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ମିଶନ ଶକ୍ତି ଭବନଠାରେ ବୁଧବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଭୁଲେଶ୍ୱର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ବିରଞ୍ଚି ନାରାୟଣ ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଶ୍ୱ ସ୍ତନ୍ୟପାନ ସପ୍ତାହର ଏ ବର୍ଷର ବାର୍ତ୍ତା ସଶକ୍ତ ପିତାମାତା ଓ ସକ୍ଷମ ସ୍ତନ୍ୟପାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ବିଭିନ୍ନ ବ୍ଲକର ସିଡ଼ିପିଓମାନେ ସ୍ତନ୍ୟପାନର ଉପକାରିତା, ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ଦିଗରେ ସ୍ତନ୍ୟପାନର ମହତ୍ତ୍ୱ, ଠିକ୍‌ଭାବେ ସ୍ତନ୍ୟପାନ ପ୍ରକ୍ରିୟା, ଉପଯୁକ୍ତ ବୟସରେ ବିବାହ ଓ ମାତୃତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ ଅଙ୍ଗନୱାଡ଼ି କର୍ମୀମାନେ ସ୍ତନ୍ୟପାନ କରିବା ଦ୍ୱାରା କ'ଣ ଲାଭ ହେଉଛି ତାହା ବର୍ଣ୍ଣନା କରିଥିଲେ। ସେହିଭଳି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ଠିକ୍ ଉତ୍ତର ଦେଇଥିବା କର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## କଲେଜ ଗେଟ୍‌ରେ ତାଲା ପକାଇଲେ ଛାତ୍ର



ତାଲା ଖୋଲିବା ପରେ ପିଲାମାନେ ଗେଟ୍ ବାହାରକୁ ଯାଉଛନ୍ତି।

**ନୟାଗଡ଼ ଅଫିସ,୭।୮**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ୧୦ ମିନିଟ ପାଇଁ ଛାତ୍ରମାନେ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଦାବିପୂରଣ ପାଇଁ ଛାତ୍ରମାନେ ତାଲା ପକାଇ କିଛି ସମୟ ପରେ ଖୋଲି ଦେଇଥିଲେ। ପ୍ରକାଶ ଯେ, ଯୁକ୍ତ ୩ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କୁ ଇ କମର୍ସ ବିଷୟ ଦେଢ଼ମାସ ହେଲା ପଢାଯାଉଥିଲା। ହଠାତ୍ ବୁଧବାର କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାକୁ ବଦଳ କରାଯାଇ ଇଂଲିଶ ବିଷୟ ପଢ଼ାହେବ ବୋଲି କୁହାଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଛାତ୍ରମାନେ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। କଲେଜ କର୍ତ୍ତୃପକ୍ଷ ୩ ଦିନ ଭିତରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଫାଟକରୁ ତାଲା ଫିଟିଥିଲା।

# ଜିଲା ଫୁଟବଲ୍ ଟିମ୍ ଚାମ୍ପିୟନ

**ନୟାଗଡ଼ ଅଫିସ,୭।୮**

ନୟାଗଡ଼ ଜିଲା ଫୁଟବଲ୍ ଟିମ୍ ରାଜ୍ୟସ୍ତରୀୟ ସୁବ୍ରୋତ ମୁଖାର୍ଜୀ ଫୁଟବଲ୍ ଟୁର୍ନାମେଣ୍ଟ-୨୦୧୯ରେ ଚାମ୍ପିୟନ ହୋଇଛି। ବୁଧବାର ସୁନ୍ଦରଗଡ଼ ଜିଲା ବଣାଇଠାରେ ଅନୁଷ୍ଠିତ ୧୭ବର୍ଷରୁ କମ୍ ଫୁଟବଲ୍ ପ୍ରତିଯୋଗିତାରେ କନ୍ଧମାଳକୁ ପରାସ୍ତ କରି ଜିଲା ଫୁଟବଲ୍ ଟିମ୍ ଏହି ସଫଳତା ହାସଲ କରିଛି। ନିର୍ଦ୍ଧାରିତ ସମୟରେ କୌଣସି ଦଳ ଗୋଲ୍ ସ୍କୋର କରିପାରି ନ ଥିଲେ। ପରେ ପେନାଲ୍‌ଟି ସଟ୍‌ରେ ନୟାଗଡ଼ ଟିମ୍ ୪ରୁ ୪ଟି ଗୋଲ୍ କରିଥିବା ବେଳେ କନ୍ଧମାଳ ଜିଲା ଟିମ୍ ୪ରୁ ୨ଟି ଗୋଲ୍ କରି ରନର୍ସ ଅପ୍ ହୋଇଥିଲା। ଫଳରେ ୪-୨ ଗୋଲ୍‌ରେ କନ୍ଧମାଳକୁ ହରାଇ ନୟାଗଡ଼ ଚାମ୍ପିୟନ ହୋଇଥିଲା। ସେପ୍ଟେମ୍ବର ମାସରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ସୁବ୍ରୋତ ମୁଖାର୍ଜୀ



ନୟାଗଡ଼ ଫୁଟବଲ ଟିମ୍‌ର ଖେଳାଳିମାନେ।

ଫୁଟବଲ ପ୍ରତିଯୋଗିତାରେ ନୟାଗଡ଼ ଟିମ୍ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ପ୍ରକାଶ ଯେ ନୟାଗଡ଼ ଫୁଟବଲ ଟିମ୍‌ର ସମସ୍ତ ଖେଳାଳି ନୟାଗଡ଼ ସ୍ପୋର୍ଟସ ହଷ୍ଟେଲର ହୋଇଥିବା ବେଳେ ସ୍ଥାନୀୟ ନବଘନପୁର ହାଇସ୍କୁଲରେ ପାଠ ପଢୁଛନ୍ତି। ବିଶାଲ ଓରାମ (ଗୋଲକିପର)ଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଓ ବେଷ୍ଟ ପ୍ଲେୟାର ଭାବେ ସମ୍ମାନିତ କରାଯାଇଥିଲା। ବରପାଲ୍ଲୀ ହାଇସ୍କୁଲର ପିଇଟି ଅନିଲ କୁମାର ଦାସଙ୍କ ନେତୃତ୍ୱରେ ଦଳ ବଣାଇ ଗସ୍ତ କରିଥିଲା।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପୁରୀ ଅଫିସ, ୭।୮**

ତାଳବଣିଆ ଥାନା ଅଧୀନ ସିଦ୍ଧମହାବୀର ଅଟାକଳ ଲେନ୍‌ରୁ ବୁଧବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତ ମହିଳା ହେଲେ ନୟାଗଡ ଅଞ୍ଚଳର ସୁଜାତା ଖୁଣ୍ଟିଆ। ସେ ଏଠାରେ ସ୍ୱାମୀଙ୍କ ସହ ରହୁଥିଲେ। ସୁଜାତା ସ୍ଥାନୀୟ ଏକାଧିକ ଏସ୍‌ଏସ୍‌ଜିରୁ ଲକ୍ଷାଧିକ ଟଙ୍କାର ଋଣ ନେଇଥିଲେ। ଋଣଭାରରେ ସେ ଭାରକ୍ରାନ୍ତ ହୋଇ ପଡ଼ିଥିଲେ। ଏସ୍‌ଏସ୍‌ଜିଗୁଡ଼ିକ ଟଙ୍କା ଫେରସ୍ତ ଲାଗି ତାଙ୍କୁ ବାରମ୍ବାର ତାଗିଦ୍ କରିଥିଲେ। ଅନ୍ୟପଟେ ପାରିବାରିକ ସମସ୍ୟା ଯୋଗୁ ସେ ଠିକ୍ ସମୟରେ ଋଣ ଶୁଝିପାରି ନ ଥିଲେ। ଶେଷରେ ଋଣଭାରରେ ଭାରକ୍ରାନ୍ତ ହୋଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ

**ପୁରୀ ଅଫିସ, ୭।୮**

ଭାଷା ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ପଦ୍ମିନୀ ସଭାକକ୍ଷରେ ବୁଧବାର ଗୋସ୍ୱାମୀ ତୁଳସୀ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ସମ୍ପାଦକ ଅଧ୍ୟାପକ ବଳରାମ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର କାର୍ତ୍ତିକ କୁମାର ଦାସ ଯୋଗଦେଇ କହିଥିଲେ, ଭକ୍ତି ଓ ସମର୍ପଣ ଭାବ ରହିଲେ ଈଶ୍ୱରଙ୍କ ସାନ୍ନିଧ ପ୍ରାପ୍ତ ହୋଇପାରିବ। ତୁଳସୀ ଦାସଙ୍କ ରଚିତ ରାମଚରିତ ମାନସ ଆଜି ଘରେ ଘରେ ପରିଚିତ। ସେ ସର୍ବଦା ଭାରତୀୟଙ୍କ ହୃଦୟରେ ରହିବେ। ବାରାଣସୀରେ ଗଙ୍ଗାନଦୀର ଏକ ଘାଟ ତାଙ୍କ ନାମାନୁସାରେ ତୁଳସୀଘାଟ ଭାବେ ପରିଚିତ। ତାଙ୍କ ଦ୍ୱାରା ସେଠାରେ ସଙ୍କଟମୋଚନ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ମୁଖ୍ୟବକ୍ତା ଭାବେ ପ୍ରଫେସର ଅଭିମନ୍ୟୁ ଭୂୟାଁ ଯୋଗଦେଇ ତୁଳସୀ ଦାସଙ୍କ ଧାର୍ମିକ ବିଚାର ଧାରା ଉପରେ ଆଲୋକପାତ କରି ଆଧ୍ୟାତ୍ମିକ ଓ ଭକ୍ତି ମାର୍ଗ ହିଁ ଶ୍ରେଷ୍ଠ ମାର୍ଗ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ ପ୍ରଧାନୀ, ଦୟାନିଧି ତ୍ରିପାଠୀ, ହଟ୍ଟକିଶୋର ମଲ୍ଲିକ, ତୃପ୍ତି ପଣ୍ଡା, ଭବାନୀ ବଳିୟାର ସିଂ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଜୁପିଟର ଦାସ, ଜୟନ୍ତୀ ମହାପାତ୍ର, ପବିତ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଶୋକ କୁମାର ଆଢ୍ୟ ଧନ୍ୟବାଦ ଦେଇଥିଲେ।

# ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ନେଇ ଏବିଭିପି ପକ୍ଷରୁ ବିଜୟ ଉତ୍ସବ

**ଖଣ୍ଡପଡା,୭।୮(ସ୍ୱ.ପ୍ର.)**

ଦେଶ ସ୍ୱାଧୀନତାର ୭୨ ବର୍ଷ ପରେ ମଙ୍ଗଳବାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଓ ୩୫ ଏ ଉଚ୍ଛେଦ କରି କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହି ଦିନକୁ ଐତିହାସିକ ଦିବସ ଭାବେ ପାଳନ କରାଯିବା ଉଚିତ ବୋଲି ଏବିଭିପି ଖଣ୍ଡପଡା ଶାଖାର ସଦସ୍ୟମାନେ ମତ ଦେବା ସହ ଖଣ୍ଡପଡା ସହରର ରଥଗଡା ଛକରେ



ବିଜୟ ଉତ୍ସବରେ ସାମିଲ ହୋଇଥିବା ଏବିଭିପି କର୍ମକର୍ତ୍ତା।

ଜନସାଧାରଣଙ୍କୁ ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଛନ୍ତି। ଏବିଭିପିର ନୟାଗଡ ଜିଲା ପ୍ରମୁଖ ପରମେଶ୍ୱର ମହାନ୍ତି, ଖଣ୍ଡପଡା ନଗର ଉପ ସଭାପତି ରଜତ ବେହେରା, ଆରଏସ୍‌ଏସ୍ ସଂଘର ନୟାଗଡ ଜିଲା ବୌଦ୍ଧିକ ପ୍ରମୁଖ ଜିତେନ୍ଦ୍ର କୁମାର କାଡିଆ, ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ପରାଶର ମିଶ୍ର, କୁନେନ୍ଦୁ କିଶୋର ସିଂହ ସାମନ୍ତଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଏବିଭିପି ସଦସ୍ୟମାନେ ରଥଗଡା ଛକରେ ସମବେତ ହୋଇ ମୋଦି ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

## ଲିଙ୍ଗଗତ ସମାନତା ସଚେତନତା କାର୍ଯ୍ୟକ୍ରମ

**ଗଣିଆ,୭।୮(ଡି.ଏନ.ଏ.)**

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତଥା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଗଣିଆ ଉନ୍ନୟନ କମିଟି ପରିସରରେ ଗ୍ରାମପଞ୍ଚାୟତ ବିକାଶ ଯୋଜନାରେ ଲିଙ୍ଗଗତ ସମାନତା ସମ୍ପର୍କରେ ଏକ ସଚେତନତା ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଗତ ୫ତାରିଖରେ ଆରମ୍ଭ ହୋଇ ୭ରେ ଉଦ୍‌ଯାପିତ ହୋଇଛି । ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଗଣିଆ ବିଡିଓ ମାନସ ରଞ୍ଜନ ସାମଲ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଏବିଡିଓ ସରୋଜ କୁମାର ନାୟକ, ଜିପିଓ ରାଜେନ୍ଦ୍ର କୁମାର ବେହେରା ଯୋଗ ଦେଇଥିଲେ। ଗଣିଆ ଉନ୍ନୟନ କମିଟିର ସଭାପତି ଉଷା ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ଓ ନିରଞ୍ଜନ ସାହୁ ସହଯୋଗ କରିଥିଲେ। ଉକ୍ତ ସଚେତନତା ଶିବିରରେ ଗଣିଆ, କିଶୋରପ୍ରସାଦ, ରାସଙ୍ଗ ଓ ବେଲପଡ଼ାପାଟଣା ୪ଗୋଟି ପଞ୍ଚାୟତର ୧୦ଜଣ ଲେଖାଏଁ ମୋଟ ୪୦ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଉକ୍ତ ଶିବିରରେ ପାନୀୟଜଳ ଓ ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ପ୍ରଶିକ୍ଷକ ଭାବେ ରବୀନ୍ଦ୍ର ମୁଦୁଲି ଓ ଅଶୋକ କୁମାର ମହାପାତ୍ର ଯୋଗଦାନ କରି ଶିବରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା, ସ୍ୱାସ୍ଥ୍ୟ ତଥା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଲିଙ୍ଗଗତ ସମାନତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ।



ପ୍ରଶିକ୍ଷକ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

## ବର୍ଷେ ହେଲା ହୋଇନି ରଣପୁର ପଞ୍ଚାୟତ ସମିତି ବୈଠକ

# ପ୍ରତିବାଦରେ ବ୍ଲକ ସମ୍ମୁଖରେ ଗଣଧାରଣା

**ରଣପୁର,୭।୮(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ପଞ୍ଚାୟତ ସମିତି ବୈଠକ ପ୍ରାୟ ୧ବର୍ଷ ହେବ କରାଯାଇନାହିଁ। ସେହିଭଳି ଷ୍ଟାଣ୍ଡିଂ କମିଟି ବୈଠକ ଅନୁରୂପ ଭାବେ ହେଉନି। ପଞ୍ଚାୟତ ସମିତି ବୈଠକ ଓ ଷ୍ଟାଣ୍ଡିଂ କମିଟି ବୈଠକ ହେଉ ନ ଥିବାରୁ ପଞ୍ଚାୟତରେ କେଉଁ କେଉଁ ଉନ୍ନୟନ ମୂଳକ କାର୍ଯ୍ୟ ହେଉଛି ତାହା ଲୋକ ପ୍ରତିନିଧିମାନେ ଜାଣିପାରୁ ନାହାନ୍ତି। ଏହି ଅଭିଯୋଗ କରିଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କସବାଦୀ) ରଣପୁର ଆଞ୍ଚଳିକ କମିଟି । ଦଳ ପକ୍ଷରୁ ୮ ଦଫା ଦାବି ପୂରଣ ନେଇ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନରୁ ଗଣଧାରଣା ଦିଆଯାଇଛି । ଧାରଣା ଚାଲୁ ରହିଥିବାବେଳେ ବିଡିଓ ଅନୁପସ୍ଥିତ ରହିବା ଆନ୍ଦୋଳନକାରୀଙ୍କୁ କ୍ଷୁବ୍ଧ କରିଛି। ତେବେ ଆନ୍ଦୋଳନକାରୀ ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ ଚାଲୁ ରଖିଛନ୍ତି।

ଅଭିଯୋଗ ଅନୁସାରେ ପ୍ରତି ୨ମାସରେ ଥରେ ପଞ୍ଚାୟତ ସମିତିର ବୈଠକ ହେବାର ସରକାରୀ ନିୟମ ରହିଛି । ହେଲେ ପ୍ରାୟ ୧ବର୍ଷ ହେଲା ରଣପୁର ପଞ୍ଚାୟତ ସମିତିର ବୈଠକ କରାଯାଉନି । ଏ ନେଇ ପଞ୍ଚାୟତ ସମିତିର ସଭ୍ୟମାନେ ବିଭିନ୍ନ ସମୟରେ ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନି। ଏଭଳିସ୍ଥଳେ ଲୋକ ପ୍ରତିନିଧିମାନଙ୍କୁ ଅନ୍ଧାରରେ ରଖି ଅଗଣତାନ୍ତ୍ରିକ ଭାବେ ମନଇଚ୍ଛା ଉନ୍ନୟନ କାର୍ଯ୍ୟ ଓ ହିତାଧିକାରୀ ଚୟନ କରାଯାଉଛି । ବହୁ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ରାଶନ କାର୍ଡ ପରି ବିଭିନ୍ନ କ୍ଷେତ୍ରରେ ଉପେକ୍ଷିତ ହୋଇଛନ୍ତି। ଏଣୁ ୨ମାସରେ ଥରେ ବୈଠକ କରା ନ ଯିବାର କୈଫିୟତ ଦେବା, ୨ମାସରେ ଥରେ ପଞ୍ଚାୟତ ସମିତିର ବୈଠକ କରାଯିବା ନେଇ ସରକାରୀ ସର୍କୁଲାର ଲୋକ ପ୍ରତିନିଧିଙ୍କୁ ଦେବା ଏବଂ ନିୟମିତ ପଞ୍ଚାୟତ ସମିତି ବୈଠକ କରାଯିବା ଦାବି ରହିଛି । ସେହିଭଳି ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଲୋକ ପ୍ରତିନିଧିଙ୍କୁ ସାମିଲ, ଫନୀ ବାତ୍ୟାରେ ରାଶନ କାର୍ଡ ନ ଥିବା କ୍ଷତିଗ୍ରସ୍ତ ପରିବାରକୁ ୫୦ କେଜି ଚାଉଳ ପ୍ରଦାନ, ୬୦ ବର୍ଷର ବୃଦ୍ଧାବୃଦ୍ଧଙ୍କୁ ଅଣଦେଖା ନ କରି ନୂତନ ଭତ୍ତା ଯୋଗାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ଗ୍ରାମୀଣ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ କରିବା, ଗରିବ ଲୋକଙ୍କୁ ରାଶନ କାର୍ଡ ଯୋଗାଇବା, ପଞ୍ଚାୟତ ସମିତିର ଷ୍ଟାଣ୍ଡିଂ କମିଟି ବୈଠକ ନିୟମିତ କରିବାର ଅନୁରୂପ ଦାବି ରହିଛି । କମ୍ୟୁନିଷ୍ଟ ପାର୍ଟି ନେତା ହରିଶ୍ଚନ୍ଦ୍ର ମିଶ୍ର, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଖଇରପଲ୍ଲି ସମିତି ସଭ୍ୟ ଦୁଃଶାସନ ଜେନା, ରାଜସୁନାଖଳା ସମିତି ସଭ୍ୟ ପୁଷ୍ପାଞ୍ଜଳି ସେନାପତି, ପଟିଆ ସମିତି ସଭ୍ୟ ବିଜୟ ଜେନା, ସୁରେଶ ସ୍ୱାଇଁ, ସୁଶୀଳ ମହାନ୍ତି, ନିତ୍ୟାନନ୍ଦ ପରିଡା, ସୁରେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଗଣଧାରଣା ଚାଲୁ ରହିଛି ।




ଧାରଣାରେ ସାମିଲ ହୋଇଥିବା ସିପିଆଇ(ଏମ୍)ର କର୍ମକର୍ତ୍ତା।